# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୯/୨୦୨୦ (୨୦ ପୃଷ୍ଠା) | Bhubaneswar, Thursday, January 9/2020 | ★★★★★★

୪୭ଶ ଭାଗ ୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ଘର ସଂସାର କରିବାକୁ କଙ୍ଗନାଙ୍କ ମନ

ମ୍ୟାରେଜକୁ ଏଡ଼ାଇ ଆସୁଥିବା ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ ଏବେ ଘର ସଂସାର କରିବାକୁ ଯାଉଛନ୍ତି। ଏନେଇ ସେ ପରୋକ୍ଷ ସୂଚନା ଦେଇଛନ୍ତି।

୧୬

୧୯

## ଅମ୍ପାୟର ତାଲିକାରେ ଅନିଲ

ଦକ୍ଷିଣ ଆଫ୍ରିକାରେ ହେବାକୁ ଯାଉଥିବା ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ପାଇଁ ଅମ୍ପାୟର ତାଲିକାରେ ସ୍ଥାନ ପାଇଛନ୍ତି ଭାରତର ଅନିଲ ଚୌଧୁରୀ।



**ଆଜିର ସମ୍ପାଦକୀୟ**

ପରିବେଶ ଓ ପ୍ରାଣୀଙ୍କ ଆଖି

**ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଜାତୀୟ ଟ୍ରେଡ୍ ଫେୟାର ଆରମ୍ଭ**

୨୭


Vencobb FRESH CHICKEN — Taste the difference!

08.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 85 | 139 | 149 |
| CTC | 83 | 136 | 146 |
| DKL | 83 | 136 | 146 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 84 | 137 | 147 |
| BHM | 85 | 139 | 149 |

*Conditions Apply

Issued in the Interest of Consumers


# ଆମେରିକାକୁ ଇରାନ ଚାପୁଡ଼ା

## ଇରାକସ୍ଥିତ ସେନା ଶିବିରରେ ମିଶାଇଲ ମାଡ଼: ୮୦ ନିହତ

### ■ ଟ୍ରମ୍ପ୍ କହିଲେ, ଆମର କେହି ମରିନାହାନ୍ତି

**ବାଗଦାଦ/ତେହେରାନ/ୱାଶିଂଟନ,୮।୧ (ପି.ଟି./ଆଇଏଏନ୍‌ଏସ୍/ ଏପିଏଫ୍)**

ଆମେରିକାକୁ ଇରାକରେ ଇରାନ ସେନା କମାଣ୍ଡର କାସିମ ସୋଲେମାନୀଙ୍କ ହତ୍ୟାର ଜବାବ ଦେଇଛି ତେହେରାନ। ମଙ୍ଗଳବାର ବିଳମ୍ବିତ ରାତିରେ ଇରାକସ୍ଥିତ ଆମେରିକା ଓ ମେଣ୍ଟ ବଳର ଦୁଇଟି ସେନା ଶିବିର ଉପରେ ଇରାନ ୨୨ଟି ବାଲିଷ୍ଟିକ୍ ମିଶାଇଲ ଆକ୍ରମଣ କରିଛି। ଏଥିରେ ଆମେରିକାର ୮୦ ସୈନ୍ୟ ନିହତ ଓ ୨୦୦ ଆହତ ହୋଇଥିବା ଇରାନ ଦାବି କରିବା ସହ ମୃତକମାନଙ୍କୁ ଆତଙ୍କବାଦୀ ବୋଲି ଅଭିହିତ କରିଛି। ଏହି ଆକ୍ରମଣ ଆମେରିକା ଗାଲରେ





ଏକ ଚାପୁଡ଼ା ବୋଲି ତେହେରାନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ 'ଅଲ୍ ଇଜ୍ ୱେଲ୍' (ସବୁ ଠିକ୍ ଅଛି) ବୋଲି ଟୁଇଟ୍ କରିଛନ୍ତି, ଯାହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଜୋର୍ ଧରିଛି। ଏହା ସହ ଆକ୍ରମଣକୁ ନେଇ ଟ୍ରମ୍ପ୍ ପ୍ରଥମଥର ପାଇଁ ବିବୃତି ଜାରି କରିଛନ୍ତି। ସେ କହିଛନ୍ତି ସୋଲେମାନୀଙ୍କ ହାତ ଆମେରିକୀୟଙ୍କ ରକ୍ତରେ ରଞ୍ଜିତ ଥିଲା।

**ରାତିଅଧିଆ ଆକ୍ରମଣ**

- ଅଲ୍-ଅସାଦ ଓ ଏର୍‌ବିଲ୍ ସେନା ଘାଟିକୁ ଟାର୍ଗେଟ
- ଆକାଶମାର୍ଗରୁ ନିକ୍ଷେପ କରାଯାଇଛି ୨୨ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର
- ୮୦ ଆମେରିକୀୟ ସୈନ୍ୟ ନିହତ, ୨୦୦ ଆହତ
- ନିହତ ସୈନ୍ୟଙ୍କୁ 'ଆତଙ୍କବାଦୀ' କହିଲା ଇରାନ
- ଟ୍ରମ୍ପ୍ ଟୁଇଟ୍ କଲେ 'ଅଲ୍ ଇଜ୍ ୱେଲ୍'
- ଖାମିନି କହିଲେ ଆମେରିକାକୁ ଚାପୁଡ଼ା ମାରିଛୁ
- ଚିନ୍ତାବ୍ୟକ୍ତ କଲେ ବିଶ୍ୱ ସମୁଦାୟ

ଇରାନବାସୀ ଆମେରିକାକୁ ଧନ୍ୟବାଦ ଦେବା ପରିବର୍ତ୍ତେ ମୁର୍ଦ୍ଦାବାଦ ସ୍ଲୋଗାନ ଦେଉଛନ୍ତି। ଆଣବିକ ଅସ୍ତ୍ର ବ୍ୟବହାର ପାଇଁ ଇରାନକୁ ଅନୁମତି ଦିଆଯିବ ନାହିଁ। ସେନାଘାଟି ଆକ୍ରମଣରେ ଜଣେ ହେଲେ ଆମେରିକୀୟ ☞ପୃଷ୍ଠା–୧୫

# ରାଜ୍ୟରେ ବନ୍ଦ ହେବ ଓଏସ୍‌ଟିଏଫ୍

**କଟକ ଅଫିସ, ୮।୧**

ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି (ଓଏସ୍‌ଟିଏଫ୍) ବନ୍ଦ ହେବାକୁ ଯାଉଛି। ଫେବୃୟାରୀ ମାସ ଅଧାରୁ ଏହି ଯୋଜନାକୁ ବନ୍ଦ କରାଯିବ। ଓଏସ୍‌ଟିଏଫ୍‌କୁ ସାର୍ବଜନୀନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ମିଶାଇ ଦେବାକୁ ସରକାର ଚିନ୍ତା କରୁଛନ୍ତି। ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସରୋଜ କୁମାର ସାହୁ ଏହି ମର୍ମରେ ଗତ ୨ତାରିଖରେ ମେଡିକାଲ ସହିତ ସହବନ୍ଧିତ ଥିବା ସମସ୍ତ ମେଡିସିନ ଷ୍ଟୋର ମାଲିକମାନଙ୍କୁ ଚିଠି ଲେଖିଛନ୍ତି। ମେଡିକାଲ ଉପରେ ଏହି ସବୁ ଦୋକାନଗୁଡ଼ିକର ଯେତେ ବାକି ପଡ଼ିଛି ତା'ର ଏକ ତାଲିକା ପ୍ରସ୍ତୁତ ସହ ମେଡିକାଲର ସମସ୍ତ ବିଭାଗର ମୁଖ୍ୟଙ୍କଠାରୁ କାଉଣ୍ଟର ଦସ୍ତଖତ କରି ଜାନୁୟାରୀ ୧୫ ସୁଦ୍ଧା ଦାଖଲ କରିବା ପାଇଁ ଚିଠିରେ କୁହାଯାଇଛି। ଚିଠିରେ ଆହୁରି ଉଲ୍ଲେଖ ରହିଛି ଯେ, ମେଡିକାଲରେ ଓଏସ୍‌ଟିଏଫ ବାବଦରେ ଥିବା ଟଙ୍କାକୁ ସରକାର ଜାନୁୟାରୀ ୧୫ ପୂର୍ବରୁ ପ୍ରତ୍ୟାହାର କରି ନେଇପାରନ୍ତି। ତେଣୁ ଉକ୍ତ ସମୟ ମଧ୍ୟରେ ବିଲ୍ ଦାଖଲ କଲେ ସେମାନଙ୍କର ବକେୟା ପୈଠ କରାଯିବ।

**ବିଏସକେୱାଇ ସହ ମିଶି ଏକାକାର ହେବ**

ଅନ୍ୟପକ୍ଷରେ ଓଏସ୍‌ଟିଏଫ୍ ବନ୍ଦ କରାଯିବା ନିଷ୍ପତ୍ତିକୁ ନେଇ ଏବେ ତର୍ଜମା ଆରମ୍ଭ ହୋଇଛି। ଏହି ଯୋଜନା ବନ୍ଦ ହେବା ଦ୍ୱାରା ଗରିବ ରୋଗୀମାନେ ଚିକିତ୍ସା ସେବାରୁ ବଞ୍ଚିତ ହେବେ ବୋଲି ଅନେକ ବରିଷ୍ଠ ଡାକ୍ତର ମତ ଦେଉଛନ୍ତି। ମାତ୍ର ସରକାରୀ ସ୍ତରରେ ସେଭଳି କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଯଦି ଓଏସ୍‌ଟିଏଫ୍ ବନ୍ଦ କରାଯାଏ ରୋଗୀ ବିଏସ୍‌କେୱାଇରୁ ଉପକୃତ ହେବାରେ ସାମାନ୍ୟ ଅସୁବିଧା ଉପୁଜିବ ନାହିଁ ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର ସାହୁ କହିଛନ୍ତି। ଓଏସ୍‌ଟିଏଫ୍ ତାଲିକାକୁ ଦେଖିଲେ ୨୦୧୭-୧୮ ଆର୍ଥିକ ବର୍ଷରେ ଏସ୍‌ସିବିରେ ୮୫୫୨ ଜଣ ରୋଗୀଙ୍କ ପିଛା ୩୭ କୋଟି ୯୭ ଲକ୍ଷ ୩୨ ହଜାର ୮୭୩ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୦୧୮-୧୯ ବର୍ଷରେ ୭୦୫୪ ରୋଗୀଙ୍କ ବାବଦରେ ୨୯ କୋଟି ୩୦ ଲକ୍ଷ ୫୪ହଜାର ୯୫୬ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷର ଡିସେମ୍ବର ମାସ ସୁଦ୍ଧା ଏହି ଯୋଜନାରୁ ୩୭୩୧ ରୋଗୀଙ୍କ ବାବଦରେ ☞ପୃଷ୍ଠା–୧୫

### ■ ଇରାନରେ ଖସିଲା ୟୁକ୍ରେନ ବିମାନ

# ୭ ଦେଶର ୧୭୯ ମୃତ



ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷ।

**ତେହେରାନ/କିଏଭ୍, ୮।୧ (ପି.ଟି./ଏଏଫ୍‌ପି)**

ୟୁକ୍ରେନର ଏକ ଯାତ୍ରୀବାହୀ ବିମାନ ବୁଧବାର ସକାଳେ ଇରାନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୭ଟି ଦେଶର ୧୭୯ ଜଣଙ୍କ ମୃତ୍ୟୁ ଘଟିଛି। ବିମାନଟି ଇରାନ ରାଜଧାନୀ ତେହେରାନରୁ ୟୁକ୍ରେନ ରାଜଧାନୀ କିଏଭ୍ ଅଭିମୁଖେ ଯାତ୍ରା ପାଇଁ ବାହାରିଥିଲା। ହେଲେ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଖସିପଡ଼ିଥିଲା। ଫଳରେ ବିମାନରେ ନିଆଁ ଲାଗିଯାଇଥିଲା। ଏଥିଯୋଗୁ ସେଥିରେ ଥିବା ସମସ୍ତ ଯାତ୍ରୀଙ୍କ ଜୀବନ ଚାଲିଯାଇଥିଲା। ଇରାନ ସରକାରୀ ଟିଭି ଚ୍ୟାନେଲରେ ପ୍ରସାରିତ ଭିଡିଓ ଫୁଟେଜରେ ଏକ ପଡ଼ିଆରେ ବିମାନର ଭଗ୍ନାବଶେଷ ଜଳୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ସେଥିରୁ ଖୁବ୍ ଜୋରରେ ଧୂଆଁ ବାହାରୁଥିଲା। ୪୦ଟି ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ଅଭିଯାନ ଚଳାଇଥିଲେ।

ମିଳିଥିବା ସୂଚନାନୁସାରେ ୟୁକ୍ରେନ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସ (ୟୁଆଇଏ)ର ଘରୋଇ ବିମାନ ପିଏସ୍୭୫୨ ତେହେରାନର ଇମାମ ଖୋମେନି ଅନ୍ତର୍ଜାତୀୟ ☞ପୃଷ୍ଠା–୧୫

**ଉତ୍ତେଜନା ବେଳେ ଦୁର୍ଘଟଣା**



- ତେହେରାନରୁ କିଏଭ୍ ଯାଉଥିଲା ବୋଇଙ୍ଗ୍-୭୩୭
- ଉଡ଼ାଣର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ
- ୪୫ କି.ମି. ଦୂର ଚାଷଜମିରେ ଭଗ୍ନାବଶେଷ ଠାବ
- ଇରାନର ୮୨, କାନାଡାର ୬୩ ମୃତ
- ମୃତକଙ୍କ ମଧ୍ୟରେ ୧୫ ଛାତ୍ରୀଛାତ୍ର
- ଠାବ ହେଲା ଦୁଇ ବ୍ଲାକ୍‌ବକ୍ସ
- ଦୁର୍ଘଟଣା ପଛରେ ଆମେରିକାର ହାତ ନାହିଁ: ୟୁକ୍ରେନ୍

### ■ ଶ୍ରୀମନ୍ଦିର ସଂସ୍କାର ମାମଲା

# ରିପୋର୍ଟ ଅସମ୍ପୂର୍ଣ୍ଣ, ଅସନ୍ତୋଷ ବ୍ୟକ୍ତ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୮।୧(ସ୍ୱ.ପ୍ର.)**

ସୁପ୍ରିମ୍‌କୋର୍ଟରେ ବୁଧବାର ଥିଲା ଶ୍ରୀମନ୍ଦିର ସଂସ୍କାର ମାମଲାର ଶୁଣାଣି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇତିମଧ୍ୟରେ ଆକ୍ସନ ଟେକେନ ରିପୋର୍ଟ ଦାଖଲ କରାଯାଇଥିଲା। ହେଲେ ତାହା ଅସମ୍ପୂର୍ଣ୍ଣ ଥିବାରୁ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ସମୟ ମାଗିଛି। ତଦନୁଯାୟୀ ୨ ସପ୍ତାହ ମଧ୍ୟରେ ଏହି ରିପୋର୍ଟ ପ୍ରଦାନ କରିବା ଲାଗି ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନ ବିଚାରପତି ଏସ୍. ଏ. ବୋବ୍‌ଡେ, ଜଷ୍ଟିସ ବି. ଆର. ଗବାଇ ଓ ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ୪ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି।

ଗତ ନଭେମ୍ବର ୪ରେ ସୁପ୍ରିମ୍‌କୋର୍ଟ ମଧ୍ୟବର୍ତ୍ତିକାଳୀନ ରାୟରେ ୨୨ଟି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ



ସୁପ୍ରିମ୍‌କୋର୍ଟରେ ରିପୋର୍ଟ ଦାଖଲ କରାଯାଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ନୁହେଁ। ରାଜ୍ୟ ବାହାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିର ହିସାବ ଦାଖଲ କରାଯାଇ ପାରି ନ ଥିବା ବେଳେ ଖଣିଖାଦନ ନେଇ ବିସ୍ତୃତ ତଥ୍ୟ ଦିଆଯାଇ ନାହିଁ। ରାଜ୍ୟରେ ମହାପ୍ରଭୁଙ୍କ ଜମିରେ କେତେ ପଥରକ୍ୱାରି ରହିଛି ଏବଂ ସେ ସବୁର କେମିତି ଚାଲିଛି ତାହା ରିପୋର୍ଟରେ ଉଲ୍ଲେଖ କରାଯାଇ ନାହିଁ। ସେହିପରି ଶ୍ରୀମନ୍ଦିର ପାଇଁ ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ବି ଅନୁପାଳନ ହୋଇ ନ ଥିବା ଦର୍ଶାଇଥିଲେ ଆମିକସ୍ କ୍ୟୁରି ରଞ୍ଜିତ କୁମାର। ତେଣୁ ବାକି ପ୍ରସ୍ତାବଗୁଡ଼ିକ ☞ପୃଷ୍ଠା–୧୫

# ନୀଳାଚଳ ଇସ୍ପାତରୁ ହେବ ପୁଞ୍ଜି ପ୍ରତ୍ୟାହାର

**ନୂଆଦିଲ୍ଲୀ,୮।୧**

ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍‌ଆଇଏନ୍‌ଏଲ୍)ରେ ରହିଥିବା ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଂଶଧନରୁ ପୁଞ୍ଜି ପ୍ରତ୍ୟାହାର କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ କେନ୍ଦ୍ର ସରକାର ବୁଧବାର ନୀତିଗତ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ମଧ୍ୟରେ ଖଣିଜ ଏବଂ ଧାତବ ବ୍ୟବସାୟ ନିଗମ ଲିମିଟେଡ (ଏମ୍‌ଏମ୍‌ଟିସି) ୪୯.୭୮%, ଜାତୀୟ ଖଣିଜ ବିକାଶ ନିଗମ (ଏନ୍‌ଏମ୍‌ଡିସି) ୧୦.୧୦%, ମେକନ ୦.୬୮% ଏବଂ ଭାରତ ହେଭି ଇଲେକଟ୍ରିକାଲ୍ସ ଲିମିଟେଡ(ଭେଲ୍)ର ୦.୬୮% ଅଂଶଧନ ରହିଛି। ଏହାବାଦ ଓଡ଼ିଶା ସରକାରଙ୍କ ୨ଟି ଉଦ୍ୟୋଗ ଶିଳ୍ପ ପ୍ରୋତ୍ସାହନ ଓ ନିବେଶ ନିଗମ ଲିମିଟେଡ(ଇପିକଲ)ର ୧୨%, ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ୨୦.୪୭% ଅଂଶଧନର ମଧ୍ୟ ପୁଞ୍ଜି ପ୍ରତ୍ୟାହାର କରାଯିବ ବୋଲି ଜଣାପଡିଛି। ଦ୍ୱିସ୍ତରୀୟ ନିଲାମି ପ୍ରକ୍ରିୟା ଦ୍ୱାରା ଚୟନ କରାଯାଇଥିବା ଷ୍ଟ୍ରାଟେଜିକ କ୍ରେତାଙ୍କୁ ପୁଞ୍ଜି ହସ୍ତାନ୍ତର କରାଯିବ।

ନୀଳାଚଳ ଇସ୍ପାତ ନିଗମ ଲିମିଟେଡ ଏକ ଯୌଥ ଉଦ୍ୟୋଗ ହୋଇଥିବା ବେଳେ ଏଥିରେ ୪ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଓଡ଼ିଶା ସରକାରଙ୍କ ୨ ସରକାରୀ ଉଦ୍ୟୋଗର ଅଂଶଧନ ରହିଛି। ଏନ୍‌ଆଇଏନ୍‌ଏଲ୍‌ରୁ ଏହି

**କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ**



ପୁଞ୍ଜି ପ୍ରତ୍ୟାହାର ଦ୍ୱାରା ଏଥିରେ ନିଷ୍କ୍ରିୟ ହୋଇ ପଡି ରହିଥିବା ସମ୍ବଳ ମୁକ୍ତ ହେବ। ଏହାର ଉପଯୋଗ ସରକାରଙ୍କ ସାମାଜିକ କ୍ଷେତ୍ର ତଥା ବିକାଶମୂଳକ କାର୍ଯ୍ୟକ୍ରମ ଲାଗି ଅର୍ଥ ଯୋଗାଣ ଉଦ୍ଦେଶ୍ୟରେ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ଓଡ଼ିଶା ଅଧିକ ଲାଭବାନ ହେବ ବୋଲି କ୍ୟାବିନେଟ ବୈଠକ ପରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏନ୍‌ଆଇଏନ୍‌ଏଲ୍ ଏବଂ ଏମ୍‌ଏମ୍‌ଡିଆର୍ ଆକ୍ଟ ନେଇ କେନ୍ଦ୍ର ସରକାର ଗ୍ରହଣ କରିଥିବା ପଦକ୍ଷେପକୁ ଐତିହାସିକ ନିଷ୍ପତ୍ତି ବୋଲି ପ୍ରଧାନ ଅଭିହିତ କରିଛନ୍ତି। ଏନ୍‌ଆଇଏନ୍‌ଏଲ୍‌ରୁ ପୁଞ୍ଜି ପ୍ରତ୍ୟାହାର ଏବଂ ସ୍ୱଚ୍ଛ ଉପାୟରେ ନିଲାମୀ ମାଧ୍ୟମରେ ଆଗାମୀ ଦିନରେ ୧.୧ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଉକ୍ତ ପ୍ରକଳ୍ପକୁ ୧୦ ନିୟୁତ ଟନ୍‌ରେ ପରିଣତ କରାଯିବ। ଉକ୍ତ ୟୁନିଟକୁ ସମ୍ପ୍ରସାରଣ କରାଯିବ। ପ୍ରଧାନ କହିଛନ୍ତି ଯେ, ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ ଇସ୍ପାତ ଦେଶରେ ଉତ୍ପାଦନ କରିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଓଡ଼ିଶା ଏହାର ୩୦% ବା ୧୦୦ ନିୟୁତ ଟନ୍ ଉତ୍ପାଦନର ଭାଗିଦାରି ରଖିବ। ନୂଆ ନିଷ୍ପତ୍ତି ଦ୍ୱାରା ଉତ୍ପାଦନ କ୍ଷମତା ବୃଦ୍ଧି, ରାଜ୍ୟରେ ନିଯୁକ୍ତି ଏବଂ ବ୍ୟବସାୟ ବୃଦ୍ଧିରେ ଯୋଗଦାନ ରଖିବ। କଳିଙ୍ଗ ନଗରକୁ ଷ୍ଟିଲ ହବରେ ପରିବର୍ତ୍ତନ କରିବାରେ ଏହା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ମତ ରଖିଛନ୍ତି।

- ଡରରେ ଗଡ଼ିଲାନି ବସ୍, ଟ୍ରକ୍, ଖୋଲିଲାନି ଦୋକାନ ବଜାର
- ସରକାରୀ, ବେସରକାରୀ କାର୍ଯ୍ୟାଳୟ ଗେଟ୍‌ରେ ତାଲା
- ୯ଟା ୩୦ ପୂର୍ବରୁ ଅଫିସ୍ ଆସିଲେ ସରକାରୀ କର୍ମଚାରୀ



ଧର୍ମଘଟ ଯୋଗୁ କଟକର ବାଦାମବାଡ଼ି-ଲିଙ୍କରୋଡ୍ ରାସ୍ତା ଫାଙ୍କା ପଡ଼ିଛି।

# ଧର୍ମଘଟ ଶାନ୍ତିପୂର୍ଣ୍ଣ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ଗଡିଲାନି ବସ, ଟ୍ରକ୍ କିମ୍ବା ଚାରିଚକିଆ ଯାନ। ରେଳ, ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ ବନ୍ଦ ରହିଥିଲା। ଟ୍ରେଡ୍ ୟୁନିୟନଗୁଡିକର ବନ୍ଦ ଡାକରାରେ ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ୧୨ ଦଫା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ୨୪ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ପଡିଥିଲା। ଏଆଇଟିୟୁସି, ଏଚଏମ୍‌ଏସ, ସିଆଇଟିୟୁ, ଏଆଇଟିୟୁସି, ସେୱା, ଏଆଇସିସିଟିୟୁ, ଏଲପିଏଫ୍, ୟୁଟିୟୁସି ଭଳି ଟ୍ରେଡ୍ ୟୁନିୟନଗୁଡିକର ଆଞ୍ଚଳିକ ଶାଖାର କର୍ମକର୍ତ୍ତାମାନେ ଧର୍ମଘଟରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। କେନ୍ଦ୍ର ସରକାରଙ୍କ ସମସ୍ତ ଅଫିସ, ରେଳ, ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନ ସମ୍ମୁଖରେ କର୍ମକର୍ତ୍ତାମାନେ ପ୍ରତିବାଦ କରିବା ସହ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ଓ ଶ୍ରମିକ ମାରଣ ନୀତିକୁ କଡ଼ା ସମାଲୋଚନା କରିଥିଲେ।

ସକାଳ ୬ଟାରୁ ଏହି ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଯୋଗୁ ବିଭିନ୍ନ ସ୍ଥାନରେ ଟ୍ରେନ ଅଟକି ରହିଥିଲା। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ୪ ଚକିଆ ଯାନ ପ୍ରାୟ ବନ୍ଦ ରହିଥିବା ବେଳେ କଟକ, ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ଦୁଇଚକିଆ ଯାନ ଚଳାଚଳ କରୁଥିଲା। ବନ୍ଦର ପ୍ରଭାବ ଶିକ୍ଷାନୁଷ୍ଠାନ ଉପରେ ପଡ଼ିଥିଲା। ସମସ୍ତ ସରକାରୀ ଓ ଘରୋଇ ସ୍କୁଲରେ ପାଠପଢ଼ା ବ୍ୟାହତ ହୋଇଥିଲା। ଦୋକାନ ବଜାର ବନ୍ଦ ଯୋଗୁ ବ୍ୟବସାୟ ଏବଂ ବ୍ୟାଙ୍କ ସେବା ☞ପୃଷ୍ଠା–୧୫



"ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କ ଜେଏନ୍‌ୟୁ ଗସ୍ତ ଓ ଆକ୍ରମଣର ଶିକାର ହୋଇଥିବା ଛାତ୍ରୀଛାତ୍ରଙ୍କ ପ୍ରତି ସମର୍ଥନ ଏକ ଭଲ ମେସେଜ୍ ଦେବା ସହ ଅନ୍ୟମାନଙ୍କୁ ସାହସ ଯୋଗାଇଛି।

-ଅନୁରାଗ କଶ୍ୟପ, ଫିଲ୍ମ ନିର୍ମାତା



# ସମ୍ପର୍କ ଯୋଡ଼ିବାର ମାଧ୍ୟମ

## ପ୍ରବାସୀ ଭାରତୀୟ ଦିବସ



୧୯୧୫ ମସିହା ୯ ଜାନୁୟାରୀରେ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ସ୍ୱଦେଶ ଫେରିଥିଲେ। ଏହି ଦିବସକୁ ସ୍ମରଣ କରିବା ଲାଗି ଭାରତ ସରକାରଙ୍କ ଦ୍ୱାରା ପ୍ରତିବର୍ଷ ଏହି ଦିନକୁ ପ୍ରବାସୀ ଭାରତୀୟ ଦିବସ ଭାବେ ପାଳନ କରାଯାଉଛି। ୨୦୦୩ରୁ ଏହି ଦିବସ ପ୍ରଥମେ ଦିଲ୍ଲୀରେ ପାଳନ କରାଯାଇଥିଲା। ସେବେଠାରୁ ଏହା ପ୍ରତିବର୍ଷ ପାଳନ କରାଯାଉଛି। ଏହି ଦିବସରେ ପ୍ରବାସୀ ଭାରତୀୟମାନେ ଭାରତ ପ୍ରତି ସେମାନଙ୍କ ଭାବନା ଅଭିବ୍ୟକ୍ତ କରିବାର ସୁଯୋଗ ପାଉଛନ୍ତି। ଦେଶବାସୀଙ୍କ ସହିତ ସକାରାତ୍ମକ ଆଲୋଚନା କରିବା ଲାଗି ଏକାଠି ହେଉଛନ୍ତି ଉକ୍ତ ଦିବସରେ। ବିଶ୍ୱର ୪୮ଟି ଦେଶରେ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ପ୍ରାୟ ୨ କୋଟି ଊର୍ଦ୍ଧ୍ୱ। ଏମାନଙ୍କ ମଧ୍ୟରୁ ୧୧ଟି ଦେଶରେ ୫ ଲକ୍ଷରୁ ବେଶି ସେହି ଦେଶର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ ପାଲଟିଛନ୍ତି ଏବଂ ଆର୍ଥିକ ଓ ରାଜନୈତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଏହି ସବୁ ଦେଶରେ ଏମାନଙ୍କର ଆର୍ଥିକ, ଶିକ୍ଷାଗତ ଓ ବ୍ୟବସାୟିକ ଦକ୍ଷତାର ଭିତ୍ତିଭୂମି ଖୁବ୍ ମଜଭୂତ । ବିଶ୍ୱରେ ୧୧୦ଟି ଦେଶରେ ପ୍ରବାସୀ ଭାରତୀୟମାନଙ୍କ ନେଟ୍‌ୱର୍କ ମଧ୍ୟ ରହିଛି। ଭାରତ ସହ ଅନ୍ୟ ଦେଶମାନଙ୍କର ମଧୁର ସମ୍ପର୍କ ଗଢ଼ିବାରେ ପ୍ରବାସୀ ଭାରତୀୟମାନଙ୍କ ଭୂମିକା ସମ୍ପର୍କରେ ଏହି ଦିବସରେ ଲୋକମାନଙ୍କୁ ଅବଗତ କରିବାର ସୁଯୋଗ ପ୍ରାପ୍ତ ହୁଏ। ମୁଖ୍ୟତଃ ଭାରତର ଯୁବପିଢ଼ିଙ୍କୁ ପ୍ରବାସୀ ଭାରତୀୟଙ୍କ ସହ ଯୋଡିବାରେ ଏହି ଦିବସ ମୁଖ୍ୟ ଭୂମିକା ନିଭାଇଥାଏ। ଏହି ଅବସରରେ ବିଦେଶରେ ଭାରତୀୟ ଶ୍ରମଜୀବୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ବିଚାର ବିମର୍ଶ କରାଯାଏ। ଏହି ଦିବସରେ ଭାରତ ସରକାରଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯାଏ। ପ୍ରବାସୀ ଭାରତୀୟଙ୍କୁ ସେମାନଙ୍କ କ୍ଷେତ୍ରରେ ଅସାଧାରଣ ଯୋଗଦାନ ପାଇଁ ଏହା ପ୍ରଦାନ କରାଯାଏ।

## ଫ୍ୟାଶନରେ ଆଗରେ ଥିଲେ ପ୍ରାଚୀନ ଭାରତୀୟ

**ନୂଆଦିଲ୍ଲୀ:** ସୋସିଆଲ ମିଡିଆ ଏବେ ବେଶ୍ ଲୋକପ୍ରିୟତା ହାସଲ କରିଛି। ଦୂରଦୂରାନ୍ତରେ ରହୁଥିବା ଲୋକଙ୍କ ସହ ଯୋଗାଯୋଗରେ ରହିବାର ଏହା ମୁଖ୍ୟ ମାଧ୍ୟମ ପାଲଟିଥିବା ବେଳେ ଦେଶବିଦେଶର ଟିକିନିଖି ଖବର ମଧ୍ୟ ଏହା ମାଧ୍ୟମରେ ସମସ୍ତଙ୍କ ନିକଟରେ ଖୁବ୍ ସହଜରେ ପହଞ୍ଚିପାରୁଛି। ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍ ଓ ଟୁଇଟର ଭଳି ସୋସିଆଲ ସାଇଟ୍ ଏବେ ଅଧିକରୁ ଅଧିକ ବ୍ୟବହାର ହେଉଛି। ଏବେ ସୋସିଆଲ ସାଇଟ୍ ଟୁଇଟରରେ ଜଣେ ୟୁଜର ଶେୟାର କରିଥିବା ପୁରାତନ ମନ୍ଦିରର କିଛି ଫଟୋ ଖୁବ୍ ଭାଇରାଲ ହୋଇଛି। ଫଟୋ ଶେୟାର କରିଥିବା ୟୁଜର ଜଣକ ଫଟୋ ସମ୍ପର୍କିତ କିଛି ଆଶ୍ଚର୍ଯ୍ୟ କଲା ଭଳି ତଥ୍ୟ ଉଲ୍ଲେଖ କରିଛନ୍ତି, ଯାହାକୁ ନେଇ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ଚାଲିଛି। ସେଥିରେ ଟୁଇଟର ୟୁଜର ଭି ଗୋପାଲନ୍ ଲେଖିଛନ୍ତି, ଆଜିକାଲି ଯେଉଁ ନୂଆ ଫ୍ୟାଶନ ଟ୍ରେଣ୍ଡ ଚାଲିଛି, ପ୍ରାଚୀନ ଭାରତର ଲୋକେ ମଧ୍ୟ ସମାନ ଧରଣର ଫ୍ୟାଶନ ଆପଣାଉଥିଲେ। ଏବଂ ସେବେକାର ଲୋକେ ଫ୍ୟାଶନକୁ ନେଇ ବହୁତ ଆଗରେ ଥିଲେ। ସେ ତାମିଲନାଡୁସ୍ଥିତ ୯୦୦ବର୍ଷ ପୁରୁଣା ମନ୍ଦିରର ଚତୁଃପାର୍ଶ୍ୱରେ ଥିବା କେତେକ ମୂର୍ତ୍ତିର ଫଟୋ ଶେୟାର କରି ଲେଖିଛନ୍ତି ଯେ, ପ୍ରାଚୀନ କାଳରେ ଲୋକମାନେ ବ୍ୟବହାର କରୁଥିବା ଚପଲ ଭଳି ଅବିକଳ ଚପଲ ଏବେକାର ଏକ କମ୍ପାନୀ ପ୍ରସ୍ତୁତ କରୁଛି। ଏଥିସହ ସେ ୮୦୭ ବର୍ଷ ପୁରାତନ ଏକ ମୂର୍ତ୍ତିର ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ମୂର୍ତ୍ତିରେ ଥିବା ମହିଳା ଜଣକ ହିଲ୍ ଚପଲ ପିନ୍ଧିଥିବା ଦେଖାଯାଉଛି। ଏହାକୁ ନେଇ ଟୁଇଟରରେ ବେଶ୍ ଚର୍ଚ୍ଚା ହେଉଛି। ଏବେକାର ଲୋକଙ୍କ ତୁଳନାରେ ପ୍ରାଚୀନ ଭାରତୀୟଙ୍କ ଫ୍ୟାଶନ ସେନ୍ସ ବହୁ ଊର୍ଦ୍ଧ୍ୱରେ ଥିବା କେତେଜଣ କହୁଥିବା ବେଳେ ଆଉ କେତେଜଣ ସେତେବେଳର ଲୋକେ ଫ୍ୟାଶନକୁ ନେଇ କେତେ ଆଗରେ ଥିଲେ ବୋଲି କମେଣ୍ଟ କରିଛନ୍ତି।



# ୨୦୧୯ରେ ସବୁଠୁ ବେଶି ବଦଳିଛି ପାଗ

## ଭାରତରେ ଗ୍ଲୋବାଲ୍ ୱାର୍ମିଂର ପ୍ରଭାବ

**ନୂଆଦିଲ୍ଲୀ:** ଭାରତରେ ବିଶ୍ୱତାପନ(ଗ୍ଲୋବାଲ୍ ୱାର୍ମିଂ)ର ପ୍ରଭାବ ସ୍ପଷ୍ଟ ଅନୁଭୂତ। ୧୯୦୧ ମସିହା ପରେ ୨୦୧୯ ଭାରତରେ ସପ୍ତମ ଉତ୍ତପ୍ତ ବର୍ଷ ଥିଲା। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ(ଆଇଏମ୍‌ଡି) ପକ୍ଷରୁ ନିକଟରେ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଦେଶରେ ୨୦୧୬କୁ ସର୍ବାଧିକ ଉତ୍ତପ୍ତ ବର୍ଷଭାବେ ପୂର୍ବରୁ ରେକର୍ଡ କରାଯାଇଥିବାବେଳେ ଗତବର୍ଷ ଏହାଠାରୁ ମଧ୍ୟ ଅଧିକ ଗରମ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ଇତିହାସର ସବୁଠାରୁ ଉତ୍ତପ୍ତ ଦଶକ ଶେଷ ହୋଇଥିବା ମଧ୍ୟ କୁହାଯାଇଛି। କୋପର୍‌ନିକସ୍ କ୍ଲାଇମେଟ୍ ଚେଞ୍ଜ ସର୍ଭିସ୍ ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ୨୦୧୬ ପରେ ୨୦୧୯ରେ ପୁଣି ତାପମାତ୍ରା ବଢ଼ିଛି। ବିଶେଷକରି 'ଏଲ୍ ନିନୋ'ର ପ୍ରଭାବକୁ ଏଥିପାଇଁ ଦାୟୀ ମନେ କରାଯାଉଛି। ଆଇଏମ୍‌ଡି ତଥ୍ୟ ପ୍ରକାରେ ୨୦୧୯ରେ ସମଗ୍ର ଦେଶରେ ତାପମାତ୍ରା ସାମାନ୍ୟଠାରୁ ୦.୩୬ ଡିଗ୍ରୀ ସେଲ୍‌ସିୟସ୍ ଊର୍ଦ୍ଧ୍ୱରେ ରହିଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ୨୦୧୯ରେ କେବଳ ଗ୍ରୀଷ୍ମ ପ୍ରଭାବ ନୁହେଁ ବିଗତ ୨୫ ବର୍ଷ ମଧ୍ୟରେ ସବୁଠାରୁ ଅଧିକ ମୌସୁମୀ ବର୍ଷା, ୮ ବାତ୍ୟା ଏବଂ ଡିସେମ୍ବରରେ ଉତ୍ତର ଭାରତରେ ରେକର୍ଡ ମାତ୍ରାରେ ଥଣ୍ଡା(ଦିନରେ) ହୋଇଥିବା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ତଥ୍ୟ ଭାରତ ପାଇଁ ଯେ ନିଶ୍ଚିତ ସତର୍କ ସଙ୍କେତ, ଏହାକୁ ଏଡ଼ାଇ ଦିଆଯାଇ ନ ପାରେ।



# ଗଧିଆ ବି ବିଶ୍ୱସ୍ତ ସହଯୋଗୀ

**ଲଣ୍ଡନ:** ଯଦି ପ୍ରଶ୍ନ କରାଯାଏ ସବୁଠାରୁ ବିଶ୍ୱସ୍ତ ପ୍ରାଣୀ କିଏ ? ପ୍ରଥମେ ଉତ୍ତର ଆସିବ କୁକୁର। ଏହି ବିଶ୍ୱସ୍ତ ପାଳିତ ପ୍ରାଣୀ ନିଜ ଜୀବନକୁ ବାଜି ଲଗାଇ ମଣିଷକୁ ଅନେକ ସମୟରେ ଜୀବନଦାନ ଦେଇଥିବା କଥା ଆମେ ଶୁଣିଛେ, ଦେଖିଛେ ବି। ହେଲେ ଏହି ତାଲିକାରେ ଏବେ ଯୋଡ଼ି ହୋଇଛି ଅତି ପରିଚିତ ମାଂସାଶୀ ପ୍ରାଣୀ ଗଧିଆ। କୁକୁର ଭଳି ଗଧିଆ ନିକଟରେ ମଧ୍ୟ ସମାନ ଗୁଣ ଦେଖିବାକୁ ମିଳେ। ଜର୍ମାନୀର 'ମ୍ୟାକ୍ସ ଇନ୍‌ଷ୍ଟିଚ୍ୟୁଶନ ଫର ଦି ସାଇନ୍ସ ଅଫ୍ ହ୍ୟୁମାନ ହିଷ୍ଟ୍ରି' ପକ୍ଷରୁ ନିକଟରେ କରାଯାଇଥିବା ଗବେଷଣାରୁ ଏହି ତଥ୍ୟ ପଦାକୁ ଆସିଛି। ଏହି ରିପୋର୍ଟରେ କୁହାଯାଇଛି, ନିଜର ସାଥୀଙ୍କଠାରୁ କିଛି ପାଇବା ପାଇଁ କୁକୁର ଏବଂ ଗଧିଆ ନିକଟରେ ସମାନ ଧରଣର ସହଯୋଗ ଗୁଣ ଦେଖିବାକୁ ମିଳେ।

ଏହାକୁ ସତ୍ୟ ପ୍ରମାଣିତ କରିବାକୁ ଅନୁଷ୍ଠାନ ପକ୍ଷରୁ ସମାନ ପ୍ରଜାତିର କୁକୁର ଏବଂ ଗଧିଆଙ୍କୁ ନେଇ ସେମାନଙ୍କ ମଧ୍ୟରେ ରହିଥିବା ସହଯୋଗ କରିବାର ଗୁଣାବଳୀକୁ ପରଖା ଯାଇଥିଲା। ଉଭୟ ପ୍ରଜାତିର ଜନ୍ତୁ ନିଜ ଭିତରେ ତାଳମେଳ ରଖି ସମସ୍ୟାର ସମାଧାନ କରିବାର ବାଟ ଖୋଜି ବାହାର କରିଥିଲେ। ବିଶେଷଜ୍ଞ ଜୁଲିଆନ ବ୍ରାଓର କହିଛନ୍ତି, ଗଧିଆଙ୍କ ନିକଟରେ ଯଦିଓ କୁକୁର ଭଳି ସମାନ ଧରଣର ଗୁଣାବଳୀ ଦେଖିବାକୁ ମିଳେ, ହେଲେ ଅତ୍ୟଧିକ ହିଂସ୍ର ସ୍ୱଭାବ ପାଇଁ ଗଧିଆଙ୍କୁ ପୋଷା ମନାଇବା କାଠିକର ପାଠ। ଜୁଲିଆନ ଆହୁରି ମଧ୍ୟ କହିଛନ୍ତି, ଆଜକୁ ପ୍ରାୟ ୩୦ରୁ ୪୦ ହଜାର ବର୍ଷ ପୂର୍ବରୁ କୁକୁରକୁ ପାଳିତ ପ୍ରାଣୀ ଭାବେ ମନୁଷ୍ୟ ରଖିଆସୁଛି। ଦୀର୍ଘ ସମୟର ସହାବସ୍ଥାନ ଫଳରେ ସେମାନଙ୍କ ମଧ୍ୟରେ ଅନେକ ପରିବର୍ତ୍ତନ ଆସିଛି। ହେଲେ ଜନବସତିଠାରୁ ଦୂରରେ ରହିବା କାରଣରୁ ଗଧିଆଙ୍କ ନିକଟରେ ସେତେଟା ପରିବର୍ତ୍ତନ ଆସିନାହିଁ। ହେଲେ ରିସର୍ଚ୍ଚ ସମୟରେ ଗଧିଆଙ୍କ ନିକଟରେ କୁକୁରଙ୍କ ଅପେକ୍ଷା ଅଧିକ ବୁଦ୍ଧିମତ୍ତା ଦେଖିବାକୁ ମିଳିଛି। ଏହାକୁ ସିଦ୍ଧ କରିବାକୁ ଅନ୍ୟ କେତେକ ପରୀକ୍ଷା କରାଯାଇଥିଲା। ମଣିଷ ସହିତ କୁକୁରଙ୍କ ସମ୍ପର୍କ ବହୁତ ପୁରୁଣା। ମନୁଷ୍ୟକୁ ସହଯୋଗ କରିବାରେ ଉକ୍ତ ପ୍ରାଣୀ ଧୂରନ୍ଧର ବୋଲି ବିଶ୍ୱାସ କରାଯାଏ। ଏପରି କ୍ଷେତ୍ରରେ ଲାଗୁଥିଲା ପରୀକ୍ଷାରେ ଗଧିଆ ପଛରେ ରହିଯିବ। ହେଲେ ଏଥିରେ ମଧ୍ୟ ଉଭୟେ ପାଖାପାଖି ସମାନ ପ୍ରଦର୍ଶନ କରିଥିଲେ।

ଗଧିଆଙ୍କ ସହିତ ମଣିଷଙ୍କ ସମ୍ପର୍କକୁ ନେଇ ଅଧିକ ପରୀକ୍ଷଣ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଏହି ପ୍ରାଣୀଙ୍କ ଭିତରେ ସାମାଜିକ ସହାବସ୍ଥାନ, ପରିସ୍ଥିତି ଅନୁଯାୟୀ ସହଯୋଗ ପ୍ରବୃତ୍ତି କେମିତି ପ୍ରଭାବିତ ହେଉଛି ତାହା ଜଣାପଡ଼ିବ। ପୋଷା ମାନିବା ଆଗରୁ କୁକୁରଙ୍କ ନିକଟରେ କିପରି ପ୍ରବୃତ୍ତି ଦେଖିବାକୁ ମିଳୁଥିଲା, କେଉଁ ପରିସ୍ଥିତିରେ ସେମାନଙ୍କ ସ୍ୱଭାବରେ ପରିବର୍ତ୍ତନ ହେଲା ଏବଂ ଏଥିରେ ଗଧିଆଙ୍କ ତୁଳନାରେ କେତେ ତାରତମ୍ୟ ରହିଛି ଏସବୁ ଜାଣିବାର ଆବଶ୍ୟକତା ରହିଛି ବୋଲି ଜୁଲିଆନ କହିଛନ୍ତି।





ଶ୍ରଦ୍ଧା କପୁର

# କ୍ୟାଟ୍ରିନାଙ୍କୁ ଅଫର୍ ମିଳିବାରୁ ରାଗିଲେ ଶ୍ରଦ୍ଧା

**ମୁମ୍ବାଇ:** ଯେମିତି ସାଧାରଣ ଲୋକଙ୍କ ଜୀବନରେ ରାଗ, ରୁଷା, ଅଭିମାନ ଲାଗି ରହିଥାଏ, ବଲିଉଡ୍‌ରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥାଏ। କେତେବେଳେ ଫିଲ୍ମ ନ ମିଳିବାରୁ ଅଭିମାନ ତ କେତେବେଳେ କ୍ୟାଟ୍ ଫାଇଟ୍। ବି-ଟାଉନ୍ ତାରକାମାନେ ପରସ୍ପରକୁ ନେଇ ଈର୍ଷାପରାୟଣ ହେବା ସହ ବେଳେବେଳେ ଅଭିମାନ ମଧ୍ୟ କରିବସନ୍ତି। ତେବେ ଏଭଳି କିଛି ଖବର ଶ୍ରଦ୍ଧା କପୁରଙ୍କୁ ନେଇ ଶୁଣିବାକୁ ମିଳିଛି। ଏପଟେ ଖୁବ୍‌ଶୀଘ୍ର ଶ୍ରଦ୍ଧା କପୁରଙ୍କ ଅପ୍‌କମିଂ ଫିଲ୍ମ 'ଷ୍ଟ୍ରିଟ୍ ଡ୍ୟାନ୍ସର୍ ୩ଡି' ରିଲିଜ୍ ହେବାକୁ ଯାଉଛି। ଫିଲ୍ମର ଟ୍ରେଲର୍ ରିଲିଜ୍ ସରିଥିବାବେଳେ ଦର୍ଶକେ ଏହାକୁ ଖୁବ୍ ପସନ୍ଦ ମଧ୍ୟ କରୁଛନ୍ତି। ଏଥିରେ 'ଏବିସିଡି-୨' ଅପେକ୍ଷା ଆହୁରି ଅଭିଜ୍ଞ ଡ୍ୟାନ୍ସର୍ ଭଳି ଶ୍ରଦ୍ଧା ନଜରକୁ ଆସୁଛନ୍ତି। ତେବେ ଫିଲ୍ମ 'ଷ୍ଟ୍ରିଟ୍ ଡ୍ୟାନ୍ସର୍ ୩ଡି' ପାଇଁ ସେ ପ୍ରଥମ ପସନ୍ଦ ନଥିଲେ। ଆଉ ଏହି କାରଣରୁ ସେ ପ୍ରଥମେ ଫିଲ୍ମର ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କ ଉପରେ ଖପ୍ପା ଥିଲେ ବୋଲି ଜଣାପଡ଼ିଛି।

'ଏବିସିଡି-୨' ପରେ ଯେତେବେଳେ 'ଷ୍ଟ୍ରିଟ୍ ଡ୍ୟାନ୍ସର୍ ୩ଡି' କଥା ନିର୍ଦ୍ଦେଶକ ରେମୋ ଡି'ସୁଜା ଚିନ୍ତା କରିଥିଲେ, ସେତେବେଳେ ସେ କ୍ୟାଟ୍ରିନା କୈଫ୍‌ଙ୍କୁ ପ୍ରଥମେ ଫିଲ୍ମର ଅଫର୍ ଦେଇଥିଲେ। ଏପଟେ କିନ୍ତୁ ବରୁଣ ଧାୱନଙ୍କୁ ହିଁ ଫିଲ୍ମରେ ପୁଣି ମୁଖ୍ୟ ଭୂମିକାରେ ନେବାକୁ ସ୍ଥିର ହୋଇଥିଲା। ଅନ୍ୟପଟେ କ୍ୟାଟ୍ରିନା ଏହି ଫିଲ୍ମ ପାଇଁ ଇଚ୍ଛୁକ ଥିଲେ ମଧ୍ୟ ଫିଲ୍ମ 'ଭାରତ'ର ଶୁଟିଂ ସେଡ୍ୟୁଲ୍‌ରୁ ଫୁର୍‌ସତ ନ ମିଳିବାରୁ ସେ ଏହି ଫିଲ୍ମକୁ ମନା କରିଦେଇଥିଲେ। ହେଲେ ଫିଲ୍ମର ଅଫର୍ କ୍ୟାଟ୍ରିନାଙ୍କୁ ମିଳିବାରୁ ରେମୋଙ୍କ ଉପରେ ଖୁବ୍ ଅଭିମାନ କରିବସିଲେ ଶ୍ରଦ୍ଧା। ତାଙ୍କ କହିବା ହେଲା, 'ଏବିସିଡି-୨'ର ସଫଳତା ପରେ 'ଷ୍ଟ୍ରିଟ୍ ଡ୍ୟାନ୍ସର୍ ୩ଡି' କଥା ଚିନ୍ତା କରାଗଲା। ଆଉ ବରୁଣ ଧାୱନ ମଧ୍ୟ ଲିଡ୍ କରୁଛନ୍ତି। ହେଲେ ତାଙ୍କୁ ଅଫର୍ ନ ଦିଆଯାଇ କ୍ୟାଟ୍ରିନାଙ୍କୁ କାହିଁକି ଦିଆଗଲା ? ତେବେ ଶ୍ରଦ୍ଧାଙ୍କ ଅଭିମାନ ଭିତରେ ସେପଟେ କ୍ୟାଟ୍ରିନା ଫିଲ୍ମକୁ ମନା କରିଦେଇଥିଲେ। ପରେ ଫିଲ୍ମର ଅଫର୍ ମିଳିଥିଲା ଶ୍ରଦ୍ଧାଙ୍କୁ। ଆଉ ସେ ଖୁସିରେ ଫିଲ୍ମ କରିବାକୁ ରାଜି ହୋଇଯାଇଥିଲେ। ଫିଲ୍ମ 'ଷ୍ଟ୍ରିଟ୍ ଡ୍ୟାନ୍ସର୍ ୩ଡି' ଜାନୁୟାରୀ ୨୪ରେ ରିଲିଜ୍ ହେବ। ଫିଲ୍ମରେ ଶ୍ରଦ୍ଧା କପୁର, ବରୁଣ ଧାୱନ, ନୋରା ଫତେହୀ ଏବଂ ପ୍ରଭୁଦେବା ମୁଖ୍ୟ ଭୂମିକାରେ ନଜରକୁ ଆସିବେ।



# ୩୪ ବର୍ଷରେ ସାଗରିକା

## କିସିଂ ସିନ୍ ଯୋଗୁ ରାତାରାତି ପାଲଟିଥିଲେ ଷ୍ଟାର

**ମୁମ୍ବାଇ:** ବଲିଉଡ୍‌ର ସୁନ୍ଦରୀ ଅଭିନେତ୍ରୀ ତଥା କ୍ରିକେଟର ଜାହିର ଖାଁଙ୍କ ସ୍ତ୍ରୀ ସାଗରିକା ଘାଟଗେ ବୁଧବାର ୩୪ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୮୬ ଜାନୁୟାରୀ ୮ରେ କୋହ୍ଲାପୁରଠାରେ ଜନ୍ମଗ୍ରହଣ କରିଥିଲେ। ବଲିଉଡ୍‌ରେ ସେ ଅନେକ ଫିଲ୍ମରେ ନିଜ ଅଭିନୟ ଦକ୍ଷତା ଦେଖାଇଛନ୍ତି। ତେବେ ଫିଲ୍ମ ରଶ୍‌ରେ ଲଭର ବୟ ଅଭିନେତା ଇମ୍ରାନ୍ ହାସିମ୍‌ଙ୍କ ସହିତ ଦୀର୍ଘ ସମୟର କିସିଂ ସିନ୍ ସାଗରିକାଙ୍କୁ ରାତାରାତି ଷ୍ଟାର କରିଦେଇଥିଲା। ସେ ଶାହରୁଖ୍ ଖାଁଙ୍କ ସହିତ ଚକ୍ ଦେ ଇଣ୍ଡିଆରେ ମଧ୍ୟ ଅଭିନୟ କରିଥିଲେ। କ୍ରିକେଟର ଜାହିର ଖାଁଙ୍କ ସହିତ ସେ ଦେଢ଼ବର୍ଷ ଡେଟିଂ କରିବା ପରେ ୨୦୧୭ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ସାଗରିକା ଜଣେ ଭଲ ହକି ଖେଳାଳି ଭାବେ ଜଣାଶୁଣା। ତେବେ ବିବାହ ପରେ ସେ ଫିଲ୍ମ ଦୁନିଆଠାରୁ ଦୂରେଇ ଯାଇଛନ୍ତି।

# ଆକାଶରେ ଦେଖାଗଲା ଏକାଥରକେ ୩ ସୂର୍ଯ୍ୟ

**ବେଜିଂ:** କୁହାଯାଏ, ପ୍ରକୃତି ସୌନ୍ଦର୍ଯ୍ୟର ଉପମା ନାହିଁ। ଏହାର ଏକ ଝଲକ ଦେଖିବାକୁ ମିଳିଛି ଚାଇନାରେ। ଏକାଥରକେ ଚାଇନା ଆକାଶରେ ୩ଟି ସୂର୍ଯ୍ୟ ଦେଖିବାକୁ ମିଳିଥିଲା। ଅବିଶ୍ୱସନୀୟ ଲାଗୁଥିଲେ ମଧ୍ୟ ସତ। ଏହି ଅଦ୍ଭୁତ ଦୃଶ୍ୟ ଦେଖି ଲୋକେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କିଛି ଲୋକ ନିଜ ନିଜ କ୍ୟାମେରାରେ ଏହି ଦୃଶ୍ୟର ଫଟୋ ଉଠାଇ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଯାହା ଖୁବ୍ ଭାଇରାଲ ହେବାରେ ଲାଗିଛି। ଚାଇନାର ଉତ୍ତରପୂର୍ବସ୍ଥିତ ଜିଲିନ୍‌ର ଫୁୟୁ ସହରରେ ଗତ ଡିସେମ୍ବର ୩୧ ତାରିଖରେ ଏପରି ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏଠାରେ ଏକାସଙ୍ଗରେ ୩ଟି ସୂର୍ଯ୍ୟ ଦେଖିବାକୁ ପାଇଥିଲେ ଲୋକେ। ଏହି ଦୃଶ୍ୟକୁ ଦେଖିବା ପାଇଁ ଲୋକେ ଘରୁ ବାହାରକୁ ବାହାରି ଆସିଥିଲେ। ପ୍ରାୟ ୨୦ ମିନିଟ୍ ଧରି ଏପରି ଦୃଶ୍ୟ ଆକାଶରେ ଦେଖିବାକୁ ମିଳିଥିଲା। ବୈଜ୍ଞାନିକଙ୍କ ଅନୁଯାୟୀ, ଏହା ଦୁର୍ଲଭ ଘଟଣା। ଯାହାକି, ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟରେ ହିଁ ଦେଖିବାକୁ ମିଳିଥାଏ। ଯେତେବେଳେ ଆକାଶରେ ଅଧିକ ବାଦଲ ହୋଇଯାଇଥାଏ ସେତେବେଳେ ଏପରି ଦୃଶ୍ୟ ଦେଖିବାକୁ ମିଳେ। ଏହା ବ୍ୟତୀତ ଯେତେବେଳେ ଆକାଶରେ ସୂର୍ଯ୍ୟ ପୂରା ତଳକୁ ଖସି ଆସିବା ପରି ଦେଖାଯାନ୍ତି ସେତେବେଳେ ୩ଟି ସୂର୍ଯ୍ୟ ଥିବା ପରି ଦେଖାଯାଇଥାଏ।






## ମଣ୍ଡିରେ ଧାନବସ୍ତା ପଡ଼ି ଚାଷୀ ମୃତ

**ସଜନାଗଡ଼, ୮।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବରହମପୁର ଥାନା ଅଧୀନ ରାଜବରହମପୁର ପଞ୍ଚାୟତ ମାଟିଆଳି ଲ୍ୟାମ୍ପ ସମବାୟ ସମିତି ମୁଖ୍ୟ କାର୍ଯ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ପ୍ରଦୀପ ଚନ୍ଦ୍ର ବେହେରା (୫୭) ନାମକ ଚାଷୀ ଟ୍ରଲିରୁ ଧାନବସ୍ତା କାଢୁଥିବା ବେଳେ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ ତଳେ ପଡିଯିବା ସହ ଧାନବସ୍ତାଗୁଡିକ ତାଙ୍କ ଉପରେ ପଡିଯାଇଥିଲା। ପ୍ରଦୀପ ସେଠାରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଚାଷୀମାନେ ତାଙ୍କୁ ଉଦ୍ଧାର କରି ରାଜବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ତାଙ୍କର ଏହି ଆକସ୍ମିକ ମୃତ୍ୟୁରେ ବରହମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ମଣ୍ଡିରେ ପ୍ରଦୀପଙ୍କର ନାମ ପଞ୍ଜୀକରଣ ହେବା ସହ ୨୩ କୁଇଣ୍ଟାଲ ଧାନ ନେବାର ବ୍ୟବସ୍ଥା ହୋଇଥିଲା। ସେ ନିଜ ଟ୍ରଲି ଯୋଗେ ଧାନବସ୍ତାକୁ ଲୋଡ୍ କରି କେନ୍ଦ୍ରକୁ ଆଣିଥିଲେ। ମଣ୍ଡିରେ ପହଞ୍ଚି ଧାନବସ୍ତା ଓହ୍ଲାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏ ସମ୍ପର୍କରେ ପ୍ରଦୀପଙ୍କ ପୁଅ ଅଜୟ ବରହମପୁର ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଥାନାରେ ଏକ ମାମଲା (ନଂ. ୧/୨୦) ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ଡାକ୍ତରଖାନା ପଠାଯାଇଛି।

## ପାଠିକା / ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

**୯୪୩୭୦୦୯୪୪୧, ୮୯୦୮୧୫୭୧୭୦**

## ■ ଆଦାନୀ- କିସ୍ ଆବାସିକ ବିଦ୍ୟାଳୟ ଉଦ୍‌ଘାଟିତ

# ବାରିପଦା ଜଗନ୍ନାଥ ମନ୍ଦିର ପାଇଁ ୫ କୋଟି ଅନୁଦାନ

ବାରିପଦା ଅଫିସ,୮।୧

■ ୪୨ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

ଦୀର୍ଘବର୍ଷ ହେବ ଅବହେଳିତ ହୋଇ ପଡି ରହିଥିବା ବାରିପଦା ଶ୍ରୀଜଗନ୍ନାଥ ମନ୍ଦିର ତଥା ଶ୍ରୀ ହରିବଳଦେବଜୀଉ ମନ୍ଦିରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୫ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ବାରିପଦା ସହର ଉପକଣ୍ଠ ବାଙ୍କିଶୋଳଠାରେ ଆଦାନୀ-କିସ୍ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଖିଚିଂ ଓ ଦେବକୁଣ୍ଡ ସହିତ ଜିଲାର ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥାନର ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ମଧ୍ୟ ଘୋଷଣା କରିଛନ୍ତି। ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଶିକ୍ଷା ହିଁ ସଶକ୍ତୀକରଣ ଓ ଶିକ୍ଷା ଜରିଆରେ ପ୍ରକୃତ ପରିବର୍ତ୍ତନ ଆସିପାରିବ। ରାଜ୍ୟ ସରକାରଙ୍କ ଜନଜାତି ଶିକ୍ଷା ଯୋଜନା ଯୋଗୁ ରାଜ୍ୟର ଜନଜାତି ପିଲାମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରି ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣୁଛନ୍ତି। ରାଜ୍ୟର ୬,୫୦୦ ସ୍କୁଲରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଜନଜାତି ଛାତ୍ରୀଛାତ୍ର ପଢୁଛନ୍ତି। ଏହା ସହିତ ଅର୍ବାନ ଏରିଆରେ ହଷ୍ଟେଲ ନିର୍ମାଣ କରାଯାଇ ପିଲାମାନଙ୍କୁ ଇଂଲିଶ ମିଡିୟମ ସ୍କୁଲରେ ଶିକ୍ଷା ଦିଆଯାଉଛି। ବାଙ୍କିଶୋଳରେ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିବାରୁ କିସ୍ ମ୍ୟାନେଜମେଣ୍ଟ ଓ ଆଦାନୀ ଗ୍ରୁପକୁ ସେ ଧନ୍ୟବାଦ ଦେଇଥିଲେ। ମୟୂରଭଞ୍ଜର ବିକାଶର ଧାରା ଜାରି ରହିବ। ଓଡ଼ିଶାର ବିକାଶ ମାନଚିତ୍ରରେ ମୟୂରଭଞ୍ଜ ସ୍ଥାନ ଆହୁରି ଉଜ୍ଜ୍ୱଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।


ଆଦାନୀ-କିସ୍ ଆବାସିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ବାଙ୍କିଶୋଳଠାରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ଼ରେ ପୂର୍ବାହ୍ନ ୧୧ ଟା ୩୦ମିନିଟ୍‌ରେ ପହଞ୍ଚିଥିଲେ। ବ୍ୟାଟେରି କାର୍ ଯୋଗେ କିସ୍ କ୍ୟାମ୍ପସ ପରିଦର୍ଶନ କରିଥିଲେ। ପରେ ସଭାସ୍ଥଳକୁ ଆସି ଆଦାନୀ-କିସ୍ ଆବାସିକ ବିଦ୍ୟାଳୟ ଓ ୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଉଦ୍‌ଘାଟନ କରିବା ସହିତ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ୨୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୪୨ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ମଧ୍ୟାହ୍ନ ୧୨ଟା ୩୦ରେ ଭୁବନେଶ୍ୱର ଅଭିମୁଖେ ଫେରିଯାଇଥିଲେ। ସଭାରେ ଆଦାନୀ ଫାଉଣ୍ଡେଶନ ଚେୟାରପର୍ସନ ଡ.ପ୍ରୀତି ଆଦାନୀ, ଆଦାନୀ ପୋର୍ଟ ଆଣ୍ଡ ସ୍ପେଶିଆଲ ଇକୋନୋମିକ୍ ଜୋନ ଲିମିଟେଡର ସିଇଓ କରନ ଆଦାନୀ, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି,ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ, ମୟୂରଭଞ୍ଜ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, କିସ୍ ଓ କିଟ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଡ.ଅଚ୍ୟୁତ ସାମନ୍ତ ଓ ଜିଲାପାଳ ବିନୀତ ଭରଦ୍ୱାଜ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଉତ୍ତରାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକ ଓ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

## ୨ଦିନ ବର୍ଷା: ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

### ବଜ୍ରପାତ ନେଇ ଆଜି ୯ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ରାଜ୍ୟରେ ପୁଣି ବର୍ଷା ହେବାର ସମ୍ଭାବନା। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାକୁ ନଜରରେ ରଖି ରାଜସ୍ୱ ବିଭାଗ ସବୁ ଜିଲାପାଳଙ୍କୁ ଚିଠି ଲେଖି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଅମଳ ଧାନକୁ ଘରକୁ ନେଇ ଆସିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ଗୃହହୀନଙ୍କୁ ଆଶ୍ରୟ ଦେବାକୁ ସ୍କୁଲ କୋଠା ରାତିରେ ଖୋଲିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ବର୍ଷା ହେବାକୁ ଥିବାବେଳେ ବଜ୍ରପାତ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ୯ ଜିଲାରେ କୋହଲା ପାଗ ସହ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ବଜ୍ରପାତ ସମୟରେ ବାହାରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ଶୁକ୍ରବାର ରାୟଗଡ଼ା, ଗଜପତି, ଗଞ୍ଜାମ, କୋରାପୁଟ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ୬ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୧୦ରୁ ୧୨ତାରିଖ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୦ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଅନୁଗୋଳ, କେନ୍ଦୁଝର, ବଲାଙ୍ଗୀର ଓ ସୁବର୍ଣ୍ଣପୁର, ୧୧ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଏବଂ ୧୨ ତାରିଖରେ ଅନୁଗୋଳ, ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ପୁରୀ, ଗଞ୍ଜାମ ଓ କୋରାପୁଟ ଆଦି ଜିଲାରେ ବଜ୍ରପାତ ହେବ ବୋଲି ସତର୍କ ସୂଚନା ମିଳିଛି। ଆସନ୍ତା ଦୁଇଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ। ଏହାପରେ ଧୀରେ ଧୀରେ ୩ରୁ ୫ ଡିଗ୍ରୀ ତାପମାତ୍ରା ଖସିବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ଅନ୍ୟପଟେ ବୁଧବାର ବିଭିନ୍ନ ସହରରେ ତାପମାତ୍ରା ବୃଦ୍ଧି ପାଇଥିବାରୁ ଶୀତ କମ୍ ରହିଥିଲା। ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୯ ଡିଗ୍ରୀ ତାପମାତ୍ରା ଥିବାବେଳେ ଟିଟିଲାଗଡ଼ରେ ୯.୬, ସୋନପୁରରେ ୯.୮ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ୩ୟ ଶ୍ରେଣୀ ଛାତ୍ରୀକୁ ବଳାତ୍କାର

### ■ ନଦୀପଠାରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର

ରାଉରକେଲା ଅଫିସ, ୮।୧

ଷ୍ଟିଲ ସିଟିର ଝିରପାଣି ଥାନା ଅଞ୍ଚଳରେ ଜଣେ ନାବାଳିକା ୩ୟ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଛି। ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ନଦୀପଠାରୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ତନାଘନା ଜାରି ରହିଛି।

ଶନିବାର ସନ୍ଧ୍ୟାରେ ସମ୍ପୃକ୍ତ ନାବାଳିକା ଟ୍ୟୁଶନ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ରାତି ସାରା ଝିଅକୁ ଖୋଜି ନିରାଶ ହୋଇଥିଲେ। ରବିବାର ସକାଳୁ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ନିକଟସ୍ଥ କୋଏଲ ନଦୀପଠାରେ ବସି କାନ୍ଦୁଥିବା ଏକ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ଦେଖି ଉଦ୍ଧାର କରିଥିଲେ। ପରେ ତାଙ୍କୁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ଝିଅଠାରୁ ସମସ୍ତ କଥା ଶୁଣିବା ପରେ ମଙ୍ଗଳବାର ଝିରପାଣି ଥାନାରେ ଅଭିଯୋଗ କରାଯାଇଛି। ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଥିବା ସୂଚନା ଦେଇଛି।

## ଗୋପାଳପୁର ବନ୍ଦରକୁ ହେବ ବିକଳ୍ପ ରାସ୍ତା

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଗଞ୍ଜାମ ଜିଲା ଗୋପାଳପୁର ବନ୍ଦରକୁ ବିକଳ୍ପ ରାସ୍ତା ନିର୍ମାଣ ହେବାକୁ ଯାଉଛି। ଏହା ଦ୍ୱାରା ବନ୍ଦରକୁ ଯିବା ବେଳେ ହେଉଥିବା ଭିଡ ହ୍ରାସ ପାଇବ। ଏହି କାର୍ଯ୍ୟ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ କେନ୍ଦ୍ର ସଡକ, ପରିବହନ ଓ ରାଜପଥ ମନ୍ତ୍ରଣାଳୟର ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନିକଟରେ ଏ ସମ୍ପର୍କିତ ଏକ ବୈଠକରେ ବନ୍ଦରକୁ ବିକଳ୍ପ ରାସ୍ତା ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଜାତୀୟ ରାଜପଥ-୫୧୬ରୁ ଜାତୀୟ ରାଜପଥ-୧୬କୁ ଯୋଗ କରୁଥିବା ରାସ୍ତାରେ ପ୍ରବଳ ଭିଡ ହେଉଥିଲା। ୫ କିଲୋମିଟରରୁ ସାମାନ୍ୟ ଅଧିକ ଥିବା ଏହି ମାର୍ଗରେ ଭିଡ କାରଣରୁ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଥିଲା। ଏହି ମାର୍ଗର ୨ ସ୍ଥାନରେ ରେଳ ଲାଇନ ଅତିକ୍ରମ କରିଛି। ଏହା ଉପରେ ୨ଟି ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରାୟ ୧୬୩ କୋଟି ୬୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ଜଣାପଡିଛି।

ସେହିପରି ପ୍ରସ୍ତାବିତ ବିକଳ୍ପ ରାସ୍ତାଟି ଛତ୍ରପୁରଠାରେ ଥିବା ଡିଆରଡିଏ କାର୍ଯ୍ୟାଳୟ ନିକଟସ୍ଥ ଜାତୀୟ ରାଜପଥ ୧୬ରୁ ଗୋପାଳପୁର ପର୍ଯ୍ୟନ୍ତ ପ୍ରାୟ ୪.୫ କିଲୋମିଟର ରାସ୍ତା ନିର୍ମାଣ କରାଗଲେ ଭିଡ ସମସ୍ୟାର ସମାଧାନ ହୋଇପାରିବ ବୋଲି କୁହାଯାଇଛି। ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ସହ ରିପୋର୍ଟ ଦିଆଯାଇଛି। ରାଜ୍ୟ ସରକାର ମଧ୍ୟ ପ୍ରସ୍ତାବକୁ ସକାରାତ୍ମକ ଭାବେ ନେଇଛନ୍ତି। ଏହି ରାସ୍ତା ପାଇଁ ୬୫ ଏକର ଜମି ଆବଶ୍ୟକ ଥିବା ଜଣାପଡିଛି। ଜାତୀୟ ରାଜପଥର ମୁଖ୍ୟଯନ୍ତ୍ରୀଙ୍କୁ ନୂତନ ପ୍ରସ୍ତାବ ଅନୁଯାୟୀ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି। ଏହି ମାର୍ଗରେ ଓଭରବ୍ରିଜ୍ ନିର୍ମାଣର ଆବଶ୍ୟକ ନ ଥିବା ମଧ୍ୟ କୁହାଯାଇଛି।

## ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହେବ

ଭୁବନେଶ୍ୱର,୮।୧(ବ୍ୟୁରୋ)

### ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ପ୍ରଶସ୍ତୀକରଣ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଧାର୍ଯ୍ୟ ସମୟରେ ପ୍ରକଳ୍ପଗୁଡିକ ପୂର୍ଣ୍ଣାଙ୍ଗ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜାତୀୟ ରାଜପଥ ମୁଖ୍ୟ ପ୍ରବନ୍ଧକ ରାମପ୍ରସାଦ ପଣ୍ଡା କହିଛନ୍ତି ଯେ, ପ୍ରକଳ୍ପଗୁଡ଼ିକ ବାବଦରେ କୌଣସି ଫାଇଲ ରାଜ୍ୟ ସରକାରଙ୍କ ନିକଟରେ ପଡ଼ି ରହିନାହିଁ। ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଛି। ରାଜ୍ୟରେ ବର୍ତ୍ତମାନ ୨୨ ନବୀକରଣ ଏବଂ ବିଭିନ୍ନ ପ୍ରଶସ୍ତୀକରଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୩୬୬ କିଲୋମିଟର ଜାତୀୟ ରାଜପଥକୁ ୪ ଲେନ୍ ଏବଂ ୬ ଲେନ୍ ବିଶିଷ୍ଟ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ସମସ୍ତ ପ୍ରକଳ୍ପ ପାଇଁ ପ୍ରାୟ ୨୦,୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ପଣ୍ଡା ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧୭୩ କି.ମି.ର ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଛି। ସେହିପରି କ୍ଷେତ୍ରୀୟସ୍ତରରେ ଚୁକ୍ତିପତ୍ରର ନିୟମିତ ଅନୁଧ୍ୟାନ ଓ ଯାଞ୍ଚ ପୂର୍ବକ ନିର୍ମାଣ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପାଣିକୋଇଲି-ରିମୁଳି ଜାତୀୟ ରାଜପଥ ନଂ ୨୧୫(ନୂଆ ନଂ-୨୦) ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଏହି ପ୍ରକଳ୍ପର ପ୍ରାୟ ୯୫ ପ୍ରତିଶତ କାର୍ଯ୍ୟ ସରିଥିବା କୁହାଯାଇଛି। ମୋଟ ୧୬୬ କି.ମି.ରୁ ୧୫୨ କି.ମି. ରାସ୍ତାକୁ ୪ ଥାକିଆ ଏବଂ ୧୪ କି.ମି. ରାସ୍ତାକୁ ୨ ଥାକିଆ କରାଯାଇଛି। ଠିକା ନେଇଥିବା ସଂସ୍ଥାସ୍ତରରେ କିଛି ସମସ୍ୟା ଥିବାରୁ କାର୍ଯ୍ୟ ବନ୍ଦ ରହିଥିବା ଜଣାପଡ଼ିଛି। ୭ କି.ମି. ବ୍ୟାରେଜ ୱେ, ୩ ପୋଲ ଏବଂ ଗୋଟିଏ ହାତୀଯିବା ପାଇଁ ଅଣ୍ଡର ପାସ୍ ଏବଂ ୯ କି.ମି. ସର୍ଭିସ ରୋଡ୍ ନିର୍ମାଣ ବାକି ରହିଛି। ସେହିପରି ନୂତନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇ ଜାତୀୟ ରାଜପଥ ମୁଖ୍ୟ ପ୍ରବନ୍ଧକ ପଣ୍ଡା କୁହନ୍ତି ଯେ, ରାୟପୁର-ବିଶାଖାପାଟଣା ରାସ୍ତାର ପ୍ରସ୍ତାବ ରହିଛି। ଏହା ୨୪୦ କି.ମି. ଓଡ଼ିଶା ମଧ୍ୟ ଦେଇ ଗତି କରିବ। ଏହା କୋରାପୁଟ ଏବଂ ନବରଙ୍ଗପୁର ଜିଲା ଦେଇ ଯିବ। ଏହା ଏକ ୬ ଥାକିଆ ଗ୍ରୀନ୍ ଫିଲ୍ଡ ପ୍ରକଳ୍ପ ହେବ।

## ଜିଲା ଚିଠି



### ବଲାଙ୍ଗୀର

## ଲୋକ ଉତ୍ସବ

**ବ**ଲାଙ୍ଗୀର ଲୋକଉତ୍ସବକୁ ଇତିମଧ୍ୟରେ ୨୦ ବର୍ଷ ପୂରିଛି। ଜାନୁୟାରୀ ୩ରୁ ୬ ତାରିଖ ପର୍ଯ୍ୟନ୍ତ ବିଂଶତିତମ ଜିଲାସ୍ତରୀୟ ବଲାଙ୍ଗୀର ଲୋକ ଉତ୍ସବ ଶେଷ ହୋଇଛି। ଏହି ଉତ୍ସବରେ ଜିଲାର ବିଭିନ୍ନ ବ୍ଲକ୍ ଏବଂ ରାଜ୍ୟ ତଥା ଦେଶର ବହୁ ସ୍ଥାନରୁ ଆସିଥିବା କଳାକାରମାନଙ୍କ ସମାଗମ ହୋଇଥିଲା। ଦର୍ଶକମଣ୍ଡଳୀ ନିଜ ଜିଲା ଓ ରାଜ୍ୟ ସହ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରଙ୍କ ପ୍ରତିଭାର ଝଲକ ଦେଖିବାକୁ ପାଇଛନ୍ତି। ଏହି କାରଣରୁ ଲୋକ ଉତ୍ସବରେ ପ୍ରବଳ ଜନସମାଗମ ହୋଇଥିଲା। କଳା ଆକର୍ଷଣରୁ ଜନସମାଗମକୁ ଆଖି ଆଗରେ ରଖି କିଛିବର୍ଷ ହେଲା ଏହି ଲୋକ ଉତ୍ସବ ସମୟରେ ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ଆୟୋଜନ କରାଯାଉଛି। କଳା, ସଂସ୍କୃତିର ଉନ୍ନତି ସଙ୍ଗେ ସଙ୍ଗେ ଓର୍‌ମାସ୍ ଜରିଆରେ ବହୁ ଏସ୍‌ଏଚ୍‌ଜି ଓ କୁଟୀରଶିଳ୍ପୀ ତଥା ଛୋଟ ବ୍ୟବସାୟୀ ତାଙ୍କର ବେପାର ମଧ୍ୟ କରୁଛନ୍ତି। ଗୋଟିଏ ସ୍ଥାନରେ ଆକର୍ଷଣୀୟ ନାଚଗୀତ ଓ ଦୈନନ୍ଦିନ ତଥା ସୌଖିନ ସାମଗ୍ରୀର କିଣାବିକା ହେବା ଫଳରେ ଏହି ୪ ଦିନିଆ ଲୋକ ଉତ୍ସବ ସ୍ଥଳରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ମଞ୍ଚରେ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ଅପେକ୍ଷାରତ ସହସ୍ରାଧିକ ଲୋକଙ୍କୁ ଦେଖି ଅତିଥି ଭାବେ ଯୋଗଦେଉଥିବା ମନ୍ତ୍ରୀ, ବିଧାୟକ, ବିଭିନ୍ନ ଦାୟିତ୍ୱରେ ଥିବା ନିମନ୍ତ୍ରିତ ଅତିଥିମାନେ ଲମ୍ବା ଭାଷଣ ମାରିବା ସହ ଲୋକ ଉତ୍ସବ ସହ ଅପ୍ରାସଙ୍ଗିକ କଥା କହି ଦେଉଛନ୍ତି। ବେଳେବେଳେ ପରିସ୍ଥିତି ଏଭଳି ହେଉଛି ଯେ, ଅତିଥିମାନଙ୍କ ଆକର୍ଷଣହୀନ ଭାଷଣବାଜି ପାଇଁ କଳାକାର ଓ ଦର୍ଶକ ଉଭୟଙ୍କୁ ସେମାନଙ୍କ କଳା ପ୍ରଦର୍ଶନ କରିବା ପାଇଁ ଦୀର୍ଘସମୟ ଅପେକ୍ଷା କରିବାକୁ ପଡୁଛି। ଏଭଳି କାରଣରୁ ଧୀରେ ଧୀରେ ଲୋକ ଉତ୍ସବ ମଞ୍ଚ ପ୍ରକୃତ କଳାକାର ଓ ଦର୍ଶକଙ୍କଠାରୁ ଦୂରେଇ ଯାଇ ରାଜନୈତିକ ଦଳର ଅତିଥି, ଅଭ୍ୟାଗତଙ୍କ ଅଧିକ କାମରେ ଆସୁଥିବା ଚର୍ଚ୍ଚାର ବିଷୟ ହେଉଛି। ଯେଉଁ ମହାନ୍ ଉଦ୍ଦେଶ୍ୟ ନେଇ ଲୋକ ଉତ୍ସବର ପରିକଳ୍ପନା କରାଯାଇଥିଲା ତାହା ବାସ୍ତବରେ ବହୁ ଦୂରରେ ରହିଗଲା ପରି ମନେହେଉଛି। ରଙ୍ଗାରଙ୍ଗ ଆଲୋକସଜ୍ଜା ଭିତରେ ଲୋକକଳାରେ ସମର୍ପିତ ଆଞ୍ଚଳିକ କଳାକାର ବା ପ୍ରତିଭା ଜଣକ ତା'ର ବାସ୍ତବ କଳାକୁ କେତେମାତ୍ରାରେ ପ୍ରଦର୍ଶିତ କରିବାର ସୁଯୋଗ ପାଉଛି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ଷକରେ ଥରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଲୋକ ଉତ୍ସବ ଆୟୋଜନ କରାଗଲେ ମଧ୍ୟ ଏଥିରେ ଲୋକକଳାର ସମର୍ପିତ କଳାକାରଙ୍କ ପାଇଁ ସୁଯୋଗ ନ ମିଳିଲେ ଲୋକ ଉତ୍ସବ କେବଳ ଯେ ଏକ ଆଡ଼ମ୍ବରପୂର୍ଣ୍ଣ ମହୋତ୍ସବରେ ସୀମିତ ରହିଯିବ ଏହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏଦିଗରେ ଲୋକ ଉତ୍ସବ ସମିତି, ଆୟୋଜକ, କଳାକାର, କଳା ଗବେଷକ ଗମ୍ଭୀରତାର ସହ ଚିନ୍ତା କରିବାର ବେଳ ଆସିଛି।

**- ବୀରେନ୍ଦ୍ର କୁମାର ଝାଙ୍କର**

# ଟ୍ରେନ୍‌ରେ ମିଳିବ ଓଡ଼ିଶା ଏସ୍‌ଏଚ୍‌ଜି ସାମଗ୍ରୀ

ଭୁବନେଶ୍ୱର,୮।୧(ବ୍ୟୁରୋ)



କର୍ମଶାଳାରେ ଆଇଆର୍‌ସିଟିସି ଏବଂ ଓର୍‌ମାସ୍ ଅଧିକାରୀଙ୍କ ସହ ଶିଳ୍ପୀ ଓ କାରିଗରମାନେ।

■ ଆଇଆର୍‌ସିଟିସି ସହ ଏମ୍‌ଓୟୁ କରିବ ଓର୍‌ମାସ୍

■ ପାରମ୍ପରିକ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟସାମଗ୍ରୀ ବିକ୍ରି ପାଇଁ ପ୍ଲାଟଫର୍ମ

ଚାନ୍ଦୁଆ, ତାରକସିରୁ ଆରମ୍ଭ କରି ଟସର, ମାଣିଆବନ୍ଧ ପର୍ଯ୍ୟନ୍ତ। ଏଣିକି ସବୁକିଛି ମିଳିବ ଆଇଆର୍‌ସିଟିସି ୱେବ୍‌ସାଇଟ୍‌ରେ। ଓଡ଼ିଶା ମଧ୍ୟଦେଇ ଟ୍ରେନ୍‌ରେ ଯାତ୍ରା କରୁଥିବା ଲୋକ ଓଡ଼ିଶାର ହସ୍ତଶିଳ୍ପ, ହସ୍ତତନ୍ତ ସହ ପାରମ୍ପରିକ ଓଡ଼ିଆ ଖାଦ୍ୟର ମଜା ନେଇପାରିବେ। ତାହା ପୁଣି ୱାନ୍-କ୍ଲିକ୍‌ରେ। ଟ୍ରେନ୍‌ରେ ବସି ସ୍ଥାନୀୟ ଅଞ୍ଚଳର ସାମଗ୍ରୀ ଇଣ୍ଡିଆନ୍ ରେଲ୍‌ୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି) ୱେବ୍‌ସାଇଟ୍‌ରେ ଅର୍ଡର କଲେ ଆଗାମୀ ଷ୍ଟେଶନରେ ତାହା ଯାତ୍ରୀଙ୍କୁ ମିଳିବ। ଓଡ଼ିଶାର ହସ୍ତଶିଳ୍ପୀ, ବୁଣାକାର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଡିଜିଟାଲ ପ୍ଲାଟଫର୍ମରେ ସାମଗ୍ରୀ ବିପଣନର ସୁଯୋଗ ଯୋଗାଇଦେବାକୁ ଏଭଳି ଏକ ପଦକ୍ଷେପ ନେବାକୁ ଯାଉଛି ଓର୍‌ମାସ୍। ରାଜ୍ୟ ପଞ୍ଚାୟତିରାଜ ବିଭାଗ ଅଧୀନରେ ଥିବା ଓର୍‌ମାସ୍ ପ୍ରଥମଥର ପାଇଁ ଆଇଆର୍‌ସିଟିସି ସହ ମିଶି ଓଡ଼ିଶାର ପାରମ୍ପରିକ ସାମଗ୍ରୀକୁ ଡିଜିଟାଲ ପ୍ଲାଟଫର୍ମରେ ଉପଲବ୍ଧ କରିବାକୁ ଯାଉଛି। ଏନେଇ ଖୁବ୍‌ଶୀଘ୍ର ଆଇଆର୍‌ସିଟିସି ଏବଂ ଓର୍‌ମାସ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହେବ ବୋଲି ସୂଚନା ମିଳିଛି।

ପଶ୍ଚିମବଙ୍ଗ ଏବଂ ମହାରାଷ୍ଟ୍ର ପରେ ତୃତୀୟ ରାଜ୍ୟ ଭାବେ ଓଡ଼ିଶା ଆଇଆର୍‌ସିଟିସି ମାଧ୍ୟମରେ ପାରମ୍ପରିକ ହସ୍ତଶିଳ୍ପ, ହସ୍ତତନ୍ତ ଓ ଖାଦ୍ୟସାମଗ୍ରୀ ବିକ୍ରି କରିବ। ଓର୍‌ମାସ୍ ଏବଂ ଆଇଆର୍‌ସିଟିସି ମଧ୍ୟରେ ଏମ୍‌ଓୟୁ ଦ୍ୱାରା ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଏବଂ ପ୍ରଡ୍ୟୁସର ଗ୍ରୁପ୍(ପିଜି)ଗୁଡ଼ିକ ଦ୍ୱାରା ପ୍ରସ୍ତୁତ ହାତ ତିଆରି ସାମଗ୍ରୀ ରେଳବିଭାଗ ୱେବ୍‌ସାଇଟରେ ଉପଲବ୍ଧ ହେବ। ଆଇଆର୍‌ସିଟିସିର ଭେଣ୍ଡର ଲିଷ୍ଟରେ ସାମିଲ ହେବା ପରେ ଟ୍ରେନ୍‌ରେ ଯାଉଥିବା ଯାତ୍ରୀ ସେମାନଙ୍କ ସାମଗ୍ରୀ ଦେଖି ଅନ୍‌ଲାଇନ୍‌ରେ ଅର୍ଡର କରିପାରିବେ। ଅର୍ଡର ମିଳିବାର ତତ୍‌କ୍ଷଣାତ୍ ସମ୍ପୃକ୍ତ ଭେଣ୍ଡର୍ ନିଜ ଷ୍ଟେଶନରେ ଉକ୍ତ ସାମଗ୍ରୀ ଯାତ୍ରୀଙ୍କୁ ହସ୍ତାନ୍ତର କରିବେ। ଆଇଆର୍‌ସିଟିସି ମାଧ୍ୟମରେ ସବାଇ ଘାସ, ଗୋଲ୍‌ଡେନ୍ ଗ୍ରାସ, ଡୋକ୍ରା, ଟ୍ରାଇବାଲ ଜୁଏଲେରି ଭଳି ହସ୍ତଶିଳ୍ପ, କୋଟ୍‌ପାଡ଼, ବମକାଇ, ଟସର, ମାଣିଆବନ୍ଧ ଭଳି ହସ୍ତତନ୍ତ ଏବଂ ବାଲେଶ୍ୱର ଖଜା, ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଆଦିର ବିକ୍ରିବଟା କରାଯାଇପାରିବ। କାରିଗର ଏବଂ ଶିଳ୍ପୀମାନଙ୍କୁ ଇ-ମାର୍କେଟ ସହ ପରିଚିତ କରାଇବା ସହ ଏକ ବଡ଼ବଜାର ସୃଷ୍ଟିକରିବା ଲକ୍ଷ୍ୟରେ ଓର୍‌ମାସ୍ ଏହି ପଦକ୍ଷେପ ନେବାକୁ ଯାଉଥିବା ଓର୍‌ମାସ୍ ମାର୍କେଟିଂ ଯୁଗ୍ମ ସିଇଓ ସୁଜୟ କର ସୂଚନା ଦେଇଛନ୍ତି। ଏଥିପାଇଁ ପ୍ରାରମ୍ଭିକ ଆଲୋଚନା ଶେଷ ହୋଇଥିବାବେଳେ ଆଇଆର୍‌ସିଟିସି ଅଧିକାରୀମାନେ ଆମ କାରିଗରମାନଙ୍କୁ ସ୍ୱତନ୍ତ୍ରଭାବେ ପ୍ରଶିକ୍ଷଣ ଦେଇଛନ୍ତି। ସେମାନେ ଠିକ୍‌ଭାବେ ଏ ବାବଦରେ ଅବଗତ ହେବାପରେ ଆମେ ଏମ୍‌ଓୟୁ ସ୍ୱାକ୍ଷର କରିବୁ ବୋଲି କର କହିଛନ୍ତି।

ଏନେଇ ଆଇଆର୍‌ସିଟି ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ, ଆଇଆର୍‌ସିଟିସି ୱେବ୍‌ସାଇଟ୍ ଏବେ ଏସିଆ ମହାଦେଶରେ ସର୍ବାଧିକ ବ୍ୟବହୃତ ୱେବ୍‌ସାଇଟ୍। ଏହି ୱେବ୍‌ସାଇଟ୍ ମାଧ୍ୟମରେ ଡିଜିଟାଲ ମାର୍କେଟ୍ ସହ ପରିଚିତ ନ ଥିବା ଗ୍ରାମୀଣ କାରିଗର ଓ ବୁଣାକାରମାନଙ୍କୁ ଲାଭ ଦେବା ଆମର ପ୍ରାଥମିକତା। ଏହା ଦ୍ୱାରା ଦେଶର ପାରମ୍ପରିକ ସାମଗ୍ରୀକୁ ଏକ ଭଲ ପ୍ଲାଟଫର୍ମ ମିଳିବା ସହ ଶିଳ୍ପୀ ଏବଂ ଏସ୍‌ଏଚ୍‌ଜିମାନଙ୍କର ରୋଜଗାର ବଢ଼ିବ। ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ଏବଂ ଅର୍ଥନୀତି ବ୍ୟାପକ ହେବ। ଏବେ ଆମେ ଖାଦ୍ୟ ସାମଗ୍ରୀ ଉପରେ ଅଧିକ ଫୋକସ୍ କରୁଛୁ। ଧୀରେ ଧୀରେ ହସ୍ତଶିଳ୍ପ, ହସ୍ତତନ୍ତକୁ ଗୁରୁତ୍ୱ ଦେବୁ। ପଶ୍ଚିମବଙ୍ଗ, ମହାରାଷ୍ଟ୍ରରୁ ଆମକୁ ଭଲ ରେସ୍‌ପନ୍ସ ମିଳିଛି। ତେଣୁ ଓଡ଼ିଶାକୁ ବି ସଫଳତା ମିଳିବ ବୋଲି ଆଶା କରୁଛୁ ବୋଲି ଅଧିକାରୀ ଜଣକ କହିଛନ୍ତି।

**ଆଜିର ମନ୍ତବ୍ୟ**

ଦିଲ୍ଲୀ ପୋଲିସ ମୋଦି ସରକାରଙ୍କ କାଠ କଣ୍ଢେଇ ପାଲଟିଛି। କୋର୍ଟଙ୍କ ତତ୍ତ୍ୱାବଧାନରେ ଜେଏନ୍‌ୟୁ ମାମଲାର ତଦନ୍ତ ହେବା ଜରୁରୀ।
—ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ

**କିଛି ତଥ୍ୟ**

ଡିସେମ୍ବର ଶେଷ ସୁଦ୍ଧା ମ୍ୟୁଚୁଆଲ ଫଣ୍ଡ ସମ୍ପତ୍ତି ପରିମାଣ ୨% ହ୍ରାସ ଘଟି ୨୬.୫୪ ଲକ୍ଷ କୋଟି ଟଙ୍କା ରହିଛି।
—ଆସୋସିଏଶନ ଅଫ୍ ମ୍ୟୁଚୁଆଲ ଫଣ୍ଡସ୍ ଇନ୍ ଇଣ୍ଡିଆ

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଅନ୍ୱେଷା
ପରିବାରବର୍ଗ


ରେୟାନ୍ସ
ପରିବାରବର୍ଗ


ସିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଅଭିମନ୍ୟୁ ଜେନା


ଅଞ୍ଜଳି କାନୁଞ୍ଜିଆ


ପୀତବାସ ତ୍ରିପାଠୀ


ଶ୍ରୀମତୀ ଜ୍ୟୋସ୍ନା ପୃଷ୍ଟି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଓଡ଼ିଆ ଆଇଏଫ୍ଏସ୍ ଡୋମିନିକାର ପରବର୍ତ୍ତୀ ଉଚ୍ଚାୟୁକ୍ତ

ଭୁବନେଶ୍ୱର,୮।୧(ବ୍ୟୁରୋ)

ଓଡ଼ିଶା ଜନ୍ମିତ ଭାରତୀୟ ବୈଦେଶିକ ସେବା (ଆଇଏଫ୍ଏସ୍) ଅଧିକାରୀ ଅରୁଣ ସାହୁଙ୍କୁ ଡୋମିନିକାର ପରବର୍ତ୍ତୀ ଉଚ୍ଚାୟୁକ୍ତ ରୂପେ ନିଯୁକ୍ତ କରାଯାଇଛି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଭାରତର ପରବର୍ତ୍ତୀ ଉଚ୍ଚାୟୁକ୍ତ ରୂପରେ ସେ ମାନ୍ୟତାପ୍ରାପ୍ତ। ଯିଏକି ଡୋମିନିକା ରାଷ୍ଟ୍ରମଣ୍ଡଳର ପୋର୍ଟ ଅଫ୍ ସ୍ପେନ୍‌ରେ ଅବସ୍ଥାନ କରିବେ। ବର୍ତ୍ତମାନ ୧୯୯୬ ବ୍ୟାଚ୍‌ର ଏହି ଆଇଏଫଏସ୍ ଅଧିକାରୀ ତ୍ରିନିଦାଦ ଏଣ୍ଡ ଟବାଗୋର ଉଚ୍ଚାୟୁକ୍ତ ଅଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁର୍ଜନ ସଙ୍ଗେ କଲେ ବାସ
ଘଟିବ ଅବଶ୍ୟ ବିନାଶ ।**

ସୁପୁରୁଷ ବା ଉତ୍ତମ ସ୍ୱଭାବର ବ୍ୟକ୍ତିଙ୍କ ସଙ୍ଗେ ବନ୍ଧୁତା ଜୀବନକୁ ଠିକ୍ ମାର୍ଗରେ ପରିଚାଳିତ କରାଇବାରେ ସହାୟକ ହୋଇଥାଏ। କୂଟକପଟ ଜାଣି ନ ଥିବା ଏପରି ବ୍ୟକ୍ତି ଭଲମନ୍ଦ ବିଷୟରେ ଅବଗତ କରାଇବା ସହ ସେମାନଙ୍କ ସୁପରାମର୍ଶ ଅନେକ ପ୍ରକାର ବିପଦରୁ ରକ୍ଷା କରିଥାଏ। ପରନ୍ତୁ କୁ-ବନ୍ଧୁ ଯୋଗୁ ସମାଜରେ ତିରସ୍କାର ମିଳିଥାଏ। ତାଙ୍କରି ସଙ୍ଗତରେ ପଡ଼ି ବ୍ୟକ୍ତି ଅବାଟରେ ଯାଇ ନିଜର କ୍ଷତି ଘଟାଇବା ସାର ହୋଇଥାଏ। ତେଣୁ ଦୁର୍ଜନ ବା କୁସଙ୍ଗ ସର୍ବଦା ବର୍ଜନୀୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେ ପଇସା
କାଲି ବାକି ନାହିଁ ହେଉ ବେଉସା ।**

ବଣିଜ କିଣାବିକା ବେପାର। ସେଠାରେ ବାକିରେ ଜିନିଷପତ୍ର ଦେଲେ ବେପାର ବୁଡ଼ିଯିବା ସମ୍ଭାବନା ରହିଥାଏ। କାରଣ ବାକିରେ ନେଉଥିବା ଗ୍ରାହକଙ୍କଠାରୁ ପଇସା ଫେରି ପାଇବାର କୌଣସି ନିଶ୍ଚିତତା ନ ଥାଏ। ଫଳସ୍ୱରୂପ ବେପାରରେ କ୍ଷତି ଘଟିଥାଏ। ତେଣୁ ବେପାର ବଣିଜ କରୁଥିବା ବ୍ୟକ୍ତି ନଗଦ କାରବାର ଉପରେ ଜୋର ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ନାଲ୍‌କୋର ୪୦ତମ ପ୍ରତିଷ୍ଠା ଦିବସ ପାଳିତ

# 'ପରିବର୍ତ୍ତନ ଅନୁଯାୟୀ ନବୀନତା ଉପରେ ଗୁରୁତ୍ୱ ଦେବାକୁ ହେବ'


ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର(ବାମରୁ ତୃତୀୟ)ଙ୍କ ସହ ବିଭିନ୍ନ ବିଭାଗର ଉଚ୍ଚପଦାଧିକାରୀ।

ଭୁବନେଶ୍ୱର, ୮।୧(ବ୍ୟୁରୋ)

ନାଲ୍‌କୋର ୪୦ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ନାଲ୍‌କୋ ନଗରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର ଉଦ୍‌ବୋଧନ ଦେଇ କହିଥିଲେ ଯେ, ବିଗତ ୪ ଦଶନ୍ଧିରେ ନାଲ୍‌କୋ ଅନେକ ମାଇଲ୍‌ଖୁଣ୍ଟ ଅତିକ୍ରମ କରିଛି। ବ୍ୟବସାୟିକ ଉତ୍କର୍ଷର ୪୦ତମ ବର୍ଷରେ ପାଦ ଥାପୁଥିବାବେଳେ ନାଲ୍‌କୋକୁ ସମୟ ଅନୁସାରେ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ନବୀନତା ଏବଂ ସୃଜନଶୀଳତା ଉପରେ ଗୁରୁତ୍ୱାରୋପ କରିବାକୁ ପଡ଼ିବ। ନାଲ୍‌କୋର ପ୍ରତିଷ୍ଠାତାମାନଙ୍କୁ ସେ ଧନ୍ୟବାଦ ଜ୍ଞାପନ କରିବା ସହ ଏହାକୁ ଏକ ସଫଳ ଶିଳ୍ପାନୁଷ୍ଠାନ ଭାବେ ଗଢ଼ିତୋଳିବା ଲାଗି ନିରନ୍ତର କାର୍ଯ୍ୟରତ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଏହି ଅବସରରେ କଳାକାର, ଅନୁଷ୍ଠାନ ଏବଂ ପ୍ରସିଦ୍ଧ ବିଶାରଦଙ୍କୁ ଓଡ଼ିଶୀ ନୃତ୍ୟ, ଦିବ୍ୟାଙ୍ଗମାନଙ୍କ ଥଇଥାନ ନିମନ୍ତେ କାର୍ଯ୍ୟ ଏବଂ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଆଦି ପାଇଁ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ସଂସ୍କୃତ ଭାଷା ଓ ସାହିତ୍ୟର ପ୍ରଚାରପ୍ରସାର ପାଇଁ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ପ୍ରଫେସର ରଘୁନାଥ ପଣ୍ଡାଙ୍କୁ 'ନାଲ୍‌କୋ କାଳିଦାସ ସମ୍ମାନ' ପ୍ରଦାନ କରାଯାଇଛି। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସଫଳତା ଓ ଅବଦାନ ଲାଗି ନୃତ୍ୟଗୁରୁ ବର୍ଗରେ ଭରତ ଚରଣ ଗିରି ଓ ରୂପଶ୍ରୀ ମହାପାତ୍ରଙ୍କୁ 'ନାଲ୍‌କୋ ଖାରବେଳ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ନୃତ୍ୟଶିଳ୍ପୀ ବର୍ଗରେ ଗୌରୀଶଙ୍କର ଦାଶ ଓ ମଞ୍ଜୁଶ୍ରୀ ପଣ୍ଡାଙ୍କୁ ନାଲ୍‌କୋ ଖାରବେଳ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଭିନ୍ନକ୍ଷମଙ୍କ ଥଇଥାନ ନିମନ୍ତେ କାର୍ଯ୍ୟ ପାଇଁ ଗଞ୍ଜାମ ଅର୍ଥୋପେଡିକାଲି ହାଣ୍ଡିକ୍ୟାପ୍ଡ ୱେଲଫେୟାର୍ ଆସୋସିଏଶନ୍‌କୁ 'ନାଲ୍‌କୋ ସ୍ମାଇଲ୍ସ' ପୁରସ୍କାର ପ୍ରଦାନ କରାଯାଇଛି। ପ୍ରତ୍ୟେକ ବିଜେତାଙ୍କୁ ପୁରସ୍କାର ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# 'ରାଜସ୍ୱ ସଂଗ୍ରହ ବୃଦ୍ଧିକୁ ଗୁରୁତ୍ୱ'

ଭୁବନେଶ୍ୱର,୮।୧(ବ୍ୟୁରୋ)

ଜାତୀୟସ୍ତରରେ ଅର୍ଥନୈତିକ ମାନ୍ଦାବସ୍ଥା ଥିବା ସତ୍ତ୍ୱେ ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ ରଖିବା ପାଇଁ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି। ସରକାରୀ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଗତ ନଭେମ୍ବର ଶେଷ ସୁଦ୍ଧା ରାଜସ୍ୱ ସଂଗ୍ରହ ୮.୩୬ ପ୍ରତିଶତ ବୃଦ୍ଧି ପାଇଛି। ନିଜସ୍ୱ କର ବାବଦକୁ ରାଜସ୍ୱ ସଂଗ୍ରହ ୭.୬୭ ପ୍ରତିଶତ ଏବଂ ଅଣଟିକସ ରାଜସ୍ୱ ବାବଦକୁ ୧୦.୦୨ ପ୍ରତିଶତ ବୃଦ୍ଧି ପାଇଛି। ହେଲେ ଏହାଠାରୁ ଅଧିକ ଭଲ ଫଳାଫଳ ପାଇଁ ଅର୍ଥ ବିଭାଗ ପ୍ରକ୍ରିୟା ଜାରି ରଖିଛି। ସଚିବସ୍ତରୀୟ ବୈଠକରେ ଏନେଇ ଆଲୋଚନା ହୋଇଥିବା ଜଣାପଡିଛି। ହେଲେ ଖଣି ରାଜସ୍ୱ ସଂଗ୍ରହ ହ୍ରାସ ପାଇବାରୁ ସାମାନ୍ୟ ଉଦ୍‌ବେଗ ପ୍ରକାଶ ପାଇଛି। ତେଣୁ ଅଭିଜ୍ଞ ପରାମର୍ଶଦାତା କମିଟିକୁ ବିଭିନ୍ନ ପ୍ରସ୍ତାବ ପାଇଁ ଅନୁରୋଧ କରାଯାଇଥିବା ଜଣାପଡିଛି।

## ନୀଳାଚଳ ଇସ୍ପାତ ନିଗମର କ୍ଷମତା ବୃଦ୍ଧି ନୂଆ ଅଧ୍ୟାୟ ସୃଷ୍ଟି କରିବ

ଭୁବନେଶ୍ୱର,୮।୧(ବ୍ୟୁରୋ)

କେନ୍ଦ୍ର କ୍ୟାବିନେଟ୍‌ରେ ଓଡ଼ିଶା ସମ୍ପର୍କିତ ନିଆଯାଇଥିବା ଦୁଇଟି ନିଷ୍ପତ୍ତି ଐତିହାସିକ। ନୀଳାଚଳ ଇସ୍ପାତରେ ପୁଞ୍ଜି ପ୍ରତ୍ୟାହାରର ନିଷ୍ପତ୍ତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଏହା ପୁନଃ ପୁଞ୍ଜିନିବେଶ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଏହାର ଉତ୍ପାଦନ କ୍ଷମତା ଏକ ମିଲିୟନ ମେଟ୍ରିକ ଟନରୁ ୧୦ ମିଲିୟନ ମେଟ୍ରିକ ଟନ୍ ହେବ। ଏଥି ସହ ଆଗାମୀ ଦିନରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଦେଶରେ ୩୦୦ ମିଲିୟନ ମେଟ୍ରିକ ଟନ୍ ଇସ୍ପାତ୍ ଉତ୍ପାଦନର ଲକ୍ଷ୍ୟ ରହିଥିବା ବେଳେ ଓଡ଼ିଶା ୧୦୦ ମିଲିୟନ ମେଟ୍ରିକ ଟନ୍ ଇସ୍ପାତ୍ ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି। ୨୦୩୦ ସୁଦ୍ଧା ଦେଶର ଇସ୍ପାତ ଉତ୍ପାଦନ ୩୦୦ ମିଲିୟନ ମେଟ୍ରିକ ଟନରେ ପହଞ୍ଚିବାର ଯେଉଁ ଲକ୍ଷ୍ୟ ଅଛି ସେଥିରେ ରାଜ୍ୟ ଏକ ବଡ଼ ଭୂମିକା ନେବ ବୋଲି ସମୀର କହିଛନ୍ତି। ଏମ୍ଏମ୍‌ଡିଆର ନିୟମରେ ଅଡିନାନ୍ସ ରୁଟରେ ଯେଉଁ ପରିବର୍ତ୍ତନ ଅଣାଯାଇଛି। ଏହା ଦ୍ୱାରା କୋଇଲା କ୍ଷେତ୍ରରେ ପୁଞ୍ଜିନିବେଶ ଓ କୋଇଲା ଉତ୍ପାଦନ ବୃଦ୍ଧି ବ୍ୟବସ୍ଥା ସରଳୀକରଣ ହୋଇପାରିବ ବୋଲି ସମୀର କହିଛନ୍ତି। ଏହି ପଦକ୍ଷେପ ପାଇଁ ରାଜ୍ୟ ଭାଜପା ପକ୍ଷରୁ କେନ୍ଦ୍ର ସରକାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଏକାଦଶସ୍ଥ ଶୁକ୍ର ଯୋଗୁ ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟରେ ବନ୍ଧୁମାନଙ୍କ ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ଅବ୍ୟାହତ ରହିବ। ଚନ୍ଦ୍ର ପାପଗ୍ରହ ରାହୁ ସଂଯୁକ୍ତ ହେତୁ ପାରିବାରିକ ସ୍ତରରେ ରାଗ, ରୁଷା ଓ ଅଭିମାନଭରା ପରିବେଶ ସୃଷ୍ଟି ହୋଇପାରେ। ଆବଶ୍ୟକତା ପୂରଣ ହେବାରେ ସହକର୍ମୀଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**ବୃଷ** ମିତ୍ର ଶନିଙ୍କ ଦୃଷ୍ଟିରେ ଶୁକ୍ର ଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ବିଶେଷ ଗୁରୁତର ନ ହେଲେ ମଧ୍ୟ ତଜ୍ଜନିତ ଟେନ୍‌ସନ ଲାଗି ରହିବ। ଅର୍ଥର ଆବଶ୍ୟକତା ପୂରଣ କରିବା ସକାଶେ ଜମିଜମା, ପୁରାତନ ଗୃହ, ଯାନ୍ତ୍ରିକ ଜିନିଷ, ଯାନବାହନ ପ୍ରଭୃତି ବିକ୍ରି କରିପାରନ୍ତି। ଶିଳ୍ପ ଓ ବ୍ୟବସାୟ, ପ୍ରଶାସନ, ପ୍ରକାଶନ, ପରିବହନ ଓ ନିର୍ମାଣରେ ଆଂଶିକ ସଫଳତା ମିଳିବ।

**ମିଥୁନ** ବୁଧ ସମେତ ଏକାଧିକ ସପ୍ତମସ୍ଥ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନଙ୍କ ଉପରେ ପୂର୍ଣ୍ଣ ଭରସା କଲେ ପରିଶେଷରେ ମୁଣ୍ଡରେ ହାତଦେଇ ବସିବାକୁ ପଡିପାରେ। ଅର୍ଥ ପାଇବା ସକାଶେ ଚେଷ୍ଟା କରି ମଧ୍ୟ ସଫଳ ହେବା କଷ୍ଟକର ହେବ। ପୁରାତନ ଜିନିଷର ମରାମତି କିମ୍ବା ନିର୍ମାଣାଧୀନ କାମରେ ପରିସ୍ଥିତି ବଦଳି ଯିବାର ସୂଚନା ରହିଛି।

**କର୍କଟ** ଦୁଃସ୍ଥାନରେ ରାଶ୍ୟାଧିପ ରାହୁ ଯୁକ୍ତ ହେତୁ ନିଷ୍ପତ୍ତିର ଶେଷ ପର୍ଯ୍ୟାୟରେ ଜଣେ ବନ୍ଧୁଙ୍କ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ର କରି ଝଗଡା ଲାଗିପାରେ। ଯାନବାହନ ଚାଳନାରେ, ଆନୁଷ୍ଠାନିକ କାମରେ ଓ କ୍ରୟବିକ୍ରୟରେ ସତର୍କତା ଅବଲମ୍ବନ କରନ୍ତୁ। ମାଲିମକଦ୍ଦମାରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି , ବାସ୍ତବରେ ସେପରି କିଛି ହେବନି।

**ସିଂହ** ସ୍ୱଗୃହୀ ମଙ୍ଗଳ ଯୋଗୁ ସାମୟିକ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ପାରିବାରିକ ଜୀବନ ପ୍ରାୟତଃ ଭଲ ରହିବ। ଅଂଶୀଦାରଙ୍କ ସହ ଯୋଗରେ ରପ୍ତାନି, ବାଣିଜ୍ୟ, ଲୌହ, ତୈଳ, ଯନ୍ତ୍ରାଂଶ, ବ୍ୟବସାୟ ଓ ପରିବହନରେ ସମସ୍ୟାର ପରିସମାପ୍ତି ଘଟିବ। ସରକାରୀ ସୂତ୍ରରୁ କିମ୍ବା ଘରୋଇ ସମ୍ପର୍କୀୟମାନଙ୍କ ନିକଟରୁ ଚଢାସୁଧରେ ଧାରକରଜ କରିପାରନ୍ତି।

**କନ୍ୟା** ଦିନଟିରେ ବୁଧ ପୂର୍ବାଷାଢା ନକ୍ଷେତ୍ର ରହିଥିବାରୁ ପାରିବାରିକ, ଆର୍ଥିକ ଓ ବ୍ୟବସାୟିକ ଦିଗ ପାଇଁ ବିଶେଷ ଅନୁକୂଳ ରହିବ। କଳା, ସାହିତ୍ୟ, ସାମ୍ବାଦିକତା,ଏଜେନ୍ସିପ୍, ସଂଗଠନ ପ୍ରଶାସନ, ପ୍ରକାଶନ, ଗଣଯୋଗାଯୋଗ ତଥା ଆଇନ ଅଦାଲତରେ ସଫଳତା ପାଇପାରିବେ। ନିଜର ଅବହେଳା କାରଣରୁ କୌଣସି ମୂଲ୍ୟବାନ୍ ସୁଯୋଗ ହରାଇପାରନ୍ତି।

**ତୁଳା** ନିଜଗୃହରୁ ଶନି ଦ୍ୱାଦଶସ୍ଥ ଯୋଗୁ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ପାରିବାରିକ ଜୀବନ କଟିବ। ହୋଟେଲ, ଶିଳ୍ପ, ଲୌହ, ବିଦ୍ୟୁତ, ସମ୍ବନ୍ଧିତ ବାଣିଜ୍ୟ, ବ୍ୟବସାୟରେ ଆଶାଜନକ ସୁଫଳ ପାଇବେ। ଆଜିର ଅର୍ଥ ସଂକଟ ଦୂରୀଭୂତ ହେବାରେ ଭଲ ସମ୍ପର୍କ ରହିଥିବା ସହକର୍ମୀଟି ସାହାଯ୍ୟ କରିବେ। ରାଜନୀତି କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବିଛା** କେନ୍ଦ୍ରସ୍ଥ ଶୁକ୍ର ପ୍ରଭାବରୁ କର୍ମକ୍ଷେତ୍ରରେ, ସଭାସମିତିରେ ଓ ଆନୁଷ୍ଠାନିକ କାମରେ ସମ୍ମାନ ଓ ପଦମର୍ଯ୍ୟାଦା ପାଇବାର ସମ୍ଭାବନା ମଧ୍ୟ ରହିଛି। କଳା, ସାହିତ୍ୟ,ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆର୍ଥିକ ଅଭିବୃଦ୍ଧି ସକାଶେ ବିଭିନ୍ନ ପ୍ରକାରର ଯୋଜନାକୁ ବାସ୍ତବରୂପ ଦେବାରେ ସମର୍ଥ ହୋଇପାରନ୍ତି।

**ଧନୁ** ରାଶିରେ ବହୁତ ଗ୍ରହ ଅବସ୍ଥାନ କରି ପରିବାରରେ ସମସ୍ୟା ଜନିତ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇଲେ ମଧ୍ୟ ମନରେ ଶାନ୍ତି ଆସିବ ନାହିଁ। ସତର୍କ ନ ରହିଲେ ଅସୁବିଧାରେ ପଡିବେ। କଳା, ସାହିତ୍ୟ, କ୍ରୀଡା କ୍ଷେତ୍ରରେ ସମସ୍ୟା ଲାଗିରହିବ।

**ମକର** ଧନସ୍ଥାନରେ କର୍ମାଧିପ ଧନଲାଭ କରାଇବା ଚେଷ୍ଟା କରୁଥିବା କାମଗୁଡିକ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବ ନାହିଁ । କ୍ରୟ ବିକ୍ରୟ ପରିପ୍ରେକ୍ଷୀରେ ଗୃହୋପଯୋଗୀ ଜମିଜମା ସଂକ୍ରାନ୍ତୀୟ କଥାବାର୍ତ୍ତାରେ ଅଗ୍ରଗତି ଘଟିବ। ପରିବହନ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଗବେଷଣା ଓ ମିଡିଆ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କୁମ୍ଭ** ଶୁଭଗ୍ରହ ପ୍ରଭାବରୁ ଆପଣ ପ୍ରତ୍ୟେକ କ୍ଷେତ୍ରରେ ଆଗଧାଡିର ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଭାବରେ ଗ୍ରହଣୀୟ ହେବେ। ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ବିଶେଷ ଅସୁବିଧା ହୋଇ ନ ପାରେ । ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ, ମାଲିମକଦ୍ଦମା କ୍ଷେତ୍ରରେ ଆଶାତୀତ ସଫଳତା ମିଳିବ।

**ମୀନ** ତୃତୀୟାଧିପଙ୍କ ଶୁଭତ୍ୱ କାରଣରୁ ଭୁଲ୍ ବୁଝାମଣାରୁ ଦୂରେଇ ଯାଇଥିବା ବନ୍ଧୁମାନେ ପାଖେଇ ଆସିବେ। ଗୃହ, ଯାନବାହନ, ଜମିଜମା, ଲୋକସମ୍ପର୍କ, ଲେଖାପଢା,ଗବେଷଣା, ଅନୁସନ୍ଧାନ କାମରେ ଅଗ୍ରଗତି ଅବଶ୍ୟମ୍ଭାବୀ। ଶିଳ୍ପ,ବ୍ୟବସାୟ, କଚେରି ମାମଲା, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ।

ଆଜି ଜାନୁୟାରୀ ୯ ତାରିଖ, ପ୍ରବାସୀ ଭାରତୀୟ ଦିବସ, ପୌଷ ଶୁକ୍ଳ ଚତୁର୍ଦ୍ଦଶୀ ଗୁରୁବାର, ରାଶିନକ୍ଷତ୍ର-ମୃଗଶିରା/ମିଥୁନ,ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୭।୫୪ମି. ମଧ୍ୟେ ଘ.୧।୪୨ମି. ଗତେ, ଘ.୩।୦୯ମି. ମଧ୍ୟେ ଅମୃତବେଳା, ଦିବା ଘ.୭।୪୮ମି. ମଧ୍ୟେ ଘ.୧୧।୫୪ମି. ଗତେ ଘ.୧।୧୬ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ.୧।୧୫ମି. ଗତେ ଘ.୨।୩୬ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302

**real estate**

**SALE**

Ready to move 3/2BHK flats near V2 showroom Patrapada, Bhubaneswar. Contact: 9861037729, 9040337729. D-63972

Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400 D-68463

1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452. D-68749

**construction**

Construct your building as per your terms and condition. Contact: 9937064680. D-27284

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

Fully equipped Office Spaces with Flexible Rental Terms. 20,000sqft, Near Infosys Patia, suitable for IT Companies. Call: 7008560412. D-16066

**healthcare**

Rejuvenate and ayurvedic full body massage by smart therapist. 9114402304. D-68946

Newly open full body massage by ladies, gents therapist. 8018656899 D-60860

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68747

Completely stress management therapy, visit us our clinic. Contact: 7852986810. D-68532

Full body herbal massage with refreshment expert therapist. 7381239385, 06742540855. D-68947

Experience full body massage with us (expert). Call: 7377048581, 06742597822. D-68948

Refresh your mind and soul with best therapy at Orchid Salon/Spa. 9937287222. D-68745

Herbal full body massage by smart / expert therapist. Contact: 8338067247. D-68949

Ayurvedic full body massage ladies and gents. Contact: 9861064981. D-68746

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68950

Ayurvedic full body massage by ladies, gents therapist. 7008773793 D-60861

Newly open full body massage with gents and ladies, 9090377418. D-59942

Sai herbal spa refresh your body with smart, expert therapist. 7608062524. D-68954

**AFFIDAVIT**

Affidavit before Notary public, Bhubaneswar, dtd. 07.01.2020, my name has changed from Sanjaya Kumar Kathua to Sanjay Kumar Kathua. Sanjaya Kumar Kathua & Sanjay Kumar Kathua is same and one person. Henceforth I shall be known as Sanjay Kumar Kathua for all purposes. D-66842

# ଭାରତ ବନ୍ଦର ପ୍ରଭାବ



ରାଉରକେଲା ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ରାଉରକେଲା ସହରର ବିର୍ସା ଛକରେ ରାସ୍ତା ଅବରୋଧ କରାଯାଇଛି।




ଭଦ୍ରକ ଆନ୍ଦୋଳନକାରୀମାନେ ଭଦ୍ରକ ଷ୍ଟେଶନଠାରେ ରେଲରୋକୋ କରିଛନ୍ତି।



ଗଞ୍ଜାମ ଗଞ୍ଜାମ ଜିଲା ଦିଗପହଣ୍ଡି ଟାଉନ୍ ଛକଠାରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଛନ୍ତି।




ଯାଜପୁର ଯାଜପୁରର ଗୋପବନ୍ଧୁ ଛକଠାରେ ଆଇଏନ୍‌ଟିୟୁସିର ରାସ୍ତାରୋକୋ।




କେନ୍ଦୁଝର ବଡବିଲ ଷ୍ଟେଶନଠାରେ ଆନ୍ଦୋଳନକାରୀମାନେ ବଡବିଲ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସକୁ ଅଟକାଇଛନ୍ତି।



ବାଲେଶ୍ୱର ବାଲେଶ୍ୱର ଷ୍ଟେଶନରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ରେଲରୋକୋ କରାଯାଇଛି।

## ଗଞ୍ଜେଇ ଜବତ, ୨ ଗିରଫ

**କାଳିମେଳା,୮।୧(ଡି.ଏନ୍.ଏ.):** କାଳିମେଳା ପୋଲିସ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସୌମେନ୍ଦ୍ର ଚକ୍ରବର୍ତ୍ତୀ ଏବଂ ସୋମନାଥ ଭାଗରଥଙ୍କୁ ଗିରଫ କରିଛି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. (୧) ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/୧୯-୨୦/୬୨, ତାରିଖ: ୦୨।୦୧।୨୦୨୦ (ଖୋଲା ଟେଣ୍ଡର)। କାର୍ଯ୍ୟର ନାମ: "ଛିନ୍ଦୱାଡ଼ା-ନାଗପୁର ଗେଜ୍ ପରିବର୍ତ୍ତନ ପ୍ରକଳ୍ପ ସଂକ୍ରାନ୍ତରେ ଭଣ୍ଡାରକୁଣ୍ଡରୁ ଭିମଲଗୋଣ୍ଡି ମଧ୍ୟସ୍ଥ ସେକ୍ସନରେ ତୀକ୍ଷ୍ଣ ବୁଲାଣିଗୁଡ଼ିକରେ ଚେକ୍ ରେଲ୍‌ର ବ୍ୟବସ୍ଥା କରିବା"। ଟେଣ୍ଡର ମୂଲ୍ୟ: ₹୧୫୬.୪୩ ଲକ୍ଷ। ଅମାନତ ଜମା ରାଶି: ₹୨,୨୮,୩୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୫,୦୦୦/-, କାର୍ଯ୍ୟର ସମାପ୍ତି ଅବଧି: ୦୪ (ଚାରି) ମାସ।

ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୩୧।୦୧।୨୦୨୦ରିଖ ୧୫.୦୦ ଘଟିକା।

ଟେଣ୍ଡର ଯୋଗ୍ୟତା ମାନଦଣ୍ଡ ସମ୍ପର୍କିତ ଅଧିକ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର (ସିଓଏନ୍)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ/ବିଳାସପୁର- ପିନ୍: ୪୯୫୦୦୪ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.in ଦେଖନ୍ତୁ।

ଡେପୁଟି ଚିଫ୍ ଇଞ୍ଜିନିୟର (ସିଓଏନ୍), ବିଳାସପୁରଙ୍କ ପାଇଁ

CPR/10/397

South East Central Railway @secrail

## ବନ୍ଦ ଡାକରାକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି: ଭାଜପା

**ଭୁବନେଶ୍ୱର,୮।୧(ବ୍ୟୁରୋ)**

କଂଗ୍ରେସ ଏବଂ ବାମପନ୍ଥୀଙ୍କ ଭାରତ ବନ୍ଦ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବୁଧବାରର ଜୀବନଯାତ୍ରା ସ୍ୱାଭାବିକ ରହିଥିବା ଭାଜପା ପକ୍ଷରୁ କୁହାଯାଇଛି। ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, କଂଗ୍ରେସ ବନ୍ଦ ସମୟରେ ହିଂସା ସୃଷ୍ଟି କରେ। ଏହାକୁ ଦୃଷ୍ଟିରେ ରଖି କିଛି ସ୍ଥାନରେ ଦୋକାନ ବଜାର ବନ୍ଦ ଥିଲା। ରାଜଧାନୀ ଭୁବନେଶ୍ୱର, କଟକ ସମେତ ସବୁ ବଡ଼ ସହରରେ ଲୋକମାନେ ଏହି ବନ୍ଦକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଦେଶର ଜନତା ଉଭୟ ବାମପନ୍ଥୀ ଓ କଂଗ୍ରେସକୁ ନିର୍ବାଚନୀ ମଇଦାନରେ ପ୍ରତ୍ୟାଖ୍ୟାନ କରିଛନ୍ତି। ବିରୋଧୀଙ୍କ ବନ୍ଦ ପାଳନ ସେମାନଙ୍କର ହତାଶାଭାବକୁ ଦର୍ଶାଉଛି ବୋଲି ସମୀର କହିଛନ୍ତି। ସେହିପରି ଗତ କିଛି ମାସ ମଧ୍ୟରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ, ନାଗରିକତ୍ୱ ଆଇନରେ ସଂଶୋଧନ ଭଳି ଐତିହାସିକ ପଦକ୍ଷେପ ବାମପନ୍ଥୀ ଓ କଂଗ୍ରେସର ନିଦ ହଜାଇ ଦେଇଛି। ଭାରତ ବନ୍ଦ କାର୍ଯ୍ୟକ୍ରମ ଦ୍ୱାରା ଶ୍ରମିକମାନଙ୍କର କ'ଣ କ୍ଷତି ହେବ ତାହା ବିରୋଧୀ ବୁଝାଇବାରେ ଅକ୍ଷମ। ଅଣସଙ୍ଗଠିତ ଶ୍ରମିକମାନଙ୍କର ପେନସନ ପାଇଁ ଆଗରୁ କୌଣସି ସରକାର ଚିନ୍ତା କରି ନ ଥିଲେ। ହେଲେ କେନ୍ଦ୍ର ସରକାର ଶ୍ରମିକଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା କରିଛନ୍ତି। ସେହିଭଳି ପ୍ରୋଭିଡେଣ୍ଟ ଫଣ୍ଡରେ ସୁଧାର ଆଣି ଏହାକୁ ଶ୍ରମିକ କଲ୍ୟାଣ ଅଭିମୁଖୀ କରାଯାଇଥିବା ସମୀର କହିଛନ୍ତି।

■ ସାମାନ୍ୟ ପ୍ରଭାବିତ ହେଲା ରେଳ ଚଳାଚଳ

## ଅଧଘଣ୍ଟାରୁ ଦୁଇ ଘଣ୍ଟା ବିଳମ୍ବରେ ଚାଲିଲା ଟ୍ରେନ୍

**୩ ପାସେଞ୍ଜର ଟ୍ରେନ୍ ବାତିଲ**

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ବାମପନ୍ଥୀ ଦଳ ଓ ଶ୍ରମିକ ସଂଗଠନ ପକ୍ଷରୁ ବୁଧବାର ଦିଆଯାଇଥିବା ବନ୍ଦ ଡାକରା ରେଳ ଚଳାଚଳ ଉପରେ ବିଶେଷ ପ୍ରଭାବ ପକାଇ ନ ଥିଲା। ପୂର୍ବତଟ ରେଳପଥରେ ମାତ୍ର ୩ ପାସେଞ୍ଜର ଟ୍ରେନ ବାତିଲ୍ କରାଯାଇଥିବାବେଳେ ଅନ୍ୟ ଟ୍ରେନ୍‌ଗୁଡ଼ିକ ଅଧଘଣ୍ଟାରୁ ଦୁଇ ଘଣ୍ଟା ବିଳମ୍ବରେ ଚାଲିଥିଲା। କିଛି ସ୍ଥାନରେ ଟ୍ରେନଗୁଡ଼ିକୁ ଅଟକା ଯାଇଥିଲା, ସ୍ଥିତି ସ୍ୱାଭାବିକ ହେବା ପରେ ସେଗୁଡ଼ିକ ପୁଣି ଆଗକୁ ଗଡ଼ିଥିଲା।

ରେଳପଥ ପକ୍ଷରୁ ମିଳିଥିବା ସୂଚନାନୁସାରେ, ୬୮୪୩୮ କଟକ-ଭଦ୍ରକ-କଟକ ପାସେଞ୍ଜର, ୬୮୪୧୧ ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ଓ ୫୮୪୦୫ ପାରାଦୀପ-କଟକ-ପାରାଦୀପ ପାସେଞ୍ଜରକୁ ବାତିଲ୍ କରାଯାଇଥିଲା। ସକାଳ ୬ଟା ୩୦ରେ ଭଦ୍ରକ ଷ୍ଟେଶନରେ ଭଦ୍ରକ-ବ୍ରହ୍ମପୁର ପାସେଞ୍ଜର, କେନ୍ଦୁଝରଠାରେ କେନ୍ଦୁଝରଗଡ଼-ଭୁବନେଶ୍ୱର, ଭୁବନେଶ୍ୱରରେ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି, ବ୍ରହ୍ମପୁରରେ ହାଓଡ଼ା-ଯଶୋବନ୍ତପୁର ଏକ୍ସପ୍ରେସ, ବ୍ରହ୍ମପୁରରେ ଇଚ୍ଛାପୁର-କଟକ ମେମୁ, ଭୁବନେଶ୍ୱରରେ ପୁରୀ-ରାଉରକେଲା ପାସେଞ୍ଜରକୁ ଆନ୍ଦୋଳନକାରୀମାନେ ଅଟକାଇଥିଲେ। ସେହିପରି ସକାଳ ୭ଟା ପରେ ରାଜସୁନାଖଳାଠାରେ ନୟାଗଡ଼-ଭୁବନେଶ୍ୱର ସେବା ଏକ୍ସପ୍ରେସ୍, ଭୁବନେଶ୍ୱରରେ ଚେନ୍ନାଇ-ହାଓଡ଼ା ଏକ୍ସପ୍ରେସ୍, ବାଲୁଗାଁରେ ହୀରାଖଣ୍ଡ ଏକ୍ସପ୍ରେସ, ଇଚ୍ଛାପୁରମ୍‌ରେ ଯଶୋବନ୍ତପୁର-ହାଓଡ଼ା ଦୂରନ୍ତୋ, ସୋମପେଟାରେ ଫଲକ୍‌ନାମା ଏକ୍ସପ୍ରେସ, ମଣ୍ଡସାରେ ପଲାସା-ଭୁବନେଶ୍ୱର ମେମୁ, ପଲାସାରେ ବେଙ୍ଗାଲୁରୁ-ଭୁବନେଶ୍ୱର ଏକ୍ସପ୍ରେସକୁ ଅଟକାଯାଇଥିଲା। ଅନ୍ୟପଟେ ପୁରୀକୁ ଆସୁଥିବା ସକାଳୁଆ ଟ୍ରେନ ହାଓଡ଼ା-ପୁରୀ ଜଗନ୍ନାଥ ଏକ୍ସପ୍ରେସ, ହାଓଡ଼ା-ପୁରୀ ଗରିବ ରଥ, ହାଓଡ଼ା-ପୁରୀ ଏକ୍ସପ୍ରେସ, ହଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍, ହରିଦ୍ୱାର-ପୁରୀ କଳିଙ୍ଗ ଉତ୍କଳ ଏକ୍ସପ୍ରେସ ଓ ନୂଆଦିଲ୍ଲୀ-ପୁରୀ ପୁରୁଷୋତ୍ତମ ଏକ୍ସପ୍ରେସ ଠିକ୍ ସମୟରେ ପୁରୀରେ ପହଞ୍ଚିଥିଲା।




କଟକ ଷ୍ଟେଶନଠାରେ ଆନ୍ଦୋଳନକାରୀମାନେ ରେଳରୋକୋ କରିଛନ୍ତି।

**ଜନ୍ମଦିନ ଶୁଭେଚ୍ଛା**



**ସିଦ୍ଧିପ୍ରିୟଦର୍ଶିନୀ ଦାଶ (ସିଦ୍ଧି)**
କେନ୍ଦୁପାଲି, ଗୋଡ଼ଭଗା, ବରଗଡ଼
ବର୍ତ୍ତମାନ ଠିକଣା- ଗ୍ରା/ପୋ: ଢ଼କରା, ଜି: ସମ୍ବଲପୁର, ଭାୟା: ଧମା

ମାଁ ବହଲମୁଡିଏନ୍, ଦୁର୍ଗାଦେବୀ ଏବଂ ବଡ଼ଲୋକଙ୍କର ଆଶୀର୍ବାଦ ରହିଥାଉ। ତୋର ଚଲାପଥ ସଦାସର୍ବଦା ପୁଷ୍ପମଣ୍ଡିତ ହେଉଥାଉଁ ଏତିକି ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ। **ଶୁଭେଚ୍ଛା ସହ:** ଦାଦା, ମାମା, ବାପା, ମାଆ, ବାବୁ ବାପା, ବୀରେନ୍ ପିଉସା, ମିନିଝିଅ, ପ୍ରଶାନ୍ତ ପିଉସା, ବେବିଝିଅ, ଶୁଭମଦାଦା, ଆକାଂକ୍ଷା ନାନୀ, ଆଲିସା ନାନୀ, ଆରିୟନ୍ତ ଦାଦା, ସ୍ନେହର ସିଦ୍ଧୁଭାଇ ଓ ଦାଶ ପରିବାରବର୍ଗ।

ଧ-୧୬୦୯୩

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



**ରେୟାନ୍ସ ପାଲ**
ଗରେଇ, ଜଗତ୍‌ସିଂହପୁର

ଆଜି ତୋର ପଞ୍ଚମ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଦୀର୍ଘ, ନିରାମୟ ଜୀବନ କାମନା କରୁଛୁ, ମହାପ୍ରଭୁ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।

**ଶୁଭେଚ୍ଛା ସହ:**
କେକେ, କେକେମା'ମାନେ, ବଡପାପା, ପାପା, ଦାଦାମାନେ, ମମିମାନେ, ଅଜା, ଆଈ, ମାମୁ, ମାଇଁ ଓ ବନ୍ଧୁ ପରିବାରବର୍ଗ।

ଧ-୧୬୦୯୪

## ଭୟରେ ଓଲଟିଲା ମାଛ ଗାଡ଼ି



ଓଲଟି ପଡ଼ିଥିବା ମାଛଗାଡ଼ି ନିକଟରେ ଆନ୍ଦୋଳନକାରୀ ଓ ଲୋକଙ୍କ ଭିଡ଼।

**ରାଉରକେଲା ଅଫିସ,୮।୧:** ବୁଧବାର ବନ୍ଦପାଳନ ସମୟରେ ଏକ ମାଛ ବୋଝେଇ ପିକ୍‌ଅପ୍ ଭ୍ୟାନ ଷ୍ଟିଲ ସିଟିର ବିର୍ସା ଛକରେ ଓଲଟି ପଡ଼ିବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଜିଅନ୍ତା ମାଛ ଭର୍ତ୍ତି ଥିଲା। ମାଛସବୁ ରାସ୍ତାରେ ପଡ଼ି ଛଟପଟ ହେବା ଦେଖାଯାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ମାଛ ଗୋଟାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। କାରଣ ପୋଲିସ ଓ ବନ୍ଦପାଳନକାରୀ ଏନେଇ ଲୋକଙ୍କୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଗାଡ଼ି ଡ୍ରାଇଭର ଓ ହେଲ୍‌ପର ସାମାନ୍ୟ ଆହତ ହୋଇଥିବା ଖବର ମିଳିଛି। ଆନ୍ଦୋଳନ ଯୋଗୁ ମାଛ ଗାଡ଼ିଟି ଅତି ଦ୍ରୁତ ଗତିରେ ଆସୁଥିଲା। ଆନ୍ଦୋଳନକାରୀଙ୍କୁ ଦେଖି ଗାଡ଼ିର ବେଗ ବଢ଼ାଇ ଦେବାରୁ ଏଭଳି ଅଘଟଣ ଘଟିଥିବା କୁହାଯାଇଛି। ବୁଧବାର ଆମିଷବାର ଥିବାରୁ ଲୁଚାଚୋରାରେ ଖୁଚୁରା ବେପାରୀଙ୍କୁ ମାଛ ଦେବାକୁ ଗାଡ଼ିଟି ବନ୍ଧମୁଣ୍ଡା ଦିଗରୁ ଆସୁଥିଲା। ଗାଡ଼ିର ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ଜଣାଯାଇଛି।

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ଓ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ, କଳାହାଣ୍ଡିଙ୍କ ମିଳିତ ସହଯୋଗରେ**

**ରାଜ୍ୟସ୍ତରୀୟ ଶୀତ ଉତ୍ସବ-୨୦୨୦**

ତା୦୮ ଓ ୦୯ ଜାନୁୟାରୀ, ୨୦୨୦ରିଖ, ପ୍ରତ୍ୟହ ସନ୍ଧ୍ୟା ଘ.୬.୩୦ମିନିଟ୍, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡ଼ିଆ, କଳାହାଣ୍ଡି

**୦୮।୦୧।୨୦୨୦**

**ମୁଖ୍ୟଅତିଥି:**
**ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ନାୟକ**
ମାନ୍ୟବର ବିରୋଧୀ ଦଳ ନେତା, ଓଡ଼ିଶା

**ବିଶିଷ୍ଟ ଅତିଥି:**
**ଶ୍ରୀଯୁକ୍ତ ଭୂପିନ୍ଦର ସିଂ**
ମାନ୍ୟବର ବିଧାୟକ, ନର୍ଲା, ଓଡ଼ିଶା
**ଶ୍ରୀଯୁକ୍ତ ପ୍ରଦୀପ ଦିଶାରୀ**
ମାନ୍ୟବର ବିଧାୟକ, ଲାଞ୍ଜିଗଡ଼, ଓଡ଼ିଶା
**ଶ୍ରୀଯୁକ୍ତ ମହୁଷଧି ବାଗ୍**
ମାନ୍ୟବର ବିଧାୟକ, ଧର୍ମଗଡ଼, ଓଡ଼ିଶା

**ସମ୍ମାନନୀୟ ଅତିଥି:**
**ଡ. ପରାଗ ହର୍ଷଦ ଗାଭାଲି,** ଭା.ପ୍ର.ସେ.
ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, କଳାହାଣ୍ଡି
**ଶ୍ରୀଯୁକ୍ତ ବି. ଗଙ୍ଗାଧର**
ଆରକ୍ଷୀ ଅଧୀକ୍ଷକ, କଳାହାଣ୍ଡି, ଓଡ଼ିଶା
**ଡ. ରାମକୃଷ୍ଣ ସାହୁ**
ସ୍ୱତନ୍ତ୍ର ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ସଭାପତି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର

**ସାଂସ୍କୃତିକ କାର୍ଯ୍ୟକ୍ରମ:**
ବାଦ୍ୟ ବିଚିତ୍ରା, ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଂଗୀତ, ସୁଗମ ସଂଗୀତ, ଗୋଟିପୁଅ, ମାଲଖମ୍ବା, ବଜାସାଲ ଓ ସିଂହାରୀ ନୃତ୍ୟ।

**୦୯।୦୧।୨୦୨୦**

**ମୁଖ୍ୟଅତିଥି:**
**ଶ୍ରୀଯୁକ୍ତ ପ୍ରତାପ ଜେନା**
ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଏବଂ ପାନୀୟଜଳ, ଆଇନ, ଗୃହ ଓ ସହର ବିକାଶ ବିଭାଗ, ଓଡ଼ିଶା

**ବିଶିଷ୍ଟ ଅତିଥି:**
**ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ**
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ, ଓଡ଼ିଶା
**କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର**
ମାନ୍ୟବର ମନ୍ତ୍ରୀ, ଶକ୍ତି, ଶିଳ୍ପ ଏବଂ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା
**ଶ୍ରୀଯୁକ୍ତ ଜଗନ୍ନାଥ ସାରକା**
ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା

**ସମ୍ମାନନୀୟ ଅତିଥି:**
**ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଡ. ପରାଗ ହର୍ଷଦ ଗାଭାଲି, ଭା.ପ୍ର.ସେ.
ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, କଳାହାଣ୍ଡି
**ଡ. ରାମକୃଷ୍ଣ ସାହୁ**
ସ୍ୱତନ୍ତ୍ର ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ସଭାପତି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର

**ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ କରି କଳାକାରମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଆପଣଙ୍କୁ ସାଦର ନିମନ୍ତ୍ରଣ।**

**ଡ. ବିଜୟ କୁମାର ଜେନା, ସଚିବ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର**

**ମନେ ପଡ଼ନ୍ତି**

**ଏକାଦଶାହ**



**ସ୍ୱର୍ଗତ ବିକ୍ରମ ପରିଡ଼ା**
ଆବିର୍ଭାବ: ୨୯।୧୧।୧୯୪୫
ତିରୋଧାନ: ୩୦।୧୨।୨୦୧୯

ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ପାଇଁ ଅବିସ୍ମରଣୀୟ। ଆପଣଙ୍କ ଆଶୀର୍ବାଦକୁ ଆମ୍ଭେ ସର୍ବଦା ଚାହିଁ ରହିଥିବୁ। ଆଜି ପୁଣ୍ୟ ଏକାଦଶାହ ଅବସରରେ ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ବିଶ୍ୱନିୟନ୍ତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ସ୍ତ୍ରୀ, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

ଧ-୧୬୦୯୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରମେଶ ଚନ୍ଦ୍ର ଦାଶ**
ଅବସରପ୍ରାପ୍ତ ଶିକ୍ଷକ, ରେଲୱେ ସ୍କୁଲ, ଖୋର୍ଦ୍ଧା ରୋଡ୍, ଜଟଣୀ
ଆବିର୍ଭାବ: ୦୭।୦୯।୧୯୨୬
ତିରୋଧାନ: ୨୦।୦୧।୨୦୧୯

ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ଆପଣଙ୍କ ସରଳ, ନିଷ୍କପଟ, ଭଦ୍ର ବ୍ୟବହାର ଏବେବି ଅପାସୋରା ହୋଇ ରହିଛି। ଆପଣଙ୍କ ସ୍ନେହ, ଆଶୀର୍ବାଦ ଓ ଆଦର୍ଶ ଆମ ଚଲାପଥରେ ସହାୟ ହେଉ। ଆଜି ଏହି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ବନ୍ଧୁ, ପରିବାରବର୍ଗ, ଅଗଣିତ ଛାତ୍ରୀଛାତ୍ର।

ଧ-୧୬୦୯୭

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଗୋପୀନାଥ ଜେନା**
ବାଲୁଗାଁ, ଖୋର୍ଦ୍ଧା
ଜନ୍ମ ସ୍ଥାନ- ଦେଓଗାଁ, ଖୋର୍ଦ୍ଧା
ଆବିର୍ଭାବ: ୨୧।୦୪।୧୯୫୩
ତିରୋଧାନ: ୩୦।୧୨।୨୦୧୯

ବାପା, ତୁମେ ଆମକୁ ଅସମୟରେ ଛାଡ଼ି ଚାଲିଗଲ। ତୁମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଥାଇ ଆମକୁ କଲ୍ୟାଣ କର ତୁମର ସ୍ମୃତିକୁ ପାଥେୟ କରି ଆଗକୁ ଚାଲିବୁ, ସବୁବେଳେ ତୁମେ ଆମ ମନ ଭିତରେ ରହିବ।

**।।ଇତି।। ଶୋକସନ୍ତପ୍ତ:**
ହତଭାଗିନୀ ସ୍ତ୍ରୀ: ଜୟଶ୍ରୀ, ବଡ଼ପୁଅ ଓ ବୋହୂ: ଉତ୍କଳଜ୍ୟୋତି (ପିଣ୍ଟୁ), ଲକ୍ଷ୍ମୀପ୍ରିୟା (ଲକି), ସାନପୁଅ: ସାଇ ସିଦ୍ଧାର୍ଥ (ଗୁଡୁ), ପରିବାରବର୍ଗ ଓ ବନ୍ଧୁ ପରିଜନ।

ଧ-୬୩୨୨୨

ଯଦି ମା' ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ

# ପରିବେଶ ଓ ପ୍ରାଣୀଙ୍କ ଆଖି



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଜଗତରେ ପ୍ରତ୍ୟେକ କାର୍ଯ୍ୟ ପଛରେ ଏକ କାରଣ ରହିଛି। ଗୋଟିଏ ପ୍ରାଣୀର ଆଖି କେମିତି ହେବ ଓ କିପରି କାର୍ଯ୍ୟ କରିପାରିବ ତାହା ତା' ଚାରିପାଖର ପରିବେଶ ସ୍ଥିର କରିବାରେ ମୁଖ୍ୟ ଭୂମିକା ନେଇଥାଏ। ଉଦାହାରଣ ସ୍ୱରୂପ, ଷ୍ଟାରଫିଶ୍ (ତାରକାମାଛ)ର ୫ଟି ବାହୁ ଶେଷଭାଗରେ ଗୋଟିଏ ଲେଖାଏ ଆଖି ରହିଛି। କିନ୍ତୁ ଏହା କେବଳ ଛାଇ, ଆଲୁଅ ଓ ବଡସ୍ଥାନ ଦେଖିପାରେ। ପ୍ରବାଳ ପ୍ରାଚୀର ବ୍ୟତୀତ ଏହି ଜୀବକୁ ଆଉ କିଛି ବି ଦେଖିବା ଦରକାର ପଡ଼େ ନାହିଁ। ସେହି ଅନୁଯାୟୀ ସେମାନଙ୍କ ଆଖି ବିକଶିତ ହୋଇଛି। ରାତ୍ରିଚର ଏଲିଫ୍ୟାଣ୍ଟ ହକ୍ ମଥ୍ (ଏକପ୍ରକାର ପତଙ୍ଗ)ର ଆଖି ଅତି ସାମାନ୍ୟ ଆଲୋକରେ ଦେଖିପାରେ। ଏପରିକି ଅସ୍ୱଷ୍ଟ ତାରା ଆଲୋକରେ ଏହା ପୁଷ୍ପମଧୁ (ମକରନ୍ଦ) ଥିବା ଫୁଲର ରଙ୍ଗକୁ ବି ବାରିପାରେ। ଲିମର (ମାଡାଗାସ୍କାରରେ ଦେଖାଯାଉଥିବା ମାଙ୍କଡ଼ ଜାତୀୟ ପ୍ରାଣୀ) ରାତିରେ ଖାଦ୍ୟ ଖୋଜିବାକୁ ସୁରକ୍ଷିତ ମଣିଥାଏ। ଏହି ଜୀବର ଦୃଷ୍ଟିଶକ୍ତି ଏତେ ବଢିଆ ଯେ ତାହା ଘନ ଅନ୍ଧାରରେ ବି ବିଭିନ୍ନ ରଙ୍ଗ ବାରିପାରେ।

ଏବେ ଆସନ୍ତୁ ପ୍ରକୃତିର ବିଭିନ୍ନ ଜୀବଙ୍କ ଆଖି ପିତୁଳାର ରହସ୍ୟ ବିଷୟରେ ଜାଣିବା। ବିଲେଇ, ଶିଆଳ, କୁମ୍ଭୀର, ସାପ ଓ ଝିଟିପିଟି ଆଦି ଜୀବଙ୍କର ଅଖିରେ ଉଲ୍ଲମ୍ବ ପିତୁଳା ରହିଛି।। ଏଥିପାଇଁ ସେମାନେ ଘାତକ ଶିକାରୀ ଭାବେ ଜଣାଶୁଣା। ଉଭୟ ରାତି ଓ ଦିନରେ ସେମାନେ ଶିକାର କରିପାରନ୍ତି। ଉଲ୍ଲମ୍ବ ପଟଳ ଥିବା ପ୍ରାଣୀମାନେ ଅସ୍ୱଷ୍ଟ ଆଲୋକରେ ବି ଭଲଭାବେ ଦେଖିପାରନ୍ତି। କୁମ୍ଭୀର ସନ୍ଧ୍ୟା କିମ୍ବା ରାତିରେ ଦେଖିପାରେ। ଏହାର କାରଣ, ସେମାନେ ଆଖି ଭିତରକୁ କେତେ ଆଲୋକ ପ୍ରବେଶ କରିବା ଦରକାର ସେହି ଅନୁସାରେ ଆଖିକୁ ପୂରା ବା ଅଧା ବା ସାମାନ୍ୟ ଖୋଲା ରଖିପାରନ୍ତି। ଆମେ ଆମ ପଟଳକୁ ୧୫ ଗୁଣ ଅଧିକ ବିସ୍ତାର କରିପାରୁଥିବାବେଳେ ବିରାଡ଼ି ତାହା ୧୩୫ ଗୁଣ ସମ୍ପ୍ରସାରିତ କରିପାରେ।

ଛେଳି, ମେଣ୍ଢା, ଘୋଡା, ହରିଣ ଆଦି ତୃଣଭୋଜୀ ପ୍ରାଣୀଙ୍କର ସମାନ୍ତରାଳ ପଟଳ ରହିଛି। ସାଧାରଣତଃ ଏଭଳି ପଟଳ ଥିବା ଆଖି ପ୍ରାଣୀମାନଙ୍କ ମୁଣ୍ଡର ଦୁଇପାଖରେ ରହିଥାଏ। ଏହାଦ୍ୱାରା ଆଗପଛ ଦୁଇପାଖରୁ ଦୂର କିମ୍ବା ପାଖ ଜିନିଷକୁ ଏମାନେ ଦେଖିପାରନ୍ତି। ଶତ୍ରୁକୁ ଦେଖି ପଳାଇଯିବା ସମୟରେ ବି ଶତ୍ରୁ ଉପରେ ନଜର ରଖିବାରେ ଏହି ପ୍ରାଣୀମାନେ କ୍ଷମ।

ଜଳଚର ଜୀବମାନଙ୍କର କ୍ରିସେଣ୍ଟ (ଅର୍ଦ୍ଧଚନ୍ଦ୍ରାକାର) ପଟଳ ରହିଥାଏ। ଏହା ବେଶି ସମୟ ସ୍ଥିର ରହିପାରେ। ସ୍କେଟ୍, ରେ, ଫ୍ଲାଟ୍‌ଫିଶ, କ୍ୟାଟ୍‌ଫିଶ ଓ ତିମିଙ୍କ ଉଦାହରଣ ଏଠାରେ ନିଆଯାଇପାରେ। ସମାନ କ୍ଷେତ୍ର ମଧ୍ୟରେ କ୍ରିସେଣ୍ଟ ପଟଳ ଗୋଲାକାର ପଟଳଠାରୁ ଅଧିକ ଭଲଭାବେ ଦେଖିପାରେ। ଏହି ପଟଳ ଜୀବ ସମ୍ମୁଖରେ ଥିବା ଆଲୋକକୁ ୟୁ (ଉପର ମୁହାଁ କ୍ରିସେଣ୍ଟ) ଆକାର ଓ ପଛରେ ଥିବା ଆଲୋକକୁ ଓଲଟା ୟୁ (ତଳମୁହାଁ କ୍ରିସେଣ୍ଟ) ଆକାର କରିଦିଏ। ପାଖରେ ବସ୍ତୁ ରହିଲେ ୟୁ ଆକାର ବଡ଼ ହୋଇଥାଏ ଓ ଦୂରରେ ରହିଲେ ଏହା ଛୋଟ ହୋଇଥାଏ। ଫ୍ଲଣ୍ଡର (ଏକ ପ୍ରକାର ସାମୁଦ୍ରିକ ବାଲିଆ ମାଛ) ସମୁଦ୍ରପୃଷ୍ଠରେ ତା' କଡରେ ପହଁରୁଥିବା ମାଛଦଳକୁ ନିରୀକ୍ଷଣ କରିବା ସମୟରେ ସେମାନେ ପ୍ରତ୍ୟେକେ ପରସ୍ପରଠାରୁ କେତେ ଦୂରରେ ଅଛନ୍ତି ତାହା ଜାଣିପାରେ ଓ ତାହା ତା' କାମରେ ଆସିଥାଏ।

ଓଟର ତିନୋଟି ଆଖିପତା ଅଛି। ତାହା କାଗଜ ପରି ପତଳା ହୋଇଥିବାରୁ ଓଟ ଏହି ତିନୋଟି ଆଖିପତା ବନ୍ଦ କଲେ ବି ଦେଖିପାରେ। ଏହା ବାଲିଝଡ଼ ସମୟରେ ତା' କାମରେ ଆସେ। ସାପର ଦୁଇ ସେଟ୍ ଆଖି ରହିଛି। ଗୋଟିଏ ସେଟ୍ ଦେଖିବାରେ ସାହାଯ୍ୟ କରୁଥିବାବେଳେ ଆଉ ଗୋଟିଏ ସେଟ୍ ହିଟ୍ ଓ ମୁଭ୍‌ମେଣ୍ଟ ଜାଣିପାରେ। ପେଙ୍ଗୁଇନ୍ ପାଣି ଭିତରେ ଭଲଭାବେ ଦେଖିପାରେ। ମହୁମାଛି ଆଖିରେ ଥିବା ଷଟ୍‌କୋଣୀୟ ଲେନ୍ସ ଅତିବାଇଗଣୀ ରଶ୍ମିକୁ ବି ଦେଖିପାରେ, ଯାହା ମଣିଷ ଦେଖିପାରେ ନାହିଁ। ମାକ (ଉତ୍ତର ଓ ଦକ୍ଷିଣ ଆମେରିକାରେ ଦେଖଯାଉଥିବା ରଙ୍ଗବେରଙ୍ଗର ଶୁଆ) ଓ ଅନ୍ୟ ଶୁଆମାନେ ସେମାନଙ୍କ ଅଲଟ୍ରାଭାଓଲେଟ ଭିଜନ ସାହାଯ୍ୟରେ ଫଳ ପାଚିଲାଣି କି ନାହିଁ ତାହା ବି ଦେଖିପାରନ୍ତି। ସ୍କିଡ୍‌ର ଉପରମୁହାଁ ହୋଇ ରହିଥିବା ବାମ ଆଖି ଏହାର ଡାହାଣ ଆଖିଠାରୁ ଦୁଇଗୁଣ ବଡ଼। ତା' ଉପରେ ଥିବା ବସ୍ତୁକୁ ଏହା ଭଲଭାବେ ଦେଖେ। ଏହାର ଛୋଟ ଆଖି ପାଣି ତଳେ ଅନ୍ଧାରରେ ବସ୍ତୁକୁ ଦେଖିଥାଏ।

ଦେଖିବା ଦ୍ୱାରା ଯଦି କିଛି ଲାଭ ମିଳି ନ ଥାଏ, ତେବେ କେତେକ ପ୍ରାଣୀ ସେମାନଙ୍କ ଆଖି ହରାଇବାର ଉଦାହରଣ ମଧ୍ୟ ରହିଛି। ମଧୁରଜଳ ମାଛ ମେକ୍ସିକାନ ଟେଟ୍ରାସ୍ ପ୍ଲାଇଷ୍ଟୋସିନ ଯୁଗରେ (ପ୍ରାୟ ୨ ନିୟୁତରୁ ଉର୍ଦ୍ଧ୍ୱ ବର୍ଷ ପୂର୍ବେ) ଗଭୀର ଜଳରେ ଥିବା ଗୁମ୍ଫା ଭିତରେ ପହଁରି ଯାଇପାରୁଥିଲେ। ସେମାନଙ୍କ ଆଖି ଘୋର ଅନ୍ଧାରରେ ପ୍ରାୟ କିଛି କାମରେ ଲାଗୁ ନ ଥିଲା। ତେଣୁ ବିବର୍ତ୍ତନଚକ୍ରରେ ଏମାନେ ଦୃଷ୍ଟିଶକ୍ତି ହରାଇ ପାଲଟିଛନ୍ତି ଭିନ୍ନ ପ୍ରଜାତିର ବ୍ଲାଇଣ୍ଡ୍ କେଭ୍‌ଫିଶ୍। ଧଳା ଓ ଗୋଲାପି ରଙ୍ଗର ଏହି ମାଛର ଯେଉଁଠି ଆଖି ଥିଲା ତାହା ଚର୍ମରେ ଢାଙ୍କି ହୋଇଯାଇଛି। ଗଙ୍ଗାରେ ଦେଖାଯାଉଥିବା ଡଲଫିନ୍ କେବଳ ମଧୁର ଜଳରେ ହିଁ ରହିପାରନ୍ତି। ଏମାନେ କିଛି ବି ଦେଖିପାରନ୍ତିନି। ଗଙ୍ଗାର ଗୋଳିଆ ପାଣିରେ ରହିବାରେ ଅଭ୍ୟସ୍ତ ଏହି ଡଲଫିନ୍ ମଧ୍ୟ ଆଖି ହରାଇଛନ୍ତି। ଏମାନେ ପାଣିରେ ଯିବାଆସିବା ଲାଗି ଶବ୍ଦ ତରଙ୍ଗ ବ୍ୟବହାର କରିଥାନ୍ତି। ଗଳାରୁ ଶବ୍ଦ ସୃଷ୍ଟି କରିଥାନ୍ତି। ଏହି ଶବ୍ଦକୁ ଅନ୍ୟ ଡଲଫିନମାନେ ସେମାନଙ୍କ ମୁଣ୍ଡରେ ଥିବା ସମ୍ବେଦନଶୀଳ ଅଡିଟୋରୀ ସିଷ୍ଟମ ମାଧ୍ୟମରେ ଗ୍ରହଣ କରିଥାନ୍ତି। ଏଣୁ ପାଣିରେ ଏମାନଙ୍କ ଲକ୍ଷ୍ୟ ଆଡ଼କୁ ଯିବା ଓ ଫେରିବାରେ ଶବ୍ଦ ସାହାଯ୍ୟ କରେ।

ବକ୍ସ ଜେଲିଫିଶ୍‌ର ୨୪ଟି ଧୂସର ଆଖି ୪ ଭାଗରେ ବାଣ୍ଟିହୋଇ ରହିଛି। ଏହାକୁ ରୋଫାଲିଆ କୁହାଯାଏ। ଏଗୁଡିକ ଏକ ଗତିଶୀଳ ଶୁଣ୍ଢ ଉପରେ ସ୍ଥାୟୀ ଭାବରେ ରହିଛି। ପ୍ରତ୍ୟେକ ରୋଫାଲିୟମ୍‌ର ୬ଟି ଆଖି ମଧ୍ୟରୁ ୪ଟି କେବଳ ଆଲୋକ ବାରିପାରେ। ଅନ୍ୟ ଦୁଇଟି ଆଖି ଦ୍ୱାରା ଏହି ଜୀବ ଭଲଭାବେ ଦେଖିପାରେ। ହେନ୍ତାଳ ବନ ଭିତରେ ପହଁରୁଥିବା ସମୟରେ ଜେଲିଫିଶ୍ ଏହାର ତଳେ ଥିବା ଲେନ୍ସଯୁକ୍ତ ଆଖି ପାଖରେ ଥିବା ଜିନିଷ ଦେଖିପାରେ। ସେହିଭଳି ଉପରେ ଥିବା ଲେନ୍ସଯୁକ୍ତ ଆଖି ସବୁବେଳେ ଉପର ବସ୍ତୁକୁ ହିଁ ଦେଖିପାରେ। ଖାଦ୍ୟ ପାଇବାରେ ବକ୍ସ ଜେଲିଫିଶ୍ ଆଖି ସାହାଯ୍ୟ କରେ। ଆଖି ସାହାଯ୍ୟରେ ଏହା ବାଧାକୁ ଏଡାଇ ବଞ୍ଚିପାରେ।

ପ୍ରେଇଙ୍ଗ ମଣ୍ଟିସ୍ (ନମସ୍କାର ଭଙ୍ଗୀରେ ରହୁଥିବା ଏକ କୀଟ)ର ୫ଟି ଆଖି। ଦୁଇଟି ବଡ଼ ଜଟିଳ ଓ ତିନୋଟି ଛୋଟ ଆଖି ଅଛି ମୁଣ୍ଡ ମଝିରେ। ବଡ଼ ଆଖିରେ ଏହା ତା' ଗତି ସମ୍ପର୍କରେ ଜାଣିପାରେ। ଅନ୍ୟ ତିନୋଟିରେ ଦେଖିପାରେ। କଙ୍କଡାବିଛାର ମୁଣ୍ଡ ଉପରେ ରହିଛି ଦୁଇଟି ଆଖି। ଏହାସହ ଏମାନଙ୍କ ଶରୀରର ପ୍ରତ୍ୟେକ ପାଖରେ ୫ଟି ଲେଖାଏ ଆଖି ରହିଛି।

Email: gandhim@nic.in

# ଅର୍ଥନୈତିକ ଆହ୍ୱାନ



ଡ. ଭରତ ଝୁନ୍‌ଝୁନ୍‌ୱାଲା

ଅର୍ଥନୀତିରେ ଏବେ ଉପୁଜିଥିବା ନୈରାଶ୍ୟଜନକ ସ୍ଥିତି ଆଡ଼କୁ ବାଟ କଢାଇ ନେଇଥିବା ଅର୍ଥନୀତିଜ୍ଞମାନଙ୍କ କଥା ଯଦି ସରକାର ଶୁଣିବା ଜାରି ରଖନ୍ତି ତେବେ ଚଳିତ ନୂତନ ବର୍ଷ ଅଧିକ ସମସ୍ୟା ଦେଖାଦେବ। ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ୍‌ଙ୍କ ପୂର୍ବାନୁମାନ ଏହାର ଉଦାହରଣ। ତାଙ୍କ ମତରେ ରିୟଲ୍ ଇଷ୍ଟେଟ୍ ସେକ୍ଟରରେ ଉପୁଜିଥିବା ମାନ୍ଦାବସ୍ଥା ଯୋଗୁ ଅର୍ଥନୀତିର ଅଧୋଗତି ହୋଇଛି। ଏହା ଯୋଗୁ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଙ୍ଗ (ଆଇଏଲ୍) ଏବଂ ଫାଇନାନ୍ସିଆଲ ସର୍ଭିସ (ଏଫ୍‌ଏସ୍) ଭୁଶୁଡି ପଡିଛି। ଏହା ମଧ୍ୟ ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌କୁ ଏକ ପ୍ରକାର ନଷ୍ଟ କରିଦେଇଛି। କିନ୍ତୁ କାହିଁକି ରିୟଲ ଇଷ୍ଟେଟ୍ ସେକ୍ଟରରେ ମାନ୍ଦାବସ୍ଥା ଆସିଲା ସେ ସମ୍ପର୍କରେ ସୁବ୍ରମଣ୍ୟନ୍ କିଛି କହିନାହାନ୍ତି।

ଅର୍ଥନୀତିରେ ଉପୁଜିଥିବା ମାନ୍ଦାବସ୍ଥା ଲାଗି ବିମୁଦ୍ରୀକରଣ ଓ ଜିଏସ୍‌ଟି ହିଁ ଦାୟୀ। ସରକାରଙ୍କ ଏହି ପଦକ୍ଷେପ ବହୁ ସଂଖ୍ୟାରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ)ଗୁଡିକୁ ବନ୍ଦ କରିଦେଇଛି। ଯେଉଁଗୁଡିକ କେବଳ ନଗଦ ଅର୍ଥରେ କାରବାର କରୁଥିଲେ ସେଗୁଡିକୁ ବିମୁଦ୍ରୀକରଣ ପୂରା ଶେଷ କରିଦେଇଛି। ଜିଏସ୍‌ଟି ଯୋଗୁ ବଡ଼ ବଡ଼ କମ୍ପାନୀ ଦେଶସାରା ସେମାନଙ୍କ ଉତ୍ପାଦ ବିକ୍ରି କରିବା ସମ୍ଭବ ହୋଇଥିବା ବେଳେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ତିଷ୍ଠି ରହିବା କଷ୍ଟକର ହୋଇପଡିଛି। ଏହାଦ୍ୱାରା ନିଯୁକ୍ତି ସୃଷ୍ଟି କରି ଆସୁଥିବା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ କର୍ମଚାରୀ ସଂଖ୍ୟା କମାଇଦେଲେ। ତେଣୁ ମାର୍କେଟରେ ଚାହିଦା କମିଗଲା। କାରଣ ନିଯୁକ୍ତି ବା ରୋଜଗାର ନ ଥିଲେ ଲୋକେ ଜିନିଷ କିଣିବେ କେମିତି? ସେହି କାରଣରୁ ରିୟଲ ଇଷ୍ଟେଟରେ ମାନ୍ଦାବସ୍ଥା ଦେଖାଗଲା କାରଣ ସାଧାରଣ ଲୋକଙ୍କ ପାଖରେ ଘର କିଣିବା ଲାଗି ଟଙ୍କା ନାହିଁ। ଏହା ହିଁ ଆଇଏଲ୍ ଓ ଏଫ୍‌ଏସ୍ ଭୁଶୁଡିପଡିବାର କାରଣ। ଏହାଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରୁ ଋଣ କରିଥିବା କମ୍ପାନୀଗୁଡିକର କ୍ଷତି ହୋଇଛି, କାରଣ ଚାହିଦା ଅଭାବରୁ ସେମାନଙ୍କ ଉତ୍ପାଦଗୁଡ଼ିକ ବିକ୍ରି କମିଗଲା। ଏହା ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଅନାଦେୟ ଋଣ ପରିମାଣ ବୃଦ୍ଧି ପାଇଛି। ଆମ ଅଭିବୃଦ୍ଧି ହାର କମୁଥିବାବେଳେ ଶେୟାର ମାର୍କେଟ ବଢ଼ିବା ହେଉଛି ସୁବ୍ରମଣ୍ୟନ୍‌ଙ୍କ ପୂର୍ବାନୁମାନର ପ୍ରମାଣ। ବଡ଼ ବଡ଼ କମ୍ପାନୀର ଯୋଗଦାନ ବୃଦ୍ଧି ପାଉଥିବାବେଳେ ସାମଗ୍ରିକ ଅର୍ଥନୀତିର କଳେବର ହ୍ରାସ ପାଉଛି। ଧରାଯାଉ, ସମୁଦାୟ ଅର୍ଥନୀତିର ଆକାର ଥିଲା ୧୦୦ ଟଙ୍କା ଏବଂ ବଡ଼ କମ୍ପାନୀ ଓ ଏସ୍‌ଏମ୍‌ଇ ପ୍ରତ୍ୟେକର ଯୋଗଦାନ ଥିଲା ୫୦ ଟଙ୍କା। ଏବେ ସାମଗ୍ରିକ ଅର୍ଥନୀତି ହ୍ରାସ ପାଇଛି ୮୦ ଟଙ୍କାକୁ ଓ ସେହି ଅନୁପାତରେ ଏସ୍‌ଏମ୍‌ଇଗୁଡ଼ିକର ଯୋଗଦାନ ୫୦ ଟଙ୍କାରୁ ୨୦ ଟଙ୍କାକୁ ହ୍ରାସ ପାଇଥିବାବେଳେ ବଡ଼ ବଡ଼ କମ୍ପାନୀର ଯୋଗଦାନ ୫୦ରୁ ୬୦ଟଙ୍କାକୁ ବୃଦ୍ଧି ପାଇଛି। ସାମଗ୍ରିକ ଅର୍ଥନୀତି ୧୦୦ ଟଙ୍କାରୁ ୮୦ ଟଙ୍କାକୁ ହ୍ରାସ ପାଇବା ଅଭିବୃଦ୍ଧି ହାରରେ ହ୍ରାସ ପାଇବାର ସୂଚନା ଦେଉଥିବାବେଳେ ବଡ଼ କମ୍ପାନୀଗୁଡିକର ଯୋଗଦାନରେ ବୃଦ୍ଧି ଶେୟାର ମାର୍କେଟର ଅତ୍ୟଧିକ ବୃଦ୍ଧି କରିଛି। ଏହା ପ୍ରମାଣ କରୁଛି ଯେ, ଅର୍ଥନୀତିର ଏବକାର ମାନ୍ଦାବସ୍ଥା ଏସ୍‌ଏମ୍‌ଇଗୁଡ଼ିକ ସାମ୍ନା କରିଥିବା ସମସ୍ୟାଗୁଡିକ ପାଇଁ ସୃଷ୍ଟି ହୋଇଛି।

ଅର୍ଥନୀତିରେ ଉପୁଜିଥିବା ମାନ୍ଦାବସ୍ଥାର ଦ୍ୱିତୀୟ କାରଣଟି ହେଉଛି ସାମାଜିକ ସ୍ତରରେ ଦେଖାଦେଇଥିବା ସମସ୍ୟା। ଭାରତୀୟମାନେ ପ୍ରତିଦିନ ରାସ୍ତାରେ ବସ୍ ପୋଡିବାରେ ମାତିଛନ୍ତି। ଏଭଳି ପରିସ୍ଥିତିରେ ବହୁଦେଶୀୟ କମ୍ପାନୀଗୁଡିକ ଏଠାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଆସିବେ ନାହିଁ। ଗୋ-ସୁରକ୍ଷା, ରାମ ମନ୍ଦିର ଏବଂ ନାଗରିକତ୍ୱ ସଂଶୋଧନ ଆଇନ ପ୍ରସଙ୍ଗ ଏବେ ସାମାଜିକ ସ୍ଥିତିକୁ ଏପାଖ ସେପାଖ କରିଦେଇଛି। ଏହା ଯୋଗୁ କେତେକାଂଶରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ବି ଦେଶ ଛାଡି ଚାଲିଯାଉଛନ୍ତି। ଏସବୁ ସମସ୍ୟା ଦ୍ୱାରା ଭାରତୀୟ ଅର୍ଥନୀତି କଣା ଥିବା ଏକ ମାଠିଆ ପାଲଟିଯାଇଛି, ଯାହା ବାଟ ଦେଇ ଦେଶର ସମ୍ପଦ ବାହାରକୁ ଚାଲିଯିବାରେ ଲାଗିଛି।

୨୦୨୦ରେ ପ୍ରଥମେ ଆମକୁ ଏସ୍‌ଏମ୍‌ଇଗୁଡ଼ିକୁ ଚାଲୁ କରିବାକୁ ପଡିବ, ନିଯୁକ୍ତି ସୃଷ୍ଟି କରି ସାଧାରଣ ଲୋକଙ୍କ ଆୟ ବୃଦ୍ଧି କରିବାକୁ ହେବ। ଏସ୍‌ଏମ୍‌ଇର ସୁରକ୍ଷା ସରକାର ନିଶ୍ଚିତ କରିବା ଉଚିତ। ଦ୍ୱିତୀୟରେ ସରକାର ମେକ୍ ଇନ୍ ଇଣ୍ଡିଆକୁ ଛାଡିଦେଇ ସର୍ଭିସ ସେକ୍ଟରର ସମ୍ପ୍ରସାରଣ ଉପରେ ନଜର ଦେବା ଆବଶ୍ୟକ। ତୃତୀୟରେ ସରକାର ଦେଶର ସାମାଜିକ ସମସ୍ୟାଗୁଡିକୁ ସମାଧାନ କରିବା ଦରକାର। ଚତୁର୍ଥରେ ସରକାର ମୁଦ୍ରାସ୍ଫୀତିରେ ବୃଦ୍ଧି ଆଣିବା ଲାଗି ଅନୁମତି ଦେବା ଉଚିତ। ଏସ୍‌ଏମ୍‌ଇ ଗଠନ କରିବା ପାଇଁ ଟଙ୍କା ବିନିଯୋଗ କରିବା ଉଚିତ। ଏଥିଲାଗି ୱାଇଫାଇ, ରାସ୍ତା ଏବଂ ଛୋଟ ସହରଗୁଡ଼ିକରେ ବିଦ୍ୟୁତ୍ ଯୋଗାଣ ଭଳି ଆବଶ୍ୟକ ଭିତ୍ତିଭୂମି ଉପରେ ଜୋର୍ ଦେବାକୁ ପଡିବ। ଏହି ଭିତ୍ତିଭୂମି ଗଠନ ବଜାରରେ ଚାହିଦା ବୃଦ୍ଧି କରିବ ଓ ଏସ୍‌ଏମ୍‌ଇ ଦ୍ୱାରା ନିଯୁକ୍ତି ସୃଷ୍ଟି ହୋଇପାରିବ। ଏଣୁ ସରକାର ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସୁବ୍ରମଣ୍ୟନ୍‌ଙ୍କ ଭଳି ଅନ୍ୟ ଅର୍ଥନୀତିଜ୍ଞମାନଙ୍କ କଥା ଶୁଣିବା ଉଚିତ ନୁହେଁ, ଯାହା ଅର୍ଥନୀତିକୁ ମାନ୍ଦାବସ୍ଥାକୁ ନେଇଯାଇଛି। ଉଲ୍ଲେଖନୀୟ ଯେ, ଏହି ଅର୍ଥନୀତିଜ୍ଞମାନେ ନୀରବ ରହି ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁ କରାଇବାରେ ସାହାଯ୍ୟ କରିଥିଲେ, ଯାହା ଏବକାର ମାନ୍ଦାବସ୍ଥା ସୃଷ୍ଟିର ପ୍ରମୁଖ କାରଣ। ଏଣୁ ଅର୍ଥନୀତିକୁ ସୁଧାରିବା ଲାଗି ନିଜ ମୁଣ୍ଡ ଖଟାଇବା ଦରକାର।

Email: bharatjj@gmail.com

## ଏଇ ଭାରତରେ

ନିଜେ ପଢୁଛନ୍ତି, କିନ୍ତୁ ଟ୍ୟୁଶନରୁ ରୋଜଗାର କରି ବୁଲାକୁକୁରଙ୍କ ସେବା କରୁଛନ୍ତି ଜଣେ ଛାତ୍ରୀ। ହରିୟାଣାର ସୋନିପତ ଅଞ୍ଚଳରେ ରହୁଥିବା ଇଞ୍ଜିନିୟରିଂ ଛାତ୍ରୀ ଶେନ ଆରୋରା ବୁଲା କୁକୁରଙ୍କ ସାହାରା ପାଲଟିଛନ୍ତି। କୁକୁରଙ୍କୁ ଖାଦ୍ୟ ଦେଉଛନ୍ତି, ରୋଗରେ ପଡିଲେ ଔଷଧ ଦେଉଛନ୍ତି। କୁକୁରମାନେ ରହିବା ଲାଗି ଏକ ଘର ମଧ୍ୟ ନିର୍ମାଣ କରିଛନ୍ତି। ସେହି ଘରେ ରହୁଥିବା ୬୫ଟି ବୁଲା କୁକୁରଙ୍କ ଯତ୍ନ ନେଉଛନ୍ତି। ପ୍ରବଳ ଥଣ୍ଡାରୁ ରକ୍ଷା କରିବା ପାଇଁ କୁକୁରଙ୍କୁ କମ୍ବଳ ଘୋଡାଇ ଦେଉଛନ୍ତି ଓ ଆବଶ୍ୟକ ପଡିଲେ ସେମାନଙ୍କ ପାଖରେ ନିଆଁ ଜାଳିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଶେନଙ୍କ ଏହି କାର୍ଯ୍ୟରେ ପ୍ରଭାବିତ ହୋଇ ସହରରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ର ସେମାନଙ୍କ ଗଳିରେ ଗୋଟିଏ ଗୋଟିଏ କୁକୁରର ଦାୟିତ୍ୱ ନେଇଛନ୍ତି। ୪ ବର୍ଷ ହେବ ଶେନ କୁକୁରଙ୍କ ସେବାରେ ଲାଗିଛନ୍ତି। ପ୍ରଥମେ ତାଙ୍କ ପାଖରେ ଗୋଟିଏ କୁକୁର ଥିଲା। ପରେ ସେ ଆଉ ୧୦ରୁ ୧୨ଟି କୁକୁରଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ଘରେ ରୋଷେଇ କରି କୁକୁରଙ୍କୁ ଭାତ, ତରକାରି ଓ କ୍ଷୀର ଖାଇବାକୁ ଦେଉଛନ୍ତି। ଏହା ସହ କୌଣସି କୁକୁର ରୋଗରେ ପଡିଲେ ତା' ଚିକିତ୍ସା ବ୍ୟବସ୍ଥା ମଧ୍ୟ କରୁଛନ୍ତି। ପ୍ରତି ମାସରେ ସେ ଏ ବାବଦରେ ୨୦ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ଅର୍ଥ ଯୋଗାଡ କରିବା ପାଇଁ ସେ ତାଙ୍କ ଘରେ ଦିନକୁ ତିନିବେଳା ଟ୍ୟୁଶନ କରୁଛନ୍ତି। ଶେନଙ୍କୁ ଏହି ସେବା ଲାଗି ପରିବାରର ସହଯୋଗ ମଧ୍ୟ ମିଳୁଛି। ଶେନଙ୍କ ମା' ଜଣେ ଅଧ୍ୟାପିକା ଓ ପିତା ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି।

## ଚିରନ୍ତନୀ

ମାସେ ହେଲେ କାହୁଁ ଦେବ
ଦେଖାଯିବ ଏହିନାଗେ
ଧନୀ ସାଉ ଦୋକାନରୁ
ସେଥିଲାଗି ଫୁସୁଲାଏ
ମଣି ଜେନା ମାମଲାରେ
କଟକ ଯିବାକୁ ହେବ
କିଏ ପରା କରୁଥିଲେ
ସବୁ ଖାଲି ଭେଦା ଭୋଟ୍
ନାହିଁ ତାର ଭାବନା ତ
ଚକେ ଗଲେ ବାରହାତ।
ଦି'ଅଣା ହୋଇଛି ବାକି
ଦେବା ପାଇଁ ମିଛ ସାକ୍ଷୀ।
ତାରିଖ ହୋଇଛି ତାର
ଆସୁଛି ଯେ ଗୁରୁବାର।
ହରିପୁର ହାଟେ ସଭା
ପୂଜା ରିସିପତ୍ ଅବା।

(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ବିଭିନ୍ନରେ ଏକତ୍ୱର ଅନୁଭବ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ତଥାଗତ ବୁଦ୍ଧଙ୍କୁ ଅନୁସରଣ କରୁଥିବା ଜନଗୋଷ୍ଠୀକୁ ବୌଦ୍ଧ, ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ ଅନୁସରଣ କରୁଥିବା ଲୋକଙ୍କୁ ଖ୍ରୀଷ୍ଟିଆନ, ହଜରତ ମହମ୍ମଦଙ୍କୁ ଅନୁସରଣ କରୁଥିବା ଗୋଷ୍ଠୀକୁ ମୁସଲମାନ କହନ୍ତି। ସେ ଦୃଷ୍ଟିରୁ ବିଚାର କଲେ ହିନ୍ଦୁମାନେ ନିର୍ଦ୍ଧିଷ୍ଟ ଭାବରେ କାହାରିକୁ ଅନୁସରଣ କରିବାର ଦେଖାଯାଏ ନାହିଁ। କିନ୍ତୁ ହିନ୍ଦୁତ୍ୱର ପରିଭାଷା ଅତ୍ୟନ୍ତ ବ୍ୟାପକ ଓ ଉନ୍ନତ। ସାଧାରଣତଃ ଆମେ ଧରିନେଇଛୁ- ଯେଉଁମାନେ ବିଷ୍ଣୁ, ଶିବ, ଗଣପତି, ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଚୈତନ୍ୟ ଅଥବା ଦୁର୍ଗା, କାଳୀ, ଲକ୍ଷ୍ମୀ, ସରସ୍ୱତୀ ଆଦି ନାନା ଦେବଦେବୀଙ୍କ ଉପାସନା କରନ୍ତି, ପୁନର୍ଜନ୍ମରେ ବିଶ୍ୱାସ କରନ୍ତି, ପିତୃପୁରୁଷଙ୍କର ଶ୍ରାଦ୍ଧ କରନ୍ତି, ନାନାପ୍ରକାର ଓଷାବ୍ରତ ଆଚରଣ କରନ୍ତି, ପୁରାଣ ବର୍ଣ୍ଣିତ ଉପାଖ୍ୟାନକୁ ବିଶ୍ୱାସ କରନ୍ତି, ଆଡ଼ମ୍ବର ସହକାରେ ପୂଜାପାର୍ବଣ ପାଳନ କରନ୍ତି, ନିଜର କର୍ମଶକ୍ତି ଏବଂ ସହଜବୋଧ ଉପରେ ଆସ୍ଥା ନ ରଖି ଗୁଣିଗାରେଡି ଓ ତନ୍ତ୍ରମନ୍ତ୍ରରେ ବିଶ୍ୱାସ ସ୍ଥାପନ କରନ୍ତି ଅଥବା କିଛି ନ କରି ଅନେକ କିଛି ପାଇବା ଆଶାରେ ତଥାକଥିତ ଗୁରୁ ବା ବାବାମାନଙ୍କ ପାଖରେ ଭିଡ ଜମାନ୍ତି- ସେହିମାନେ ହିଁ ହିନ୍ଦୁ ପଦବାଚ୍ୟ। ଟିକିଏ ଚିନ୍ତା କଲେ ଜାଣିପାରିବା ଯେ, ଏ ସମସ୍ତ ଆଚାର-ଆଚରଣ ହିନ୍ଦୁତ୍ୱର ମୂଳ ପରିଭାଷା ବା ମୌଳିକ ଦର୍ଶନ ନୁହେଁ। ବେଦ-ଉପନିଷଦର ଯେଉଁ ମୌଳିକ ଜ୍ଞାନକୁ ନେଇ ଆମେ ଗର୍ବ ଅନୁଭବ କରୁ ସେସବୁ ଆମର ବାସ୍ତବ ଆଚରଣ ଏବଂ ଜୀବନ ଦର୍ଶନରୁ ଦୂରେଇଯାଇ ପୋଥିପତ୍ର ଏବଂ ପାରାୟଣ-ପ୍ରବଚନରେ ସୀମିତ ହୋଇଯାଇଛି। ସେ ସମସ୍ତ ଶାସ୍ତ୍ରରେ ଆମର ସାମ୍ପ୍ରତିକ ଆଚାର ଆଚରଣ ଅଥବା ବହୁନୈଷ୍ଠିକତାର ବିଶେଷ ସମର୍ଥନ ନାହିଁ।

ମାନବ ସଭ୍ୟତାର ସୂର୍ଯ୍ୟୋଦୟରେ ହିନ୍ଦୁ ଋଷିମାନେ ନିଜର ସାଧନଲବ୍ଧ ଅକ୍ଷୟ ଜ୍ଞାନକୁ ଜଗତ ସମକ୍ଷରେ ପ୍ରକାଶ କରି ଘୋଷଣା କରିଥିଲେ- 'ଏକଂ ସଦ୍ ବିପ୍ରାଃ ବହୁଧା ବଦନ୍ତି'। ଅର୍ଥାତ୍ ସେହି ଏକ ଏବଂ ଅଦ୍ୱିତୀୟ ଈଶ୍ୱରଙ୍କୁ ପଣ୍ଡିତମାନେ ନାନା ନାମରେ ନାମିତ କରିଥାନ୍ତି। କାଳର ଗତିରେ ହଜାର ହଜାର ବର୍ଷର ସଂଘର୍ଷ ପରେ ବେଦାନ୍ତର ଏହି ଅଦ୍ୱୈତ ଜ୍ଞାନ ହିନ୍ଦୁ ଦର୍ଶନରେ ପ୍ରତିଷ୍ଠିତ ହୋଇଛି। ଏ ଯୁଗରେ ମଧ୍ୟ ପରମ ପୁରୁଷ ଶ୍ରୀରାମକୃଷ୍ଣ ହିନ୍ଦୁ, ଖ୍ରୀଷ୍ଟିଆନ, ମୁସଲମାନ ସବୁ ମତରେ ସାଧନା କରି ସେହି ଅଦ୍ୱୈତ ସିଦ୍ଧାନ୍ତରେ ଉପନୀତ ହୋଇ ଘୋଷଣା କଲେ ଯେ ଜଳ, ପାନି ଏବଂ ୱାଟର ମଧ୍ୟରେ ଯେପରି କୌଣସି ପ୍ରଭେଦ ନାହିଁ ଠିକ୍ ସେହିପରି ଈଶ୍ୱର, ଗଡ୍ ଏବଂ ଖୋଦା ମଧ୍ୟରେ ବି କୌଣସି ଭିନ୍ନତା ନାହିଁ। ତାଙ୍କର ଉତ୍ତରସୂରୀ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ମଧ୍ୟ କହିଛନ୍ତି- ''ବାପାଙ୍କୁ ଯେଉଁ ଭାଷାରେ ହିଁ ଡାକୁ ନା କାହିଁକି, ତାହା ବାପାଙ୍କୁ ହିଁ ଡାକିବା- ଈଶ୍ୱରଙ୍କୁ ଯାହା କହି ଯେଉଁ ନାମରେ ହିଁ ଡାକୁନା କାହିଁକି, ତାହା ଈଶ୍ୱରଙ୍କୁ ହିଁ ଡାକିବା ; ଆଉ ଯାହା ଧରି ତାଙ୍କ ଆଡକୁ ଆଗେଇଯିବା ହୁଏ- ତାହା ସଦ୍‌ଗୁରୁ ସନ୍ନିଧାନ।'' (ଶାଶ୍ୱତୀ)

ଈଶ୍ୱରଙ୍କ ସମ୍ବନ୍ଧରେ ଦ୍ୱୈତ ଭାବ ପୋଷଣ କରିବା ହେତୁ ଆସିଥାଏ ଅଜ୍ଞାନତା, ଅବିଶ୍ୱାସ, ବିଭେଦ, ବିଚ୍ଛିନ୍ନତା ଏବଂ ବହୁନୈଷ୍ଠିକତା। ହିନ୍ଦୁ ମତରେ ନାନା ପ୍ରକାର ଦେବଦେବୀଙ୍କର ଉପାସନା ସମ୍ବନ୍ଧରେ ମହାନିର୍ବାଣ ତନ୍ତ୍ରରେ କୁହାଯାଇଛି -

''ଏବଂ ଗୁଣାନୁସାରେଣ ରୂପାଣି ବିବିଧାନି ଚ।
କଳ୍ପିତାନି ହିତାର୍ଥାୟ ଭକ୍ତାନାଂ ସ୍ୱଳ୍ପମେଧସାମ୍।।'

ଅର୍ଥାତ୍ ସ୍ୱଳ୍ପମେଧାସମ୍ପନ୍ନ ଭକ୍ତମାନଙ୍କ ପକ୍ଷରେ ନିର୍ବିଶେଷ ଈଶ୍ୱରଙ୍କୁ ଉପଲବ୍ଧି କରିବା ସମ୍ଭବ ନ ହେବାରୁ ସେହି ଅନନ୍ତବୀର୍ଯ୍ୟ ସତ୍ତାଙ୍କର ନାନା ଗୁଣାବଳୀକୁ ନାନା ଭାବୋଦ୍ଦୀପକ ମୂର୍ତ୍ତି ରୂପରେ କଳ୍ପନା କରି ଉପାସନାର ବ୍ୟବସ୍ଥା କରାଯାଇଥିଲା, ଯାହାଦ୍ୱାରା ସାଧାରଣ ଭକ୍ତବୃନ୍ଦ ସେମାନଙ୍କର ଉପାସନା କରି, ନିଜ ମଧ୍ୟରେ ସେହି ଗୁଣର କର୍ଷଣ କରି ଈଶ୍ୱର ସାନ୍ନିଧରେ ଉପନୀତ ହୋଇପାରନ୍ତି। ଯେପରି କି ଋଦ୍ଧି ଏବଂ ସିଦ୍ଧିର ଦେବତା ଗଣେଶ, ବିଦ୍ୟାଦାତ୍ରୀ ସରସ୍ୱତୀ, ସମୃଦ୍ଧିର ପ୍ରତୀକ ଲକ୍ଷ୍ମୀ, ମାତୃଶକ୍ତିର ପ୍ରତୀକ ଦେବୀ ଦୁର୍ଗା ଇତ୍ୟାଦି। ସମସ୍ତ ଦେବଦେବୀଙ୍କର ମୂଳ ଉତ୍ସ କିନ୍ତୁ ଈଶ୍ୱର। ଶ୍ରୀଶ୍ରୀଠାକୁର କହିଛନ୍ତି- ''ଏକ ସ୍ରଷ୍ଟା ଅଦ୍ୱିତୀୟ ଅନନ୍ତ ସୃଜନ। ଯେତେସବୁ ଦେବଦେବୀ ତାଙ୍କର ପ୍ରକଟ ବୀର୍ଯ୍ୟ ବିଲକ୍ଷଣ।'' ଆମେ ଯେତେବେଳେ ଭକ୍ତିଶ୍ରଦ୍ଧାବିବର୍ଜିତ ହୋଇ ସେହି ଦେବଦେବୀଙ୍କ ମଧ୍ୟରେ ଅନୁସ୍ୟୁତ ଈଶ୍ୱରୀୟ ଗୁଣାବଳୀକୁ ବାସ୍ତବ ଜୀବନରେ କର୍ଷଣ କରିବା ଭୁଲି ଯାଇ କେବଳ ବାହ୍ୟ ଆଡମ୍ବରପୂର୍ଣ୍ଣ ପୂଜାପାଠ ଏବଂ ନାନାପ୍ରକାର ଔପଚାରିକତାରେ ନିଜକୁ ସୀମିତ କରିଦେଲେ, ସେତେବେଳେ ହିନ୍ଦୁମାନେ କ୍ରମେ କ୍ରମେ ହୋଇ ଉଠିଲେ ବହୁନୈଷ୍ଠିକ ଏବଂ ସମାଜରେ ଧର୍ମଚର୍ଯ୍ୟା ହୋଇଉଠିଲା ନିରର୍ଥକ ବାହ୍ୟାଡମ୍ବରପୂର୍ଣ୍ଣ ଅନୁଷ୍ଠାନସର୍ବସ୍ୱ। ଏ ସମ୍ବନ୍ଧରେ ଶାସ୍ତ୍ରର ନିର୍ଦ୍ଦେଶ ଅତ୍ୟନ୍ତ ସୁସ୍ପଷ୍ଟ-

''ଉତ୍ତମୋ ବ୍ରହ୍ମସଦ୍‌ଭାବୋ ଧ୍ୟାନଭାବସ୍ତୁ ମଧ୍ୟମଃ।
ସ୍ତୁତିର୍ଜପୋଽଧମୋ ଭାବୋ ବାହ୍ୟପୂଜାଽଧମାଧମଃ।।''
(ମହାନିର୍ବାଣ ତନ୍ତ୍ର)

ଅନ୍ତଃସାରହୀନ ବାହ୍ୟପୂଜାକୁ ଶାସ୍ତ୍ରରେ ଅଧମାଧମ କୁହାଯାଇଛି। ଶ୍ରୀଶ୍ରୀଠାକୁର ହିନ୍ଦୁତ୍ୱର ସଂଜ୍ଞା ନିରୂପଣ କରି କହିଛନ୍ତି- ଯେଉଁମାନେ ପଞ୍ଚବର୍ହିଃ ବା ଆର୍ଯ୍ୟପଞ୍ଚାଗ୍ନିକୁ ସ୍ୱୀକାର ଓ ଅନୁସରଣ କରନ୍ତି, ସେମାନେ ହିଁ ଆର୍ଯ୍ୟ ବା ହିନ୍ଦୁ ପଦବାଚ୍ୟ। ଆର୍ଯ୍ୟ ପଞ୍ଚବର୍ହିଃର ପ୍ରଥମ ଶ୍ଳୋକଟି ହେଲା- ''ଏକମେବାଦ୍ୱିତୀୟଂ ଶରଣମ୍।'' ଅର୍ଥାତ୍ ଏକ ଏବଂ ଅଦ୍ୱିତୀୟ (ଈଶ୍ୱର)ଙ୍କର ଶରଣ ନେଉଅଛି। ଏହା ହିଁ ହିନ୍ଦୁ ଦର୍ଶନର ବାସ୍ତବ, ବିଜ୍ଞାନସମ୍ମତ, ସାଧନଲବ୍ଧ ମୌଳିକ ସିଦ୍ଧାନ୍ତ। ଆମର ଯେତେ ପ୍ରକାର ପୂଜାର୍ଚ୍ଚନା ଏହି ମୌଳିକ ସତ୍ୟକୁ ହିଁ ପରିପୂରିତ କରିଥାଏ। ଯେ କୌଣସି ପୂଜାର୍ଚ୍ଚନାର ପ୍ରଥମେ ଯେଉଁ ବିଷ୍ଣୁ ସ୍ମରଣ (ଓଁ ବିଷ୍ଣୁଃଓଁ ବିଷ୍ଣୁଃଓଁ ବିଷ୍ଣୁଃ) କରାଯାଏ ତାହା ହିଁ ସୂଚାଇଦିଏ ଯେ ହିନ୍ଦୁମାନେ ବହୁପ୍ରକାର ପୂଜାର୍ଚ୍ଚନା ମଧ୍ୟରେ ସେହି ଏକତ୍ୱର ଅନୁଗମନ କରିଥାନ୍ତି। ଶ୍ରୀଶ୍ରୀଠାକୁର କହିଛନ୍ତି, ''ବିଭିନ୍ନରେ ଏକତ୍ୱର ଅନୁଭବ-ଏକତ୍ୱରେ ସର୍ବୈଶିଷ୍ଟ୍ୟ ବିଭିନ୍ନର ଅନୁଭୂତି-ସଂଶ୍ଳେଷୀ ଓ ବିଶ୍ଳେଷୀ ସାର୍ଥକତାରେ-ଯଥାଯଥ ବାସ୍ତବରେ- ବ୍ରହ୍ମାନୁଭୂତିର ମେରୁଦଣ୍ଡ ହିଁ ସେହିଠାରେ'' (ଶାଶ୍ୱତୀ- ୨୭୩)।

ଅସଲ କଥା ହେଲା ଆମର ଧର୍ମଧାରଣା ଏବଂ କର୍ମଜୀବନର ପ୍ରତି କ୍ଷେତ୍ରରେ ସେହି ବେଦାନ୍ତ ଧର୍ମ ବା ମୌଳିକ ହିନ୍ଦୁ ଦର୍ଶନର ଅଦ୍ୱିତୀୟ ଏକତ୍ୱର ଭାବକୁ ପୁନର୍ବାର ଆମର ଚେତନାର ନିୟାମକ ବା ଜୀବନାଦର୍ଶ ଭାବରେ ଗ୍ରହଣ କରିବାକୁ ହେବ। ନଚେତ୍ ଏହି ସୁପ୍ରାଚୀନ ଆର୍ଯ୍ୟ ଜାତି ଆତ୍ମବିସ୍ମୃତ ହୋଇ କେବଳ ନାମକା ବାସ୍ତେ ହିନ୍ଦୁ ବୋଲାଇ ଚାଲୁଥିବ। ଶ୍ରୀଶ୍ରୀଠାକୁର ଆଜିର ବିଚ୍ଛିନ୍ନ, ବିକେନ୍ଦ୍ରିକ, ସଂହତିହରା, ଦୁର୍ବଳ, ସଂକୀର୍ଣ୍ଣ-ସ୍ୱାର୍ଥାନ୍ୱେଷୀ, ଆଦର୍ଶଚ୍ୟୁତ ହିନ୍ଦୁ ଜନଗୋଷ୍ଠୀକୁ ଲକ୍ଷ୍ୟ କରି ଦୁଃଖାଭିଭୂତ ହୋଇ କହିଛନ୍ତି- ତୁମ୍ଭେମାନେ ସବୁ ସିଂହର ଶାବକ (ଅଦ୍ୱୈତର ଦାୟାଦ), ଆଜି ଆତ୍ମଚୈତନ୍ୟହରା ହୋଇ ଶୃଗାଳ ସାଜିଛ। ତେଣୁ ଯେଉଁମାନେ ଆଜି ହିନ୍ଦୁତ୍ୱର ବଡ଼ପଣ୍ଡା ସାଜି ନାନାପ୍ରକାର ତମ୍ବିତୋଫାନ ସୃଷ୍ଟି କରୁଛନ୍ତି ସେମାନେ ପ୍ରଥମେ ସେହି ଉଦାର ଅଦ୍ୱୈତ ଦର୍ଶନକୁ ଉପଲବ୍ଧି କରି, ସଂକୀର୍ଣ୍ଣ ସାମ୍ପ୍ରଦାୟିକ ମନୋଭାବରୁ ମୁକ୍ତ ହୋଇ ଯଥାର୍ଥ ହିନ୍ଦୁତ୍ୱର ଗୌରବମୟ ପରମ୍ପରାରେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରି ତୋଳନ୍ତୁ- ଜାତୀୟ ଜୀବନରେ ପଞ୍ଚବର୍ହିଃର ଶାଶ୍ୱତ ନୀତିଗୁଡିକୁ ପ୍ରତିଷ୍ଠା କରନ୍ତୁ, ଯାହାଦ୍ୱାରା ହିନ୍ଦୁ ସମାଜର ଯଥାର୍ଥ ସ୍ୱାର୍ଥରକ୍ଷା ଏବଂ ପ୍ରକୃତ ଉନ୍ନତି ସାଧିତ ହେବା ସଙ୍ଗେ ସଙ୍ଗେ ବିଶ୍ୱ ଦରବାରରେ ଭାରତବର୍ଷ ତାହାର ଗୌରବମୟ ଆସନ ଫେରିପାଇବ। ପଞ୍ଚବର୍ହିଃର ଅବଶିଷ୍ଟ ଚାରିଟି ଶ୍ଳୋକ ସମ୍ବନ୍ଧରେ ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା କରିବାର ଆଶା ରହିଲା।

ନୟାପଲ୍ଲୀ, ଭୁବନେଶ୍ୱର,
ମୋ-୯୪୩୭୨୮୭୯୬୪

## ପାଠକ ଶ୍ରେଷ୍ଠ ବିଚାରକ

### ମଧୁ ଆପ୍ ଶିକ୍ଷାର ମାନ ବଢାଇବ କି

ମହାଶୟ,

ସମ୍ପ୍ରତି ଆମ ରାଜ୍ୟରେ ମଧୁ ଆପ୍ ଯୋଜନାରେ ଭିଡିଓ ମାଧ୍ୟମରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ପାଇଁ ସରକାର ଅଭିନବ ଉପାୟ ଚିନ୍ତା କରିଛନ୍ତି। ୨୦୦୯ରୁ ଉପଗ୍ରହ ଜରିଆରେ ଏଡୁସ୍ୟାଟ୍ ମାଧ୍ୟମରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଇଂଲିଶ, ଗଣିତ, ବିଜ୍ଞାନ, ଭୂଗୋଳ ଆଦି କଠିନ ବିଷୟକୁ ରାଜ୍ୟର ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ପଢା ହେଉଥିଲା। ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ବିଜ୍ଞାନ, କାରିଗରି ବିଭାଗର ମିଳିତ ସହଯୋଗରେ ଏହା ଚାଲିଥିଲା। କିନ୍ତୁ ରାଜ୍ୟର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବିଷୟ ଶିକ୍ଷକଙ୍କ ଆନ୍ତରିକତା ଅଭାବରୁ ସେହି ଏଡୁସ୍ୟାଟ୍ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିଲା ନାହିଁ। ଯଦି ମଧୁ ଆପ୍ ଜରିଆରେ ପିଲାମାନେ ମୋବାଇଲରେ ପାଠ ପଢିବେ, ତେବେ ମୋବାଇଲର ଦୁରୁପଯୋଗ ହେବନି ତ ? କାହିଁକି ନା ବର୍ତ୍ତମାନ ପିଲାମାନଙ୍କୁ ଏବର ମୋବାଇଲ ହିଁ ଖରାପ କରୁଛି।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

### ଠାକୁରଙ୍କ ସମ୍ପତ୍ତି ଉଦ୍ଧାର ହେଉ

କଟକ ସଦର ଅନ୍ତର୍ଗତ ଆୟତପୁର ଗ୍ରାମପଞ୍ଚାୟତର ଦାମୋଦରପୁରରେ ନାଗେଶ୍ୱରନାଥ ଶିବ ମନ୍ଦିର ରହିଛି। ଠାକୁରଙ୍କ ସତର ଏକରରୁ ଅଧିକ ଜମିକୁ ପୂଜକମାନେ ନିଜ ନାମରେ କରାଇ ନେଇଛନ୍ତି। ଦେବୋତ୍ତର ବିଭାଗ ଏହା ବିରୋଧରେ ପଦକ୍ଷେପ ନେବା ଆବଶ୍ୟକ। ଉକ୍ତ ଜମିକୁ ପୂର୍ବ ପରି ଠାକୁରଙ୍କ ନାମରେ ରଖାଯାଉ, ଯାହା କି ଭବିଷ୍ୟତରେ କୌଣସି ପୂଜକ ତା' ଉପରେ ନିଜର ଅଧିକାର ଜାହିର କିମ୍ବା ବିକ୍ରୟ କରିପାରିବେ ନାହିଁ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୯ ଜାନୁୟାରୀ ୧୯୯୫

- ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ସଦସ୍ୟ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବୋଧକାନ୍ତ ସହାୟଙ୍କୁ ଦଳରୁ ବହିଷ୍କାର କରାଯାଇଛି।
- ତାଜିକିସ୍ତାନ ସୀମାନ୍ତ କାଜାଖସ୍ତାନର ଦରୱାନ ଜିଲାରେ ରୁଷିଆର ଜେଟ୍ ଯୋଗେ ବୋମାମାଡ଼ ହେବା ଫଳରେ ୧୦ ଆଫଗାନ ନାଗରିକ ନିହତ।



“ ୨୦୨୨ରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ ଅଧିବେଶନ କାର୍ଯ୍ୟ ଆରମ୍ଭ ହେବା

-ଓମ୍ ବିର୍ଲା,
ଲୋକସଭା ବାଚସ୍ପତି



# ଇରାନ ଉପରେ କଠୋର କଟକଣା

ୱାଶିଂଟନ,୮।୧

ଇରାନ ଉପରେ ଆମେରିକା ପୂର୍ବରୁ କେତେକ କଟକଣା ଜାରି କରିଥିବାବେଳେ ବୁଧବାର ରାତିରେ ଆହୁରି କେତୋଟି କଠୋର କଟକଣା ଲାଗୁ କରିବା ପାଇଁ ଘୋଷଣା କରିଛି। ଇରାନର ବ୍ୟବହାରରେ ପରିବର୍ତ୍ତନ ନ ଆସିବା ଯାଏ ଏହି କଟକଣା ବଜାୟ ରହିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଏହାସହ ୟୁରୋପ ସମେତ ରୁଷିଆ ଓ ଚାଇନା ଭଳି ପକ୍ଷଙ୍କୁ ୨୦୧୫ ଇରାନ ଆଣବିକ ଚୁକ୍ତିରୁ ଓହରିଯାଇ ନୂଆ ବୁଝାମଣା ପାଇଁ ପ୍ରସ୍ତୁତ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ମଧ୍ୟପ୍ରାଚ୍ୟରେ ନାଟୋ ଅଧିକ ସକ୍ରିୟ ହେବା ଉଚିତ ବୋଲି କହିଛନ୍ତି। ଇରାକରେ ଥିବା ଆମେରିକାର ଦୁଇଟି ସେନାଘାଟି ଉପରେ ଆକ୍ରମଣ କରି ୮୦ ସୈନ୍ୟଙ୍କ ଜୀବନ ନେଇଥିବା ଇରାନ ଦାବି କରିଥିବାବେଳେ ଟ୍ରମ୍ପ ବୁଧବାର ଏହାକୁ ଖଣ୍ଡନ କରିଛନ୍ତି। ଇରାନର ମିଶାଇଲ ମାଡ଼ରେ କେହି ଜଣେ ହେଲେ ଆମେରିକୀୟ ସୈନ୍ୟ ମରିନାହାନ୍ତି ବୋଲି ସେ କହିଛନ୍ତି। ଏହାସହ ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ଇରାନକୁ ସେ ଶାନ୍ତିପଥର ଅନୁଗାମୀ ହେବାକୁ ପ୍ରସ୍ତାବ ଦେଇଛନ୍ତି। ହ୍ୱାଇଟ୍ ହାଉସ ଗ୍ରାଣ୍ଡ ଫୋୟରରୁ ଜାତି ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ ଟ୍ରମ୍ପ କହିଛନ୍ତି, ଇରାନର ଆକ୍ରମଣରେ ଆମ ସେନାଘାଟିର ବହୁତ କମ୍ କ୍ଷତି ହୋଇଛି। ଏଥିରେ ଆମେରିକା କିମ୍ବା ଇରାକର କେହି ମୃତାହତ ହୋଇନାହାନ୍ତି ।



## ଟ୍ରମ୍ପଙ୍କ ଅଭିଭାଷଣର ମୁଖ୍ୟାଂଶ

- ଜେନେରାଲ କାସିମ ସୋଲେମାନୀ ସାରା ବିଶ୍ୱରେ ଗୃହଯୁଦ୍ଧର ନିଆଁରେ ଘିଅ ଢାଳିଥିଲେ। ସେ ଆମର ହଜାର ହଜାର ସୈନ୍ୟଙ୍କୁ ମାରିବା ପରେ ଆମେରିକା ଉପରେ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ରଚୁଥିଲେ। ସୋଲେମାନୀଙ୍କ ହାତ ରକ୍ତରଞ୍ଜିତ।
- ଆତଙ୍କବାଦର ପୃଷ୍ଠପୋଷକତା ପାଇଁ ନେତୃତ୍ୱ ନେଉଥିବା ଦେଶ ଇରାନକୁ ମୁଁ ରାଷ୍ଟ୍ରପତି ଥିବା ଯାଏ ଆଣବିକ ଅସ୍ତ୍ର ରଖିବାକୁ ଦିଆଯିବ ନାହିଁ।
- ଇରାନ ଉପରେ ଆହୁରି ଅନେକ ପ୍ରଭାବଶାଳୀ କଟକଣା ଜାରି କରିବୁ।
- ସଦ୍ୟ ଆକ୍ରମଣରେ ଆମେରିକାର କେହି ମୃତାହତ ହୋଇନାହାନ୍ତି। ସମସ୍ତ ସୈନ୍ୟ ସୁରକ୍ଷିତ ଅଛନ୍ତି। ଆମ ସେନାଘାଟିର ମାମୁଲି କ୍ଷତି ହୋଇଛି।
- ଏପରି ଆକ୍ରମଣ କରି ଇରାନ ନିଜ ସ୍ଥିତିକୁ ଦୁର୍ବଳ କରିଛି, ଯାହାକି ବିଶ୍ୱ ପାଇଁ ଶୁଭଙ୍କର।
- ଇରାନ ତା'ର ଆଣବିକ ମହତ୍ତ୍ୱାକାଂକ୍ଷାକୁ ତ୍ୟାଗକରୁ ଓ ଆତଙ୍କବାଦକୁ ସମର୍ଥନ ଦେବା ବନ୍ଦକରୁ।
- ଏଭଳି କଲେ ଇରାନ ଏକ ମହାନ୍ ଦେଶରେ ପରିଣତ ହୋଇପାରିବ। ଇରାନ ହିଂସା ବନ୍ଦ ନ କରିବା ଯାଏ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା ଫେରିବ ନାହିଁ।
- ଆମଠୁ ସହଯୋଗ ପାଇବା ପରେ ଆମେରିକାକୁ ଧନ୍ୟବାଦ ଦେବା ପରିବର୍ତ୍ତେ 'ଆମେରିକା ମୁର୍ଦ୍ଦାବାଦ' ବୋଲି ସ୍ଲୋଗାନ ଦେଇଛି ଇରାନ।
- ସାରା ବିଶ୍ୱ ଏକାଠି ହୋଇ ଇରାନର ଶାସନକର୍ତ୍ତାଙ୍କୁ 'ଆଉ ଆତଙ୍କବାଦ ଚଳିବ ନାହିଁ' ବୋଲି ସନ୍ଦେଶ ଦିଅନ୍ତୁ।

■ ଭାରତ ବନ୍ଦବେଳେ ପଶ୍ଚିମବଙ୍ଗରେ ହିଂସା

# ପୋଲିସ ଗାଡ଼ି ପୋଡ଼ିଲେ: ୫୫ ଗିରଫ




କୋଲକାତା,୮।୧

ଟ୍ରେଡ୍ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ବନ୍ଦ ଡ଼ାକରା ଦିଆଯାଇଥିବାବେଳେ ବିଭିନ୍ନ ସ୍ଥାନରେ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ତେବେ ବୁଧବାର ପଶ୍ଚିମବଙ୍ଗରେ ଏହାକୁ ନେଇ ହିଂସାକାଣ୍ଡ ଦେଖିବାକୁ ମିଳିଛି। ମାଲ୍‌ଦାର ସୁଜାପୁର ଅଞ୍ଚଳରେ ଟ୍ରେଡ୍ ୟୁନିୟନର ସମର୍ଥକମାନେ ଦୁଇଟି ପୋଲିସ ଗାଡ଼ି ପୋଡ଼ିଦେବା ସହ ଟେକାପଥର ମାଡ଼ କରିଥିଲେ। ଜାତୀୟ ରାଜପଥ ୩୪ରେ ବାଧହୋଇ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହ ବ୍ଲାଙ୍କ୍ ଫାୟାରିଂ କରିଥିଲା। ପରିସ୍ଥିତିକୁ ଦେଖି ସେଠାରେ ଅଧିକ ଫୋର୍ସ ମୁତୟନ କରାଯାଇଥିବା ମାଲ୍‌ଦା ଏସ୍‌ପି ଆଲୋକ ରାଜୋରିଆ ପ୍ରକାଶ କରିଛନ୍ତି। ସେପଟେ ସୁଜାପୁରର କଂଗ୍ରେସ ବିଧାୟକ ଇଶା ଖାନ୍ ପୋଲିସ ପୋଷାକରେ ଆସି ଜଣେ ବ୍ୟକ୍ତି ନିଆଁ ଲଗାଉଥିବା ଏକ ଭିଡିଓ ଫୁଟେଜ୍ ଦେଖାଇଥିଲେ। କଂଗ୍ରେସ କାର୍ଯ୍ୟକର୍ତ୍ତା କୌଣସି କ୍ଷୟକ୍ଷତି କରି ନ ଥିବା ସେ ଦର୍ଶାଇଛନ୍ତି। ମାଲ୍‌ଦାର ସିପିଆଇ ଜିଲା ସମ୍ପାଦକ ଅମ୍ବର ମିତ୍ର ମଧ୍ୟ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଥିବା ଓ କୌଣସି ପୋଡ଼ାଜଳା କରାଯାଇ ନ ଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବନ୍ଦ ପାଳନ ଯଥାର୍ଥ ବୋଲି କହିଥିବାବେଳେ ହିଂସାକୁ ଆମେ ସମର୍ଥନ କରୁନାହୁଁ ବୋଲି ପ୍ରକାଶ କରିଛନ୍ତି। ବାମପନ୍ଥୀମାନେ ପବ୍ଲିସିଟି ଲାଗି ଏଭଳି ହିଂସାକାଣ୍ଡ କରୁଛନ୍ତି ବୋଲି ସେ କହିଛନ୍ତି। ଗତମାସରେ ସିଏଏକୁ ବିରୋଧ କରି ଏଠାରେ ବିକ୍ଷୋଭ କରାଯିବା ସହ ବ୍ୟାପକ ପୋଡ଼ାଜଳା କରାଯାଇଥିଲା। ଟ୍ରେନ୍, ବସ୍‌ରେ ନିଆଁ ଲଗାଯିବା ସହ ରେଲ୍‌ୱେ ଷ୍ଟେଶନରେ ବ୍ୟାପକ ପୋଡ଼ାଜଳା କରାଯାଇଥିଲା। ଭାରତ ବନ୍ଦବେଳେ ରାଜ୍ୟରେ ରେଳ, ସଡ଼କ ପରିବହନ ବନ୍ଦ ରହିଥିବାବେଳେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ପୋଲିସ ମୋଟ ୫୫ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

■ ଇରାନରେ ଭାରତୀୟଙ୍କ ସୁରକ୍ଷା ଚିନ୍ତା

# ଆଣିବାକୁ ଯିବ 'ତ୍ରିଖଣ୍ଡ'

ନୂଆଦିଲ୍ଲୀ,୮।୧

ୱାଶିଂଟନ ଓ ତେହେରାନ ଯୁଦ୍ଧମୁହାଁ ହୋଇଥିବାରୁ ଇରାନରେ ରହୁଥିବା ଭାରତୀୟଙ୍କ ସୁରକ୍ଷା ଚିନ୍ତା ବଢ଼ିଲାଣି। ସେଥିପାଇଁ ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶକୁ ଆଣିବା ଲାଗି ଭାରତୀୟ ନୌସେନାର ଆଇଏନ୍‌ଏସ୍ ତ୍ରିଖଣ୍ଡ ଇରାନ ଯିବ। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ବୁଧବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ରବୀଶ କୁମାର କହିଛନ୍ତି, ଇସ୍‌ଲାମିକ ରାଷ୍ଟ୍ର ଇରାନରୁ ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଅଣାଯାଇପାରିବ। ଆବଶ୍ୟକ ହେଲେ ଆଇଏନ୍‌ଏସ୍ ତ୍ରିଖଣ୍ଡକୁ ଏହି କାର୍ଯ୍ୟରେ ନିୟୋଜିତ କରାଯିବ। ତ୍ରିଖଣ୍ଡ ୨୦୧୯ ସେପ୍ଟେମ୍ବରରୁ ଓମାନ ଉପସାଗରରେ ରହିଛି। ତେଣୁ ଏହାକୁ ଇରାନରୁ ଭାରତୀୟଙ୍କୁ ଆଣିବା କାର୍ଯ୍ୟରେ ଲଗାଯାଇପାରିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ ତଲୱାର ବର୍ଗର ଫ୍ରିଗେଟ ଆଇଏନ୍‌ଏସ୍ ତ୍ରିଖଣ୍ଡକୁ ରୁଷିଆର ୟନ୍ତର ଶିପ୍‌ୟାର୍ଡରେ ନିର୍ମାଣ କରାଯାଇଥିଲା। ୨୦୧୩ ଜୁନ ୨୯ରେ ଏହା ଭାରତୀୟ ନୌସେନାରେ ସାମିଲ ହୋଇଥିଲା। ଏହାର ଘଣ୍ଟା ପ୍ରତି ସର୍ବାଧିକ ବେଗ ୫୬ କି.ମି.। ତ୍ରିଖଣ୍ଡରେ ୧୮ ଅଧିକାରୀଙ୍କ ସମେତ ୧୮୦ ନାବିକ ଅଛନ୍ତି।



■ ଭାରତୀୟଙ୍କୁ ନୂଆଦିଲ୍ଲୀର ପରାମର୍ଶ

# ଇରାକ ଯାଅନି, ବିପଦ ଅଛି

ନୂଆଦିଲ୍ଲୀ,୮।୧(ପି.ଟି.)




ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଦୁଇ ପାରମ୍ପରିକ ଶତ୍ରୁରାଷ୍ଟ୍ରର ଟାର୍ଗେଟ ସ୍ଥଳ ପାଲଟିଛି ଇରାକ। ତେଣୁ ଇରାକକୁ ନ ଯିବା ପାଇଁ ଭାରତର ନାଗରିକମାନଙ୍କୁ ନୂଆଦିଲ୍ଲୀ ପରାମର୍ଶ ଦେଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଏ ସଂକ୍ରାନ୍ତରେ ଏକ ଆଡ୍‌ଭାଇଜରି ଜାରି କରାଯାଇଛି। ଗତ ୩ ତାରିଖରେ ଆମେରିକୀୟ ସୈନ୍ୟ ଇରାନ ରିଭୋଲ୍ୟୁଶନାରୀ ଗାର୍ଡ କର୍ କମାଣ୍ଡର ଜେନେରାଲ କାସିମ୍ ସୋଲେମାନୀଙ୍କୁ ଡ୍ରୋନ୍ ଆକ୍ରମଣରେ ହତ୍ୟା କରିଥିଲେ। ହତ୍ୟା ସ୍ଥଳ ଥିଲା ଇରାକର ବାଗଦାଦସ୍ଥିତ ବିମାନବନ୍ଦର। ଇରାନ ଏହାର ଜବାବ ଦେବାକୁ ଯାଇ ବୁଧବାର ଆମେରିକାର ଦୁଇଟି ସେନାଘାଟି ଧ୍ୱଂସ କରିଦେଇଛି। ମିଶାଇଲ ଆକ୍ରମଣରେ ୮୦ ଆମେରିକୀୟ ସୈନ୍ୟ ନିହତ ଓ ୨୦୦ ଆହତ ହୋଇଥିବା ତେହେରାନ ଦାବି କରୁଛି, ଯାହାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖଣ୍ଡନ କରିଛନ୍ତି। ଏହି ଆକ୍ରମଣର ଟାର୍ଗେଟ ସ୍ଥଳ ମଧ୍ୟ ଥିଲା ସେହି ଇରାକ୍‌ର ଅଲ୍-ଅସାଦ ଓ ଏର୍‌ବିଲ୍ ସେନାଘାଟି। ଏହି ଆକ୍ରମଣ ଓ ପ୍ରତିଆକ୍ରମଣଜନିତ ଉତ୍ତେଜନା ଖୁବ୍‌ଶୀଘ୍ର ପ୍ରଶମିତ ହେବାର ଆଶା ଦିଶୁନାହିଁ। ଏଥିଯୋଗୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଭାବେ ଇରାକ ନ ଯିବା ପାଇଁ ଭାରତୀୟଙ୍କୁ ପରାମର୍ଶ ଦିଆଯାଇଛି। ମନ୍ତ୍ରଣାଳୟ ଜାରି କରିଥିବା ବିବୃତିରେ କୁହାଯାଇଛି ଯେ, ବର୍ତ୍ତମାନ ଇରାକରେ ଯେଉଁଭଳି ସ୍ଥିତି ଉପୁଜିଛି, ଜରୁରୀ ନ ଥିଲେ ସେଠାକୁ କୌଣସି ଭାରତୀୟ ଯିବା ଅନୁଚିତ। ପରବର୍ତ୍ତୀ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ କେହି ଇରାକ ଯାଆନ୍ତୁ ନାହିଁ। ସେହିପରି ଇରାକରେ ରହୁଥିବା ଭାରତୀୟମାନଙ୍କୁ ମଧ୍ୟ ସତର୍କ ରହିବା ସହ ସେହି ଦେଶ ଭିତରେ ଯାତ୍ରା ଏଡ଼ାଇବା ପାଇଁ ପରାମର୍ଶ ଦିଆଯାଇଛି। ବାଗଦାଦସ୍ଥିତ ଭାରତୀୟ ଦୂତାବାସ ଓ ଏର୍‌ବିଲରେ ଥିବା କନ୍‌ସୁଲେଟ ସେଠାରେ ବସବାସ କରୁଥିବା ଭାରତର ନାଗରିକଙ୍କୁ ସେବା ପ୍ରଦାନ କରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

■ ତିହାର ଜେଲ ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ

# ଆଜାଦଙ୍କୁ ଶୀଘ୍ର ଚିକିତ୍ସା ଯୋଗାଅ

ନୂଆଦିଲ୍ଲୀ,୮।୧



ସିଏଏ ବିରୋଧୀ ଉଗ୍ର ବିକ୍ଷୋଭବେଳେ ଦିଲ୍ଲୀରୁ ଗିରଫ ହୋଇ ତିହାର ଜେଲରେ ଥିବା ଭୀମ୍ ଆର୍ମୀ ମୁଖ୍ୟ ଚନ୍ଦ୍ରଶେଖର ଆଜାଦ୍‌ଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଦେବା ଲାଗି ଦିଲ୍ଲୀ କୋର୍ଟ ତିହାର ଜେଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଅରୁଲ୍ ବର୍ମା ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶନାମାରେ ଏଭଳି କହିଥିବାବେଳେ ପୂର୍ଣ୍ଣାଙ୍ଗ ଶୁଣାଣି ଗୁରୁବାର ହେବ ବୋଲି ଜଣାପଡ଼ିଛି। ତେବେ ଆଜାଦଙ୍କ ମେଡିକାଲ ରିପୋର୍ଟ ପ୍ରଦାନ ଲାଗି ଅଧିକ ସମୟ ଲାଗିବ ଓ ଏମ୍ସରେ ତାଙ୍କ ଚିକିତ୍ସା କରାଯିବ ବୋଲି ଜଣାପଡ଼ିଛି। ଆଜାଦ ପୋଲିସାଇଥେମିଆରେ ପୀଡ଼ିତ ଥିବାବେଳେ ଏମ୍ସରେ ଦୈନନ୍ଦିନ ଚିକିତ୍ସାର ଆବଶ୍ୟକତା ରହିଛି ବୋଲି ଆଜାଦଙ୍କ ଓକିଲ ଦର୍ଶାଇଥିଲେ। ତୁରନ୍ତ ଚିକିତ୍ସା ଯୋଗାଇ ନ ଦେଲେ ହୃଦଘାତର ଆଶଙ୍କା ରହିଥିବା ସେ କୋର୍ଟରେ କହିଥିଲେ। ପ୍ରକାଶଥାଉ କି, ଆଜାଦ ଗତ ୨୧ରୁ ହାଜତରେ ଅଛନ୍ତି।




ଜେଏନ୍‌ୟୁରେ ଦୁର୍ବୃତ୍ତଙ୍କ ଆକ୍ରମଣ ପରେ ଡିଏମ୍‌କେ ଏମ୍‌ପି କାନିମୋଝି ବୁଧବାର ସେଠାକୁ ଯାଇ ଅଧ୍ୟାପକଙ୍କୁ ଭେଟୁଛନ୍ତି।

## ଇତିହାସର ଆଇନାରେ

## ଜାନୁୟାରୀ ୯ର ପ୍ରମୁଖ ଘଟଣା

### ବିମାନ ଦୁର୍ଘଟଣାରେ ୭୮ ମୃତ

୨୦୧୧ ଜାନୁୟାରୀ ୯ରେ ଇରାନର ଏକ ବିମାନ ଉତ୍ତର-ପଶ୍ଚିମ ଉର୍ମିଆ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥଇବା ୭୮ ଯାତ୍ରୀ ପ୍ରାଣ ହରାଇଥିଲେ। ବିମାନଟି ଇରାନର ରାଜଧାନୀ ତେହେରାନରୁ ଉର୍ମିଆ ଅଭିମୁଖେ ଯାଉଥିଲା। ବିମାନଟିରେ ମୋଟ ୧୦୫ ଯାତ୍ରୀ ଥିଲେ। ଇଞ୍ଜିନ ସମସ୍ୟା ଯୋଗୁ ଏଭଳି ଘଟିଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଥିଲା।

### କେମିକାଲ ପ୍ଲାଣ୍ଟରେ ବିସ୍ଫୋରଣ

୨୦୧୪ ଜାନୁୟାରୀ ୯ରେ ଜାପାନର ୟୋକାଇଚିସ୍ଥିତ ମିତ୍‌ସୁବିଶି କେମିକାଲ ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ୫ ଜଣ ପ୍ରାଣ ହରାଇଥିବାବେଳେ ପ୍ରାୟ ୨୦ ବ୍ୟକ୍ତି ଆହତ ହୋଇଥିଲେ। କାରଖାନାରେ କାର୍ଯ୍ୟ ଜାରି ରହିଥିବାବେଳେ ଏଭଳି ବିସ୍ଫୋରଣ ଘଟିଥିଲା। ଏହାକୁ ନେଇ ଶ୍ରମିକ ମାନେ ଭୟଭୀତ ହୋଇପଡ଼ିଥିଲେ। ପରେ ମୃତକଙ୍କ ପରିବାରକୁ କମ୍ପାନୀ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା।

## ବଢ଼ିବ ବାଜ୍‌ୱାଙ୍କ କାର୍ଯ୍ୟକାଳ

**ଇସ୍‌ଲାମାବାଦ,୮।୧(ପି.ଟି.):** ପାକିସ୍ତାନ ସେନାଧ୍ୟକ୍ଷ ଜେନେରାଲ କମର ଜାଭେଦ୍ ବାଜ୍‌ୱାଙ୍କ କାର୍ଯ୍ୟକାଳ ଆଉ ୩ ବର୍ଷ ବୃଦ୍ଧିକରିବା ଲାଗି ପାକିସ୍ତାନ ପାର୍ଲାମେଣ୍ଟରେ ବୁଧବାର ୩ ଗୁରୁତ୍ୱପୂର୍ଣ୍ଣ ବିଲ ପାସ୍ ହୋଇଛି। ଉଚ୍ଚସଦନରେ ପାସ୍ ହୋଇଥିବା ବିଲ୍‌ରେ ଜଳ, ସ୍ଥଳ ଓ ବାୟୁ ସେନାମୁଖ୍ୟଙ୍କ ଅବସର ବୟସ ୬୦ ବଦଳରେ ୬୪ ହେବ। ବିଲ୍ ପାସ୍ ହେବା ପରେ ଗୃହର ଅଧ୍ୟକ୍ଷ ସାଦିକ୍ ସଞ୍ଜରାନୀ ଗୃହକୁ ମୁଲତବୀ ରଖିଥିଲେ। ପୂର୍ବରୁ ପ୍ରତିରକ୍ଷା କମିଟି ପକ୍ଷରୁ ଏହାକୁ ସମ୍ମତି ପ୍ରଦାନ କରାଯାଇଥିଲା। ଏବେ ରାଷ୍ଟ୍ରପତି ଆରିଫ୍ ଆଲ୍‌ଭିଙ୍କ ସ୍ୱାକ୍ଷର ପରେ ଏହା ଆଇନରେ ପରିଣତ ହେବ।



ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିଶ୍ୱାସଯୋଗ୍ୟ ବାଜ୍‌ୱା ଗତବର୍ଷ ନଭେମ୍ବର ୨୯ରେ ଅବସର ନେବାର ଥିଲା। ଆଞ୍ଚଳିକ ଅସ୍ଥିରତାକୁ ଦେଖି ଇମ୍ରାନ୍ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିଥିଲେ। ତେବେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପାକ୍ ସୁପ୍ରିମକୋର୍ଟ ଖାରଜ୍ କରିଦେଇଥିଲେ।

## ସ୍ପେନରେ ସାଞ୍ଚେଜ ସରକାର

ମାଡ୍ରିଡ୍,, ୧।୮।୮

ସ୍ପେନର ପ୍ରଧାନମନ୍ତ୍ରୀ ରୁପେ ବୁଧବାର ଶପଥ ନେଇଛନ୍ତି ସୋସିଆଲିଷ୍ଟ ନେତା ପେଡ୍ରୋ ସାଞ୍ଚେଜ। ପାର୍ଲାମେଣ୍ଟରେ ବାମପନ୍ଥୀ ମେଣ୍ଟ ସରକାର ଗଠନ କରିବା ପ୍ରସ୍ତାବ ଆସ୍ଥା ଭୋଟରେ ବିଜୟୀ ହେବା ପରେ ସେ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରିଛନ୍ତି। ଏହା ସହ ଦୀର୍ଘ ମାସ ଧରି ଦେଶରେ ଚାଲିଥିବା ରାଜନୈତିକ ଅସ୍ଥିରତାର ଅବସାନ ହୋଇଛି। ଆସନ୍ତା ସପ୍ତାହରେ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ ନିଜ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ନାଁ ଘୋଷଣା କରିପାରନ୍ତି। ଏନେଇ ସୋସିଆଲିଷ୍ଟ ପାର୍ଟି ତରଫରୁ ଜାରି ଏକ ବିବୃତିରେ କୁହାଯାଇଛି।




ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଅନ୍ୟ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୨ | ୧୧.୮ |
| ଚାନ୍ଦବାଲି | ୨୫.୪ | ୧୩.୪ |
| କଟକ | ୨୭.୮ | ୧୨.୦ |
| ପାରାଦ୍ୱୀପ | ୨୫.୭ | ୧୪.୪ |
| ଭୁବନେଶ୍ୱର | ୨୭.୮ | ୧୩.୪ |
| ଗୋପାଳପୁର | ୨୯.୦ | ୧୫.୬ |
| ପୁରୀ | ୨୫.୪ | ୧୪.୬ |
| ଅନୁଗୋଳ | ୨୮.୭ | ୧୦.୦ |
| ବାରିପଦା | ୨୫.୦ | ୧୨.୫ |
| ଝାରସୁଗୁଡ଼ା | ୨୪.୩ | ୧୨.୬ |
| କେନ୍ଦୁଝର | ୨୭.୫ | ୧୨.୦ |
| ସମ୍ବଲପୁର | ୨୬.୯ | ୧୨.୮ |
| ସୁନ୍ଦରଗଡ଼ | ୨୪.୦ | ୧୨.୫ |
| ହୀରାକୁଦ | ୨୬.୧ | ୧୪.୧ |
| ତାଳଚେର | ୨୭.୩ | ୧୨.୦ |
| ଭବାନୀପାଟଣା | ୩୦.୦ | ୧୪.୦ |
| ବଲାଙ୍ଗୀର | ୨୮.୮ | ୧୧.୫ |
| କୋରାପୁଟ | ୨୯.୦ | ୧୩.୦ |
| ଫୁଲବାଣୀ | -- | ୧୦.୫ |
| ଟିଟିଲାଗଡ଼ | ୨୯.୬ | ୯.୬ |
| ମାଲକାନଗିରି | ୩୧.୦ | ୧୧.୨ |
| ସୋନପୁର | ୨୮.୮ | ୯.୮ |
| ଦାରିଙ୍ଗିବାଡ଼ି | ୨୬.୦ | ୯.୯ |

ଡିଗ୍ରୀ ସେଲ୍‌ସିୟସ୍

■ ଝିଅ ବାହାଘର ଲାଗି ଥିଲା ଟଙ୍କା ଚିନ୍ତା

# ଭଗବାନ ମୋର ଶୁଣିଲେ ପ୍ରାର୍ଥନା: ପୱନ

ମିରଟ,୮।୧



ବହୁଚର୍ଚ୍ଚିତ ନିର୍ଭୟା ବଳାତ୍କାର, ହତ୍ୟା ମାମଲାରେ ୪ ଦୋଷୀଙ୍କୁ କୋର୍ଟ ଫାଶୀ ଦଣ୍ଡାଦେଶ ଦେଇଥିଲେ। ୨୨ରେ ସେମାନଙ୍କୁ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ଜହ୍ଲାଦ ପୱନ(୫୭) ପ୍ରସ୍ତୁତ ଥିବା କହିଛନ୍ତି। ୟୁପି ଜେଲ ପ୍ରଶାସନ ପକ୍ଷରୁ ଏଥିଲାଗି ତାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିବାରୁ ସେ ଭଗବାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୪ ଦୋଷୀଙ୍କୁ ଫାଶୀଦେବା ଲାଗି ଜହ୍ଲାଦ ପୱନଙ୍କୁ ୧ ଲକ୍ଷ ଟଙ୍କା ସରକାର ଦେବେ। ଜଣଙ୍କୁ ଫାଶୀରେ ଝୁଲାଇବା ଲାଗି ୨୫ ହଜାର ମିଳିଥାଏ ବୋଲି ସେ କଂହିଛନ୍ତି। ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ତାଙ୍କୁ ମାସିକ ମାତ୍ର ୫ ହଜାର ଟଙ୍କା ମିଳିଥାଏ। ଅନ୍ୟ କୌଣସି ଆୟ ଉତ୍ସ ନ ଥିବାରୁ ସମସ୍ୟାରେ ରହିଥିବା ସେ ପ୍ରକାଶ କରିଛନ୍ତି। ନିଜ ଘର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଟଙ୍କା ନ ଥିବାରୁ ମରାମତି ହୋଇପାରୁନି। ଅନେକ ଋଣରେ ମଧ୍ୟ ସେ ବୁଡ଼ିରହିଥିବା ପୱନ କହିଛନ୍ତି। ଫାଶୀଦେବା ଲାଗି ଅନୁମତି ପାଇବା ପରେ ଝିଅ ବାହାଘର କରିବା ଲାଗି ଅନାଇ ବସିଥିବା ପୱନ ଏଥିଲାଗି ପୂରା ଉତ୍ସାହିତ ହୋଇପଡ଼ିଛନ୍ତି। ଏଥିଲାଗି ମାସେ ହେବ ଅପେକ୍ଷା କରିଥିବା ସେ କହିଛନ୍ତି। ବାପା ଜେଜେବାପା ଅମଳରୁ ଆମେ ଏହି କାର୍ଯ୍ୟ କରିଆସୁଥିଲେ ବି ପ୍ରଶାସନ ଆମ କଥା ବୁଝୁ ନ ଥିବା ପୱନ ପ୍ରକାଶ କରିଛନ୍ତି। ଭଗବାନ ଶାହା ହୋଇଥିବାରୁ ଏଇ ଟଙ୍କାରେ ସେ ଝିଅକୁ ବାହାଦେବେ ବୋଲି ପ୍ରକାଶ କରିଛନ୍ତି। ଜାନୁୟାରୀ ୨୨କୁ ମୁଁ ଅପେକ୍ଷା କରିଛି ଓ ପ୍ରଶାସନ ପକ୍ଷରୁ ବାହାରକୁ ଯିବା ଲାଗି ବାରଣ କରାଯାଇଥିବା ସେ କହିଛନ୍ତି। ଫାଶୀ ଲାଗି ମୋତେ ତିହାର ଜେଲ ଯାଇ ରିହର୍ସସାଲ କରିବାକୁ ପଡ଼ିବ। ଦିନେ ଦୁଇଦିନ ମଧ୍ୟରେ ପ୍ରଶାସନର ଡକରା ଆସିପାରେ। ଫାଶୀ ଦେବା ଲୋକ ମଦ ପିଅନ୍ତି ବୋଲି ଯାହା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ମିଛ। ସେ କେବେ ବି ମଦ ଛୁଇଁ ନ ଥିବା ପୱନ ପ୍ରକାଶ କରିଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କଲାବେଳେ ଆମେ ସଚେତନ ଓ ଦାୟିତ୍ୱବାନ୍ ରହିଥାଉ ବୋଲି ସେ ମତ ଦେଇଛନ୍ତି।

**ନିର୍ଭୟା ମାମଲା**

**୪ ଦୋଷୀଙ୍କୁ ଫାଶୀ ଲାଗି ଦିଆଯିବ ୧ ଲକ୍ଷ ଟଙ୍କା**

**ଫାଶୀଦେବା ପୂର୍ବରୁ ଜହ୍ଲାଦ ମଦ ପିଇବା ସମ୍ପୂର୍ଣ୍ଣ ମିଛ**



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରବେ।
- ମଦନମୋହନ ମାଳବ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବାବୁନି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶିକ୍ଷା ଓ ନିଯୁକ୍ତି ଅଭିଯାନର ଶୁଭାରମ୍ଭ, ପାଣିଟାଙ୍କି ବସ୍ତି, ୱେଟକୋ ଷ୍ଟାଫ କ୍ୱାର୍ଟର୍ସ ସାଇଡ୍-ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ସକାଳ ୯ଟା।
- ଶ୍ରୀ ଜୟଦେବ କଲେଜ ଅଫ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜିର ବାର୍ଷିକ କ୍ରୀଡ଼ା ଉତ୍ସବ, କଲେଜ ପରିସର, ନହରକଣ୍ଟା, ପୂର୍ବାହ୍ନ ୧୦ଟା ୩୦।
- ବିମୋହନ କ୍ରିଏଟିଭ ପକ୍ଷରୁ ବିମୋହନ କଳା ସମ୍ମାନ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ସିନିୟର ସିଟିଜେନ୍ସ ୱେଲଫେୟାର ଆସୋସିଏଶନର ତୃତୀୟ ବାର୍ଷିକ ଉତ୍ସବ, ଝାରପଡ଼ା, ଲକ୍ଷ୍ମୀସାଗର, ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ ଉତ୍ସବ, ସ୍କୁଲ ପରିସର, ଧର୍ମବିହାର, ଖଣ୍ଡଗିରି, ଅପରାହ୍ନ ୫ଟା।
- ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରୟୋବିଂଶତମ ବାର୍ଷିକ ଉତ୍ସବ, ଉତ୍କଳ ମଣ୍ଡପ ପରିସର, ଅପରାହ୍ନ ୫ଟା।

**ବାଲିଅନ୍ତା**
- ୨୩ତମ ବିଶ୍ୱ ଶାନ୍ତି ରୁଦ୍ର ମହାଯଜ୍ଞ, ବଇଁଚୁଆ, ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ, ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, କୁଶଗାଡ଼ିଆ ମଠ, ସକାଳ ୯ଟା।
- ବାଲିଅନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।

## ରାସ୍ତା ପାର୍ଶ୍ୱରୁ କାର ଜବତ

**ବାଲିଅନ୍ତା,୮।୧(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ପତୁରିଆ-କଣ୍ଟାପଡ଼ା ରାସ୍ତାର ପ୍ରତାପରୁଦ୍ରପୁର କଲ୍ୟାଣମଣ୍ଡପ ନିକଟରୁ ଏକ କାରକୁ ବୁଧବାର ଜବତ କରିଛି। ପୋଲିସ ଉକ୍ତ ଗାଡି ନମ୍ବର(ଓଆର ୦୨ଏଜି ୦୨୦୦)କୁ ଆଧାର କରି ମାଲିକଙ୍କ ସହ ଯୋଗାଯୋଗ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, କଲ୍ୟାଣମଣ୍ଡପ ନିକଟରେ ଉକ୍ତ କାର ୫ଦିନ ହେବ ରହିଥିଲା। କାରକୁ କେହି ନ ନେବା ସହ ଡୋର ଲକ ଥିବାରୁ ଚୋରା ଗାଡି ଭାବି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ।

## ମହିଳାଙ୍କ ବେକରୁ ସୁନା ଚେନ ଲୁଟ୍

**ଭୁବନେଶ୍ୱର, ୮।୧(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଦୁର୍ଗାପଡିଆ ନିକଟରେ ଜଣେ ମହିଳା ଲୁଟର ଶିକାର ହୋଇଛନ୍ତି। ସେ ହେଲେ ହାଉସିଂବୋର୍ଡ ଫେଜ୍-୧ର କନକପ୍ରଭା ଭୋଳ। ଘର ନିକଟସ୍ଥ ଦୁର୍ଗାପଡ଼ିଆରେ ଆୟୋଜିତ ନୂଆବର୍ଷ ଭୋଜିସ୍ଥଳକୁ ସେ ବୁଧବାର ସନ୍ଧ୍ୟା ୭ଟାରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଏକ କଳାରଙ୍ଗର ପଲସରରେ ପଛପଟୁ ଆସି ତାଙ୍କ ବେକରୁ ୧୦ ଗ୍ରାମ ଓଜନର ସୁନାଚେନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ କନକଲତା ୧୦୦କୁ କଲ୍ କରି ଜଣାଇବା ପରେ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ଦୁର୍ବୃତ୍ତଙ୍କ ଟେର ପାଇ ନ ଥିଲା। କନକଲତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଥିଲା।

## ୧୦ରୁ ବାରବାଟୀ ନୃତ୍ୟୋତ୍ସବ

**କଟକ ଅଫିସ, ୮।୧:** ଆସନ୍ତା ୧୦ ତାରିଖରୁ ବାଲିଯାତ୍ରା ଉପର ପଡ଼ିଆରେ ୨୯ତମ ବାରବାଟୀ ନୃତ୍ୟୋତ୍ସବ ଅନୁଷ୍ଠିତ ହେବ। ଏହା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉତ୍ସବ ଜିଲା ପ୍ରଶାସନ ଓ ପର୍ଯ୍ୟଟନ, ସଂସ୍କୃତି ବିଭାଗର ସହଯୋଗରେ ହେବ। ଚଳିତବର୍ଷ ନୃତ୍ୟ ଓ ସଙ୍ଗୀତ ସହିତ ବାରବାଟୀ ସାହିତ୍ୟ ଉତ୍ସବ ଅନ୍ୟତମ ଆକର୍ଷଣ ରହିବ। ୧୫ ଓ ୧୬ ତାରିଖ ସନ୍ଧ୍ୟାରେ ରାଜ୍ୟର ବହୁ ସାହିତ୍ୟିକ ଯୋଗଦେଇ କଟକ ସହର ସମ୍ପର୍କିତ କବିତା ଆବୃତ୍ତି କରିବେ। ଏଥିସହିତ ଭଦ୍ରକର ପ୍ରସିଦ୍ଧ ମୋଗଲ ତାମସା ମଞ୍ଚସ୍ଥ ହେବ। ବହୁ ଜାତୀୟ ଓ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ଯୋଗଦେବେ। ପ୍ରତିଦିନ ବିଭିନ୍ନ ପ୍ରତିଯୋଗିତା ହେବ। କୃତୀ ପ୍ରତିଯୋଗୀଙ୍କୁ ବାରବାଟୀ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ପାଇଁ ନୃତ୍ୟଗୁରୁ ସୁଧାକର ସାହୁଙ୍କୁ ବାରବାଟୀ ନୃତ୍ୟ ସମ୍ମାନ ଓ ଗୁରୁ ନବୀନ ପଟ୍ଟନାୟକଙ୍କୁ ସିଦ୍ଧାର୍ଥ ମ୍ୟୁଜିକ ସମ୍ମାନ ପ୍ରଦାନ କରାଯିବ। ବୁଧବାର ସର୍କିଟ ହାଉସରେ ଓଡ଼ିଶା ନୃତ୍ୟ ମଣ୍ଡଳ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧକ୍ଷ ଅରୁଣ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏଥିରେ ସାଧାରଣ ସମ୍ପାଦକ ଆଶିଷ କୁମାର ଦାସ, କୋଷାଧକ୍ଷ ପ୍ରିୟବ୍ରତ ମିଶ୍ର, ବ୍ରଜକିଶୋର ନନ୍ଦ, ଅମୀୟ ମହାପାତ୍ର, ପ୍ରଣବ ଅଖଣ୍ଡ ଓ ସିଦ୍ଧାର୍ଥ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଦୟା ୱେଷ୍ଟ କେନାଲର ପଳାଶୁଣୀରୁ ଗ୍ୟାରେଜ ଛକ ରାସ୍ତା

# ୯ବର୍ଷ ବିତିଲା: ସରୁନି ୩୦ ଫୁଟିଆ ରାସ୍ତା କାମ



**ପୁରୁଣା ଭୁବନେଶ୍ୱର, ୮।୧(ଡି.ଏନ.ଏ.)**

ଭୁବନେଶ୍ୱରର କଟକ-ପୁରୀ ରାସ୍ତାରୁ ଟ୍ରାଫିକ୍ ସମସ୍ୟା, ଦୁର୍ଘଟଣା କମ୍ କରିବା ଲକ୍ଷ୍ୟ ନେଇ ୨୦୧୦ ଅକ୍ଟୋବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୟା ୱେଷ୍ଟ କେନାଲର ଉଭୟପାର୍ଶ୍ୱ ରାସ୍ତା ଲାଗି ଶିଳାନ୍ୟାସ କରିଥିଲେ। ୯ ବର୍ଷ ତଳେ ହୋଇଥିବା ଯୋଜନା ୪ ଭାଗରୁ ଭାଗେ ସରିପା ରିନାହିଁ। ଚାଷୀ ଓ ଚାଷର ଉନ୍ନତି ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ୩୪ କି.ମି. ଲମ୍ବ ଦୟା ୱେଷ୍ଟ କେନାଲ ବାରଙ୍ଗଠାରୁ ଜଟଣୀ ନିର୍ବାଚନମଣ୍ଡଳୀର ରଥିପୁର ଯାଏ ଲମ୍ବିଛି। ଏହାର ପଳାଶୁଣୀ ଛକରୁ ଗ୍ୟାରେଜ ଛକ ପର୍ଯ୍ୟନ୍ତ ୭.୮ କି.ମି. କେନାଲର ଉଭୟପାର୍ଶ୍ୱରେ ୩୦ଫୁଟ ରାସ୍ତା ସହ ସ୍ଥାନେ ସ୍ଥାନେ ବସ ରହଣୀ ସ୍ଥଳ, ଅଟୋ ଷ୍ଟାଣ୍ଡ, ସର୍ବସାଧାରଣ ପାର୍କିଂ ଓ ସୌନ୍ଦର୍ଯ୍ୟକରଣର ବିସ୍ତୃତ ଯୋଜନା ହୋଇଥିଲା। ମାତ୍ର ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ଅଭାବ ତଥା ଅଫିସରଙ୍କ ଅବହେଳା ଯୋଗୁ ଏହା ଶେଷ ହୋଇପାରୁନି। ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବା ପରେ ୨୦୧୨ରେ କେନାଲର ଉଭୟପାର୍ଶ୍ୱ ରାସ୍ତା ଶେଷ କରିବାକୁ କୁହାଯାଇଥିଲା। ଉଭୟପାର୍ଶ୍ୱରେ କେନାଲର କିଛି ଅଂଶ ପୋତି ରାସ୍ତା କାର୍ଯ୍ୟ ପରେ ଉନ୍ନତୀକରଣ କରି ଭଲ ଭାବେ ଜଳସେଚନ ବ୍ୟବସ୍ଥା କରାଯିବା ଲକ୍ଷ୍ୟ ରହିଥିଲେ ହେଁ ତାହା ପୂରଣ ହୋଇପାରିଲାନାହିଁ। କେନାଲର ଉଭୟପାର୍ଶ୍ୱରେ ଜବରଦଖଲ ସାଙ୍ଗକୁ ରହିଥିବା ଘରଗୁଡିକର ଆବର୍ଜନା ଏହା ମଧ୍ୟକୁ ଛଡାଯାଉଛି। କେନାଲର ଜଳ ଦିନକୁଦିନ ପ୍ରଦୂଷିତ ହେବାରେ ଲାଗିଛି। ବିଏମ୍‌ସିକୁ ଜବରଦଖଲ ଉଚ୍ଛେଦ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ତାହା କରାଯାଉ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ କରିଥିବା ଶିଳାନ୍ୟାସକୁ ବେଖାତିର କରାଯାଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

### ଭୂତଳ ଜଳସ୍ତର ହ୍ରାସ ହେବା ସହ ପ୍ରଦୂଷଣ, ରୋଗ ବାହକ ସାଜିଛି

ଦୟା ୱେଷ୍ଟ କେନାଲକୁ ରାଜଧାନୀର କେତେକ ଅଞ୍ଚଳର ଜୀବନଧାରା ବୋଲି ଅଭିହିତ କରାଯାଇଛି। ଏହାର ଅବସ୍ଥିତି ଅତ୍ୟନ୍ତ ଜରୁରୀ ବୋଲି ତତ୍କାଳୀନ ବାଣୀବିହାର ପ୍ରଫେସର ତଥା ଭୂବିଜ୍ଞାନୀ ନବକିଶୋର ମାହାଳିକ କହିଥିଲେ। ଏହି କେନାଲ ଶୁଷ୍କ ହେଲେ କିମ୍ବା ଧାରା ସଙ୍କୁଚିତ ହେଲେ ଭୂତଳ ଜଳସ୍ତର ହ୍ରାସ ପାଇବା ସହ ରାଜଧାନୀବାସୀ ଜଳସଙ୍କଟରେ ଆଉଟପାଉଟ ହେବେ ବୋଲି ସେ କହିଥିଲେ। ଖରାଦିନେ ଏହି କେନାଲ ଆଖପାଖରେ ପାଣିର ସମସ୍ୟା ଅନୁଭୂତ ହେଲାଣି। ମାତ୍ର ବିଭିନ୍ନ ସ୍ଥାନରେ ବିଏମ୍‌ସି ଓ ଘରୋଇ ନାଳନର୍ଦ୍ଦମା ପାଣି ଏହି ଦୟା ୱେଷ୍ଟ କେନାଲରେ ଛଡାଯିବ। ଯୋଗୁ ବର୍ଷାଦିନେ ଏହା ରୋଗ ବାହକ ସାଜୁଛି। ଭୂତଳ ଜଳ ପ୍ରଦୂଷିତ ହେବା ସହ ବିଭିନ୍ନ ପ୍ରକାର ରୋଗ ବ୍ୟାପିବାର କାରଣ ସାଜିଛି। ଏ ନେଇ ସହରର ସ୍ୱାସ୍ଥ୍ୟ ଅଧିକାରୀ ଡ. ବସନ୍ତ ମିଶ୍ର କୁହନ୍ତି, ବର୍ଷାଦିନେ ଏହି କେନାଲରେ ପାଣି ଜମି ରହିବା ଓ ପ୍ରଦୂଷିତ ଯୋଗୁ ଅନେକ ରୋଗ ଦେଖାଦେଉଛି। ଭୂତଳ ଜଳ ପ୍ରଦୂଷିତ ହେଉଛି। ତେବେ ଆମେ କେବଳ ପରାମର୍ଶ ଦେଇପାରିବୁ ମାତ୍ର କାର୍ଯ୍ୟ କରିବା ବିଏମ୍‌ସି ଓ ପୂର୍ତ୍ତ ବିଭାଗ ଉପରେ ନିର୍ଭର କରେ।

- ଟ୍ରାଫିକ ସମସ୍ୟା, ଦୁର୍ଘଟଣା କମ୍ ଲକ୍ଷ୍ୟ ପୂରଣ ହେଲାନି
- ମୁଖ୍ୟମନ୍ତ୍ରୀ କରିଥିବା ଶିଳାନ୍ୟାସକୁ ବିଏମ୍‌ସିର ବେଖାତିର

### ବିଏମ୍‌ସିକୁ ଦାୟୀକଲା ପୂର୍ତ୍ତ ବିଭାଗ

ଦୟା ୱେଷ୍ଟ କେନାଲର ଉଭୟପାର୍ଶ୍ୱ ରାସ୍ତା ନିର୍ମାଣ କାର୍ଯ୍ୟ କେବେ ଶେଷ ହେବ ସେ ନେଇ ନିର୍ବାହୀଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କୁ ପଚାରିବାରୁ ସେ ବିଏମ୍‌ସିକୁ ଦାୟୀ କରିଛନ୍ତି। ବାରମ୍ବାର ଚିଠି ଲେଖି ବିଏମ୍‌ସି ଅଧିକାରୀଙ୍କୁ ଏ ନେଇ ଅବଗତ କଲା ପରେ ମଧ୍ୟ ଜବରଦଖଲ ଉଚ୍ଛେଦ ଶେଷ ହେଉନି। କେନାଲ ଉଭୟପାର୍ଶ୍ୱ ସହ ଭିତରପାର୍ଶ୍ୱରେ ମଧ୍ୟ ବସ୍ତି ଗଢି ଉଠିଲାଣି। ବିଏମ୍‌ସି ଉଚ୍ଛେଦ ନ କରିବା ଯାଏ ଏହି ଯୋଜନା କାର୍ଯ୍ୟ କରିବା ଅସମ୍ଭବ ବୋଲି ସେ କହିଛନ୍ତି। ଏ ନେଇ ବିଏମ୍‌ସି ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ କୁହନ୍ତି, ବିଏମ୍‌ସି ପକ୍ଷରୁ ସବୁ ସମୟରେ ଜବରଦଖଲ ଉଚ୍ଛେଦ ଜାରି ରହିଛି। ପୂର୍ତ୍ତ ବିଭାଗ ଏପରି ଜନହିତକର ଦୟା ୱେଷ୍ଟ କେନାଲ ଅବ୍ୟବସ୍ଥାକୁ ନେଇ ବିଏମ୍‌ସିକୁ ଦାୟୀ ନ କରି ନିର୍ଦ୍ଦିଷ୍ଟ ଭାବେ ସହଯୋଗ ଲୋଡିଲେ ଉଚ୍ଛେଦ ନିଶ୍ଚୟ କରାଯିବ। ଏ ସମ୍ପର୍କରେ ବିଏମ୍‌ସି ଏନଫୋର୍ସମେଣ୍ଟ ଅଧିକାରୀ ଅବନୀକାନ୍ତ ପଟ୍ଟନାୟକ କୁହନ୍ତି, ଦୟା ୱେଷ୍ଟ କେନାଲ ଉଭୟପାର୍ଶ୍ୱରେ ଉଚ୍ଛେଦ ବିଭିନ୍ନ ସମୟରେ କରାଯାଇଛି। କେତେକ ସ୍ଥାନରେ ସରକାରୀ ନିର୍ମାଣ ଉଚ୍ଛେଦ କରାଯିବା ନେଇ ଆଲୋଚନା ଜାରି ରହିଛି। ଏହି ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର ହେବ।

### ଚିତ୍ରଶିଳ୍ପୀଙ୍କ ନିଆରା ପ୍ରୟାସ

## ପ୍ରଦୂଷଣ ସୃଷ୍ଟିକାରୀ ଉପହାର ପ୍ୟାକିଂ ଜରି ବିରୋଧରେ ଜନମତ

**ପୁରୁଣା ଭୁବନେଶ୍ୱର,୮।୧(ଡି.ଏନ.ଏ.)**

ବିବାହ ହେଉ କି ବ୍ରତୋପନୟନ, ଜନ୍ମଦିନ ପାଳନ ହେଉକି ବିବାହ ବାର୍ଷିକୀ ସାମାଜିକ ଜୀବନରେ ଉପହାର ଦିଆନିଆ ପରମ୍ପରା ଆମର ବେଶ୍ ସମୃଦ୍ଧ। କିନ୍ତୁ ଏହି ଉପହାର ଦିଆନିଆ ଭିତରେ ଆମେ ମାଟି ମା'କୁ କିଭଳି ରଙ୍ଗିନ ଜରି ମାଧ୍ୟମରେ ପ୍ରଦୂଷିତ କରି ଚାଲିଛୁ ତାହା ସଚେତିତ କରାଇ ଦେଇଛନ୍ତି ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀରେ ପ୍ରତିଷ୍ଠିତ ଚିତ୍ରଶିକ୍ଷା ଅନୁଷ୍ଠାନ ଚିତ୍ରଶାଳା। ଚିତ୍ରଶାଳାର ପ୍ରତିଷ୍ଠାତା ଚିତ୍ରଶିଳ୍ପୀ ଅନସୂୟା ସାହୁ ଉପହାର ପ୍ୟାକିଂରେ ବ୍ୟବହାର ହେଉଥିବା ଚିକ୍‌ମିକ୍ ରଙ୍ଗୀନ ଜରି ବିରୋଧରେ କେବଳ ଲୋକଙ୍କୁ ସଚେତନ କରାନାହାନ୍ତି ବରଂ ନିଜ ବ୍ୟବସାୟରେ ମଧ୍ୟ ରଙ୍ଗିନ ଜରିକୁ ବର୍ଜନ ମଧ୍ୟ କରିଛନ୍ତି। ନିକଟରେ ଚିତ୍ରଶାଳା ପକ୍ଷରୁ ଅର୍ଡ଼ର ରଖାଯାଇଥିବା ଉପହାର ବକ୍ସଗୁଡ଼ିକରେ ରଙ୍ଗିନ ଜରି ପରିବର୍ତ୍ତେ ମୋଟା ରଙ୍ଗ ବେରଙ୍ଗ କାଗଜ ପ୍ଯାକିଂ କରାଯାଇ ଉପଭୋକ୍ତାଙ୍କୁ ଯୋଗାଇ ଦିଆଯାଇଥିଲା। ନୂଆବର୍ଷ ଆରମ୍ଭରୁ ସ୍ମାର୍ଟସିଟିକୁ ପ୍ରଦୂଷଣମୁକ୍ତ କରିବା ଦିଗରେ ଚିତ୍ରଶାଳାର ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ ଯେ, ଚିତ୍ରଶାଳା ପକ୍ଷରୁ ଅତୀତରେ ଗ୍ରୀନ୍ ହୋଲି, ଗ୍ରୀନ୍ ଦୀପାବଳି ଆଦି ପର୍ବକୁ ସହରବାସୀ ପସନ୍ଦ କରିଛନ୍ତି।

### ବିଶ୍ୱ ପୁସ୍ତକ ମେଳାରେ ଜାତୀୟ ଆଲୋଚନାଚକ୍ର

## ଓଡ଼ିଆ ସାହିତ୍ୟରେ ଗାନ୍ଧୀ ବିଚାରଧାରା ଜୀବନ୍ତ

**ଭୁବନେଶ୍ୱର, ୮।୧ (ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କ ବ୍ୟକ୍ତିତ୍ୱରେ ଭାରତୀୟ ଜନଜୀବନ ଯେପରି ପ୍ରଭାବିତ ହୋଇଥିଲା ତା'ର ପଟାନ୍ତର ନାହିଁ। ଗାନ୍ଧୀ ପ୍ରତିଟି କ୍ଷେତ୍ରରେ ମଣିଷର ଚେତନାକୁ ଯେପରି ସ୍ପର୍ଶ କରିଥିଲେ, ସେପରି ଦାର୍ଶନିକ, ଭାବୁକ, ଚିନ୍ତକ, ଲେଖକ ଓ ଶିଳ୍ପୀଙ୍କୁ ଅନୁପ୍ରାଣିତ ମଧ୍ୟ କରିଥିଲେ। ଦିଲ୍ଲୀଠାରେ ଆୟୋଜିତ ବିଶ୍ୱ ପୁସ୍ତକ ମେଳାରେ 'ଓଡ଼ିଆ ସାହିତ୍ୟରେ ଗାନ୍ଧୀଦର୍ଶନ' ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ବିଶିଷ୍ଟ ବ୍ୟକ୍ତିମାନେ ଏଭଳି ମତପ୍ରକାଶ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ପ୍ରଗତି ମଇଦାନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଲେଖକ ଦାଶ ବେନହୁର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି, ଗାନ୍ଧୀ ସ୍ୱୟଂ ସାହିତ୍ୟର ଏକ ସଫଳ ରୂପାୟନ ଥିଲେ। ଓଡ଼ିଆ ସାହିତ୍ୟ ଧାରାରେ ଗାନ୍ଧୀ ବିଚାରଧାରା ଏବେ ବି ଜୀବନ୍ତ ବୋଲି ସେ କହିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ନାୟକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କହିଥିଲେ, ଗାନ୍ଧୀ ଚଳିତ ସମୟର ସବୁଠାରୁ ବଡ଼ ବହି। ସମଗ୍ର ଜୀବନ ସେ ମାତୃଭାଷାର ପ୍ରାଧାନ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ ବୋଲି ନାୟକ କହିଛନ୍ତି। ସମ୍ମାନିତ ଅତିଥିଭାବେ ବିଶିଷ୍ଟ କବି ଅମରେନ୍ଦ୍ର ଖଟୁଆ ଯୋଗଦେଇଥିଲେ। ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡ. ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ଅନ୍ୟତମ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଚନ୍ଦ୍ରଶେଖର ହୋତା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ସଂଯୋଜକ ଦେବେନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଦିଲ୍ଲୀର ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଯୋଗଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

## ମରଣାନ୍ତକ ଆକ୍ରମଣ କରି ଲୁଟ୍, ଫେରାର ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଆକ୍ରମଣ ଓ ଲୁଟ୍ ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳର ଗାଣ୍ଡୁ ନାୟକ। ସୂଚନା ମୁତାବକ ଚକେଇସିହାଣୀ ଅଞ୍ଚଳର କୀର୍ତ୍ତିମନ୍ତ ଦାସ ଗତ ୨୯ ତାରିଖରେ ଏଆର୍‌ଏସ୍‌ଏସ୍ ଛକ ନିକଟରେ ଥିବା ତାଙ୍କ ସାଙ୍ଗ ଦୋକାନ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ କେତେଜଣ ଯୁବକ ତାଙ୍କ ଦୋକନ ନିକଟରେ ବାଇକ ରଖି ପରିସ୍ରା କରିଥିଲେ। ଏହାକୁ କୀର୍ତ୍ତିମନ୍ତ ବିରୋଧ କରିବାରୁ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯିବା ସହ ସୁନା ଚେନ ଓ ୩ ହଜାର ଟଙ୍କା ଲୁଟ୍ କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅକ୍ଷୟ ନାମକ ସହଯୋଗୀ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ଗାଣ୍ଡୁ ଫେରାର ହୋଇଯାଇଥିଲେ। କିନ୍ତୁ କୀର୍ତ୍ତିମନ୍ତଙ୍କ ସହଯୋଗୀ ଏବଂ ସ୍ଥାନୀୟ ଲୋକମାନେ ଗାଣ୍ଡୁଙ୍କୁ ରସୁଲଗଡ ଅଞ୍ଚଳରୁ କାବୁ କରି ପୋଲିସ ଜିମା ଦେଇଥିଲେ।

## ଶ୍ରୀଲିଙ୍ଗରାଜ ମନ୍ଦିରରେ କମିଲେ ପର୍ଯ୍ୟଟକ

**ପୁରୁଣା ଭୁବନେଶ୍ୱର,୮।୧(ଡି.ଏନ.ଏ.)**

**ବନ୍ଦ ପ୍ରଭାବ**

ଟ୍ରେଡ୍ ୟୁନିୟନ୍ ତରଫରୁ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବରେ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି। ଯାନବାହନ ଚଳାଚଳ ବନ୍ଦ ଯୋଗୁ ପର୍ଯ୍ୟଟକମାନେ ମନ୍ଦିର ଆସିପାରିନଥିଲେ। ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ରରୁ ଆସିଥିବା ବସ୍ ମନ୍ଦିର ନିକଟରେ ଅଟକି ରହିଥିଲା। ଅନ୍ୟଦିନ ଅପେକ୍ଷା ପର୍ଯ୍ୟଟକ କମିଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବ୍ୟାଙ୍କ କର୍ମଚାରୀଙ୍କ ବିକ୍ଷୋଭ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ବ୍ୟାଙ୍କ୍, ବୀମା ଏବଂ ଆର୍ଥିକ କ୍ଷେତ୍ରରେ ରହିଥିବା ୧୮ କର୍ମଚାରୀ ଓ ଅଫିସର ସଂଗଠନ ଭାରତ ବନ୍ଦ ଡାକରାରେ ସାମିଲ ହୋଇଥିଲେ। ବୁଧବାର ରାଷ୍ଟ୍ରାୟତ, ଘରୋଇ, ବିଦେଶୀ, ସମବାୟ ବ୍ୟାଙ୍କ୍, ଗ୍ରାମୀଣ ବ୍ୟାଙ୍କ୍, ରିଜର୍ଭ ବ୍ୟାଙ୍କ୍ ଅଫ ଇଣ୍ଡିଆ, ଜୀବନ ବୀମା ଓ ସାଧାରଣ ବୀମା କମଚାରୀମାନେ ବ୍ୟାଙ୍କ୍ ଆଗରେ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ୧୨ ଦଫା ଦାବିକୁ ସମର୍ଥନ କରିବା ସହ ବ୍ୟାଙ୍କ ମିଶ୍ରଣ ଓ ବୀମା ଶିଳ୍ପରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶକୁ ବିରୋଧ କରି ଏହି ଧର୍ମଘଟରେ ସାମିଲ ଥିଲେ।



ବିଭିନ୍ନ ବ୍ୟାଙ୍କ କର୍ମଚାରୀଙ୍କ ପକ୍ଷରୁ ଆର୍‌ବିଆଇ ସମ୍ମୁଖରେ ବିକ୍ଷୋଭ।

## କାମନାକୁ ତ୍ୟାଗକରି ଜ୍ଞାନର ଉପାସକ ହୁଅନ୍ତୁ

**ଭୁବନେଶ୍ୱର, ୮।୧ (ବ୍ୟୁରୋ)**

ଶ୍ରୀମଦ୍ ଭଗବଦ୍ ଗୀତା ଜ୍ଞାନଯଜ୍ଞ ଏବଂ ଆଧ୍ୟାତ୍ମିକ ବ୍ୟାଖ୍ୟା କାର୍ଯ୍ୟକ୍ରମ ଉଦ୍‌ଯାପିତ

ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଉତ୍କଳ ମଣ୍ଡପଠାରେ ଶ୍ରୀମଦ୍ ଭଗବଦ୍ ଗୀତା ପ୍ରବଚନ କାଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପରମହଂସ ପ୍ରଜ୍ଞାନାନନ୍ଦ ଗୀତାର ମାହାତ୍ମ୍ୟ ବ୍ୟାଖ୍ୟା କରିବା ସହ କାମନା ଏବଂ ଜ୍ଞାନର ତଫାତ୍ ଉପରେ ଆଲୋକପାତ କରିଥିଲେ। ଶ୍ରୀମଦ୍ ଭଗବଦ୍ ଗୀତା ତୃତୀୟ ଅଧ୍ୟାୟ କର୍ମଯୋଗର ୩୮ ନମ୍ବର ଶ୍ଳୋକକୁ ନେଇ ଉପସ୍ଥିତ ଶ୍ରୋତାଙ୍କୁ ବୁଝାଇଥିଲେ। 'ଧୂମେନା ବ୍ରିୟତେ ବହ୍ନି ର୍ଯଥାଦର୍ଶୋ ମଳେନ ଚ, ଯଥୋଲବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ'ର ଅର୍ଥ ଧୂଆଁ ଭିତରେ ଅଗ୍ନି ଯେପରି ଆଚ୍ଛାଦିତ ହୋଇଥାଏ, ଧୂଳିରେ ଯେପରି ଦର୍ପଣ ଆଚ୍ଛାଦିତ ଥାଏ, ଯେପରି ଗର୍ଭସ୍ଥ ଭ୍ରୁଣ ଜରାୟୁ ଦ୍ୱାରା ଆଚ୍ଛାଦିତ ଥାଏ, ଠିକ୍ ସେହିପରି ମନୁଷ୍ୟର ଜ୍ଞାନ କାମନା ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ। ମନୁଷ୍ୟ କାମନାକୁ ତ୍ୟାଗ କରି ଜ୍ଞାନର ଉପାସକ ହେବା ଆବଶ୍ୟକ ବୋଲି ସେ ମାର୍ଗଦର୍ଶନ କରିଥିଲେ। ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଜ୍ଞାନାନନ୍ଦଙ୍କ ଗୀତାଜ୍ଞାନକୁ ଶ୍ରବଣ କରିବା ସହ ଗୀତା ପାଠ କରିଥିଲେ। ପ୍ରବଚନ କାର୍ଯ୍ୟକ୍ରମ ପରେ ଭଗବତ୍‌ପ୍ରେମୀମାନେ ପୂଜ୍ୟ ପ୍ରଜ୍ଞାନାନନ୍ଦଙ୍କୁ ପ୍ରଣାମ କରିବା ସହ ତାଙ୍କ ସ୍ୱହସ୍ତରୁ ମହାପ୍ରସାଦ ସେବନ କରିଥିଲେ। ପ୍ରଜ୍ଞାନାନନ୍ଦଙ୍କ ଗୀତା ଜ୍ଞାନ ଯଜ୍ଞ ଏବଂ ଆଧ୍ୟାତ୍ମିକ ବ୍ୟାଖ୍ୟା କାର୍ଯ୍ୟକ୍ରମ ଜାନୁୟାରୀ ୯ ରୁ ୧୧ ଯାଏ କଟକ ସିଡିଏରେ ୱିଣ୍ଡସୋର ପ୍ୟାଲେସଠାରେ ଆୟୋଜିତ ହେବ। ଜାନୁୟାରୀ ୧୦ରେ ସିଡିଏଠାରେ କ୍ରିୟାଯୋଗ ଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ରହିଛି।

# ବିଭିନ୍ନ ସ୍ଥାନରେ ବନ୍ଦ ଶାନ୍ତିପୂର୍ଣ୍ଣ

**ବାଲିପାଟଣା/ବାରଙ୍ଗ/ ବାଲିଅନ୍ତା,୮।୧(ଡି.ଏନ୍.ଏ.)**

୧୨ ଦଫା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ବୁଧବାର ଦେଶବ୍ୟାପୀ ୨୪ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ବାଲିପାଟଣାରେ ଅନୁଭୂତ ହୋଇଥିଲା। ମଜଦୁର ମହାସଂଘ, ଦଳିତ ଶୋଷଣ ମୁକ୍ତ ମହାସଂଘ ଓ କଂଗ୍ରେସର ମିଳିତ ଆନୁକୂଲ୍ୟରେ ବାଲିପାଟଣାରେ ରାସ୍ତାରୋକୋ ସହ ବଜାର ବନ୍ଦ କରାଯାଇଥିଲା। କ୍ଷେତ ମୂଲିଆ ୟୁନିୟନର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଭୋଇଙ୍କ ନେତୃତ୍ୱରେ ସୁକାନ୍ତ ତିଆଡି, ନିରଞ୍ଜନ ଭୋଇଙ୍କ ସମେତ ବହୁ କର୍ମୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଯୋଜନା ବିରୋଧରେ ସ୍ଲୋଗାନ ଦେବା ସହ ବଜାର ପରିକ୍ରମା କରିଥିଲେ।

ବାରଙ୍ଗ ଅଞ୍ଚଳରେ ବନ୍ଦ ପ୍ରଭାବ ଦେଖିବାକୁ ମିଳି ନ ଥିବା ବେଳେ ଚନ୍ଦକା ଅଞ୍ଚଳରେ ଅନୁଭୂତ ହୋଇଥିଲା। ଚନ୍ଦକା ବଜାରରେ ଆନ୍ଦୋଳନକାରୀମାନେ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ସିପିଆଇଏମର ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ, କୃଷକ ସଭା ରାଜ୍ୟ ଉପସଭାପତି ଜଗନ୍ନାଥ ମିଶ୍ର, କୃଷକସଭା ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ରବୀନ୍ଦ୍ର ଟୁଡୁ, ଦଳିତ ମୁକ୍ତି ମଞ୍ଚ ରାଜ୍ୟ ସମ୍ପାଦକ ଜୟପ୍ରକାଶ ଭଞ୍ଜ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଗୋଡ଼ିବାରୀ, ଭାଲୁଙ୍କା, ଆମ୍ବପଡ଼ିଆ, ଚନ୍ଦକାରୁ ସକାଳ ପ୍ରାୟ ୬ଟାରେ ଶୋଭାଯାତ୍ରା ବାହାରି ବଜାରଠାରେ ଏକାଠି ହୋଇ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାରେ ୧୬ନଂ. ଜାତୀୟ ରାଜପଥରେ କାଁ ଭାଁ ଗାଡି ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। ହଂସପାଳ ଛକରୁ ପାହାଳ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଓ ୩ଟି ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା।





ବିଭିନ୍ନ ସଂଗଠନ ପକ୍ଷରୁ ଚନ୍ଦକା ଅଞ୍ଚଳରେ ହୋଇଥିବା ବିକ୍ଷୋଭ।




ମହାରାଷ୍ଟ୍ର ଜିଲା ପରିଷଦ ନିର୍ବାଚନରେ ଭାଜପାକୁ ଜୋର୍‌ଦାର ଝଟକା ଲାଗିଛି। ଆର୍‌ଏସ୍‌ଏସ୍ ମୁଖ୍ୟାଳୟ ଥିବା ନାଗପୁରରେ ଭାଜପା ପରାସ୍ତ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ଗଡ଼ଭାବେ ଏହା ପରିଚିତ ଥିଲା। କଂଗ୍ରେସ-ଶିବସେନା-ଏନ୍‌ସିପି ମେଣ୍ଟକୁ ବଡ଼ ସଫଳତା ମିଳିଛି। କଂଗ୍ରେସ ନାଗପୁରରେ ବିଜୟୀ ହେବା ସହ ମୋଟ ୭୩ ଜିଲା ପରିଷଦ ଜିତିଥିବାବେଳେ ଏନ୍‌ସିପିକୁ ୪୬, ଶିବସେନାକୁ ୪୫ ମିଳିଛି। କେବଳ ନାଗପୁରରେ କଂଗ୍ରେସ ମୋଟ ୫୮ରୁ ୩୦ ଆସନ ଦଖଲ କରିଛି। ଭାଜପା ଆଶାତିତ ସଫଳତା ଏଠାରେ ପାଇନାହିଁ।

## ସଂକ୍ଷେପରେ

### ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟିଙ୍କ ସବ୍‌କମିଟି ବୈଠକ

**ଭୁବନେଶ୍ୱର,୮।୧(ବ୍ୟୁରୋ):** ଓଡ଼ିଶାର ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀଙ୍କ ସମସ୍ୟା ଅନୁଧ୍ୟାନ ଏବଂ ପ୍ରତିକାର ପାଇଁ ସୁପାରିସ କରିବାକୁ ଗଠିତ ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟିଙ୍କ ସବ୍‌କମିଟି - ୬ର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଧାନସଭାସ୍ଥିତ ପ୍ରକୋଷ୍ଠ ନଂ-୫୪ରେ ଅନୁଷ୍ଠିତ ଏହି ବୈଠକରେ ଉପବାଚସ୍ପତି ରଜନୀକାନ୍ତ ସିଂ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ କମିଟିର ଗୁଜରାଟ ଓ ମହାରାଷ୍ଟ୍ର ରାଜ୍ୟକୁ ଗସ୍ତ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଆସନ୍ତା ୨୬ ତାରିଖ ପରେ ଏହି କମିଟି ଗସ୍ତ କରିବ ବୋଲି ଜଣାପଡିଛି। ସେହି ରାଜ୍ୟରେ ଥିବା ପ୍ରବାସୀଙ୍କ ଓଡ଼ିଆଙ୍କ ସହ କମିଟିର ସଦସ୍ୟମାନେ ଆଲୋଚନା କରିବେ। ଅନ୍ୟ ରାଜ୍ୟ ମାଗୁଥିବା ସଂଖ୍ୟାର ଓଡ଼ିଆ ପୁସ୍ତକ ପ୍ରତିବର୍ଷ ଯୋଗାଇ ଦିଆଯାଉଥିବା ଜଣାପଡିଛି। ଏଥିପାଇଁ ସ୍କୁଲ ଓ ଗଣଶିକ୍ଷା ଏବଂ ଭାଷା, ସଂସ୍କୃତି ବିଭାଗ ମିଳିତଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ସବ୍‌କମିଟିର ସଭ୍ୟମାନଙ୍କ ସମେତ ବିଧାନସଭାର ସଚିବ ଦାଶରଥୀ ଶତପଥୀ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

### ୫-ଟି ପ୍ରଭାବ
### ସମନ୍ୱିତ ଶିଶୁ ବିକାଶ ଅଧିକାରୀ ନିଲମ୍ବିତ

**ମାଲକାନଗିରି,୮।୧ (ଡି.ଏନ୍.ଏ.):** ବୁଧବାର ମାଲକାନଗିରି ଜିଲାରେ ୫-ଟିର ପ୍ରଭାବ ଦେଖିବାକୁ ମିଳିଛି। ମାଲକାନଗିରି ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ବିପୁଳା ସରଦାରଙ୍କୁ ସରକାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ବିପୁଳାଙ୍କ ବିରୋଧରେ ବିଭିନ୍ନ ଦୁର୍ନୀତି ଏବଂ ଅନିୟମିତତା ଅଭିଯୋଗ ପାଇଲା ପରେ ଜିଲାପାଳ ମନୀଷ ଅଗ୍ରୱାଲ ଏହାର ତଦନ୍ତ କରି ତାଙ୍କୁ ନିଲମ୍ବିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କରିଥିଲେ। ଗତ ୬ରେ ବିପୁଳାଙ୍କୁ ନିଲମ୍ବିତ କରାଯାଇଛି। ସୂଚନାଯୋଗ୍ୟ ଯେ, ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧମରେ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ଶାଢ଼ି କିଣା, ଅଙ୍ଗନୱାଡ଼ି କେନ୍ଦ୍ରକୁ ବିଭିନ୍ନ ସାମଗ୍ରୀ ଯୋଗାଣରେ ଅନିୟମିତତା, କର୍ମଚାରୀଙ୍କୁ ଦୁର୍ବ୍ୟବହାର ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରାଯାଇ ତାଙ୍କୁ ନିଲମ୍ବିତ କରାଯାଇଛି।

### ରାଜସ୍ୱ ଅଧିକାରୀ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୮।୧(ବ୍ୟୁରୋ):** ଓଡ଼ିଶା ପ୍ରଶାସନରେ କାର୍ଯ୍ୟରତ କେତେକ ରାଜସ୍ୱ ଅଧିକାରୀ ସ୍ତରରେ ଅଦଳବଦଳ କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ବୁଧବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବରଗଡ଼ ଜିଲା ସୋହେଲା ତହସିଲଦାର ଅଶୋକ କୁମାର ଗଡତିଆଙ୍କୁ ଭୁବନେଶ୍ୱରସ୍ଥିତ ଆଇଜି ଅଫ୍ ପ୍ରିଜନ୍ ନିର୍ଦ୍ଦେଶାଳୟର ସହାୟକ ଭାବେ ନିଯୁକ୍ତି ମିଳିଛି। ମୁରୀବାହାଲ ବିଡିଓ ସିପକ୍ କୁମାର ପାତ୍ର ବ୍ରହ୍ମପୁର ତହସିଲଦାର, ବିର୍ସା ତହସିଲଦାର ଦିଲ୍ଲୀପ କୁମାର ପଟ୍ଟନାୟକଙ୍କୁ କୋରାପୁଟ ଉପଜିଲାପାଳ, ବଡମ୍ବା ବିଡିଓ ସଦାନନ୍ଦ ସେଠୀଙ୍କୁ ଆସ୍କା ତହସିଲଦାର ଭାବେ ନିଯୁକ୍ତି ମିଳିଛି। ସେହିଭଳି ଦୀପ୍ତିରେଖା ପାତ୍ରଙ୍କୁ ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ ଅନୁଶାସନ ସଚିବ, ସୁଶାନ୍ତ କୁମାର ପତିଙ୍କୁ ଯାଜପୁର ତହସିଲଦାର ଭାବେ ନିଯୁକ୍ତି ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଦର୍ଶିନୀ ମଲ୍ଲିକ ମୋରଡା ତହସିଲଦାର ଏବଂ ଅକ୍ଷୟ କୁମାର ଖେମୁଡୁଙ୍କୁ ଦଶପଲ୍ଲା ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଛି।

### ରଙ୍ଗେଇଲୁଣ୍ଡା ବ୍ଲକ
### ଚିହ୍ନଟ ହେଲେ ନକଲି ଶିକ୍ଷୟିତ୍ରୀ

**ଗୋପାଳପୁର,୮।୧:** ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ନାରାୟଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀଙ୍କର ସି.ଟି. ସାର୍ଟିଫିକେଟ ବୁଧବାର ଯାଞ୍ଚ ପରେ ନକଲି ଜଣାପଡିଛି। ଶିକ୍ଷୟିତ୍ରୀ ଜଣକ ହେଲେ ଭାରତୀ ଲକ୍ଷ୍ମୀ ମିଶ୍ର। ଏନେଇ ଗୋପାଳପୁର ଥାନାରେ ରଙ୍ଗେଇଲୁଣ୍ଡା ବିଇଓ ଡ. ପ୍ରଭାତୀ ମହାପାତ୍ର ଏତଲା ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ସମ୍ପୃକ୍ତ ଶିକ୍ଷୟିତ୍ରୀ ୨୦୧୧ରେ ଶିକ୍ଷା ସହାୟିକା ଭାବେ ଉକ୍ତ ସ୍କୁଲରେ ନିଯୁକ୍ତି ପାଇଥିଲେ। ୨୦୧୭ରେ ସହକାରୀ ଶିକ୍ଷୟିତ୍ରୀ ଭାବେ ନିୟମିତ ହୋଇଥିଲା। ୨୦୧୯ରେ ଭାରତୀଙ୍କର ସି.ଟି. ସାର୍ଟିଫିକେଟ ଅସଲି କି ନକଲି ସେ ନେଇ ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଘଟଣା ଜଣାପଡିବା ପରେ ବିଇଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଭାରତୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହ ଗୋପାଳପୁର ଥାନାରେ ନଂ.୨/୨୦ରେ ମାମଲା ରୁଜୁ କରାଯାଇଛି।

■ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଖଣି ଅଞ୍ଚଳକୁ ଫୁଲ, ପନିପରିବା ଚାଷୋପଯୋଗୀ କର

ଭୁବନେଶ୍ୱର,୮।୧(ବ୍ୟୁରୋ)

**୩ ସପ୍ତାହ ମଧ୍ୟରେ ଆକ୍ସନ ଟେକେନ ରିପୋର୍ଟ ଦିଅ**



ନିଲାମ ନେଉଥିବା ଲିଜଧାରୀମାନେ ଖଣିଜ ସମ୍ପଦ ନେବା ପରେ ଖଣିକୁ ଖୋଲା ଛାଡି ଚାଲି ଯାଉଛନ୍ତି। ଖଣି ପାଇଁ ନଷ୍ଟ ହେଉଥିବା ପରିବେଶର କ୍ଷତି ଭରଣା କରୁନାହାନ୍ତି। ଏହାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଣିକି ଲିଜଧାରୀ ଖଣି ଅଞ୍ଚଳରେ ଫୁଲ, ଫଳ, ପନିପରିବା ଚାଷ ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବେ। ଖଣିଜ ପଦାର୍ଥ ଉତ୍ତୋଳନ ପରେ ସେହି ଅଞ୍ଚଳ ଯେପରି ସବୁଜିମାରେ ଭରିଯିବ ସେ ନେଇ ସମସ୍ତ ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଶରଦ ଏ. ବୋବଡେ, ଜଷ୍ଟିସ ବି.ଆର. ଗାଭାଇ ଏବଂ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଖଣି ଖନନ ପରେ ସେହି ଅଞ୍ଚଳ ପାଇଁ ଲିଜଧାରୀ କି ପଦକ୍ଷେପ ନେଉଛନ୍ତି ସେ ନେଇ ଆସନ୍ତା ୩ ସପ୍ତାହ ମଧ୍ୟରେ ଏକ ଆକ୍ସନ ଟେକେନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶ ମଞ୍ଜୁରୀ ଓ ଖଣି ଲିଜ ପାଇଁ କେନ୍ଦ୍ର ସରକାର ଯେଉଁ ସର୍ତ୍ତ ରଖିଥାଆନ୍ତି ଖଣି ଖନନ ପରେ ଉକ୍ତ ଅଞ୍ଚଳର ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ପରିବେଶ ସୃଷ୍ଟି କରିବା ଦିଗରେ ମଧ୍ୟ ଅନୁରୂପ ବ୍ୟବସ୍ଥା କରିବା ଲାଗି ନିଶ୍ଚିତ କରିବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖଣି ଖନନ ପରେ ଉକ୍ତ ଅଞ୍ଚଳ ସବୁଜିମା ଶୂନ୍ୟ ହୋଇଯାଉଛି। ସେଠାରେ କୁଶ ମଧ୍ୟ କଅଁଳୁ ନ ଥିବା କୋର୍ଟ ନିରୀକ୍ଷଣ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି କୋର୍ଟଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଛି।

# ପୂର୍ବତନ ବିଧାୟକ ରାଧାଗୋବିନ୍ଦ ସାହୁଙ୍କ ପରଲୋକ

ଆସିକା,୮।୧(ଡି.ଏନ୍.ଏ.)



ଆସିକାର ବରିଷ୍ଠ କଂଗ୍ରେସ ନେତା, ବିଶିଷ୍ଟ ସମବାୟବିତ୍ ତଥା ପୂର୍ବତନ ବିଧାୟକ ରାଧାଗୋବିନ୍ଦ ସାହୁ (୯୩)ଙ୍କ ବୁଧବାର ସକାଳେ ପରଲୋକ ଘଟିଛି। ସେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ନିଜ ପୁଅଙ୍କ ବାସଭବନରେ ରହୁଥିଲେ। ଗତ ସପ୍ତାହରେ ତାଙ୍କର ହୃଦ୍‌ଘାତ ହେବାରୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ପାଖରେ ସ୍ତ୍ରୀ, ୩ ପୁଅ ନାରାୟଣ, ଜଗନ୍ନାଥ, ରାମକୃଷ୍ଣ, ଝିଅ ଗୀତାଞ୍ଜଳି ପାଢୀ, ଜ୍ୱାଇଁ ସବ୍ୟସାଚୀ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ଣରେ ମରଶରୀରକୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରଠାରେ ସତ୍କାର କରାଯାଇଛି।

ରାଧାଗୋବିନ୍ଦ କଂଗ୍ରେସର ଜଣେ ସକ୍ରିୟ ସଦସ୍ୟ ଥିଲେ। ୧୯୮୦ରୁ ୧୯୮୫ ଏବଂ ୧୯୮୫ରୁ ୧୯୯୦ ଦୁଇଥର ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଦୀର୍ଘଦିନ ଧରି ସେ ଜିଲା କଂଗ୍ରେସର ସଭାପତି ମଧ୍ୟ ରହିଥିଲେ। ଜଣେ ସମବାୟବିତ୍ ଭାବେ ତାଙ୍କର ଖ୍ୟାତି ରହିଥିଲା। ପୂର୍ବରୁ ବିଭିନ୍ନ ସମୟରେ ସେ ରାଜ୍ୟ ସମବାୟ ୟୁନିୟନର ଉପସଭାପତି, ଗଞ୍ଜାମ ଜିଲା ସମବାୟ ୟୁନିୟନର ସଭାପତି ଓ ରାଜ୍ୟ ସମବାୟ ଭୂ-ଉନ୍ନୟନ ବ୍ୟାଙ୍କ, ଓଡିଶା ରାଜ୍ୟ ସମବାୟ ମାର୍କେଟିଂ ଫେଡେରେଶନର ଉପସଭାପତି ଓ ଭୂ-ଦାନ ଯଜ୍ଞ ସମିତିର ସଦସ୍ୟ ରହିଥିଲେ। ସେହିପରି ଆସିକାର ଭୂ-ଉନ୍ନୟନ ବ୍ୟାଙ୍କ, ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀ ଓ ଆସିକା ଅର୍ବାନ ବ୍ୟାଙ୍କର ସଭାପତି, ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିଚାଳନା ପରିଷଦର ସଦସ୍ୟ ମଧ୍ୟ ରହିଥିଲେ। ୧୯୯୫ରୁ ରାଜନୀତିରୁ ନିଜକୁ ଦୂରେଇ ରଖିଥିଲେ।

ତାଙ୍କ ମୃତ୍ୟୁରେ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ଜିଲା କଂଗ୍ରେସ ସଭାପତି ଡା. ତ୍ରିନାଥ ବେହେରା, କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା ମଧ୍ୟ ଶୋକ ପ୍ରକାଶ କରିଛନ୍ତି।

# ମଥୁରାରେ କୃଷ୍ଣ, ବଳରାମ

ମଥୁରାନଗରୀ/ଗୋପପୁର,୮।୧

**ବରଗଡ଼ ଧନୁଯାତ୍ରା**



ଗୋପପୁରରୁ ମଥୁରାକୁ ଶ୍ରୀକୃଷ୍ଣ, ବଳରାମଙ୍କୁ ବିଦାୟ ବେଳର ଦୃଶ୍ୟ ।

ବରଗଡ଼ ଧନୁଯାତ୍ରା ମହୋତ୍ସବର ବୁଧବାର ନବମ ଦିବସରେ ଶ୍ରୀକୃଷ୍ଣ, ବଳରାମଙ୍କୁ ଧରି ଅକ୍ରୁର ନନ୍ଦଭବନରୁ ବାହାରି ଥିଲେ। ନନ୍ଦରାଣୀ, ନନ୍ଦରାଜା ବେନିଭାଇଙ୍କ ଶୁଭ ମନାସୀ ଥିଲେ। ଶ୍ରୀକୃଷ୍ଣ, ବଳରାମ ଗୋପପୁର ପରିକ୍ରମା କରି ଗୋପ ମଣ୍ଡପରେ ପହଞ୍ଚିଥିଲେ। ଗୋପପୁର ପରିକ୍ରମା ବେଳେ ପ୍ରତି ଘର ସମ୍ମୁଖରେ ପୂର୍ଣ୍ଣକଳସ ସ୍ଥାପନ କରି ଅକ୍ରୁରଙ୍କ ସହ ବେନିଭାଇଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ବେନିଭାଇଙ୍କ ଗୋପ ପରିକ୍ରମା ସମୟରେ ସମ୍ପ୍ରଦା ଦଳର ସାଂସ୍କୃତିକ କାର୍ଯ୍ୟକ୍ରମ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

ଗୋପ ମଣ୍ଡପ ଦୃଶ୍ୟାଭିନୟରେ ଅକ୍ରୁର ଶ୍ରୀକୃଷ୍ଣ, ବଳରାମଙ୍କୁ ମଥୁରା ନେବା ପାଇଁ ନନ୍ଦରାଜା, ନନ୍ଦରାଣୀଙ୍କୁ କହିଥିଲେ। ମାତ୍ର ନନ୍ଦରାଣୀ, ନନ୍ଦରାଜା ବେନିଭାଇଙ୍କୁ ମଥୁରା ଛାଡ଼ିବାକୁ ଚାହିଁ ନ ଥିଲେ। ତେବେ ଧନୁଯାତ୍ରା ସାରି ୪ଦିନ ପରେ ମଥୁରାରୁ ଫେରି ଆସିବେ ବୋଲି ଶ୍ରୀକୃଷ୍ଣ ନନ୍ଦରାଣୀ ଓ ନନ୍ଦରାଜାଙ୍କୁ ବୁଝାଇଥିଲେ। ଶେଷରେ ନନ୍ଦରାଣୀ, ନନ୍ଦରାଜା ବେନିଭାଇଙ୍କ ବାଟ ଓଗାଳି ଥିଲେ। ଶ୍ରୀକୃଷ୍ଣଙ୍କୁ ମେଲାଣି ଦେବାବେଳେ ନନ୍ଦରାଣୀ, ନନ୍ଦରାଜାଙ୍କ ସମେତ ଗୋପବାସୀ କାନ୍ଦି ପକାଇଥିଲେ। ସେହିପରି ଶ୍ରୀକୃଷ୍ଣ ବିରହରେ ରାଧା ପଥରୋଧ କରିବାକୁ ଚେଷ୍ଟା କରି ବିଫଳ ହୋଇ ପଡ଼ିଥିଲେ। ବେନିଭାଇ ଗୋପପୁର ଛାଡ଼ିବା ପରେ ରାଧାଙ୍କ ସମେତ ସମସ୍ତ ଗୋପାଳ ବାଳକ, ଗୋପୀ ଗୋପାଙ୍ଗନା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଅନ୍ୟପକ୍ଷେ ବେନିଭାଇ ଅକ୍ରୁରଙ୍କ ସହିତ ମଥୁରା ପହଞ୍ଚି ଆଦିମାତା ମନ୍ଦିର(ଖଜୁରଟିକ୍ରା)ରେ ବିଶ୍ରାମ ନେଇଥିଲେ।

ସେହିପରି ଅନ୍ୟଦିନ ଭଳି କଂସ ମହାରାଜ ମଥୁରା ପରିକ୍ରମା କରିଥିଲେ। ପରିଭ୍ରମଣ ବାଟରେ ସେ ଆମ୍ରବନ(ଗୋବିନ୍ଦପାଲି)କୁ ଯାଇଥିଲେ। ସେଠାରେ ଶ୍ରୀକୃଷ୍ଣଙ୍କ ଆରାଧନାରତ ମୁନି ଋଷିଙ୍କ ଯଜ୍ଞ ମଣ୍ଡପ ଭାଙ୍ଗିଥିଲେ। ଏପରି କି ମୁନିଋଷିଙ୍କୁ ଚାବୁକ ପ୍ରହାର କରି ବାନ୍ଧି ଆଣିଥିଲେ। କଂସଙ୍କ ଆଦେଶ କ୍ରମେ ସୈନ୍ୟ, ସାମନ୍ତ ମୁନିଋଷିଙ୍କୁ କାରାଗାରକୁ ନେଇ ବନ୍ଦୀ ରଖିଥିଲେ। ଅନ୍ୟାୟ, ଅତ୍ୟାଚାରରୁ ନିବୃତ୍ତ ରହିବା ପାଇଁ ମୁନିଋଷିମାନେ ମହାରାଜ କଂସଙ୍କୁ ପରାମର୍ଶ ଦେଇଥିଲେ। ହେଲେ ମହାରାଜ କଂସ କ୍ରୋଧାନ୍ୱିତ ହୋଇ ପଡ଼ିବାରୁ ମୁନିଋଷି ତାଙ୍କୁ ଅଭିଶାପ ଦେଇଥିଲେ। ତେବେ ଶ୍ରୀକୃଷ୍ଣ, ବଳରାମ ମଥୁରା ପହଞ୍ଚିବା ଖବର ପାଇ ମହାରାଜ କଂସ ଖୁସିରେ ଉତ୍‌ଫୁଲ୍ଲିତ ହୋଇ ପଡ଼ିଥିଲେ। ବିଭିନ୍ନ ସାଂସ୍କୃତିକ ଦଳର ନାଚଗୀତର ଆସରରେ ମସ୍‌ଗୁଲ୍ ହୋଇ ପଡ଼ିଥିଲେ। ସେହିପରି ରାଜ ଦରବାରରେ ମନ୍ତ୍ରୀ ଜଗନ୍ନାଥ ସାରକା, ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଏବଂ ହାସ୍ୟ ଅଭିନେତା ଯୋଗେଶ ଯୋଯୋ ରାଜ ଅତିଥିଭାବେ ଯୋଗ ଦେଇଥିଲେ।

# ୧୦୦ ଗ୍ରାମ ସୁନା ଜବତ, ମଧ୍ୟସ୍ଥ ଗିରଫ
## ବାହାଘର ଭାଙ୍ଗିବା ପରେ ପୁଅଘରକୁ ଫେରାଉ ନ ଥିଲେ

ରାୟଗଡ଼ା ଅଫିସ,୮।୧

ବିବାହ ପ୍ରସ୍ତାବ ବେଳେ ପୁଅଘର ଦେଇଥିବା ସୁନା ବିସ୍କୁଟକୁ ଫେରାଉ ନ ଥିଲେ ମଧ୍ୟସ୍ଥ। ଥାନାରେ ଏତଲା ପରେ ପୋଲିସ ତଦନ୍ତ କରି ମଧ୍ୟସ୍ଥଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୦୦ ଗ୍ରାମ୍‌ର ସୁନା ବିସ୍କୁଟ ଜବତ କରିଛି।

ସୂଚନା ଅନୁଯାୟୀ, ରାୟଗଡ଼ା ଜିଲା ବିଷମକଟକ ଥାନା ଦୁର୍ଗୀ ଗ୍ରାମର ଭୁନା ତ୍ରିପତି ରାଓ (୭୨) ନିଜ ପୁଅ ବାହାଘର ପାଇଁ ପ୍ରସ୍ତାବ ଠିକ୍ କରିଥିଲେ। ଏଥିରେ ଶ୍ରୀକାକୁଲମ ଜିଲା ବାତିଲି ଗ୍ରାମର ଭୁନା ଲକ୍ଷ୍ମୀନାରାୟଣ (୫୭) ମଧ୍ୟସ୍ଥ ସାଜିଥିଲେ। ବିବାହ ସ୍ଥିର ହେବା ପରେ ପରମ୍ପରା ଅନୁସାରେ ଝିଅ ଓ ପୁଅଘର ସୁନା ଅଦଳବଦଳ କରନ୍ତି। ସେହି ଅନୁସାରେ ଅନ୍ୟମାନଙ୍କ ଉପସ୍ଥିତିରେ କନ୍ୟା ଓ ବରଘର ପକ୍ଷରୁ ମଧ୍ୟସ୍ଥ ଲକ୍ଷ୍ମୀନାରାୟଣଙ୍କୁ ୨୦୦ ଗ୍ରାମ୍‌ର ସୁନା ବିସ୍କୁଟ ଦିଆଯାଇଥିଲା। ପରେ କୌଣସି କାରଣରୁ ବିବାହ ଭାଙ୍ଗିଯାଇଥିଲା। ମଧ୍ୟସ୍ଥ ଲକ୍ଷ୍ମୀନାରାୟଣ ଝିଅଘରକୁ ସୁନା ବିସ୍କୁଟକୁ ଫେରାଇ ଦେଇଥିଲେ। କିନ୍ତୁ ବାରମ୍ବାର କହିବା ସତ୍ତ୍ୱେ ମଧ୍ୟ ପୁଅଘରକୁ ସୁନା ଫେରାଇ ନ ଥିଲେ ମଧ୍ୟସ୍ଥ। ଫଳରେ ୧୮ ଏପ୍ରିଲ ୨୦୧୮ରେ ଭୁନା ଲକ୍ଷ୍ମୀନାରାୟଣଙ୍କ ନାଁରେ ବିଷମକଟକ ଥାନାରେ ଏତଲା ଦେଇଥିଲେ ଭୁନା ତ୍ରିପତି ରାଓ। ପୋଲିସ ତଦନ୍ତ କରିବା ବେଳେ ଅଭିଯୁକ୍ତ ଭୁନା ଲକ୍ଷ୍ମୀନାରାୟଣ ନିଜ ଦୋଷ ସ୍ୱୀକାର କରିବା ସହ ୧୦୦ ଗ୍ରାମ୍ ସୁନା ବିସ୍କୁଟ ସାକ୍ଷୀଙ୍କ ଉପସ୍ଥିତିରେ ଫେରାଇଥିଲେ। ଏନେଇ ୪୦୬, ୪୨୦, ୫୦୬ ଆଇପିସି ଅନୁଯାୟୀ କେସ୍ ନଂ ୧/୨୦ରେ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରାଯାଇଛି।

# ଟ୍ରଲିରେ ବୁହାହେଲା ମୃତଦେହ

ଭଞ୍ଜନଗର,୮।୧(ଡି.ଏନ.ଏ)

ପୁଣି ମୃତଦେହକୁ ଅସମ୍ମାନ। ଗଞ୍ଜାମ ଜିଲା ଭଞ୍ଜନଗର ମେଡିକାଲରେ ଜଣେ ଯୁବତୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକେ ବୁଧବାର ଟ୍ରଲିରେ ବୋହିନେଇଥିବା ଜଣାପଡିଛି। ମେଡିକାଲ କର୍ତ୍ତୃପକ୍ଷଙ୍କୁ ନ ଜଣାଇ ପରିବାର ଲୋକେ ମୃତଦେହ ନେଇ ଯାଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ଗଞ୍ଜାମ ଜିଲା ଭଞ୍ଜନଗର ସହର ଭେଜିପୁଟର ଜଣେ ଯୁବତୀ ମଙ୍ଗଳବାର ଅପରାହ୍ଣରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ସେ ହେଲେ ରଞ୍ଜିତା ନାୟକ (୨୨)। ଭଞ୍ଜନଗର ମେଡିକାଲରେ ବୁଧବାର ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକେ ମୃତଦେହକୁ ୫ଶହ ମିଟର ଦୂର ତାଙ୍କ ଘରକୁ ଟ୍ରଲିରେ ବୋହି ନେଇଥିଲେ। କେଉଁ ପରିସ୍ଥିତିରେ ଟ୍ରଲିରେ ମୃତଦେହ ନେଲେ ତାହା ଜଣାପଡିନାହିଁ। ମେଡିକାଲ ପକ୍ଷରୁ କୁହାଯାଇଛି ଯେ, ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମେଡିକାଲରେ ମହାପ୍ରୟାଣ ଗାଡି ରହିଛି। ମାତ୍ର ଗାଡି ପାଇଁ ଆମକୁ ନ ଜଣାଇ ମୃତଦେହ ଟ୍ରଲିରେ ନେଇଯାଇଥିବା ପରେ ଆମେ ଜାଣିବାକୁ ପାଇଲୁ।

# ଆରବ ସାଗରରେ ଚାଇନା-ପାକିସ୍ତାନର ବୁଡ଼ାଜାହାଜ

**ବେଜିଂ, ୮।୧:** ଆରବ ସାଗରରେ ଚାଇନା ଏବଂ ପାକିସ୍ତାନ ନୌସେନା ୯ ଦିନିଆ ମିଳିତ ଯୁଦ୍ଧାଭ୍ୟାସ ସୋମବାରଠାରୁ ଆରମ୍ଭ କରିଛନ୍ତି। ଏହାସହ ପ୍ରଥମଥର ପାଇଁ କୌଣସି ବୁଡ଼ାଜାହାଜକୁ ମୁତୟନ କରାଯାଇଛି, ଯାହା ସମ୍ପୃକ୍ତ କ୍ଷେତ୍ର ପାଇଁ ବିପଦ ସୃଷ୍ଟି କରିଛି। ପ୍ରତିରକ୍ଷା ଦୃଷ୍ଟିରୁ ଦେଖିବାକୁ ଗଲେ ଆରବ ସାଗର ଭାରତ ପାଇଁ ଅନେକ ଗୁରୁତ୍ୱ ବହନ କରୁଛି। ଏହି ସାଗରକୁ ଲାଗି ଭାରତର ଅନେକ ବଡ଼ ବଡ଼ ବନ୍ଦର ରହିଛି। ମିଳିତ ସମରାଭ୍ୟାସ ପ୍ରତିରକ୍ଷା ଦୃଷ୍ଟିରୁ ଚାଇନା ପାଇଁ ଗୁରୁତ୍ୱପୂର୍ଣ୍ଣ। ଚାଇନା ଏବେ ପାକିସ୍ତାନର ଗ୍ୱାଦରଠାରେ ବନ୍ଦର ବିକଶିତ କରୁଛି। ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର(ସିପିଇସି) ଯୋଜନା ମାଧ୍ୟମରେ ଗ୍ୱାଦର ସହ ଚାଇନାର ଜିନଜିଆଙ୍ଗ ଅଞ୍ଚଳକୁ ଯୋଡ଼ାଯାଉଛି। ଏହି ପ୍ରୋଜେକ୍ଟକୁ ଭାରତ ଆରମ୍ଭରୁ ବିରୋଧ କରିଆସୁଛି।

■ ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କଲା ସିବିଆଇ

# ମୁଜାଫରପୁର ଆଶ୍ରୟ ଗୃହରେ ହୋଇନି ଅନ୍ତେବାସୀଙ୍କ ହତ୍ୟା

ନୂଆଦିଲ୍ଲୀ, ୮।୧

ବିହାରର ବହୁଚର୍ଚ୍ଚିତ ମୁଜାଫରପୁର ଆଶ୍ରୟ ଗୃହରୁ ଯୁବତୀ ନିଖୋଜ ଏବଂ ହତ୍ୟା ମାମଲାରେ ବୁଧବାର କେନ୍ଦ୍ରୀୟ ତଦନ୍ତକାରୀ ବ୍ୟୁରୋ (ସିବିଆଇ) ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିଛି। ମୁଜଫରାପୁରରସ୍ଥିତ ଉକ୍ତ ଆଶ୍ରୟ ଗୃହରେ କୌଣସି ଯୁବତୀଙ୍କ ହତ୍ୟା ହୋଇନାହିଁ ଏବଂ ମିଳିଥିବା ମଣିଷ କଙ୍କାଳ କୌଣସି ନାବାଳିକା ଅନ୍ତେବାସୀଙ୍କ ନୁହେଁ ବୋଲି ସିବିଆଇ ନିଜ ରିପୋର୍ଟରେ ଉଲ୍ଲେଖ କରିଛି।

ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆଶ୍ରୟ ଗୃହ କେଲେଙ୍କାରୀ ମାମଲାର ଶୁଣାଣି କରି ସିବିଆଇ ରିପୋର୍ଟକୁ ଗ୍ରହଣ କରିଛନ୍ତି। ସିବିଆଇ ମୁଜାଫରପୁର ଆଶ୍ରୟ ଗୃହ କେଲେଙ୍କାରୀ ମାମଲା ସହ ମୋଟ ୧୭ଟି ଆଶ୍ରୟ ଗୃହରେ ଉତ୍ପୀଡ଼ନ ଏବଂ ନିର୍ଯାତନା ଘଟଣାର ତଦନ୍ତ ପରେ ରିପୋର୍ଟ ଦାଖଲ କରିଛି। ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ସିବିଆଇର ପକ୍ଷ ରଖି ଯୁକ୍ତି ବାଢିଥିଲେ ଯେ, ଆଶ୍ରୟ ଗୃହରୁ ମିଳିଥିବା ଦୁଇ କଙ୍କାଳ କୌଣସି ଅନ୍ତେବାସୀଙ୍କ ନୁହେଁ। ଗୋଟିଏ କଙ୍କାଳ ଜଣେ ପୁରୁଷଙ୍କ ଥିବାବେଳେ ଅନ୍ୟଟି ଜଣେ ମହିଳାଙ୍କ। ଏହି ବିଷୟ ଫୋରେନ୍‌ସିକ ରିପୋର୍ଟକୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ୨୦୧୮ରେ ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସର ରିପୋର୍ଟ ପରେ ଏହି ଘଟଣା ପ୍ରକଟ ହୋଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା।

# କୁଦାହୁଡ଼ାଙ୍ଗ ଜଙ୍ଗଲରେ ମାଈହାତୀ ମୃତ

■ ୩ ଦିନରେ ଦୁଇ ହାତୀଙ୍କ ଜୀବନ ଗଲା

ନୂଆଗାଁ, ୮।୧ (ଡି.ଏନ୍.ଏ.)



ସୁନ୍ଦରଗଡ଼ ଜିଲା ସୀମାନ୍ତ ବିଶ୍ରା ବନାଞ୍ଚଳ ନୂଆଗାଁ ବ୍ଲକ ଚିତାପେଡି ପଞ୍ଚାୟତ ଅନ୍ତର୍ଗତ କୁଦାହୁଡାଙ୍ଗ ଜଙ୍ଗଲରେ ବୁଧବାର ଏକ ମାଈ ହାତୀର ମୃତଦେହ ମିଳିଛି। ହାତୀକୁ କେହି ମାରି ଦେଇଛନ୍ତି ନା ଅନ୍ୟ କୌଣସି କାରଣରୁ ମୃତ୍ୟୁ ଘଟିଛି ତାହା ଅସ୍ପଷ୍ଟ ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ କାରଣ ଜଣାପଡିବ ବୋଲି ବିଶ୍ରା ବନ ବିଭାଗ ପକ୍ଷରୁ କୁହାଯାଇଛି।

ଗତ ୩ ଦିନ ତଳେ ସୁନ୍ଦରଗଡ଼ ଜିଲା ସୀମାନ୍ତ ରୁଙ୍ଘି ଜଙ୍ଗଲରେ ଏକ ହାତୀର ମୃତ୍ୟୁ ହୋଇଥିଲା। ଏହି ଘଟଣା ଝାଡ଼ଖଣ୍ଡ ଅଞ୍ଚଳରେ ଘଟିଥିବାରୁ ଝାଡ଼ଖଣ୍ଡ ବନବିଭାଗ ଏହାର ବ୍ୟବଚ୍ଛେଦ କରିଥିଲା। ବିଶ୍ରା ବନବିଭାଗ ମଧ୍ୟ ସେଠାକୁ ଯାଇ ଘଟଣାର ତଦନ୍ତ କରିଥିଲେ। ହେଲେ ଉକ୍ତ ହାତୀକୁ କେହି ଦୁର୍ବୃତ୍ତ ମାରିଥିଲେ ନା ନାହିଁ ସ୍ପଷ୍ଟ ସୂଚନା ବନବିଭାଗ ତରଫରୁ ମିଳି ନ ଥିଲା । ଏପରିକି ବିଷାକ୍ତ ଖାଦ୍ୟ ହାତୀ ମୃତ୍ୟୁର କାରଣ ବି ହୋଇପାରେ ବୋଲି ସେତେବେଳେ ବିଶ୍ରା ବନବିଭାଗ ପକ୍ଷରୁ କୁହାଯାଇଥିଲା। ଉକ୍ତ ଘଟଣାର ୩ ଦିନ ପରେ ପୁଣି ବୁଧବାର ସୀମାବର୍ତ୍ତୀ କୁଦାହୁଡାଙ୍ଗ ଜଙ୍ଗଲରେ ଆଉ ଏକ ମାଈ ହାତୀ ମରିପଡିଥିବା ଗାଁ ଲୋକେ ଦେଖିଥିଲେ ଓ ବିଶ୍ରା ବନବିଭାଗକୁ ଖବର ଦେଇଥିଲେ। ଖବରପାଇ ପାନପୋଷ ଡିଏଫ୍‌ଓ ସଞ୍ଜୟ କୁମାର ସ୍ୱାଇଁ, ଏସିଏଫ୍ ଦିଲୀପ କୁମାର ସାହୁ, ବିଶ୍ରା ରେଞ୍ଜର ମାଣିକେଶ୍ୱରୀ ହାଁସଦା, ଡେପୁଟି ରେଞ୍ଜର ମନୋଜ ଡିଗା ପ୍ରମୁଖ କୁଦାହୁଡାଙ୍ଗ ଜଙ୍ଗଲରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ବନବିଭାଗ କହିବାନୁଯାୟୀ ମୃତ ହାତୀର କୌଣସି ସ୍ଥାନରେ କ୍ଷତଚିହ୍ନ ନାହିଁ। ତେଣୁ ତାକୁ କେହି ମାରିଛନ୍ତି ବୋଲି କହି ହେଉନାହିଁ। ଅନ୍ୟପକ୍ଷରେ ଗତ ୩ ଦିନ ଅନ୍ତରରେ ୨ କିଲୋମିଟର ବ୍ୟବଧାନରେ ୨ଟି ହାତୀର ମୃତ୍ୟୁ ଘଟଣା ନିଶ୍ଚିତ ଭାବେ ଉଦ୍‌ବେଗର ବିଷୟ। କିଛିମାସ ହେବ ଓଡ଼ିଶା ସୀମାନ୍ତ ଗାଁ କୁଦାହୁଡାଙ୍ଗ, ଲୋଆରମ, ଯୋକେତା, ସୋରଡା ଆଦିରେ ଝାଡ଼ଖଣ୍ଡ ହାତୀପଲ ରାତିରେ ପଶି ଧନଜୀବନ ନଷ୍ଟ କରୁଛନ୍ତି। ଲୋକେ ଏକ ପ୍ରକାର ମାନସିକ ସ୍ତରରେ ହାତୀପ୍ରତି କଠୋର ନୀତି ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି। ଫଳସ୍ୱରୂପ ହାତୀମାନଙ୍କୁ ସେମାନେ ଆକ୍ରମଣ ମଧ୍ୟ କରୁଛନ୍ତି ବୋଲି କୁହାଯାଉଛି।

# ହାତୀ କରିଡରରେ ଟ୍ରେନ୍ ବେଗ କମାଇବାକୁ ଜଙ୍ଗଲ ବିଭାଗର ଚିଠି

■ ଗଞ୍ଜାମ ସୁରଳ ଜଙ୍କ୍‌ଶନରେ ହାତୀପଲ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ରାଜ୍ୟର ବିଭିନ୍ନ ହାତୀ କରିଡର ଦେଇ ଟ୍ରେନ୍ ଲାଇନ୍ ଯାଇଛି। ଅନେକ ସମୟରେ ହାତୀପଲ ଟ୍ରେନ୍ ଲାଇନ୍ ଅତିକ୍ରମ କରୁଥିବାବେଳେ ଟ୍ରେନ୍ ଧକ୍କାରେ ଜୀବନ ଯାଉଛି। ଏହାକୁ ରୋକିବାକୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ରେଲ୍‌ୱେକୁ ଚିଠି ଲେଖିଛି। ହାତୀ ଚଲାପଥ ଦେଇ ଯାଉଥିବା ଟ୍ରାକ୍‌ରେ ଅତିରିକ୍ତ ସୁରକ୍ଷା ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଗଞ୍ଜାମ ଜିଲାର ସୁରଳ ଜଙ୍କ୍‌ଶନରେ ନିୟମିତ ହାତୀପଲ ଦେଖିବାକୁ ମିଳୁଛି। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ବ୍ରହ୍ମପୁରର ଷ୍ଟେଶନ ମାଷ୍ଟରଙ୍କୁ ଚିଠି ଲେଖି ସତର୍କତା ଅବଲମ୍ବନ କରିବାକୁ କହିଛି। ବିଶେଷକରି ରାତି ସମୟରେ ଲୋକୋ ପାଇଲଟଙ୍କୁ ଇଚ୍ଛାପୁରମ୍ ଷ୍ଟେଶନ ପାର ହେଲାବେଳେ ଟ୍ରେନର ବେଗ କମାଇବା ସହ ହର୍ନ ବଜାଇବାକୁ ପରାମର୍ଶ ଦିଆଯାଇଛି।

### ଲୁହାପଥର ଚୋରାଚାଲାଣ ବେଳେ ଧରପଗଡ଼
# ମାଷ୍ଟର ମାଇଣ୍ଡ ସମେତ ୬ ଗିରଫ

ବଡବିଲ, ୮।୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରାଚାଲାଣ ହେଉଥିବା ୨୭ ମେଟ୍ରିକ ଟନ ସାଇଜ ଲୁହାପଥର ବୋଝେଇ ହାଇୱା ଟ୍ରକକୁ ଜବତ କରିଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଝାଡ଼ଖଣ୍ଡର ସମ୍ପଦ କୁମାର କାଳନ୍ଦୀ, ଟ୍ରକର ମାଲିକ ଝାଡଖଣ୍ଡ ରାଜ୍ୟ ପୂର୍ବ ସିଂହଭୂମି ଜିଲା ବିଚିଡିହ ଗ୍ରାମର ଉମେଶ କୁମାର ପାଠକ, ହାଇୱା ଟ୍ରକ୍ ଡ୍ରାଇଭର ଝାଡଖଣ୍ଡ ରାଜ୍ୟ ସରାଇକେଲା ଜିଲା ରୁସନିଆଁ ଗ୍ରାମର ଲକ୍ଷ୍ମଣ ମାହାତୋ, ହାଇୱା ଟ୍ରକ ହେଲପର ଝାଡଖଣ୍ଡ ରାଜ୍ୟ ସରାଇକେଲା ଜିଲା କୁରୁଲି ଗ୍ରାମର ବିକାଶ ମାହାତୋ ଏବଂ ଦଲାଲ ଦ୍ୱୟ ହେଲେ କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ କଳାପାହାଡ ଅଞ୍ଚଳର ଶମ୍ଭୁ ବାହାଦୂର ଓ ବନେଇକଳା ଅଞ୍ଚଳର ରାଜେଶ ମୁଣ୍ଡା।



ରାଗ, ଦ୍ୱେଷ, ଈର୍ଷା, ମନ ଭିତରେ ଥିଲେ ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।

- ସନ୍ଥ ଏକନାଥ






କଂଗ୍ରେସ ଓ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଧର୍ମଘଟ ଯୋଗୁ ପଳାଶୁଣୀ ନିକଟ ଜାତୀୟ ରାଜପଥ ଖାଁ ଖାଁ

# ରାଜଧାନୀରେ ବନ୍ଦ ପ୍ରଭାବ

## ଗିରଫ ହେଲେ ୨ଶହ ଆନ୍ଦୋଳନକାରୀ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

୧୨ ଦଫା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ବୁଧବାର ୨୪ ଘଣ୍ଟିଆ ଭାରତ ବନ୍ଦ ଡାକରା ରାଜଧାନୀରେ ଆଂଶିକ ସଫଳ ହୋଇଛି। ଆନ୍ଦୋଳନକୁ ସମର୍ଥନ କରି କଂଗ୍ରେସ, ଛାତ୍ର ଓ ଅନ୍ୟ ସଂଗଠନଗୁଡ଼ିକ ମଧ୍ୟ ରାସ୍ତାକୁ ଓହ୍ଲାଇଥିଲେ। ସକାଳ ୬ଟାରୁ ଆରମ୍ଭ ହୋଇଥିଲା ବନ୍ଦ ପାଳନ। କେଉଁଠି ମିଳିତ ଭାବରେ ତ ଆଉ କେଉଁଠି ଅଲଗା ଅଲଗା ବନ୍ଦ ପାଳନ କରିଥିଲେ। ଜାତୀୟ ରାଜପଥର ପଳାଶୁଣୀ, ରସୁଲଗଡ଼, ବାଣୀବିହାର, ଜୟଦେବ ବିହାର, ଆଚାର୍ଯ୍ୟବିହାର, କ୍ରାଉନ୍ ହୋଟେଲ ଛକ, ବରମୁଣ୍ଡା, ଖଣ୍ଡଗିରି ଛକରେ ଆନ୍ଦୋଳନକାରୀମାନେ ଗାଡିମୋଟର ଅଟକାଇ ବନ୍ଦକୁ ସମର୍ଥନ କରିବାକୁ ଲୋକଙ୍କୁ ନିବେଦନ କରିଥିଲେ। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାନା ସ୍ଲୋଗାନ ଦେଇଥିଲେ। ଫଳରେ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଗାଡିମୋଟର ଅଟକି ରହିଥିଲା। ସେହିପରି ମାଷ୍ଟର କ୍ୟାଣ୍ଟିନ ଛକ, ରାଜମହଲ, ନାଲ୍କୋ ଛକ, ଡମଣା ଛକ, ପଟିଆ, ନନ୍ଦନକାନନ, ବାରଙ୍ଗ ଛକରେ ଆନ୍ଦୋଳନକାରୀମାନେ ରାସ୍ତା ଉପରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳେ ସହରର ରାସ୍ତାଗୁଡ଼ିକ ପ୍ରାୟତଃ ଫାଙ୍କା ରହିଥିଲେ ମଧ୍ୟ ଅପରାହ୍ନରେ ଗାଡ଼ିଚଳାଚଳ ସ୍ୱାଭାବିକ ହୋଇଯାଇଥିଲା। ବନ୍ଦକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ଛକ, ଅଫିସ ସମ୍ମୁଖ ଓ ସମ୍ବେଦନଶୀଳ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା। ତେବେ ସହରରେ ସେପରି କୌଣସି ସ୍ଥାନରେ ହିଂସା ଦେଖାଯାଇ ନ ଥିଲେ ମଧ୍ୟ କେତେକ ସ୍ଥାନରେ ପୋଲିସ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରାୟ ୨ଶହ ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫକରି ପରେ ଛାଡ଼ି ଦେଇଥିଲା। ଅନ୍ୟପକ୍ଷରେ ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ, ବ୍ୟାଙ୍କ, ଅଫିସ ବନ୍ଦ ରହିଥିଲା। ବିକ୍ଷୋଭକାରୀମାନେ ମାଷ୍ଟରକ୍ୟାଣ୍ଟିନରେ ଟ୍ରେନ୍‌କୁ ଅଟକାଇ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ କେନ୍ଦ୍ର ସରକାରଙ୍କ ନୀତିକୁ କଡ଼ା ସମାଲୋଚନା କରିଥିଲେ।



ଆଚାର୍ଯ୍ୟ ବିହାର–ଜୟଦେବ ବିହାର ଓଭରବ୍ରିଜ୍

### ଗଡ଼ିଲାନି ଟ୍ରକ୍, ବସ୍

ରାଜଧାନୀ ସମେତ ଜାତୀୟ ରାଜପଥରେ ଟ୍ରକ୍ ଓ ବସ୍ ଚଳାଚଳ ବନ୍ଦ ରହିଥିଲା। ଆନ୍ଦୋଳନକାରୀମାନେ ରାସ୍ତା ଉପରେ ଶୋଇ ଗାଡିମୋଟର ଅଟକାଇଥିଲେ। ଫଳରେ ରସୁଲଗଡରୁ ଜୟଦେହ ବିହାର ଓଭରବ୍ରିଜ ଉପରେ ଶହଶହ ଟ୍ରକ୍ ଅଟକି ରହିଥିଲା। ଏକାଧିକ ଟ୍ରକ୍‌ରେ ଆଳୁ ଓ ପରିବା ରହିଥିବା ଦେଖିବାକୁ ମିଳିଥିଲା। ଡ୍ରାଇଭର ଓ ଅନ୍ୟ କର୍ମଚାରୀମାନେ ରାସ୍ତା ଉପରେ ରୋଷେଇ କରି ଖାଉଥିବାରୁ ଦେଖିବାକୁ ମିଳିଥିଲା। ସେହିପରି ମାଷ୍ଟରକ୍ୟାଣ୍ଟିନ ଓ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡିକ ଅଟକି ରହିଥିଲା।




ପର୍ଯ୍ୟଟକମାନେ ଜାତୀୟ ରାଜପଥରେ ବସିଛନ୍ତି

### ଯାତ୍ରୀ ହନ୍ତସନ୍ତ, ରାସ୍ତାରେ ବସିଲେ ପର୍ଯ୍ୟଟକ

ବସ୍, କାର୍, ଅଟୋ ଓ ଟ୍ୟାକ୍ସି ଚଳାଚଳ ବନ୍ଦ ରହିବାରୁ ଯାତ୍ରୀମାନେ ନାହିଁ ନ ଥିବା ହଟହଟା ହୋଇଥିଲେ। ବିଶେଷକରି ଟ୍ରେନ ଓ ବିମାନରେ ଆସିଥିବା ଯାତ୍ରୀ ନିଜର ଗନ୍ତବ୍ୟ ସ୍ଥଳକୁ ଯାଇ ନ ପାରି ରେଳଷ୍ଟେଶନ, ବିମାନବନ୍ଦରରେ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲେ। ସେହିପରି ବରମୁଣ୍ଡା ସମେତ ଅନ୍ୟ ବସ୍‌ଷ୍ଟାଣ୍ଡରେ ରାତି ଓ ସକାଳେ ପହଞ୍ଚିବା ଯାତ୍ରୀମାନେ ଗନ୍ତବ୍ୟବସ୍ଥଳକୁ ଯାଇପାରି ନ ଥିଲେ। ତେବେ ପାଖରେ ଯିବାକୁ ଥିବା ଯାତ୍ରୀମାନେ ଚାଲିଚାଲି ଓ ଆଉ କେହି ବାଇକ୍‌ରେ ଯାଇଥିଲେ। ସବୁଠୁ ଅଧିକ ହଇରାଣ ହୋଇଥିଲେ ବିଦେଶୀ ପର୍ଯ୍ୟଟକ। କ୍ରାଉନ ହୋଟେଲ ଛକ ନିକଟରେ ଏକ ପର୍ଯ୍ୟଟକ ବସ୍‌କୁ ଆନ୍ଦୋଳନକାରୀମାନେ ଅଟକାଇଥିଲେ। ଫଳରେ ପର୍ଯ୍ୟଟକମାନେ ବସ୍ ନିକଟରେ ରାସ୍ତା ବହୁ ଘଣ୍ଟା ଧରି ବସି ରହି ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଅନ୍ୟପକ୍ଷରେ ଗାଡି ଅଟକାଇବାକୁ ନେଇ ନାଲ୍‌କୋ ଛକ ନିକଟରେ ଉତ୍ତେଜନା ଦେଖିବାକୁ ମିଳିଥିଲା।

### ଲୋକସେବା ଭବନ ଗେଟ୍ ବନ୍ଦ ଉଦ୍ୟମ, ଉଠାଇନେଲା ପୋଲିସ

ମଧ୍ୟାହ୍ନ ପ୍ରାୟ ୧୨ଟାରେ ବିଭିନ୍ନ ଟ୍ରେଡ୍ ୟୁନିୟନ୍ ଏବଂ କଂଗ୍ରେସର ନେତା ଓ କର୍ମୀମାନେ ରାଜମହଲ ଛକରୁ ଶୋଭାଯାତ୍ରାରେ ଲୋକସେବା ଭବନ (ସଚିବାଳୟ) ନିକଟରେ ପହଞ୍ଚି ଗେଟ୍ ବନ୍ଦ କରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ପୋଲିସ ସେମାନଙ୍କୁ ଉଠାଇନେଇଥିଲା। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟ, ବରିଷ୍ଠ ବାମପନ୍ଥୀ ନେତା ଜନାର୍ଦ୍ଦନ ପତିଙ୍କ ସମେତ ବହୁ ବିକ୍ଷୋଭକାରୀଙ୍କୁ ପୋଲିସ ଉଠାଇ ନେଇଥିଲା। ସେମାନଙ୍କୁ ପରେ ଛାଡିଦିଆଯାଇଥିବା ଡିସିପି ଅନୁପ କୁମାର ସାହୁ ସୂଚନା ଦେଇଛନ୍ତି।




### କଂଗ୍ରେସର ବିକ୍ଷୋଭ, ବାଇକ୍ ରାଲି

ବନ୍ଦ ଡାକରାକୁ ସମର୍ଥନ କରିଥିବା କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ଓ ପିକେଟିଂ କରାଯାଇଥିଲା। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ ନେତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ୍ ହୋଇଥିଲେ। ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ବାଇକ୍‌ରେ ଯାଉଥିବା ଲୋକଙ୍କୁ ନିବେଦନ କରିଥିଲେ। ସେହିପରି ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସର ବାଇକ ରାଲି ସହର ପରିକ୍ରମା କରି ବନ୍ଦକୁ ସମର୍ଥନ ଜଣାଇଥିଲା।

### ବିମାନବନ୍ଦରରେ ଭଜନ, କୀର୍ତ୍ତନ

୧୦ଦିନ ହେବ ଉତ୍ତର ପ୍ରଦେଶ ଓ ଦିଲ୍ଲୀରୁ ୪ ପରିବାର ଓଡ଼ିଶା ବୁଲି ଆସିଥିଲେ। ସେମାନେ ପୁରୀ, କୋଣାର୍କ ଆଦି ଅନେକ ଦର୍ଶନୀୟ ସ୍ଥାନ ବୁଲି ଦେଖିଥିଲେ। ଭାରତ ବନ୍ଦ ଥିବାରୁ ସେମାନେ ପୁରୀରୁ ଚଢ଼ା ଦରରେ ଭଡ଼ା ଗାଡ଼ିରେ ଆସି ସକାଳେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲେ। ମାତ୍ର ସେମାନଙ୍କ ବିମାନ ସମୟ ଅପରାହ୍ନ ୧ଟା ଥିଲା। ତେଣୁ ସେମାନେ ବିମାନବନ୍ଦରରେ ଜଗନ୍ନାଥ ଭଜନ କୀର୍ତ୍ତନ କରି ସମୟ ଅତିବାହିତ କରିଥିଲେ। ସେଠାରେ ଅଟକି ରହିଥିବା ଅନ୍ୟ ଯାତ୍ରୀମାନେ ମଧ୍ୟ ସେମାନଙ୍କ ସହ ସାମିଲ୍ ହୋଇ ଭଜନ ଗାଇବା ସହ ତାଳିମାରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ।





### ଲୋକସେବା ଭବନକୁ ବାଇକରେ ଗଲେ ମନ୍ତ୍ରୀ

ବନ୍ଦ ସତ୍ତ୍ୱେ ଲୋକସେବା ଭବନକୁ ଯାଇଥିଲେ ମନ୍ତ୍ରୀ, ସଚିବ ଓ ଅନ୍ୟ ଅଧିକାରୀମାନେ। ସଚିବମାନେ ପୋଲିସ ସୁରକ୍ଷାରେ କାର୍‌ରେ ଯାଇଥିଲେ। ମାତ୍ର ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମନ୍ତ୍ରୀ ରଘୁନନ୍ଦନ ଦାସ ବାଇକରେ ବସି ସେଠାରେ ପହଞ୍ଚିଥିଲେ। ସୁରକ୍ଷାକର୍ମୀମାନେ ହଠାତ୍ ଏହା ଜାଣିପାରି ନ ଥିଲେ। ଫଳରେ କେତେଜଣ ଗେଟ୍‌ରେ କିଛି ସମୟ ଅଟକି ରହି ପରେ ଭିତରକୁ ଯାଇଥିଲେ।

### ଭୋକ ମେଣ୍ଟାଇଲା କିଛି ଛୋଟ ଦୋକାନ, ହୋଟେଲ

ସହରରେ ବଡ଼ ବଡ଼ ମଲ୍ ଓ ଦୋକାନଗୁଡ଼ିକ ବନ୍ଦ ରହିଥିଲା। ମାର୍କେଟ ବିଲ୍ଡିଂ, ଏକ ନମ୍ବର ମାର୍କେଟ. ୪ନମ୍ବର ମାର୍କେଟ, ଆଇଡି ମାର୍କେଟ ଆଦି ବନ୍ଦ ରହିଥିଲା। କିନ୍ତୁ ଗଳିକନ୍ଦିରେ ଥିବା ଛୋଟଛୋଟ ଦୋକାନଗୁଡ଼ିକ ଖୋଲା ରହିଥିଲା। ବିଶେଷକରି ଗ୍ରୋସରୀ, ହୋଟେଲ, ଠେଲା ଦୋକାନ ଖୋଲା ରହିଥିଲା। ମାଷ୍ଟର କ୍ୟାଣ୍ଟିନ, ବରମୁଣ୍ଡା, ବାଣୀବିହାର, କଳ୍ପନା ଏବଂ ରସୁଲଗଡ ଅଞ୍ଚଳରେ ଖୋଲା ରହିଥିବା ହାତଗଣତି କିଛି ହୋଟେଲରେ ଦାମ୍ ମଧ୍ୟ ଅଧିକ ରହିଥିଲା। ତେବେ ଆନ୍ଦୋଳନକାରୀ ଓ ସ୍ଥାନୀୟ ଲୋକେ ସେହିଠାରୁ ହିଁ ଭୋକ ଶୋଷ ମେଣ୍ଟାଉଥିବା ଦେଖିବାକୁ ମିଳିଥିଲା।

### ବନ୍ଦବେଳେ ଜେଏନ୍‌ୟୁ ତାତି

ବନ୍ଦ ପାଳନବେଳେ ଜେଏନ୍‌ୟୁରେ ଛାତ୍ର ଓ ଶିକ୍ଷକଙ୍କ ଉପରେ ହୋଇଥିବା ଆକ୍ରମଣର ତାତି ଦେଖିବାକୁ ମିଳିଥିଲା। ଏଆଇଏସ୍‌ଏଫ୍‌ର ଛାତ୍ରୀଛାତ୍ରମାନେ ମୋଦି ସରକାରଙ୍କ ବିରୋଧରେ ସ୍ୱର ଉଠାଇଥିଲେ। ଲାଠି, ଗୁଳିର ସରକାର ଚଳିବ ନାହିଁ ବୋଲି ନାରା ଦେଇଥିଲେ।

### ୧୨୦ରେ ପେଟ୍ରୋଲ, ୧୦୦ରେ ଡିଜେଲ ବିକ୍ରି

ପେଟ୍ରୋଲ ପମ୍ପ ବନ୍ଦ ଥିଲା, ହେଲେ ଏହା ନିକଟରେ କେତେଜଣ ବ୍ୟକ୍ତି ପୂର୍ବରୁ କିଣି ରଖିଥିବା ପେଟ୍ରୋଲ, ଡିଜେଲ ବିକ୍ରି କରୁଥିଲେ। ସେହିପରି କିଛି ଅଟୋ ଷ୍ଟାଣ୍ଡ ଓ ଛକରେ ତେଲ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ୧୨୦ ଟଙ୍କାରେ ପେଟ୍ରୋଲ ଓ ୧୦୦ରେ ଡିଜେଲ ବିକ୍ରି ହେଉଥିଲେ ମଧ୍ୟ ହଇରାଣ ହେଉଥିବା ଲୋକେ କିଣିବାକୁ ବାଧ୍ୟ ହୋଇଥିଲେ।

### ବାଇକ୍‌ରେ ଭଡ଼ା କଲେ ଅଟୋ ଡ୍ରାଇଭର

ରେଳ ଷ୍ଟେଶନ, ବିମାନ ବନ୍ଦର ଓ ବସ୍‌ଷ୍ଟାଣ୍ଡଗୁଡିକରେ ଯାତ୍ରୀମାନେ ହଇରାଣ ହେଉଥିଲେ। ହେଲେ ବେପାର ନ ଥିବାରୁ ଟ୍ୟାକ୍ସି ଓ ଅଟୋ ଚାଳକମାନେ ବାଇକ୍‌ରେ ଲୋକଙ୍କୁ ଅଧିକ ଟଙ୍କା ଭଡ଼ା ନେଇ ଗନ୍ତବ୍ୟସ୍ଥଳରେ ଛାଡ଼ିଥିଲେ। ତେବେ ରେଲ୍‌ୱେ ଷ୍ଟେଶନରୁ କଟକକୁ ଅଟୋ ଭଡ଼ା ୧ ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିବାରୁ ଲୋକେ ଅନେକେ ବାଇକରେ ଯିବାକୁ ପସନ୍ଦ କରିଥିଲେ।



କ୍ରାଉନ୍ ହୋଟେଲ୍ ଛକ

### ମିଳିଲାନି ମଜୁରି, ବସି ବସି ଘରକୁ ଫେରିଲେ

ଜୟଦେବବିହାର ନିକଟ କ୍ରାଉନ୍ ହୋଟେଲ ଛକ ଏବଂ ରସୁଲଗଡ ଛକରେ ରହିଛି ଶ୍ରମିକ ହାଟ। ସବୁଦିନ ପରି ବୁଧବାର ଶହଶହ ଶ୍ରମିକ କାମ ପାଇଁ ସକାଳୁ ଅପେକ୍ଷା କରିଥିଲେ। ହେଲେ ବନ୍ଦ ପାଇଁ କାମ ମିଳି ନ ଥିଲା। ଫଳରେ ପୂର୍ବାହ୍ନ ୧୦ଟାଠାରୁ ଶ୍ରମିକମାନେ ଘରକୁ ଫେରିବା ଆରମ୍ଭ କରିଥିଲେ।



ଭୁବନେଶ୍ୱର ବିମାନବନ୍ଦରରୁ ଯାତ୍ରୀମାନେ ବାଇକ୍‌ରେ ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି।



ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭକାରୀଙ୍କୁ ପୋଲିସ ଉଠାଇନେଉଛି।



ଆଚାର୍ଯ୍ୟ ବିହାର–ଜୟଦେବ ବିହାର ଓଭରବ୍ରିଜ୍ ନିକଟରେ ଆନ୍ଦୋଳନକାରୀ ଏକ କାରକୁ ପିଟୁଛନ୍ତି।



ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଠାରୁ ସର୍ବଦା ଦୂରରେ ରହିବା।

- ତୁଳସୀ ଦାସ



ଖାଁ ଖାଁ ଉଦୟଗିରି



ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଅଟକି ରହିଥିବା ବସ୍



ରସୁଲଗଡ଼ କୋଟିଲେଇ ହାଟ



ନୟାପଲ୍ଲୀ ନିକଟ ଜାତୀୟ ରାଜପଥ ଉପରେ ଦୁଇ ମହିଳା ଆନ୍ଦୋଳନକାରୀ ଶୋଇରହି ବିକ୍ଷୋଭ କରୁଛନ୍ତି




ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଭୁବନେଶ୍ୱର ରେଳଷ୍ଟେଶନରେ ରେଳରୋକୋ କରାଯାଉଛି



ପୁରୀ ରେଳ ଷ୍ଟେଶନରେ ଯାତ୍ରୀମାନେ ଅଟକି ରହିଛନ୍ତି

### ମହାପ୍ରଭୁ ଜଗନ୍ନାଥଙ୍କ ଖାତାରେ ୭ ହଜାର ଏକର ଜମି ପ୍ରସଙ୍ଗ

# ନିଷ୍ପତ୍ତି ନେବେ ସରକାର

**ପୂର୍ବତନ ଏଖାରାଜାତ ମାହାଲ ରୟତ ସୁରକ୍ଷା କମିଟିର ମତ**

**କଟକ ଅଫିସ, ୮।୧:** 'ମହାପ୍ରଭୁ ଜଗନ୍ନାଥଙ୍କ ଖାତାରେ ରହିଲା ୭ହଜାର ଏକର ଜମି' ଶୀର୍ଷକ ଖବର ଜାନୁୟାରୀ ୭ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହି ଖବରର ପ୍ରତିବାଦ କରିଛି ପୂର୍ବତନ ଏଖାରାଜାତ ମାହାଲ ରୟତ ସୁରକ୍ଷା କମିଟି। କମିଟିର କହିବା ହେଲା, ରାଜସ୍ୱ ପର୍ଷଦ ସଦସ୍ୟଙ୍କ କୋର୍ଟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ସଂକ୍ରାନ୍ତୀୟ ମାମଲାର ଶୁଣାଣି ହୋଇଥିଲା। ରାଜସ୍ୱ ପର୍ଷଦ ସଦସ୍ୟ ଏହାର ଶୁଣାଣିକରି ତାଙ୍କ ଅଭିମତକୁ ଏକ ନୋଟ୍ ଶିଟ୍ ଜରିଆରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଦେଇଛନ୍ତି। ଏହାର ଶେଷ ନିଷ୍ପତ୍ତି ରାଜ୍ୟ ସରକାର ନେବେ, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ସରକାରଙ୍କ ବିଚାରାଧୀନ ରହିଛି। ତେଣୁ ଜଗନ୍ନାଥଙ୍କ ଖାତାରେ ରହିଲା ୭ହଜାର ଏକର ଜମି ତଥ୍ୟ ଭ୍ରମାତ୍ମକ ବୋଲି ସୁରକ୍ଷା କମିଟି ସଭାପତି କୈଳାସ ଚନ୍ଦ୍ର ମହାପାତ୍ର, ସମ୍ପାଦକ ପଦ୍ମଚରଣ ସୁବୁଦ୍ଧି ଏବଂ ମୁଖ୍ୟ ଉପଦେଷ୍ଟା ବିବେକାନନ୍ଦ ପାଣିଗ୍ରାହୀ କହିଛନ୍ତି। କମିଟିର ମତରେ, ବ୍ରିଟିଶ ସରକାର ୧୮୫୮-୬୩ରେ ଖୋର୍ଦ୍ଧା ସରକାର ଓ ଇଷ୍ଟେଟଠାରୁ ନୂଆ କରି ୧୫୬ଟି ରାଜସ୍ୱ ଗ୍ରାମକୁ ନେଇ ଏଖାରାଜାତ ମାହାଲ କରିଥିଲେ। ଏହି ମାହାଲ ଜମିର ଖଜଣା ଆଦାୟକରି ମନ୍ଦିର ସୁରକ୍ଷା ବାବଦରେ ଖର୍ଚ୍ଚ କରିବ ବୋଲି ସେ ସମୟରେ ନିଷ୍ପତ୍ତି ହୋଇଥିବା କମିଟି ପକ୍ଷରୁ କୁହାଯାଇଛି।

### ପୁଣି ବିନା ହେଲ୍‌ମେଟରେ ବାଇକ ରାଲି

# ଫସିବେ ଆନ୍ଦୋଳନକାରୀ

**ସିସିଟିଭି ଫୁଟେଜ ଆଧାରରେ କାର୍ଯ୍ୟାନୁଷ୍ଠାନ : ଟ୍ରାଫିକ ଡିସିପି**

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

କିଛିଦିନ ତଳେ ବିନା ହେଲ୍‌ମେଟ୍‌ରେ ବାଇକ୍ ରାଲି କରି ନିୟମ ଉଲ୍ଲଂଘନ କରିଥିବା ବିଜେଡି କର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଇତିମଧ୍ୟରେ ୬୫ଜଣ ଜରିମାନା ଦେଇସାରିଥିବାବେଳେ ବୁଧବାର ସମାନ ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳିଥିଲା। ବନ୍ଦ ପାଳନବେଳେ ଆନ୍ଦୋଳନକାରୀମାନେ ବିନା ହେଲ୍‌ମେଟରେ ବାଇକ ଚଲାଇ ଏବେ ଫସିବାକୁ ଯାଉଛନ୍ତି। ସେମାନେ ବାଇକ୍ ଆଗରେ ଦଳୀୟ ପତକା ଲଗାଇ ବେପରୁଆଭାବେ ସହରସାରା ବାଇକରେ ପଇଁତରା ମାରିଥିଲେ। ବିଶେଷକରି ଛାତ୍ର କଂଗ୍ରେସ ଏବଂ ଯୁବ କଂଗ୍ରେସର ସଦସ୍ୟମାନେ ବାଇକ ରାଲିରେ ଯିବାବେଳେ ଏଭଳି ଭାବେ ମୋଟର ଯାନ ଆଇନକୁ ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି କମିଶନରେଟ ପୋଲିସ। ନିୟମ ଉଲ୍ଲଂଘନ କରିଥିବା ଆନ୍ଦୋଳନକାରୀଙ୍କୁ ଚିହ୍ନଟ କରି ଜରିମାନା କରାଯିବ ବୋଲି ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି। ସେ କହିଛନ୍ତି, ସିସିଟିଭି ଫୁଟେଜରୁ ଦୁଇଦିନ ଭିତରେ ପ୍ରଥମେ ବାଇକ୍ ନମ୍ବରକୁ ଚିହ୍ନଟ କରାଯିବ। ଏହାପରେ ଗାଡ଼ିର ମାଲିକଙ୍କ ଘରକୁ ଚାଲାଣ ପଠାଯିବ।



ମାଷ୍ଟରକ୍ୟାଣ୍ଟିନ୍‌ରେ କଂଗ୍ରେସ ଓ ବାମଦଳ ପକ୍ଷରୁ ବିକ୍ଷୋଭ ବେଳେ ପୋଲିସ ସହ ମୁହାଁମୁହିଁ



ନେମାଳସ୍ଥିତ ଅଚ୍ୟୁତାନନ୍ଦ ପୀଠକୁ ଯିବା ପାଇଁ କଟକ ଫିରିଙ୍ଗି ବଜାରର କାରିଗର ଚନ୍ଦ୍ରଶେଖର ସାହୁ ତିଆରି କରିଥିବା ୫ଫୁଟ ଉଚ୍ଚ ଓ ୧୪ ଫୁଟ ଚଉଡ଼ାର ପଗଡ଼ି।

# 'ସମାଜସେବା କ୍ଷେତ୍ରରେ ଶିଳ୍ପୋଦ୍ୟୋଗୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



**ଦ ସମୟ କନକ୍ଳେଭ-୨୦୨୦**

**କଣ୍ଟାପଡ଼ା,୮।୧(ଡି.ଏନ୍.ଏ.)**

କୁରାଙ୍ଗସ୍ଥିତ ମୀରା କୋର୍ଟୟାର୍ଡ ପରିସରରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି 'ଦ ସମୟ କନକ୍ଳେଭ-୨୦୨୦'। ଶିଳ୍ପୋଦ୍ୟୋଗୀଙ୍କ ସାମାଜିକ ଦାୟିତ୍ୱ ଶୀର୍ଷକ ଏହି ଆଲୋଚନା ସଭାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜସେବା କ୍ଷେତ୍ରରେ ଶିଳ୍ପଦ୍ୟୋଗୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏଥିପ୍ରତି ପ୍ରତ୍ୟେକ ଶିଳ୍ପଦ୍ୟୋଗୀ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ସମୟ ପକ୍ଷରୁ ଆୟୋଜିତ ଏହି ସଭାରେ ବିଭିନ୍ନ ଶିଳ୍ପାନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇ ସମାଜସେବା କ୍ଷେତ୍ରରେ ସେମାନଙ୍କ ଅନୁଷ୍ଠାନ କରିଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ, ପଞ୍ଚାନନ କାନୁନଗୋ, ସ୍ତମ୍ଭକାର ଦିଲୀପ ଚେରିଏନ, ଖବରଦାତା ରାଜାରାମ ଶତପଥୀ, ଭାରତ ମସାଲା ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ବିଧାୟକ ଇଂ. ମହମ୍ମଦ ମୋକିମ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶିଳ୍ପଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତ ମସଲା, ପାରାଦୀପ ଫସଫେଟ ଲିମିଟେଡ, ଏମ୍‌ସିଏଲ, କିଟ୍, ସାଇ ଇଣ୍ଟରନ୍ୟାଶନାଲ, ବେଦାନ୍ତ, ଆମ୍ରି ହସ୍ପିଟାଲ, ଇଫ୍‌କୋ ଆଦି ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲେ।

## ରାଜଭବନ ବଗିଚା ବୁଲିବା ବେଳେ ସ୍କୁଟିରୁ ଚୋରି

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ପ୍ରିୟଦର୍ଶିନୀ ସାହୁ ନାମ୍ନୀ ଜଣେ ଯୁବତୀ ମଙ୍ଗଳବାର ଅପରାହ୍ଣରେ ରାଜଭବନ ବଗିଚା ବୁଲିବାକୁ ଆସିଥିବା ବେଳେ ତାଙ୍କ ସ୍କୁଟି ଡିକିରୁ ମନିପର୍ସ ଓ ଜରୁରୀ କାଗଜପତ୍ର ଚୋରି ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ କ୍ୟାପିଟାଲ ଥାନା ପୋଲିସ ସିସିଟିଭି ଫୁଟେଜ୍‌ରୁ ତଥ୍ୟ ସଂଗ୍ରହ କରି ଭୀମଟାଙ୍ଗୀ ଅଞ୍ଚଳର ନାରାୟଣ ସ୍ୱାଇଁଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ପୋଲିସ ମନିପର୍ସ ସହ ୧୨ଶହ ଟଙ୍କା ଏବଂ ଜରୁରୀ କାଗଜପତ୍ର ଜବତ କରିଛି। ବୁଧବାର ନାରାୟଣଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଝାରପଡା ଜେଲ୍‌କୁ ପଠାଇ ଦିଆଯାଇଛି। ଏହାର କେସ୍ ନଂ. ୬/୨୦।

## ଲୁଟ୍ ସୁନାଚେନ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ମହିଳାଙ୍କଠାରୁ ଲୁଟ୍ ହୋଇଥିବା ସୁନାଚେନକୁ ପୋଲିସ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ତାରିଣୀ ବସ୍ତି ଅଞ୍ଚଳର ସାଗର ନାୟକ। ୟୁନିଟ ୬ ଅଞ୍ଚଳର ସ୍ୱର୍ଣ୍ଣଲତା ପଟ୍ଟନାୟକ ଗତ ରବିବାର ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଦୁର୍ଗାମଣ୍ଡପ ବସ୍ତି ଅଞ୍ଚଳରେ ସାଗର ସ୍ୱର୍ଣ୍ଣଲତାଙ୍କ ବେକରୁ ସୁନାଚେନ ଲୁଟ୍ କରି ଫେରାର ହୋଇଯାଇଥିଲା। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଥିଲା। ବୁଧବାର ଅଭିଯୁକ୍ତ ସାଗରଙ୍କୁ ଗିରଫ କରାଯିବାପରେ କୋର୍ଟ ଚାଲାଣ କରାଯାଇଥିଲା।

# ଗୁରୁଜୀଙ୍କୁ ମନେପକାଇଲା 'ଅନ୍ତର୍ଦୃଷ୍ଟି'



ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଳାକାରମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

**ଭୁବନେଶ୍ୱର,୮।୧(ବ୍ୟୁରୋ)**

ନୃତ୍ୟରେ ନୃତ୍ୟରେ ଗୁରୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଶିଳ୍ପୀ। ନୃତ୍ୟ ଓ ବାଦ୍ୟର ଏକ ଅପୂର୍ବ ସମାହାର ସୃଷ୍ଟି କରିଥିଲା ଭାବ ଓ ଭକ୍ତିର ପରିବେଶ। ନୃତ୍ୟରେ ଶିଳ୍ପୀମାନେ ଓଡ଼ିଶୀ ପ୍ରତି ଗୁରୁଜୀଙ୍କ ଅବଦାନ ସହ ଭଗବାନଙ୍କ ଭକ୍ତିମୟ ଭାବ ଓ ଉପମାକୁ ପ୍ରଦର୍ଶନ କରିଥିଲେ। ନୃତ୍ୟଶିଳ୍ପୀଙ୍କ ପ୍ରତ୍ୟେକ ପରିବେଷଣରେ ରାଗ ଓ ତାଳର ଛନ୍ଦମୟ ସମାହାର କାର୍ଯ୍ୟକ୍ରମକୁ ବେଶ୍ ଉପଭୋଗ୍ୟ କରିଥିଲା। ଉଭୟ ବରିଷ୍ଠ ଓ ଯୁବ ନୃତ୍ୟଶିଳ୍ପୀଙ୍କ ନୃତ୍ୟରେ ଯେତିକି ଗାମ୍ଭୀର୍ଯ୍ୟତା ରହିଥିଲା, ସେତିକି ମାଦକତା ବି ବାରି ହୋଇପଡ଼ିଥିଲା। ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମଦିବସ ଉପଲକ୍ଷେ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ନୃତ୍ୟ ଓ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ଅନ୍ତର୍ଦୃଷ୍ଟି' ଶାସ୍ତ୍ରୀୟ ନୃତ୍ୟପ୍ରେମୀଙ୍କ ପାଇଁ ଏଭଳି ଅବସର ଆଣିଦେଇଥିଲା।

ସୃଜନ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଳ୍ପୀମାନେ ନୃତ୍ୟ ଓ ଅଭିନୟ ମାଧ୍ୟମରେ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୁରୁ କେଳୁଚରଣ ମହାପାତ୍ରଙ୍କ ସ୍ମୃତିରେ ତାଙ୍କ ୯୪ତମ ଜନ୍ମ ଦିବସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁଜୀଙ୍କ ଦ୍ୱାରା ସଂଯୋଜିତ ଏବଂ ନିର୍ଦ୍ଦେଶିତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ 'ସୃଜନ'ର ଶିଳ୍ପୀମାନଙ୍କ ଦ୍ୱାରା 'ଅନ୍ତରାରାମା' ପରିବେଷଣ କରାଯାଇଥିଲା। ଗୁରୁଜୀଙ୍କ ସଂଯୋଜିତ ଏହି ନୃତ୍ୟକୁ ନୂତନ ଶୈଳୀରେ ସଜାଇଥିଲେ ଗୁରୁ ରତିକାନ୍ତ ମହାପାତ୍ର। ଶିଳ୍ପୀଙ୍କୁ ତବଲାରେ ପଣ୍ଡିତ ନିଖିଲ ଘୋଷ ଏବଂ କଣ୍ଠ ସଙ୍ଗୀତରେ ରୂପକ ପରିଡ଼ା ସହଯୋଗ କରିଥିଲେ। ଏହା ପରେ ମଞ୍ଚକୁ ଆସିଥିଲେ ଶିଳ୍ପୀ ଲୀନା ନନ୍ଦ। ସେ ଏକକ ନୃତ୍ୟରେ ଅଷ୍ଟପଦୀରୁ 'ଧୀର ସମୀରେରେ' ପରିବେଷଣ କରିଥିଲେ। ପରେ ପରେ ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀଙ୍କ ନାତୁଣୀ ଶିବାଙ୍ଗୀ ପାଣିଗ୍ରାହୀ ଏକକ ନୃତ୍ୟରେ 'କିରିବାଣୀ ପଲ୍ଲବୀ' ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ନୃତ୍ୟଶିଳ୍ପୀ ସିକତା ଦାସ ବ୍ରଜକୁ ଚୋରରେ ଅଭିନୟ କରି ନିଜ ଭାବ ଓ ଭଙ୍ଗୀରେ ଦର୍ଶକଙ୍କୁ ଅଭିଭୂତ କରିଥିଲେ। ଶେଷରେ ସୃଜନର ଶିଳ୍ପୀମାନଙ୍କ ଦ୍ୱାରା 'କିରବାଣୀ ମଧୁରିମା' ମଞ୍ଚସ୍ଥ ହୋଇଥିଲା। ଶିଳ୍ପୀ ରିତୁ ସେନଗୁପ୍ତା, ପ୍ରଜ୍ଞା ପରିମିତା ଦାସ, ରିୟଙ୍କା ଚକ୍ରବର୍ତ୍ତୀ, ଐଶ୍ୱର୍ଯ୍ୟା ସିଂହଦେବ, ସିପ୍ରା ସ୍ୱାଇଁ, ପ୍ରୀତିଶା ମହାପାତ୍ର, ରିଦ୍ଧିତା ବରୁଆ, ମାୟା କ୍ରିଷ୍ଣାମୂର୍ତ୍ତି ପ୍ରମୁଖ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନାବାଳିକାଙ୍କୁ ଅପହରଣ ପରେ ବିବାହ

**ଅଭିଯୁକ୍ତ ଗିରଫ, ନାବାଳିକା ଉଦ୍ଧାର**

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ଖାରବେଳନଗର ଥାନା ଅଞ୍ଚଳରେ ଜଣେ ନାବଳିକାଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ ପରେ ବିବାହ କରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏହାସହ ନାବଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲାର ଜ୍ଞାନରଞ୍ଜନ ଦାସ। ସେ ଖାରବେଳନଗରରେ ରହୁଥିଲେ। ପ୍ରାୟ ୧ ବର୍ଷ ତଳେ ସେ ନାବାଳିକାଙ୍କୁ ଧରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ନାବାଳିକାଙ୍କ ପତ୍ତା ନ ପାଇବାରୁ ଗତ ଫେବୃୟାରୀ ୧୪ରେ ଥାନରେ ଅଭିଯୋଗ କରିଥିଲେ। ପୋଲିସ ୫୩/୧୯ନମ୍ବରରେ ଏକ ମାମଲା ରୁଜୁ କରି ସେମାନଙ୍କୁ ଖୋଜୁଥିଲା। ହେଲେ ଜ୍ଞାନରଞ୍ଜନ ନାବାଳିକାଙ୍କ ସହ ଗତ ମଙ୍ଗଳବାର ଭୁବନେଶ୍ୱର ଆସିଥିବା ପୋଲିସ ନିକଟରେ ଖବର ପହଞ୍ଚିଥିଲା। ପୋଲିସ ସତ୍ୟନଗର ଅଞ୍ଚଳରେ ଚଡାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ସହ ଜ୍ଞାନରଞ୍ଜନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ପୁରୁଣା ଜିନିଷ ନୂଆ ରୂପ



ଛୋଟ ହେଉ କିମ୍ବା ବଡ଼, ଏଠାରେ ପ୍ରତି ସାମଗ୍ରୀରେ ଝଲସୁଛି କାରିଗରଙ୍କ ହସ୍ତକଳାର ନୈପୁଣ୍ୟତା। ସାଧାରଣ ମଣିଷର କଳ୍ପନା ବାହାରେ ଏମାନେ ସୃଷ୍ଟି କରିଛନ୍ତି ଗୋଟିଏକୁ ବଳି ଆଉ ଗୋଟିଏ ଜିନିଷ। ଘର ସଜ୍ଜା ସାମଗ୍ରୀ ହେଉ କି ଘରକରଣା ସାମଗ୍ରୀ, କିଛି ନୂଆ କରିବାର ଆଗ୍ରହ ଏମାନଙ୍କୁ ଦେଇଛି ଏକ ନୂଆ ପରିଚୟ। ଏପରି କିଛି ନିପୁଣ କାରିଗରଙ୍କୁ ଦେଖିବାକୁ ମିଳିଛି ଓରମାସ୍ ପକ୍ଷରୁ ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ଚାଲିଥିବା 'ଶିଶିର ସରସ ମେଳା'ରେ। ଏଇଠି ପ୍ରତିଫଳିତ ହୋଇଛି ଭାରତର ଗ୍ରାମୀଣ କଳାକୃତି ଓ ହସ୍ତଶିଳ୍ପର ଝଲକ। ମହିଳା ଶିଳ୍ପୀ ହୁଅନ୍ତୁ କି ପୁରୁଷ ଶିଳ୍ପୀ, ସମସ୍ତଙ୍କ ହାତରେ ରହିଛି ଯାଦୁକରି କାରିଗରି ଶୈଳୀ।

## ଫେରିଛି ଟ୍ରାଇବାଲ୍ ଜୁଏଲେରି ଟ୍ରେଣ୍ଡ୍



ନୂଆ ନୂଆ ଟ୍ରେଣ୍ଡ ଆସୁଛି ଫ୍ୟାଶନ ଇଣ୍ଡଷ୍ଟ୍ରିରେ ସାମିଲ ହେଉଛି। ହେଲେ ଓଲ୍ଡ ଇଜ୍ ଗୋଲ୍ଡରେ ବିଶ୍ୱାସ ରଖୁଥିବା ଫ୍ୟାଶନ ଇଣ୍ଡଷ୍ଟ୍ରି ପାରମ୍ପରିକରେ ଆଧୁନିକତାର ଫ୍ୟୁଜନ୍ ଦେଇ ଆବିଷ୍କାର କରୁଛି ଏକାଧିକ ଷ୍ଟାଇଲ ଷ୍ଟେଟ୍‌ମେଣ୍ଟ। ଯେଉଁଥିରେ ଏବେ ସବୁଠାରୁ ଆଗରେ ରହିଛି ଟ୍ରାଇବାଲ୍ ଓ ବୋହୋ ଜୁଏଲେରି। ଶାଢ଼ି, ସାଲୱାର୍ ସୁଟ୍ କି ଲେହେଙ୍ଗା ଭଳି ଟ୍ରାଡିଶନାଲ ଓ ଏଥ୍‌ନିକ୍ ୱେର୍ ହେଉ କି ଜିନ୍ସ କିମ୍ବା ୱେଷ୍ଟର୍ନ ଡ୍ରେସ୍, ସବୁଥିରେ ଟ୍ରାଇବାଲ ଜୁଏଲେରିକୁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟଭାବେ ପିନ୍ଧିହେଉଛି। ଷ୍ଟେଟ୍‌ମେଣ୍ଟ ଜୁଏଲେରିର ଲୋକପ୍ରିୟତା ବର୍ତ୍ତମାନର ଯୁବପିଢ଼ିଙ୍କ ମଧ୍ୟରେ ବହୁଳଭାବେ ଦେଖିବାକୁ ମିଳୁଥିବା ବେଳେ ଓଡ଼ିଶାର ଆଦିମ ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଅଳଙ୍କାର ଏବେ ରାଜ୍ୟ ଏବଂ ରାଜ୍ୟ ବାହାରେ ଆଦୃତି ଲାଭକରିଛି। ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଅଳଙ୍କାର ମଧ୍ୟରେ ଗଳାହାରଠାରୁ ଆରମ୍ଭ କରି ପିତ୍ତଳ ଖଡୁ, ଚୁଡି, କାନଫୁଲ, ମୁଦି ଆଦିର ଚାହିଦା ରହିଛି। ନବରଙ୍ଗପୁର ଜିଲା ଚୁରାହାଣ୍ଡିରୁ ଆସିଥିବା ଲକ୍ଷ୍ମୀ ନାୟକ ଶିଶିର ସରସ ମେଳାକୁ ବିଭିନ୍ନ ପ୍ରକାର ଜନଜାତି ଅଳଙ୍କାର ଆଣି ଆସିଥିବା ବେଳେ ଏହାମଧ୍ୟରେ ରହିଛି ନାକରେ ପିନ୍ଧାଯାଉଥିବା 'ନାଗୁଲ', ନାକ ଓ କାନରେ ପିନ୍ଧାଯାଉଥିବା ଛୋଟ ରିଂ ତଥା 'ବରୀ', ବେକରେ ପିନ୍ଧାଯାଉଥିବା 'ବେଲପତ୍ରୀ ହାର', 'ନାନୁ', 'ଚାପ ସେରୀ', 'ସୁଉକି ହାର', 'ଘଣ୍ଟି ହାର', 'ଶୋରସିଆ ହାର', 'ପାରମ୍ପରିକ ଆଦିବାସୀ ହାର' ଓ ପିତ୍ତଳରେ ତିଆରି 'ଗିନି ହାର' ଆଦି ରହିଛି।

୨୦୦ ଟଙ୍କାରେ ଉପଲବ୍ଧ ହେଉଥିବା ଗିନି ହାରକୁ ଉଭୟ ଶାଢ଼ି ଏବଂ ଡ୍ରେସ୍ ସହ ପିନ୍ଧିହେଉଛି। ସେହିଭଳି 'ଚକ୍ରି ହାର' ବର୍ତ୍ତମାନ ସମୟରେ ସବୁଠାରୁ ଲୋକପ୍ରିୟ ଟ୍ରାଇବାଲ ଜୁଏଲେରି। ଏହାର ଦାମ୍ ୩୦୦ରୁ ୭୦୦ ଟଙ୍କା ମଧ୍ୟରେ ରହିଛି। ସେହିଭଳି ତମ୍ବା ଏବଂ ପିତ୍ତଳର ମିଶ୍ରଣରେ ପ୍ରସ୍ତୁତ କଳା ବେଲପତ୍ରୀ ହାର ସେମାନେ ବାହାର ଲୋକଙ୍କ ପାଇଁ ପ୍ରସ୍ତୁତ କରିଥାନ୍ତି। ଏହାବ୍ୟତୀତ ପିତଳ ଓ ତମ୍ବାରେ ପ୍ରସ୍ତୁତ ହାତ ଓ ଗୋଡ ମୁଦି, ତମ୍ବା କଇଁଚ ମୁଦି ଏବଂ ତମ୍ବା ଓ ପିତ୍ତଳ ବଳା ଆଦିର ଚାହିଦା ରହିଛି। ଆଣ୍ଟିକ୍ ଜୁଏଲାରି ପିନ୍ଧିବା ଏବେକାର ଟ୍ରେଣ୍ଡ ହୋଇଥିବା ବେଳେ ଏଠାରେ ମିଳୁଥିବା ଟ୍ରାଇବାଲ ଜୁଏଲେରି ସବୁଠାରୁ ଭଲ ଏବଂ ଏଥିରେ ବେଶ୍ ନୂତନତ୍ୱ ରହିଥିବା ଏଠାକୁ ଆସୁଥିବା ଗ୍ରାହକମାନେ କହିଛନ୍ତି।

## ଇକୋ-ଫ୍ରେଣ୍ଡ୍‌ଲୀ ସାମଗ୍ରୀ

ପ୍ଲାଷ୍ଟିକ୍ ନୁହେଁ କି ପଲିଥିନ୍ ନୁହେଁ। ଶତ ପ୍ରତିଶତ ପ୍ରାକୃତିକ ସାମଗ୍ରୀରେ ପ୍ରସ୍ତୁତ ପରିବେଶ ଉପଯୋଗୀ ଘରସଜ୍ଜା ସାମଗ୍ରୀ। ବର୍ତ୍ତମାନର ଇଣ୍ଟେରିୟର ଡିଜାଇନ୍‌ରମାନେ ଆର୍ଟିଫିସିଆଲ ଓ ପରିବେଶ ପାଇଁ ହାନିକାରକ ଘରସଜ୍ଜା ସାମଗ୍ରୀ ପରିବର୍ତ୍ତେ ଇକୋ-ଫ୍ରେଣ୍ଡ୍‌ଲୀ ସାମଗ୍ରୀ ବ୍ୟବହାର କରିବାକୁ ପସନ୍ଦ କରୁଥିବା ବେଳେ ଶିଶିର ସରସ ମେଳାରେ ମିଳୁଛି ସେଭଳି ଏକାଧିକ ସାମଗ୍ରୀ। ଓଡ଼ିଶା ସମେତ ୨୫ଟି ରାଜ୍ୟରୁ ଆସିଥିବା ଗ୍ରାମୀଣ କାରିଗରମାନେ ଏଠାରେ ଭଳିକି ଭଳି ହସ୍ତଶିଳ୍ପ ସାମଗ୍ରୀ ବିକ୍ରି କରୁଛନ୍ତି। ତାହାପୁଣି ପକେଟ୍‌କୁ ସୁହାଇଲା ଭଳି ଦାମ୍‌ରେ। ଫୋଲ୍ଡିଙ୍ଗ ନାଇଟ୍ ଲ୍ୟାମ୍ପରୁ ଆରମ୍ଭକରି ପେପର ମ୍ୟାଟ୍ ସାମଗ୍ରୀ ଏବଂ ବିଭିନ୍ନ ପ୍ରକାର ପତ୍ର, ଫୁଲ ଓ ମଞ୍ଜିରେ ପ୍ରସ୍ତୁତ ଘରସଜ୍ଜା ସାମଗ୍ରୀ, ଦେଖିବାକୁ ଏହା ବେଶ୍ ଆକର୍ଷଣୀୟ ଓ ଅତ୍ୟାଧୁନିକ ଲାଗୁଛି।

ପୁଡୁଚେରୀରୁ ଆସିଥିବା ପେପର ମ୍ୟାଟ୍ ସାମଗ୍ରୀର ଦାମ୍ ୮୦ଟଙ୍କାରୁ ଆରମ୍ଭ କରି ୫,୦୦୦ ଟଙ୍କା ପର୍ଯ୍ୟନ୍ତ ରହୁଛି। ପ୍ରତିଥର ଭଳି ଏଥର ମଧ୍ୟ ଉତ୍ତର-ପୂର୍ବ ରାଜ୍ୟରୁ ଆସିଥିବା ପ୍ରାକୃତିକ ପତ୍ର ଓ ଫୁଲରେ ଘରସଜ୍ଜା ସାମଗ୍ରୀ ଶିଶିର ସରସର ଆକର୍ଷଣ ସାଜିଛି। ପ୍ରଥମେ ପତ୍ର ଓ ଫୁଲ ସଂଗ୍ରହ କରି ସେଗୁଡିକୁ ଶୁଖାଇବା ପରେ ସେଥିରେ ଗ୍ଲିଟର ରଙ୍ଗ ବୋଳି ଏହି ସାମଗ୍ରୀ ପ୍ରସ୍ତୁତ କରାଯାଇଛି। ଗ୍ଲିଟର ଲଗାଇବା ଦ୍ୱାରା ଏହା ଚମକିବା ସହ ସହଜରେ ମଧ୍ୟ ଭାଙ୍ଗିଯାଏନି। ଏହାପରେ ଆବଶ୍ୟକୀୟ ରଙ୍ଗ ତଥା ଗୋଲ୍ଡେନ୍, ସିଲ୍‌ଭର ଏବଂ ଜିଙ୍କ୍ ବ୍ୟବହାର କରି ଅଠାଦେଇ ତାହାକୁ ଯୋଡାଯାଏ ଏବଂ ଫୁଲ, ପତ୍ର ଠିକ୍ ଭାବେ ପ୍ରସ୍ତୁତ ହୋଇଯିବାପରେ ତାହାକୁ କାଠିରେ ବାନ୍ଧି ଗୋଟିକିଆ ତୋଡା ପ୍ରସ୍ତୁତ କରାଯାଏ ବୋଲି ଶିଳ୍ପୀ କହିଛନ୍ତି। ଏହାର ଗୋଟା ପିଛା ଦାମ୍ ୧୦ଟଙ୍କାରୁ ୫୦ଟଙ୍କା ଯାଏ ରହୁଛି। କେବଳ ଏତିକି ନୁହେଁ, ଏଠାରେ ମାଟିରେ ତିଆରି ପାଣି ବୋତଲ, କପ୍, ପ୍ଲେଟ୍, ଗିନା, ଚାମଚ ଭଳି ଇକୋ-ଫ୍ରେଣ୍ଡଲୀ ସାମଗ୍ରୀ ରହିଛି।

**– ରିପୋର୍ଟ: ସସ୍ମିତା ପାଇକରାୟ** **ଫଟୋ: ବିକାଶ ନାୟକ**

# ଶୁଟିଂ ସେଟ୍‌ରେ କାନ୍ଦି ପକେଇଥିଲି

ମ୍ୟୁଜିକ ଭିଡ଼ିଓ ଜଗତରେ ରାଜା ଡି ଏବେ ବେଶ୍ ପରିଚିତ ଓ ଚର୍ଚ୍ଚିତ ଚେହେରା। କ୍ରମାନ୍ୱୟରେ ରାଜା ଡିଙ୍କ ନିର୍ଦ୍ଦେଶିତ ଗୋଟିଏ ପରେ ଗୋଟିଏ ମ୍ୟୁଜିକ ଭିଡ଼ିଓ ମିଲିୟନ ଦର୍ଶକଙ୍କ ମନକୁ ଛୁଇଁବା ସହ ଓଡ଼ିଆ ଜଗତରେ ସୁପରହିଟ୍ ବୋଲି ଗଣା ହେଉଛି। ଓଲିଉଡ୍‌ର ବରିଷ୍ଠ କଷ୍ଟ୍ୟୁମ ଡିଜାଇନର ନିର୍ମଳ ଦାସଙ୍କ ପୁଅ ରାଜା ଇତି ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ ଭିଡ଼ିଓରେ ନିର୍ଦ୍ଦେଶନା ଦେଇ ସାରିଲେଣି। ଏହାଛଡ଼ା ୧୬ଟି ଚଳଚ୍ଚିତ୍ରରେ ସହକାରୀ ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ସେ ତୁଲାଇଛନ୍ତି। ଏବେ ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ଦୁଇଟି ଚଳଚ୍ଚିତ୍ର ମୁକ୍ତିଲାଭ ଅପେକ୍ଷାରେ ରହିଛି। ରାଜା ଡି ଙ୍କ ଅନୁଭୂତିରୁ କିଛି....

**ମୋ ଅନୁଭୂତି**

୨୦୦୯ ମସିହାରୁ ମନୋରଞ୍ଜନ ଦୁନିଆ ସହ ସିଧାସଳଖ ଯୋଡ଼ି ହେଲି। ବାପା ୨୦୦ରୁ ଅଧିକ ଚଳଚ୍ଚିତ୍ରରେ କଷ୍ଟ୍ୟୁମ ଡିଜାଇନର ଦାୟିତ୍ୱ ତୁଲାଇ ସାରିଲେଣି। ଏଣୁ ପିଲାଟିବେଳୁ କଳାକାର ଜଗତ ସହ ଅଳ୍ପବହୁତେ ଜଡ଼ିତ ଥିଲି। ୨୦୦୯ରେ 'ଡନ୍' ଚଳଚ୍ଚିତ୍ରରେ ଆସିଷ୍ଟାଣ୍ଟ ଡିରେକ୍ଟର ଭାବେ କାର୍ଯ୍ୟ କରିବାକୁ ବାପାଙ୍କ ପରାମର୍ଶ ଥିଲା। ୧୦ବର୍ଷର ଯାତ୍ରା ଭିତରେ ଅନେକ ଅନୁଭୂତି ରହିଛି। ୨୦୧୪ ମସିହାରେ ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ 'ମୋତେ ପାଗଳ କରିଛୁ ତୁ' ଚଳଚ୍ଚିତ୍ର ଶୁଟିଂ ହେଉଥାଏ। ମାସ କି ଦିନ ମନେ ନାହିଁ। ହେଲେ ସେଦିନ ଶୁଟିଂର ଅନ୍ତିମ ଦିବସ ଥିଲା। ମୁନା ଭାଇ ତଥା ସିଦ୍ଧାନ୍ତ ମହାପାତ୍ରଙ୍କର କିଛି ଶଟ୍ ବାକି ରହିଥିଲା। ମୁନା ଭାଇ ଏମପି ଥିବାରୁ ସେ କାମ ସାରି ଦିଲ୍ଲୀ ଯିବାକୁ ବ୍ୟସ୍ତ ହେଉଥିଲେ। ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ଆମେ କିଛି ପ୍ଲାନ କରିଥାଉ। ସଟ କିପରି ନିଆଯିବ ସେ ସବୁରୁ ଗୋଟେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲୁ। ମୁନା ଭାଇ ସେଟ୍‌ରେ ପହଞ୍ଚିବା ପରେ ପ୍ଲାନ ସବୁ ବଦଳିଗଲା। ତରବର ଭାବେ ଶଟ୍ ନିଆ ଚାଲିଥାଏ। ଏଗୁଡ଼ିକ ଦେଖିବା ପରେ ମୁଁ ନିର୍ଦ୍ଦେଶକ ସୁଶାନ୍ତ ସାର୍‌ଙ୍କୁ ଯାଇ ଏଗୁଡ଼ା ପ୍ଲାନ ଅନୁସାରେ ହେଉନି ବୋଲି କହିଥିଲି। ସେ ହଠାତ୍ ମୋ ଉପରେ ଚିଲାଇବା ଆରମ୍ଭ କରିଥିଲେ। ଏଠାରୁ ଶୀଘ୍ର ପଳା ବୋଲି କହିଥିଲେ। ସମସ୍ତଙ୍କ ସାମ୍ନାରେ ଏଭଳି ବ୍ୟବହାର ଯୋଗୁ ମୁଁ କାନ୍ଦି ପକେଇଥିଲି ଆଉ ଅଳ୍ପ ଦୂରରେ ଆସି ବସିଥିଲି। ଶୁଟିଂ ସରିଲା। ସୁଶାନ୍ତ ସାର୍ ସିଧାସଳଖ ମୋ ପାଖକୁ ଆସିଥିଲେ। ଭାବିଥିଲି ଗାଳି କରିବେ, ହେଲେ ସମୟ କମ୍ ରହିଲେ କିପରି କାମ ସାରିବାକୁ ହୁଏ ସେସବୁର ଜ୍ଞାନ ରଖିବାକୁ ପରାମର୍ଶ ଦେଇଥିଲେ। ସ୍ୱଳ୍ପ ସମୟରେ ସ୍ଥାନ, କାଳ, ପାତ୍ରର ଠିକ ବ୍ୟବହାର କରିବାକୁ ସେ ଯେଉଁ ପରାମର୍ଶ ଦେଇଥିଲେ ତାହା ଆଜି ପର୍ଯ୍ୟନ୍ତ ମୋ କାମରେ ଲାଗୁଛି। ନିଜ ସାଙ୍ଗିଆକୁ ଦାସ ବଦଳରେ 'ଡି' ରଖିବା ସମ୍ପର୍କରେ ସେ କୁହନ୍ତି, ଆଗରୁ ରାଜା ଦାସ ନାମରେ ଯେତିକି କାମ କରିଛି ତାହା କେବଳ ହିଟ୍ ହେଉଥିଲା। ସାଙ୍ଗିଆକୁ ଶର୍ଟକଟ୍ କରିବା ପରେ ପ୍ରୋଜେକ୍ଟ ଗୁଡ଼ିକ ସୁପରହିଟ୍ ହେଉଛି ବୋଲି ଏହି ଯୁବ ନିର୍ଦ୍ଦେଶକଙ୍କର ମତ।



ରାଜା ଡି

**–କୁମାରଶ୍ରୀ ସାହୁ**

# ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



ସୁମନ



ପ୍ରଫୁଲ୍ଲ



ଚିନ୍ମୟ



ଅଙ୍କୁର



କାର୍ତ୍ତିକ



ଦିଲୀପ



ଅବିନାଶ



ଗୋବିନ୍ଦ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/

# ଡ୍ରାଗନ୍ ଚିକେନ୍

**ଖାଦ୍ୟ ରୁଚି**

ପର୍ଯ୍ୟଟନ ସହର ପୁରୀର ହୋଟେଲ, ରେସ୍ତୋରାଁଗୁଡ଼ିକ ଗ୍ରାହକଙ୍କ ରୁଚିକୁ ଦେଖି ବିଭିନ୍ନ ପ୍ରକାର ଡିଶ୍ ପ୍ରସ୍ତୁତ କରୁଛନ୍ତି। ସାଗର ତରଙ୍ଗ ରେସିଡେନ୍ସିରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେଉଛି ସ୍ୱାଦିଷ୍ଟ ଡ୍ରାଗନ ଚିକେନ୍। ଏହାର ଚାହିଦା ବି ରହିଛି। ଗୋଟେ ପ୍ଲେଟ୍‌ର ଦାମ୍ ୩୦୦ଟଙ୍କା। ଏହାକୁ ଘରେ କିପରି ସହଜରେ ପ୍ରସ୍ତୁତ କରିହେବ ସେ ସମ୍ପର୍କରେ ଶେଫ୍ ଅଭୟ ଜେନା କୁହନ୍ତି...

## ଆବଶ୍ୟକ ସାମଗ୍ରୀ

- ଚିକେନ୍: ୫୦୦ ଗ୍ରାମ୍
- ଗୋଲ ମରିଚ ଗୁଣ୍ଡ:୨ ଚାମଚ
- ସୋୟା ସସ୍: ୨ଚାମଚ
- ଅଣ୍ଡା:୧ଟା
- କର୍ନଫ୍ଲୋର୍:୨ ଚାମଚ
- ରିଫାଇନ ତେଲ: ୫୦୦ମିଲିଗ୍ରାମ୍
- କାଜୁ:୨୦ ଗ୍ରାମ
- ଶୁଖିଲା ଲଙ୍କା: ୩ଟା
- ପିଆଜ କଟା: ୧୦୦ଗ୍ରାମ୍
- କ୍ୟାପ୍‌ସିକମ୍: ୧୦୦ ଗ୍ରାମ୍
- ଲଙ୍କା ପେଷ୍ଟ: ୨ ଚାମଚ
- ଟମାଟୋ ସସ୍: ୪ ଚାମଚ
- ଚିନି: ୧ ଚାମଚ
- ଅଦା ରସୁଣ ପେଷ୍ଟ:୧ ଚାମଚ
- ଧନିଆ ପତ୍ର: ୧ବିଡା
- ଲୁଣ ସ୍ୱାଦ ଅନୁସାରେ



## ପ୍ରସ୍ତୁତି ପ୍ରଣାଳୀ

ଚିକେନ୍‌କୁ ପତଳା କରି କାଟି ଗୋଟିଏ ପାତ୍ରରେ ରଖନ୍ତୁ। ସେଥିରେ ଗୋଲ ମରିଚ ଗୁଣ୍ଡ, ଲୁଣ, ଅଣ୍ଡା, ଅଦା ରସୁଣ ଦେଇ ଭଲ ଭାବରେ ମିଶାନ୍ତୁ। ଏହାପରେ ସେଥିରେ କର୍ନଫ୍ଲୋର ପାଉଡର ମିଶାଇ ତେଲରେ ଡିପ୍ ଫ୍ରାଏ କରନ୍ତୁ। ଅନ୍ୟ ଏକ କଡେଇରେ ତେଲ ନେଇ ଗରମ କରନ୍ତୁ ଓ ସେଥିରେ ପ୍ରଥମେ କାଜୁ ପକାନ୍ତୁ। କାଜୁ କଲର ଆସିବା ପରେ ସେଥିରେ ଶୁଖିଲା ଲଙ୍କା ପକାନ୍ତୁ। ଏହାପରେ ସେଥିରେ ଲଙ୍କା ପେଷ୍ଟ, ସୋୟା ସସ୍, ଲୁଣ, ଟମାଟୋ ସସ୍, ଚିନି ଓ ଅଳ୍ପ ପାଣି ଦେଇ ମିଶାନ୍ତୁ। ୨ ମିନିଟ୍ ପରେ ସେଥିରେ ଫ୍ରାଏଡ୍ ଚିକେନ୍ ମିଶାନ୍ତୁ। ପରେ ଧନିଆ ପତ୍ର ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଡ୍ରାଗନ ଚିକେନ୍। ଗରମ ଗରମ ପରଷି ଦିଅନ୍ତୁ।



ଶେଫ୍ ଅଭୟ ଜେନା

**ରିପୋର୍ଟ: ହେମନ୍ତ ନାୟକ, ଫଟୋ: ଯଜ୍ଞେଶ୍ୱର ମହାନ୍ତି**



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।
-କଲମ୍ବସ୍



## ସଂକ୍ଷେପରେ

### ଖଣି ଉପରେ ଚଢ଼ାଉ

**ଖୋର୍ଦ୍ଧା ଅଫିସ,୮।୧:** ଖୋର୍ଦ୍ଧା ତହସିଲ ମଳିପଡା ଦଲକ ରାସ୍ତାର ମଳିପଡାର ଏକ ମାଙ୍କଡା ଖଣି ଉପରେ ମଙ୍ଗଳବାର ଚଢାଉ ହୋଇଥିଲା। ଚଢାଉ ସମୟରେ ୫ ବାଇକ୍, ୬ ପାୱାରଟିଲର, ୧ ଜେସିବି, ୧ ଟ୍ରକ ଜବତ ହୋଇଛି। ନଂ. ୭/୨୦ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ଜଙ୍କିଆ ଥାନା ପୋଲିସ ତହସିଲ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା।

### ବେଆଇନ ମାଙ୍କଡ଼ା ପଥର, ବାଲି ଚାଲାଣ : ୧୦ ଟ୍ରକ୍ ଧରାପଡିଲା

**ଜଟଣୀ,୮।୧(ଡି.ଏନ.ଏ.):** ବେଆଇନ ଭାବେ ମାଙ୍କଡା ପଥର ଓ ବାଲି ଚାଲଣ ସମୟରେ ଜଟଣୀ ତହସିଲ ପକ୍ଷରୁ ଚଢାଉ କରାଯାଇ ୮ଟି ଟ୍ରକ୍ ଓ ୨ ହାଇୱା ଜବତ କରାଯାଇଛି। ଏହି ତହସିଲ ଅନ୍ତର୍ଗତ ଅଙ୍ଗାରପଡ଼ା, ଛତାବର, ପିତାପଲ୍ଲୀ ଓ ଜଟଣୀ ମୁଖ୍ୟରାସ୍ତାରୁ ଏହି ଟ୍ରକ୍‌ଗୁଡିକୁ ଧରାଯାଇଥିଲା। ମଙ୍ଗଳବାର ରାତିରେ ତହସିଲଦାର ପ୍ରିୟାଂଶୁ ଚାନ୍ଦ, ରାଜସ୍ୱ କର୍ମଚାରୀମାନେ ଚଢାଉ କରି ଏହି ମାଙ୍କଡା ପଥର ଓ ବାଲି ବୋଝେଇ ଟ୍ରକ୍ ଧରିଥିଲେ।

### ମହମବତି ଶୋଭାଯାତ୍ରା

**ଖୋର୍ଦ୍ଧା ଅଫିସ,୮।୧:** ଜେଏନ୍‌ୟୁ ଛାତ୍ରୀଛାତ୍ର ଓ ପ୍ରାଧ୍ୟାପକଙ୍କ ଉପରେ ଆକ୍ରମଣକୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ନିନ୍ଦା କରାଯାଇଛି। ଏ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ମହମବତୀ ଶୋଭାଯାତ୍ରା ବିଜୁ ପଟ୍ଟନାୟକ ପାର୍କ ପର୍ଯ୍ୟନ୍ତ ମଙ୍ଗଳବାର ଯାଇଥିଲା। ନସିମ୍ ଖାନ୍, ବିଶ୍ୱଦୀପ ପ୍ରଧାନ, ଦେବସ୍ମିତା ଦାସ, ଫ୍ୟାନ୍ସି ସାମନ୍ତସିଂହାର ପ୍ରମୁଖ ଯୋଗଦେଇଥିଲେ।

### ପାଇକ ତିଗିରିଆରେ ଧାନମଣ୍ଡି ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ,୮।୧:** ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ପାଇକତିଗିରିଆ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ୧୮୩ ଚାଷୀ ନାମ ପଞ୍ଜୀକରଣ କରିଥିବାବେଳେ ୨୫ ଚାଷୀ ୫୦୧ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଏଥିରେ ଅତିଥି ଭାବେ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ସାମନ୍ତରାୟ, ଗୋପାଳ ପ୍ରଧାନ, ସମିତି ସଭାପତି କାଜଲ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ଅଦିନିଆ ବର୍ଷାରେ ଧାନ ଫସଲ ନଷ୍ଟ

**କଣାସ, ୮।୧(ସ୍ୱ.ପ୍ର.):** ଆଦିନିଆ ବର୍ଷାରେ କଣାସ ବ୍ଲକରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଧାନ ଅମଳ ପରେ ବିଲରେ ହିଁ ପଡ଼ିରହିଥିଲା। ହଠାତ୍ ବର୍ଷା ଯୋଗୁ ଚାଷୀମାନେ ଧନ ଫସଲ ସୁରକ୍ଷିତ ସ୍ଥାନକୁ ନେଇପାରି ନ ଥିଲେ। ଫଳରେ ବିଲରେ ପାଣି ଜମି ରହିଥିଲା। ବର୍ଷା ପାଣିରେ ଫସଲ ନଷ୍ଟ ହୋଇଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ବିଶେଷକରି ତ୍ରିଲୋଚନପୁର, କଣାସ, ସିରେଇ, ଗଡ଼ସାହି ପଞ୍ଚାୟତରେ ବହୁ ଫସଲ ନଷ୍ଟ ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ବଢୁଛି ପଥର ଚୋରି

- ଆର୍‌ଡିସିଙ୍କ ନିର୍ଦ୍ଦେଶର ୨୮ ଦିନ ବିତିଲା
- ଲାଗିପାରିଲାନି ଖଣି ଚୋରଙ୍କ ଉପରେ

**ଖୋର୍ଦ୍ଧା ଅଫିସ,୮।୧**

ଖୋର୍ଦ୍ଧା ସବ୍‌ଡିଭିଜନରେ ମାଙ୍କଡା, କଳାମୁଗୁନି ପଥର ଚୋରି ବଢ଼ିବାରେ ଲାଗିଛି। ତହସିଲ କର୍ତ୍ତୃପକ୍ଷ ଓ ପୋଲିସର ଚଢାଉ ପଥର ଚୋରିକୁ ରୋକିବାରେ ସକ୍ଷମ ହୋଇ ପାରୁନାହିଁ। ଲଘୁ ଖଣିଜ ଚୋରି ରୋକିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କ ନିର୍ଦ୍ଦେଶକୁ ୨୮ ଦିନ ବିତିଯାଇଥିଲେ ମଧ୍ୟ ଏଥିରେ ଲଗାମ ଲାଗି ପାରିଲାନି। ଖଣି ଚୋରମାନେ ପୂର୍ବବତ୍ ସେମାନଙ୍କ କାରବାର ବଢାଇ ଚାଲିଛନ୍ତି। ଖୋର୍ଦ୍ଧା ଜିଲାରେ ଲଘୁଜ ଖଣିଜ ପଦାର୍ଥ ଭରପୂର ହୋଇ ରହିଛି। ତେବେ ପ୍ରଶାସନ ଏହାର ଠିକ୍ ପରିଚାଳନା କରୁ ନ ଥିବାରୁ ପଥର ଚୋରି ବଢି ଚାଲିଛି। ବେଆଇନ ଖଣିଜ ସମ୍ପଦର ଉତ୍ତୋଳନ ପରିବହନକୁ ଲଗାମ ଲଗାଇବା ପାଇଁ ରାଜସ୍ୱ, ପୋଲିସ ଓ ଜଙ୍ଗଲ ବିଭାଗର ମିଳିତ ଆନୁକୂଲ୍ୟରେ ଚଢାଉ କରିବାକୁ ୨୦୧୯ ଡିସେମ୍ବର ୧୧ରେ ଖୋର୍ଦ୍ଧାରେ ସମୀକ୍ଷା କରି ଆରଡିସି ନିର୍ଦ୍ଦେଶ ଦେଇଥିଲେ। ଆରଡିସିଙ୍କ ନିର୍ଦ୍ଦେଶ ପରେ ଚଢାଉ ତ୍ୱରାନ୍ୱିତ ହୋଇଥିଲା। କିଛିଦିନ ଧରପଗଡ ଚାଲିଥିଲା। ଏବେ ୧୬ ନଂ. ଜାତୀୟ ରାଜପଥରେ ବେଆଇନ ଭାବେ ମୋରମ, ମାଙ୍କଡା ଓ କଳାମୁଗୁନି ପଥର ଟ୍ରକ, ଟ୍ରାକ୍ଟରରେ ବୁହା ଚାଲିଛି। କିନ୍ତୁ ଧରପଗଡ କରାଯାଉନାହିଁ।

### ୱାର୍କ ଅର୍ଡର ୭, ଖଣି ଖନନ ୧୫ରୁ ଊର୍ଦ୍ଧ୍ୱ

ଖୋର୍ଦ୍ଧା ଓ ବେଗୁନିଆ ତହସିଲର ୪୬ଟି କଳାମୁଗୁନି ପଥର ଖଣିରୁ ୭ଟିକୁ ୱାର୍କ ଅର୍ଡର ମିଳିଛି। ଅନ୍ୟ ଖଣିଗୁଡିକ ୱାର୍କ ଅର୍ଡର ପାଇ ନ ଥିଲେ ମଧ୍ୟ ବେଆଇନ ଖଣି ଖନନ ହେଉଥିଲା। ତେବେ ଏସ୍‌ଟିଏଫ୍‌ର ଚଢ଼ାଉ ପରେ ବେଆଇନ ଖଣି ଖନନ ବନ୍ଦ ରହିଥିଲା। ପରେ ପ୍ରାୟ ୭ଟି ଖଣି ଚାଲିଥିଲା। କିଛିଦିନର ନୀରବତା ପରେ ୱାର୍କ ଅର୍ଡର ପାଇଥିବା ଖଣି ନିକଟବର୍ତ୍ତୀ ଅଞ୍ଚଳରେ ପୁଣି ପ୍ରାୟ ୮ଟି ଖଣି ବେଆଇନ ଭାବେ ଚାଲିଥିବା ଅଭିଯୋଗ ହେଉଛି। ଏ ନେଇ କେତେଜଣ ଲୋକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୱାର୍କ ଅର୍ଡର ୭ଟି ଖଣି ପାଇଥିବାବେଳେ ୮ଟି ଖଣି କିପରି ପୁଣି ବେଆଇନ ଭାବେ ଚାଲୁଛି ତା'ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଉଛି।

### ବିପଦରେ ଖୋର୍ଦ୍ଧା

ଖୋର୍ଦ୍ଧାର ଆଖପାଖ ଅଞ୍ଚଳରେ ବେଆଇନ ମାଙ୍କଡା ପଥର ଓ ମୋରମ ଖଣି ଉତ୍ତୋଳନ ହେଉଛି। ଖଣିଚୋରମାନେ ଜଙ୍ଗଲିଆ ଅଞ୍ଚଳ ଓ କାଜୁ ଜଙ୍ଗଲକୁ ନିରାପଦ ସ୍ଥାନ ଭାବେ ବାଛି ନେଇଛନ୍ତି। ଏଣୁ ଜିଲାର ବିଭିନ୍ନ ଜଙ୍ଗଲ ଓ କାଜୁ ଜଙ୍ଗଲ ପରିସରରେ ବଡ ବଡ ଖଣି ପୋଖରୀ ସୃଷ୍ଟି ହୋଇ ସାରିଲାଣି । ସେହିଭଳି ବିଭିନ୍ନ ଗାଁକୁ ଯିବା ରାସ୍ତା, ପଡିଆ, ଶ୍ମଶାନ, ସରକାରୀ ଜମିରୁ ବେଆଇନ ଭାବେ ମାଙ୍କଡା ପଥର, ମୋରମ ଖନନ ଚାଲିଛି। ତେବେ ଏସ୍‌ଟିଏଫର ନଜର ନ ପଡିବାରୁ ବେଆଇନ ଖଣି ଖନନ ପୂର୍ବଠାରୁ ଅଧିକ ଭାବେ ଚାଲିଛି।

**ଖବରଦାତା ଆବଶ୍ୟକ**

ଭୁବନେଶ୍ୱରର ଖଣ୍ଡଗିରି ଓ ଚନ୍ଦ୍ରଶେଖରପୁର ଅଞ୍ଚଳ ପାଇଁ ଧରିତ୍ରୀ ଖବରଦାତା ଆବଶ୍ୟକ କରୁଛି। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ ଆବେଦନ କରିବାକୁ ଅନୁରୋଧ ।

- ସାମ୍ବାଦିକତା ଡିଗ୍ରୀଧାରୀ, କ୍ୟାମେରା ଏବଂ ବାଇକ୍ ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।

Apply immediately to
Email: recruitment@dharitri.com

### ସଫ୍ଟୱେର ଇଞ୍ଜିନିୟର ଦେବାଶିଷ ପାଇଲେ ଓଏଏସ୍
## ଉତ୍ତମ ପ୍ରଶାସନିକ ସେବା ଯୋଗାଇ ଦେବା ଲକ୍ଷ୍ୟ

**କୃଷ୍ଣପ୍ରସାଦ, ୮।୧(ଡି.ଏନ.ଏ.)**



ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ପାରିକୁଦଗଡରୁ ଓଏଏସ ପାଇବାରେ ସଫଳ ହୋଇଛନ୍ତି ଦେବାଶିଷ ପାତ୍ର। ତାଙ୍କ ଲକ୍ଷ୍ୟ ରହିଛି ଜନସାଧାରଣଙ୍କୁ ଉତ୍ତମ ପ୍ରଶାସନିକ ସେବା ଯୋଗାଇଦେବା। ସେ ୩ ବର୍ଷ ଧରି ବାଙ୍ଗାଲୋରରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ଚାକିରି ବ୍ୟସ୍ତତା ଏବଂ ପରିବାର ଥିବା ନିଜର ଛୋଟ ପୁଅ, ସ୍ତ୍ରୀ ଏବଂ ମାଆବାପାଙ୍କ ଭଲମନ୍ଦ ବୁଝିବା ସହ ପଢିବା ପାଇଁ ଖୁବ୍‌କମ୍ ସମୟ ମିଳିଥାଏ। ସେ ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ଦିନକୁ ମାତ୍ର ୪ ଘଣ୍ଟା ସମୟ ପଢା ପାଇଁ ଦେଉଥିଲେ। ୨୦୧୭ରେ ଓଏଏସ୍ ପରୀକ୍ଷା ଦେଇଥିଲେ ହେଁ ସେ କୃତକାର୍ଯ୍ୟ ହୋଇପାରି ନ ଥିଲେ। ୨୦୧୮ରେ ପ୍ରକାଶିତ ଓଏଏସ୍ ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଛନ୍ତି। ଦେବାଶିଷ ଓଏଏସ୍ ପାଇବା ପରେ ମାଆବାପା, ପରିବାରବର୍ଗ ଖୁସିଥିବା ବେଳେ ଅଞ୍ଚଳର ବହୁ ଶିକ୍ଷାବିତ୍‌ମାନେ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି।

### ଜଟଣୀରେ କଂସେଇଖାନା ନାହିଁ
## ଅବାଧରେ ବାହାରେ ଚାଲିଛି ମାଂସକଟା

**ଜଟଣୀ,୮।୧(ଡି.ଏନ.ଏ.):**



ରାସ୍ତା କଡରେ କଟାଯିବାକୁ ରହିଥିବା ଛେଳି ।

ଜଟଣୀରେ କଂସେଇଖାନାଟିଏ ନାହିଁ। ନିୟମକୁ ଉଲ୍ଲଂଘନ କରି ବିଭିନ୍ନ ସ୍ଥାନରେ ଖୁଲମ୍‌ଖୁଲା ଛେଳି, ମେଣ୍ଢା, କୁକୁଡ଼ା କଟାଯାଇ ବ୍ୟବସାୟ ଚାଲିଛି। ପ୍ରଶାସନ ପକ୍ଷରୁ ଏହା ଉପରେ କୌଣସି ଅଙ୍କୁଶ ରହୁନାହିଁ। ଏପରି କି ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ନିକଟରେ ମାଂସ ବେପାର ହେଉଛି। ସର୍ବସାଧାରଣ ଯାତାୟାତ କରୁଥିବା ଜନଗହଳିପୂର୍ଣ୍ଣ ରାସ୍ତାପାର୍ଶ୍ୱରେ ବିଭତ୍ସ ଭାବେ ଉପରୋକ୍ତ ପ୍ରାଣୀଙ୍କୁ କଟାଯାଇ ଖୋଲାରେ ଏହାକୁ ଝୁଲାଇ ରଖିବାକୁ ଅନେକେ ନାପସନ୍ଦ କରିଛନ୍ତି। ପୌରାଞ୍ଚଳ ଅନ୍ତର୍ଗତ ଟାଉନ୍‌ହଲ୍ ନିକଟ, ଦୁର୍ଗା ମାର୍କେଟ୍, ବ୍ଲକ ଛକ, ରେଡଙ୍ଗ କଲୋନୀ, ହାଟବଜାର, ହରିଭାଇନା ଛକ, କୁଦିଆରୀ ଆଦି ବିଭିନ୍ନ ସ୍ଥାନରେ ଖୋଲାରେ ବେପାର ହେଉଛି। କଟା ଯାଉଥିବା ପ୍ରାଣୀଙ୍କୁ ବିଭତ୍ସ ଭାବେ ଖୋଲାରେ ଟଙ୍ଗା ଯିବା ଦ୍ୱାରା ଏହାକୁ ଦେଖି ଲୋକଙ୍କ ମଧ୍ୟରେ ବିଶେଷକରି ସ୍କୁଲ ବିଦ୍ୟାର୍ଥୀ ଶିଶୁଙ୍କ ମନରେ ଏହାର ନକାରାତ୍ମକ ପ୍ରଭାବ ପକାଉଛି। ଏପରି କି ଏଠାରେ ମାଂସର ଗୁଣବତ୍ତା ପରୀକ୍ଷଣ କରାଯାଉନାହିଁ। ଏହା ହେଉ ନ ଥିବାରୁ ରୋଗଣା ପ୍ରାଣୀର ମାଂସକୁ ଅଜାଣତରେ ଗ୍ରାହକ ଖାଉଛନ୍ତି। ନିୟମ ଅନୁଯାୟୀ ମାନ ପରୀକ୍ଷଣ ଓ ଷ୍ଟାମ୍ପ ମରାଯାଉ ନ ଥିବାରୁ କେଉଁଠି କିପରି ମାଂସ ବିକ୍ରି ହେଉଛି ଖାଉଟି ଜାଣିପାରୁନାହାନ୍ତି। ଏ ନେଇ ଗୌରୀ ପ୍ରସାଦ ସିଂହ କୁହନ୍ତି, ସେ ଜଟଣୀ ମ୍ୟୁନିସିପାଲିଟିର ପୌରାଧ୍ୟକ୍ଷ ଥିବା ବେଳେ ୧୯୮୮ରେ ସ୍ଥାନୀୟ ବାଛରା ପାହାଡ଼ ତଳେ କଂସେଇଖାନା କରାଯାଇଥିଲା। ଏଥିପାଇଁ ସେଠାରେ ମ୍ୟୁନିସିପାଲିଟି ପକ୍ଷରୁ ପାଣି, ଘର ଓ ସମସ୍ତ ଭିତ୍ତିଭୂମି ଯୋଗାଇ ଦିଆଯାଇଥିଲା। ସେତେବେଳେ ପ୍ରାଣୀ ଚିକିତ୍ସକ ଦୈନିକ ଆସି ମାଂସ ପରୀକ୍ଷା କରି ଷ୍ଟାମ୍ପ ମାରିବା ପରେ ଏହା ବିକ୍ରୟ ଉପଲବ୍ଧ ହେଉଥିଲା। ତେବେ ମାଂସ ବେପାରୀଙ୍କ ଅସହଯୋଗ ଯୋଗୁ ଗୋଟିଏ ସପ୍ତାହ ଚାଲିବା ପରେ ଏହି କଂସେଇଖାନା ବନ୍ଦ ହୋଇଯାଇଥିଲା। ମନଇଚ୍ଛା ଯେ ଯେଉଁଠି ପାରିଲା ମାଂସ ଦୋକାନ ଖୋଲିବା ଦ୍ୱାରା ଗୋଟିଏ ପକ୍ଷରେ ଲୋକଙ୍କ ମନରେ ଖରାପ ପ୍ରଭାବ ପଡୁଛି। ଅନ୍ୟପକ୍ଷରେ ଏଥିରୁ ବାହାରୁ ଥିବା ବର୍ଜ୍ୟବସ୍ତୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି ବୋଲି ଗୌରୀ ପ୍ରସାଦ କହିଛନ୍ତି। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କୁହନ୍ତି, କଂସେଇଖାନା ଖୋଲିବା ନେଇ ପ୍ରସ୍ତାବ ରହିଛି। ଜମି ନିଆଯାଇ ଏହା ଖୋଲାଯିବ। ଗୁରୁତର ସହ ଏଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଟ୍ରକ୍ ସହ ୫ ଲକ୍ଷ ଟଙ୍କାର ପାଣି ପାଇପ ଜବତ ୧୧ ଜେଲ ଗଲେ

**ଖୋର୍ଦ୍ଧା ଅଫିସ, ୮।୧:**

ଡାଲତୋଳା ରାସ୍ତାରୁ ମଙ୍ଗଳବାର ରାତିରେ ଖୋର୍ଦ୍ଧା ସଦର ଥାନା ପୋଲିସ ଟ୍ରକ ସହ ୫ ଲକ୍ଷ ଟଙ୍କାର ପାଣି ପାଇପ ଜବତ କରିଛି। ଏହି ଘଟଣାରେ ପୋଲିସ ପୁରୀ ପେଣ୍ଠକଟାର ୯ ଜଣ ଓ ବେଗୁନିଆ ବ୍ଲକ ବାଘମାରୀ ଥାନା କୋଟପଲ୍ଲାର ୨ଜଣ ଏପରି ମୋଟରେ ୧୧ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପେଣ୍ଠକଟାର ସୁଜିତ୍ ବାରିକ, ଗୋବିନ୍ଦ ବେହେରା, ଗଣେଶ ରାଉତ, ଶୁଭ୍ରଜିତ୍ ବେହେରା, ରଘୁନାଥ ମାଝି, ରାଜ କିଶୋର ନାୟକ, ରାଜା ମହାନ୍ତି, ରମେଶ ବେହେରା, ଜଗା ସାହୁ, କୋଟପଲ୍ଲାର ଅଟୋ ଡ୍ରାଇଭର ତ୍ରିନାଥ ନାୟକ, ସହଯୋଗୀ ବିଜୟ କୁମାର ସ୍ୱାଇଁ। ସେମାନଙ୍କ ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ଏକ ଅଟୋ, ସ୍କୁଟିକୁ ପୋଲିସ ଜବତ କରିଛି। ପଶ୍ଚିମବଙ୍ଗରୁ ଟ୍ରକ୍ (ନଂ. ଡବ୍ଲ୍ୟୁ୧୧ ବି ୨୪୫୫) ଯୋଗେ ପ୍ରାୟ ୫ ଲକ୍ଷ ଟଙ୍କାର ପାଣି ପାଇପ ଖୋର୍ଦ୍ଧା ଆସୁଥିଲା। ଟ୍ରକକୁ ଏକ ସ୍କୁଟି ବାଟ କଢ଼ାଇ ଆଣୁଥିଲା। ଟ୍ରକରେ ଜଣେ ଦଲାଲ ଥିଲେ। ଯିଏକି ପୋଲିସକୁ ଚକମା ଦେଖାଇ ଖସି ଯାଇଥିଲେ। ଅନ୍ୟପକ୍ଷେ ଅଟୋ ଯୋଗେ କିଛି ଶ୍ରମିକ ଆସୁଥିଲେ।

## ନାଗରିକତ୍ୱ ସଂଶୋଧନ ବିଲ୍ ସପକ୍ଷରେ ସଭା

**ଖୋର୍ଦ୍ଧା ଅଫିସ,୮।୧:**

ଗଡମାଣତୀରର ରାମଚଣ୍ଡୀଙ୍କ ପୀଠରେ ଭାଜପାର ଦକ୍ଷିଣ ବେଗୁନିଆ ପକ୍ଷରୁ ନାଗରିକତ୍ୱ ସଂଶୋଧନ ବିଲ୍ ସପକ୍ଷରେ ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଯଜ୍ଞେଶ୍ୱର ସୁନ୍ଦରରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୋ-ଅର୍ଡିନେଟର ରଘୁନାଥ ଷଡଙ୍ଗୀ ଯୋଗ ଦେଇ ନାଗରିକ ସଂଶୋଧନ ବିଲ୍ ସପକ୍ଷରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରି ଟିପ୍ପଣୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ପାଟଶାଣୀ, ଲଳିତ ହରିଚନ୍ଦନ, ଶୁକଦେବ ଜୟସିଂ, ସଦାଶିବ ସୁନ୍ଦରରାୟ, ବ୍ରଜ ସମାନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ।



ବେଗୁନିଆ ଭାଜପା ପକ୍ଷରୁ ଅନୁଷ୍ଠିତ ବୈଠକ ।

## କେନ୍ଦରା ଯୋଗାଉଛି ଆହାର

**ଗୋପ,୮।୧(ଡି.ଏନ୍.ଏ):**

ଦିନ ଥିଲା ଯୋଗୀ ସମ୍ପ୍ରଦାୟର ଲୋକେ ଗାଁ ଗାଁ ବୁଲି କେନ୍ଦରା ସ୍ୱରରେ ବିଭିନ୍ନ ଗୀତ ମାଧ୍ୟମରେ ଭିକ୍ଷାବୃତ୍ତି କରୁଥିଲେ। ଏହି ପରମ୍ପରା ବର୍ତ୍ତମାନ ପ୍ରାୟତଃ ବନ୍ଦ ହୋଇଗଲାଣି। କାଁ ଗାଁ କେନ୍ଦରାର ସ୍ୱର ଶୁଣିବାକୁ ମିଳୁଛି। କିନ୍ତୁ ୬୩ ବର୍ଷ ବୟସରେ ମଧ୍ୟ କେନ୍ଦରା ବଜାଇ ପରମ୍ପରାକୁ ବଞ୍ଚାଇ ରଖିବା ସହ ପରିବାର ପୋଷୁଛନ୍ତି ଜଗତ୍‌ସିଂପୁର ଜିଲା ଚାରିବାଟିଆ ଗାଁର ସିଦ୍ଧେଶ୍ୱର ନାଥ। ସିଦ୍ଧେଶ୍ୱର ଶେଷ ନିଶ୍ୱାସ ପର୍ଯ୍ୟନ୍ତ କେନ୍ଦରା ବଜାଇବି ବୋଲି କହିଛନ୍ତି। ସାନପୁଅକୁ ମଧ୍ୟ ଏହି ପରମ୍ପରା ରଖିବାକୁ ସେ ଅନୁରୋଧ କହିଛନ୍ତି। ଅଜା, ବାପା ଏହି ଯୋଗୀ ପରମ୍ପରାକୁ ନେଇ ଭରଣ ପୋଷଣ କରୁଥିବାବେଳେ ମୁଁ ମଧ୍ୟ ଏହାକୁ ଛାଡ଼ି ପାରିନାହିଁ। ଯେତେବେଳେ ୧୫ ବର୍ଷ ହୋଇଥିଲା, ସେତେବେଳ ଆଖାପାଖ ଗାଁକୁ ଯାଇ କେନ୍ଦରା ବଜାଇ ଧାର୍ମିକ ଗୀତ ବଜାଉଥିଲେ। ଯାହା ଟଙ୍କା କିମ୍ବା ଦାନ ମିଳୁଛି, ସେଥିରେ ପରିବାର ଚଳୁଛି। ଦିନକୁ ୨ ଶହରୁ ୩ଶହ ଟଙ୍କା ପର୍ଯ୍ୟନ୍ତ ମିଳୁଛି। ଦୀର୍ଘ ୪୮ବର୍ଷ ହେବ ରାଜ୍ୟର ସମସ୍ତ ଜିଲା ବୁଲିଛି। କିନ୍ତୁ ଆଧୁନିକତା ଭିତରେ ଏହି ପରମ୍ପରା ହଜିଯାଉଥିବା ସେ କହିଛନ୍ତି ।

## ସରକାରୀ ଜାଗାରେ ଘର ନିର୍ମାଣକୁ ନେଇ ଦାବିପତ୍ର

**ପୁରୀ ଅଫିସ,୮।୧ :**

ଜଣେ ସରକାରୀ କର୍ମଚାରୀ ସରକାରୀ ଜାଗାରେ ଜୋରଜବରଦସ୍ତ ଘର ନିର୍ମାଣ କରି ଲୋକଙ୍କୁ ବିକ୍ରି କରୁଥିବା ନେଇ ସ୍ଥାନୀୟ ଜଣେ ଯୁବକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଜଣେ କର୍ମଚାରୀ ଉକ୍ତ ବିଭାଗର ସରକାରୀ କ୍ୱାର୍ଟର ନିକଟରେ ଖାଲିଥିବା ସରକାରୀ ଜମିକୁ ନିଜ ଦଖଲକୁ ନେଇ ସେଠାରେ ବେଆଇନ ଭାବେ ମହିଳା ସମିତି ନାମରେ ଘର ନିର୍ମାଣ କରୁଥିଲେ। କିନ୍ତୁ ଉକ୍ତ ସ୍ଥାନଟି ସର୍ବସମ୍ମୁଖ ପାଇଁ ରାସ୍ତାଟିଏ ହୋଇଥିବାରୁ ସ୍ଥାନୀୟ ବାସିନ୍ଦା ଏହି ନିର୍ମାଣକୁ ବିରୋଧ କରିଥିଲେ। ଏପରିକି ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ ସେଠାର ଘର ତିଆରି ନ କରିବାକୁ ତାଗିଦ କରିଥିଲେ। ତେବେ ଏହି ସ୍ଥାନରେ ଜଣେ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ଅନୁମତି ପ୍ରଦାନ କରିଛନ୍ତି, ଆପଣ ଏଥିରେ ହସ୍ତକ୍ଷେପ କରନ୍ତୁ ନାହିଁ ବୋଲି ଓଲଟି ଧମକ ଦିଆଯିବାରୁ ସେ ସେଠାରୁ ଫେରି ଆସିଥିଲେ।

## ଦୁର୍ଘଟଣାରେ ଜଣେ, ଅସ୍ୱାଭାବିକ ଭାବେ ୨ ମୃତ

**ଯାଁଳା,୮।୧(ଡି.ଏନ.ଏ):**

ଜଟଣୀ ଥାନା ଯାଁଳା ଫାଣ୍ଡି ଅଞ୍ଚଳରେ ଜଣକଙ୍କର ଦୁର୍ଘଟଣା ଓ ଅନ୍ୟ ଦୁଇଜଣଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏହି ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଭୁଆସୁଣୀ ଛକ ନିକଟରେ ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ୍ (ନଂ. ଓଡି୦୨ଏମ୍‌୯୪୧୨) ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ ଚାଳକଙ୍କ ନାମ ସଞ୍ଜୟ କୁମାର ମହାରଣା(୩୦)। ଏହା ମଙ୍ଗଳବାର ସନ୍ଧ୍ୟାରେ ଘଟିଥିଲା। ଦୁର୍ଘଟଣାରେ ଗୁରୁତର ସଞ୍ଜୟଙ୍କୁ ଯାଁଳା ଫାଣ୍ଡି ପୋଲି ଏମ୍‌ସରେ ଭର୍ତ୍ତି କରିଥିଲେ। ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ବାଙ୍କୀ ଅଞ୍ଚଳରେ ତାଙ୍କ ଘର ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଏହି ଘଟଣାରେ ଟ୍ରକ୍‌କୁ ଜବତ କରି ଏହାର ଡ୍ରାଇଭର ସୁରେଶ କୁମାର ନାୟକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେହିପରି ନିଆଁ ଲାଗି ଗୁରୁତର ଭାବେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସୁମିତ୍ରା ବେହେରା(୨୪)ଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଥିଲା। ୨୦୧୯ ଡିସେମ୍ବର ୨୮ରେ ଏହା ଘଟିଥିଲା। ଏହି ଫାଣ୍ଡି ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ସୁମିତ୍ରା ଚଉରା ମୂଳେ ପୂଜା କରୁଥିବା ସମୟରେ ଦୀପରୁ ନିଆଁ ଲାଗି ତାଙ୍କ ଶରୀରର ୮୦ ଭାଗ ପୋଡି ଯାଇଥିଲା। ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ଅନ୍ୟ ଏକ ଘଟଣାରେ ସୋମନାଥ ପରିଡା ନାମକ ଟ୍ରକ୍ ଡ୍ରାଇଭରଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ରାଧାଚରଣପୁର ଶିଳ୍ପାଞ୍ଚଳରେ ବୁଧବାର ଏହା ଘଟିଛି। ସୋମନାଥ ଟ୍ରକ୍ ସିଟ୍‌ରେ ବସିଥିବା ବେଳେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇ ସେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲର ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର ନୟାଗଡ ଜିଲା ଅଞ୍ଚଳରେ ବୋଲି ପୋଲିସ କହିଛି। ଏ ନେଇ ଯାଁଳା ଫାଣ୍ଡିରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ ଭାରତ ବନ୍ଦ

**ଖୋର୍ଦ୍ଧା ଅଫିସ,୮।୧:**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ଆହ୍ୱାନକ୍ରମେ ବୁଧବାର ଦିଆଯାଇଥିବା ଭାରତ ବନ୍ଦ ଡାକରା ଖୋର୍ଦ୍ଧାରେ ସଫଳ ହୋଇଛି। ବଢ଼ି ଚାଲିଥିବା ଆର୍ଥିକ ସଙ୍କଟ, ନାଗରିକତ୍ୱ ଅଧିକାର, ଶ୍ରମଜୀବୀ ଲୋକଙ୍କ ଅଧିକାର, ଦରଦ୍ରାମ ବୃଦ୍ଧି, ବେକାରି ପରି ୧୨ ଦଫା ଦାବି ନେଇ ଖୋର୍ଦ୍ଧା ସହରରେ ଦୋକାନ ବଜାର ସହ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଖୋର୍ଦ୍ଧା ଓ ସାରୁଅ ଶିଳ୍ପାଞ୍ଚଳର ଶ୍ରମିକମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ପୂର୍ବାହ୍ନ ୮ଟାରେ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ, କୋର୍ଟ, ପୁରୁଣା ଡାକ୍ତରଖାନା, ପୋଷ୍ଟ ଅଫିସ ବାଟ ଦେଇ ସମବାୟ ବ୍ୟାଙ୍କ ଛକରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। ବିଭିନ୍ନ ଶ୍ରମିକ ସଙ୍ଗଠନର ନେତା ଓ କର୍ମକର୍ତ୍ତାମାନେ ଯୋଗଦେଇ କେନ୍ଦ୍ର ସରକାର ବିରୋଧରେ ବର୍ଷିଥିଲେ।

**ଜଟଣୀ,(ଡି.ଏନ.ଏ.):** ଜଟଣୀରେ ଭାରତ ବନ୍ଦର ପ୍ରଭାବ ପଡ଼ିଥିଲା। ଏଠାରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ବ୍ୟାଙ୍କ, ପୋଷ୍ଟ ଅଫିସ ସହ ଘରୋଇ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା। ଏଠାରେ ଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟଗୁଡିକରେ କଡା ପୋଲିସ ବ୍ୟବସ୍ଥା ରହିଥିଲା। ସ୍ଥାନୀୟ ବାମପନ୍ଥୀ ନେତା, ବହୁ ମହିଳାପୁରୁଷ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଦୋକାନ ବଜାର ବନ୍ଦ କରିଥିଲେ। ସେହିପରି ଆଇଓସିଏଲ୍ ଓ ଏଚ୍‌ପିସିଏଲ୍ ଡ୍ରାଇଭରସ ଏମ୍ପ୍ଲଇଜ୍ ୟୁନିୟନ, ଅଲ୍ ଓଡିଶା ଟ୍ୟାଙ୍କର ଲରି ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ସ୍ଥାନୀୟ ଏଚ୍‌ପିସିଏଲ୍ ଓ ଆଇଓସିଏଲ୍ ଡିପୋ ସମ୍ମୁଖରେ ପିକେଟିଂ ସହ ଧାରଣା ଦିଆଯାଇଥିଲା। ସେହିପରି ଆଇଏନ୍‌ଟିୟୁସି ଯୁବ ଶାଖା ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିବା ସହ ବିଭିନ୍ନ କାର୍ଯ୍ୟାଳୟ ଆଗରେ ପିକେଟିଂ କରି ବନ୍ଦ କରିବାକୁ ଉଦ୍ୟମ କରିଥିଲେ।





ଖୋର୍ଦ୍ଧାଠାରେ ଶ୍ରମିକ ସଂଗଠନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।





ଜଟଣୀ ଆଇଓସିଏଲ ନିକଟରେ ଧାରଣାରତ ଶ୍ରମିକ ।

**ବାଲୁଗାଁ, (ଡି.ଏନ.ଏ.):** ଭାରତ ବନ୍ଦ ଡାକରାରେ ବାଲୁଗାଁ ବଜାର ସହ ଆଖପାଖ ସମସ୍ତ ଦୋକାନଗୁଡିକୁ ବନ୍ଦ କରିବାକୁ ସିପିଆଇଏମଏଲ(ଲିବରେଶନ) ପାର୍ଟି ଓ କଂଗ୍ରେସ ପକ୍ଷରୁ ନାରାବାଜି ଦେବା ସହ ପିକେଟିଂ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳ ବଜାରର ମୁଖ୍ୟ ଗାନ୍ଧୀ ଛକଠାରେ କିଛି ସମୟ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଓ ଦରଦାମ୍ ବୃଦ୍ଧି ପ୍ରତିବାଦରେ ଧର୍ମଘଟ କରାଯାଇଥିଲା। ଅଳ୍ପ ସମୟ ପାଇଁ ଦୋକାନ ବଜାର ବନ୍ଦ ରହିବା ପରେ ପୁଣି ରାସ୍ତାରେ ଗାଡ଼ି ମୋଟର ଯାଆଆସ ସହ ଦୋକାନଗୁଡିକ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଦିନତମାମ ବିଭିନ୍ନ ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟଗୁଡିକ ବନ୍ଦ ରହିଥିଲା।

**ନିରାକାରପୁର, (ଡି.ଏନ.ଏ.) :** ଭାରତ ବନ୍ଦ ଡାକରାରେ ନିରାକାରପୁର, ରାମେଶ୍ୱର ଛକ ଓ ଜଙ୍କିଆରେ ଆଂଶିକ ଦେଖିବାକୁ ମିଳିଥିଲା। ଏହି ଅଞ୍ଚଳର ସ୍କୁଲ, କଲେଜ ବନ୍ଦ ଥିବାବେଳେ ଯାତ୍ରୀବାହୀ ବସ ଯାତାୟାତ ବନ୍ଦ ରହିଥିଲା। ଅଧିକାଂଶ ଦୋକାନ ବଜାର ଖୋଲାଥିବାବେଳେ ଦୁଇଚକିଆ ଯାନ, କିଛି ବଡ ଗାଡି ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଟ୍ରେନ ଚଳାଚଳ ମଧ୍ୟ ସ୍ୱାଭାବିକ ଥିବା ଲକ୍ଷ୍ୟ କରାଯାଇଥିଲା। ଅଞ୍ଚଳର ବ୍ୟାଙ୍କ, ବିଭିନ୍ନ ଅଫିସ ମଧ୍ୟ ବନ୍ଦ ରହିଥିଲା।

**ବେଗୁନିଆ, (ଡି.ଏନ.ଏ.):** ଟ୍ରେଡ୍ ୟୁନିୟନ ଦ୍ୱାରା କରାଯାଇଥିବା ଭାରତ ବନ୍ଦକୁ ବେଗୁନିଆ କଂଗ୍ରେସ କମିଟି, ପ୍ରଦେଶ କଂଗ୍ରେସ ପକ୍ଷରୁ ସମର୍ଥନ ଜଣାଯାଇଥିଲା। ବେଗୁନିଆ ପୋଷ୍ଟ ଅଫିସ ଛକଠାରେ ୪ ଶହରୁ ଊର୍ଦ୍ଧ୍ୱ କର୍ମୀ, କୃଷକ, ଶ୍ରମିକ, ଆଶାକର୍ମୀ ଏକତ୍ରିତ ହୋଇ ବନ୍ଦରେ ସାମିଲ ହୋଇଥିଲେ। ସରକାର ବିରୋଧୀ ସ୍ଲୋଗାନମାନ ଦେଇ ଶୋଭାଯାତ୍ରା ବାହାରି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିଲା। ବନ୍ଦ କାରଣରୁ ବ୍ୟାଙ୍କ ସେବା ପ୍ରଭାବିତ ହେବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

## ନୀଳାଚଳ ଇସ୍ପାତ ନିଗମ ଲିଃରୁ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି

# ବିଜୁବାବୁଙ୍କ ଦ୍ୱିତୀୟ ଇସ୍ପାତ କାରଖାନା ସ୍ୱପ୍ନ ହେବ ନିଲାମ



ଯାଜପୁର ଅଫିସ,୮।୧

କଳିଙ୍ଗନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍ଆଇଏନ୍ଏଲ୍)ରେ ଥିବା ୬ଟି ଅଂଶୀଦାରଙ୍କ ପୁଞ୍ଜି ପ୍ରତ୍ୟାହାର ହେବ। ଏନେଇ ବୁଧବାର କେନ୍ଦ୍ର କ୍ୟାବିନେଟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀଙ୍କ ଏହି ସୂଚନା ପରେ ନୀଳାଚଳ କମ୍ପାନୀର କର୍ମଚାରୀ ଓ ଶ୍ରମିକ ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ବିଜୁ ବାବୁଙ୍କ ଦ୍ୱିତୀୟ ଇସ୍ପାତ କମ୍ପାନୀକୁ ନିଲାମ କରି ଘରୋଇକରଣକୁ ବରଦାସ୍ତ କରାଯିବ ନାହିଁ ବୋଲି ଅଞ୍ଚଳବାସୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।

କେନ୍ଦ୍ରୀୟ ଇସ୍ପାତ ମନ୍ତ୍ରଣାଳୟ ଅଧିନରେ ୧୯୮୪ରେ ଦୈତାରୀ ନିକଟରେ ଦ୍ୱିତୀୟ ଇସ୍ପାତ କାରଖାନା ସ୍ଥାପନ ପାଇଁ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ କମ୍ପାନୀ ପ୍ରତିଷ୍ଠା ହୋଇଥିଲା। ଏଥିପାଇଁ ପର୍ଯ୍ୟାୟକ୍ରମେ ନବେ ଦଶକରେ ଜମି ଅଧିଗ୍ରହଣ ଆରମ୍ଭ ହୋଇଥିଲା। ୧୪।୧୨।୧୯୯୨ରେ କେନ୍ଦ୍ର ସରକାରଙ୍କୁ ଏହି ପ୍ରକଳ୍ପ ହସ୍ତାନ୍ତର କରିବାକୁ ରାଜ୍ୟ ସରକାର ଆବେଦନ କରିଥିଲେ। ୧୨।୪।୧୯୯୪ରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷର ହୋଇ କେନ୍ଦ୍ର ସରକାର ୭.୭୩ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିଥିଲେ। କାରଖାନା ପ୍ରତିଷ୍ଠାର ୫ବର୍ଷ ମଧ୍ୟରେ ଏହାକୁ ସମନ୍ୱିତ ଇସ୍ପାତ କାରଖାନା ଭାବେ ପ୍ରତିଷ୍ଠା ନ କଲେ ଏହା ପୁଣି କେନ୍ଦ୍ର ସରକାରଙ୍କ ନିକଟକୁ ଫେରିଯିବ ବୋଲି ବୁଝାମଣାରେ ସେତେବେଳେ ସର୍ତ୍ତ ରଖାଯାଇଥିଲା। ତେବେ ସମୟକ୍ରମେ ଓଡ଼ିଶା ସରକାର ଏହି କାରଖାନାକୁ ଚଳାଇବା ପାଇଁ ଏମ୍ଏମ୍ଟିସି ସହ ଭାଗୀଦାରି କରିଥିଲେ। ଏହାପରେ ଜମି ଅଧିଗ୍ରହଣ କରି ୨୦୦୦ରୁ ଉତ୍ପାଦନ ଆରମ୍ଭ ହୋଇଥିଲା। ଏଥିରେ ୬୬୮ ପରିବାରଙ୍କୁ ବିସ୍ଥାପିତ କରାଯାଇ ୪୫୨ଜଣଙ୍କୁ ନିଯୁକ୍ତି ମିଳିଛି। ଜମି ଅଧିଗ୍ରହଣ ସମୟରେ ଓଡ଼ିଶା ସରକାର ଏହା ଦ୍ୱିତୀୟ ସରକାରୀ ଇସ୍ପାତ କାରଖାନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଉତ୍ପାଦନର ପ୍ରାୟ ଦୁଇ ଦଶନ୍ଧି ପରେ ମଧ୍ୟ ସମନ୍ୱିତ ଇସ୍ପାତ କାରଖାନା ସ୍ୱପ୍ନରେ ରହିଗଲା। ଏବେ ଏମ୍ଏମ୍ଟିସି, ମେକନ ସହ ୬ଟି ଅଂଶୀଦାର ନିଜର ପୁଞ୍ଜି ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଏନେଇ କଳିଙ୍ଗନଗର ଶ୍ରମିକ ସଂଘ, ନୀଳାଚଳ ବିସ୍ଥାପିତ ସଂଘ, କଳିଙ୍ଗନଗର ମଜଦୁର ୟୁନିୟନ ଓ ନୀଳାଚଳ ନିର୍ବାହୀ ସଂଘ ପକ୍ଷରୁ କାରଖାନାକୁ କେବେବି ଘରୋଇକରଣ କରି ଦିଆଯିବ ନାହିଁ ବୋଲି ବୋଲି କହିବା ସହ ନୀଳାଚଳ ହାଉସ ଘେରାଓ କରିଥିବା ମଧ୍ୟ ଦେଖିବାକୁ ମିଳିଛି।

**ସରକାରଙ୍କୁ ଜମି ଦେଇଛୁ, ଘରୋଇକରଣକୁ ନୁହେଁ**

### ସେମାନଙ୍କ ମୁହଁରୁ...



*ସରକାର ସରକାରୀ କାରଖାନା ନାମରେ ଜମି ନେଇ ବିସ୍ଥାପିତଙ୍କୁ ପ୍ରତାରଣା କରିଛନ୍ତି । କାରଖାନାର ଘରୋଇକରଣକୁ କେବେ ବି ବରଦାସ୍ତ କରାଯିବ ନାହିଁ। ସରକାର ତାଙ୍କ ନିଷ୍ପତ୍ତିରୁ ନ ଓହରିଲେ କଳିଙ୍ଗନଗରରେ ନିଆଁ ଜଳିବ। ଏପରିକି ଆନ୍ଦୋଳନକୁ ଜୋରଦାର କରାଯିବା ସହ ରାଜରାସ୍ତାକୁ ଅବରୋଧ କରାଯିବ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ରହିବେ।

**- ବାବୁଲି ପୂର୍ତ୍ତି, ସମ୍ପାଦକ ନୀଳାଚଳ ବିସ୍ଥାପିତ କମିଟି**



* ସ୍ଥାନୀୟ ଲୋକଙ୍କ ଜମି ଓ ଘରବାଡ଼ି ନେଇ ରାଜ୍ୟ ସରକାର ବିସ୍ଥାପିତମାନଙ୍କୁ ଜମିହରା କରାଇଛନ୍ତି । ବୋଲଡୋଜର ଲଗାଇ ଜୋର ଜବରଦସ୍ତ ଲୋକଙ୍କ ଘର ଭାଙ୍ଗି ବାସହରା କରାଯାଇଛି । ଏବେ ବିଜୁବାବୁଙ୍କ ଦ୍ୱିତୀୟ ଇସ୍ପାତ କାରଖାନା ସ୍ୱପ୍ନକୁ ରାଜ୍ୟ ସରକାର ନିଲାମ କରିବାକୁ ବସିଛନ୍ତି । ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ ।

**- ବେଣୁଧର ନାଏକ, ସଭାପତି ନୀଳାଚଳ ବିସ୍ଥାପିତ କମିଟି**



* କଳିଙ୍ଗନଗର ଅଞ୍ଚଳର ଆଦିବାସୀଙ୍କ ବିକାଶ ପାଇଁ ନୀଳାଚଳ କାରଖାନା ଗଢ଼ି ଉଠିଥିଲା। ଆଦିବାସୀଙ୍କଠାରୁ ନୃସଂଶ ଭାବେ ଜମି ଛଡ଼ାଇ ନିଆଗଲା। ଲୋକଙ୍କୁ ବିତାଡ଼ିତ କରି କାରଖାନା ପ୍ରତିଷ୍ଠା ହେଲା। ଏଯାବତ୍ ଆଦିବାସୀଙ୍କ ସେପରି କିଛି ବିକାଶ ହୋଇ ନ ଥିବାବେଳେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳକୁ ନିଲାମ କରାଯାଉଛି। ଏହାକୁ କେବେବି ବରଦାସ୍ତ କରାଯିବ ନାହିଁ।

**- ସ୍ୱର୍ଣ୍ଣଲତା ବାନରା, ସରପଞ୍ଚ ଗୋବରଘାଟି**



* ନୀଳାଚଳ କାରଖାନାରୁ କେନ୍ଦ୍ର ସରକାରଙ୍କ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତିକୁ ଘୋର ବିରୋଧ କରାଯାଉଛି। ଆଦିବାସୀ ଲୋକଙ୍କ ଜୀବନ ସହିତ ଖେଳ ଖେଳି ସରକାର ଘରୋଇକରଣକୁ ପ୍ରୋତ୍ସାହିତ କରାଯାଉଛି। ଏଥିରେ ଜମିହରା ବିସ୍ଥାପିତ ଲୋକେ ଆହୁରି କଷ୍ଟ ଭୋଗିବେ । ଏଥିପାଇଁ ଆବଶ୍ୟକ ହେଲେ ଆତ୍ମାହୁତି ଦେବାକୁ ପଛାଇବୁ ନାହିଁ।

**- ମହିରା ପୂର୍ତ୍ତି, କଳିଙ୍ଗନଗର ଶ୍ରମିକ ସଂଘର ସାଧାରଣ ସମ୍ପାଦକ**

# ସର୍ବଭାରତୀୟ ବିଜ୍ଞାନ ପ୍ରଦର୍ଶନୀରେ ସୋନାଲୀଙ୍କ ଚମକ

ଅନୁଗୋଳ ଅଫିସ, ୮।୧



ସୋନାଲୀ ମିଶ୍ର

ଧୀରେ ଧୀରେ ବଢୁଥିବା ପ୍ରଦୂଷଣ ସମସ୍ୟାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ଉପରେ ସର୍ବଭାରତୀୟ ବିଜ୍ଞାନ ପ୍ରଦର୍ଶନୀରେ ନିଜ ପ୍ରକଳ୍ପ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି ଅନୁଗୋଳର ଛାତ୍ରୀ ସୋନାଲି ମିଶ୍ର। ଉତ୍ତରପ୍ରଦେଶର କାନପୁରଠାରେ ଅନୁଷ୍ଠିତ ଉକ୍ତ ପ୍ରଦର୍ଶନୀରେ ସୋନାଲୀଙ୍କୁ ମିଳିଛି ଏହି ସଫଳତା। ଏହା ପୂର୍ବରୁ ପୂର୍ବଭାରତ ବିଜ୍ଞାନ ପ୍ରଦର୍ଶନୀରେ ମଧ୍ୟ ତାଙ୍କର ଏହି ପ୍ରକଳ୍ପ ପ୍ରଥମସ୍ଥାନ ଅଧିକାର କରିଥିଲା।

- ପ୍ରଦୂଷଣ ନିୟନ୍ତ୍ରଣ ପ୍ରକଳ୍ପକୁ ଦ୍ୱିତୀୟ ସ୍ଥାନ
- ସବୁଆଡୁ ଶୁଭେଚ୍ଛାର ସୁଅ

ସୋନାଲୀ ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୁକ୍ତ ୨ ବିଜ୍ଞାନର ପ୍ରଥମବର୍ଷ ଛାତ୍ରୀ। ତାଙ୍କ ପୈତୃକ ଘର ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ପାଇକ ପୁରୁଣାକୋଟ ପଞ୍ଚାୟତର ନରହରିପୁର ଶାସନ। ବାପା ପ୍ରକାଶ ମିଶ୍ର ଅନୁଗୋଳର ଏକ ଘରୋଇ କମ୍ପାନୀରେ କାର୍ଯ୍ୟକରୁଥିବାରୁ ମା' ମମତା ମିଶ୍ର ଓ ସାନ ଭାଇଙ୍କ ସହ ସେ ଅନୁଗୋଳର ହାତୀଶାଳପଡ଼ାରେ ରହୁଛନ୍ତି। ତାଙ୍କଦ୍ୱାରା ନିର୍ମିତ ଉକ୍ତ ପ୍ରକଳ୍ପ ମୁଖ୍ୟତଃ ଯାନବାହନ ଦ୍ୱାରା ହେଉଥିବା ପ୍ରଦୂଷଣକୁ ରୋକିପାରିବ ବୋଲି ସୋନାଲୀ ଦାବି କରିଛନ୍ତି। ସେ କହିଛନ୍ତି, ପ୍ରଦୂଷଣ ସମସ୍ୟାକୁ କିପରି ଅତି ସହଜରେ ଓ ସ୍ୱଳ୍ପଖର୍ଚ୍ଚରେ ନିୟନ୍ତ୍ରଣ କରାଯିବ ତାହାକୁ ନେଇ ଚିନ୍ତା କରିଥିଲେ। ସ୍କୁଲର ବିଜ୍ଞାନ ଶିକ୍ଷକଙ୍କ ସାହାଯ୍ୟ ନେଇ ନିଜ ଜ୍ଞାନକୌଶଳ ସହାୟତାରେ ସେ ଉକ୍ତ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ତାଙ୍କ ଦ୍ୱାରା ନିର୍ମିତ ମେଶିନ୍ ରାସ୍ତା ପାର୍ଶ୍ୱରେ ସମ୍ପୂର୍ଣ୍ଣ ସୋଲାର ସିଷ୍ଟମରେ ଚାଲିବ। ଯାନବାହନ ଦ୍ୱାରା ହେଉଥିବା ପ୍ରଦୂଷଣକୁ ତାହା ଶୋଷିନେଇ ସେଠାରେ ପାଣିରେ ମିଶାଇବ। ପରେ ଉକ୍ତ ପାଣିକୁ ମଶାମାରିବା କାର୍ଯ୍ୟରେ ବ୍ୟବହାର କରାଯିବ। ଯୁବ ବୈଜ୍ଞାନିକ ଭାବେ ପୁରସ୍କୃତ ହେବା ନେଇ ସେ ବେଶ୍ ଖୁସି ଅଛନ୍ତି। ତାଙ୍କର ଏହି ସଫଳତା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପରିବାର ଲୋକଙ୍କ ନିକଟକୁ ଅନେକ ଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି। ତାଙ୍କ ମଡେଲକୁ ସରକାରୀ କିମ୍ବା ଶିଳ୍ପ ସଂସ୍ଥାଗୁଡିକ ବ୍ୟବହାର କରି ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ କାର୍ଯ୍ୟ କରିବେ ବୋଲି ସୋନାଲୀ ଆଶା ରଖିଛନ୍ତି।

# ଏମ୍ଏମ୍ଡିଆର୍ ଆକ୍ଟ , କୋଲ ମାଇନ୍ସ ନିୟମ ପରିବର୍ତ୍ତନକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ, ୮।୧:** ମାଇନ୍ସ ଆଣ୍ଡ ମିନେରାଲ୍ସ ଡେଭଲପମେଣ୍ଟ ରେଗୁଲେସନ ଆକ୍ଟ (ଏମ୍ଏମ୍ଡିଆର୍) ଏବଂ କୋଲ୍ ମାଇନ୍ସ (ସ୍ପେଶିଆଲ ପ୍ରୋଭିଜନ) ନିୟମରେ ପରିବର୍ତ୍ତନକୁ କେନ୍ଦ୍ର କ୍ୟାବିନେଟ ବୈଠକରେ ମଞ୍ଜୁରୀ କରାଯାଇଛି। ଏହା ଦ୍ୱାରା କୋଇଲା କ୍ଷେତ୍ରରେ ପୁଞ୍ଜି ନିବେଶ ଏବଂ କୋଇଲା ଉତ୍ପାଦନ ବୃଦ୍ଧି ଲାଗି ବ୍ୟବସ୍ଥାକୁ ସରଳୀକରଣ କରାଯାଇଛି। କୋଇଲା କ୍ଷେତ୍ରରେ ବିଦେଶୀ ନିବେଶ କଟକଣାକୁ ମଧ୍ୟ ହଟାଯାଇଛି। ଏହି ନିୟମ ଦ୍ୱାରା କୋଲ୍ ବ୍ଲକ ଆବଣ୍ଟନରେ ସୁବିଧା ହେବ। ସେହିଭଳି ବାଣିଜ୍ୟିକ କୋଇଲା ଅଧିକ ମାତ୍ରାରେ ଉତ୍ପାଦନ କରାଯାଇ ପାରିବ। ଇନ୍ଦ୍ରଧନୁଷ ଗ୍ୟାସ ଗ୍ରୀଡ ଲିମିଟେଡର ଉତ୍ତର ପୂର୍ବ ଗ୍ୟାସ ଗ୍ରୀଡ ପ୍ରକଳ୍ପକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଦେଶର ପୂର୍ବ ଭାଗରେ ଥିବା ୮ଟି ରାଜ୍ୟରେ ଗ୍ୟାସ୍ ଗ୍ରୀଡ ସ୍ଥାପନ କରାଯିବାର କ୍ୟାବିନେଟ ନିଷ୍ପତ୍ତି ହୋଇଛି। ଉକ୍ତ ପ୍ରକଳ୍ପ ଅଧୀନରେ ୧୬୫୬ କିମି ଗ୍ୟାସ ଗ୍ରୀଡରେ ୯,୨୬୫ କୋଟି ଟଙ୍କା ନିବେଶ ହେବ ବୋଲି ସୂଚନା ରହିଛି।

## ଡିହଡୋଳ ଫରେଷ୍ଟ ସେକ୍ସନରେ ଦନ୍ତା ଦୌରାତ୍ମ୍ୟ

# ଆକ୍ରମଣରେ ମାମୁ, ଭାଣିଜୀ ସମେତ ୩ ଗୁରୁତର

ପରଜଙ୍ଗ, ୮।୧ (ଡି.ଏନ.ଏ.)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀ ଦୌରାତ୍ମ୍ୟ ଦେଖାଦେଇଛି। ଜନବସତିକୁ ପଶି ଆସିଥିବା ଏକ ଦନ୍ତା ହିଂସ୍ର ଆଚରଣ କରୁଛି। ଆମ୍ବପଳାସ ଗ୍ରାମ ଯୋଗୀସାହିରେ ବୁଧବାର ହାତୀ ଆକ୍ରମଣରେ ଟୁନା ନାଥ (୨୧) ଏବଂ ତାଙ୍କ ଭାଣିଜୀ ମାମାଲି ନାଥ (୧୨) ଗୁରୁତର ହୋଇଛନ୍ତି। ଅନୁରୂପ ଭାବେ ବରକଟା ଗ୍ରାମରେ ହାତୀ ଯୁବକଙ୍କୁ ଶୁଣ୍ଢରେ କଚାଡ଼ି ଜଖମ କରିଛି।

ଗ୍ରାମର ଗନ୍ଧର୍ବ ନାଥଙ୍କ ପରିବାରର ୭ଜଣ ସଦସ୍ୟ ଧାନ ଅମଳ କରୁଥିଲେ। ଏହି ସମୟରେ ଉକ୍ତ ହାତୀ ହଠାତ୍ ଖଳାକୁ ପଶି ଆସି ଟୁନା ଏବଂ ମାମାଲିଙ୍କୁ ଶୁଣ୍ଢରେ ଧରି ଫିଙ୍ଗି ଦେଇଥିଲା। ଗନ୍ଧର୍ବଙ୍କ ସ୍ତ୍ରୀ ବିଜୁଳି ନାଥ, ଝିଅ ବବିତା, ଜ୍ୱାଇଁ ଯୁଧିଷ୍ଠିର, ଅଶ୍ୱିନୀ ଏବଂ ହରିହର ଦୌଡ଼ି ପଳାଉଥିବାବେଳେ ଖସିପଡ଼ି ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଟୁନା ଏବଂ ମାମାଲିଙ୍କୁ କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଛି। ଡାକ୍ତରଖାନାରେ ମହାବିରୋଡ଼ ରେଞ୍ଜର ସୁବ୍ରତ ବେହେରା, ଫରେଷ୍ଟର ଶଶିରେଖା ଦିୱାନୀ ପହଞ୍ଚି ଆହତଙ୍କ ଚିକିତ୍ସା ଲାଗି ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଚିକିତ୍ସା ସଂକ୍ରାନ୍ତ ବିଲ୍ ପ୍ରଦାନ କଲେ ଅଧିକ କ୍ଷତିପୂରଣ ଦିଆଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।

ସେହିପରି ସନ୍ଧ୍ୟା ପ୍ରାୟ ୭ଟା ୪୫ରେ ବରକଟା ଗ୍ରାମରେ ଉକ୍ତ ଦନ୍ତା ପଶି ୩ ପରିବାର ଘର ଭାଙ୍ଗି ଦେଇଛି। ବନ କର୍ମଚାରୀ ପହଞ୍ଚି ହାତୀ ଘଉଡ଼ାଉଥିବାବେଳେ ଦନ୍ତା ବୁଲିପଡ଼ି ଗ୍ରାମର ରତନା ଡେଙ୍ଗ୍ରା (୩୦)ଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ତାଙ୍କ ଅଣ୍ଟା ଏବଂ ବେକରେ ଆଘାତ ଲାଗିଛି। ଦନ୍ତା କବଳରୁ ରକ୍ଷା ପାଇବାକୁ ଦୌଡ଼ି ପଳାଉଥିବାବେଳେ ହରିଶ କୁଲି ଖସିପଡ଼ି ଆହତ ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

- ଗାଁରେ ପଶି ଘର ଭାଙ୍ଗିଲା
- ବଢୁଛି ହିଂସ୍ର ଆଚରଣ
- ମାରିବାକୁ ଗୋଡ଼ାଉଛି

ପଲରୁ ବାହାରିଥିବା ଉକ୍ତ ଦନ୍ତାହାତୀ ପରଜଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମରେ ଉପଦ୍ରବ ସୃଷ୍ଟି କରି ଚାଲିଛି। ଦିନକୁ ଦିନ ହାତୀର ହିଂସ୍ର ଆଚରଣ ବଢ଼ିବାରେ ଲାଗିଛି। ଲୋକ ଦେଖିଲେ ମାରିବାକୁ ଗୋଡ଼ାଉଛି। ଧାନ ଅମଳ ସରିଥିବାରୁ ହାତୀ ଏବେ ଗାଁ ମୁହାଁ ହେଉଛି। ଏହାକୁ ନେଇ ଅଞ୍ଚଳରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ମହାବିରୋଡ ରେଞ୍ଜରେ ବନ ବିଭାଗ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

# ୩ ଦିନ ଧରି ହେବ ସାତକୋଶିଆରେ କୁମ୍ଭୀର ଗଣନା

ଗଣିଆ,୮।୧(ଡି.ଏନ.ଏ.)

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡ ଓ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ପ୍ରତିବର୍ଷ ପରି ଚଳିତ ବର୍ଷ ଆସନ୍ତା ୯ ତାରିଖରୁ କୁମ୍ଭୀର ଗଣନା କାର୍ଯ୍ୟ ଆରମ୍ଭ ହେଉଛି । ଏହି ଗଣନା କାର୍ଯ୍ୟ ୯,୧୦,୧୧ ତାରିଖ ତିନିଦିନ ଧରି କରାଯିବ । ତେବେ ସାତକୋଶିଆରେ ୮ଟି ୟୁନିଟ ଓ ମହାନଦୀ ଡିଭିଜନରେ ୫ଟି ୟୁନିଟ କୁମ୍ଭୀର ଗଣନା କାର୍ଯ୍ୟ ପାଇଁ ନିୟୋଜିତ ହୋଇଥିବା ବନ୍ୟପ୍ରାଣୀ ବିଭାଗ ତରଫରୁ ସୂଚନା ମିଳିଛି । ପ୍ରତି ୟୁନିଟରେ ୨ଜଣ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଓ ୨ଜଣ ଲେଖାଁଏ ନାଉରିଆ ଥିବାବେଳେ ଗୋଟିଏ ଲେଖାଏଁ ଦେଶୀଡଙ୍ଗା ନିୟୋଜିତ କରାଯାଇଛି । ମହାନଦୀ ଅବବାହିକାର ନୟାଗଡ ଜିଲା ଗଣିଆ ବ୍ଲକ ମଣିଭଦ୍ରା କଳାପାଟ ପୀଠଠାରୁ ବଡ଼ମୂଳ, ବଡମୂଳଠାରୁ କୁତୁରୀ, କୁତୁରୀଠାରୁ ମାରଡା,ବୌଦ୍ଧ ଜିଲାର ମାରଡାଠାରୁ ଶୀତଳପାଣି ଓ ଶୀତଳପାଣିଠାରୁ ହରଭଙ୍ଗା ପର୍ଯ୍ୟନ୍ତ ଏବଂ ବିଭିନ୍ନ ଜଳାଶୟଗୁଡିକରେ ଏହି ଗଣନା କାର୍ଯ୍ୟ କରାଯିବ। ଏହି ଗଣନା ସମୟରେ କୁମ୍ଭୀରକୁ ସିଧାସଳଖ ଦେଖିବା ସହ କୁମ୍ଭୀର ଘୋଷରା ଚିହ୍ନକୁ ଅନୁଧ୍ୟାନ କରି ଗଣନା କରାଯାଉଥିବା ନୟାଗଡ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଏସିଏଫ୍ ବିଜୟ କୁମାର ମହାନ୍ତି କହିଛନ୍ତି । ଏହି ୩ଦିନ ଧରି ମହାନଦୀରେ ନୌକାଚାଳନା,ମାଛ ଧରିବା ଓ ପର୍ଯ୍ୟଟକଙ୍କ ନୌକାବିହାର କାର୍ଯ୍ୟକୁ କଡାକଡି ଭାବେ ନିଷେଧ କରାଯାଇଥିବା ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଅଶୋକ ଦାସ ସୂଚନା ଦେଇଛନ୍ତି । ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ଛାମୁଣ୍ଡିଆ,କୁଶଙ୍ଗ ବନାଞ୍ଚଳର ମହାନଦୀ ଅବବାହିକାରେ ଥିବା ସମସ୍ତ ବିଟ୍‌ଗୁଡିକର ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

FINANCE

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ–2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

ASTROLOGY

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

KUBER FINANCE
Kuber ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ ।
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
7056393742

BUSINESS

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲକ୍ଷ୍ମୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୧% ସୁଧରେ ଘରେ ବସି ପାଆନ୍ତୁ (All Odisha)।
ମହିଳା ଓ ଚାଷୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
Neha - 7587695952,
Mansi - 9977126495,
Vedika - 7773046066,
Riya - 9630505047,
Priya - 8269113958,
Anju - 7509661004

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/–ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

## ପ୍ରଥମ ପୃଷ୍ଠାରୁ...

### ରିପୋର୍ଟ ଅସମ୍ପୂର୍ଣ୍ଣ, ଅସନ୍ତୋଷ ...

ସମ୍ପର୍କରେ ତର୍ଜମା କରି ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଆମିକସ୍ କ୍ୟୁରିଙ୍କୁ ନିର୍ଦ୍ଦେଶ ହୋଇଛି। ଆମିକସ୍ କ୍ୟୁରିଙ୍କ ନୋଟ୍ ଆଧାରରେ ଶ୍ରୀମନ୍ଦିର ପ୍ରଶାସନ ଅତିରିକ୍ତ ସତ୍ୟପାଠ ମାଧ୍ୟମରେ ଏହି ରିପୋର୍ଟ ଦାଖଲ କରିବ।

ଅନ୍ୟପକ୍ଷରେ ଶୁଣାଣି ବେଳେ ଇଣ୍ଟରକଣ୍ଟିନେଣ୍ଟାଲ ଅସୋସିଏଶନ ଅଫ ଲୟର୍ସ ପକ୍ଷରୁ ଓକିଲ ଦେବାଶିଷ ମିଶ୍ର ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ବିଭିନ୍ନ ପଦକ୍ଷେପକୁ ବିରୋଧ କରିବା ସହ କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁପାଳନ କରାଯାଇନାହିଁ ବୋଲି କହିଥିଲେ। ବିଶେଷ କରି ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ହୋଇ ନ ଥିବା ଦର୍ଶାଇଥିଲେ। ଅପରପକ୍ଷରେ ଅଦାଲତ ଅବମାନନା ନେଇ ଯଦି କିଛି ଆପତ୍ତି ଥାଏ ତେବେ ୪ ସପ୍ତାହ ମଧ୍ୟରେ ଆବେଦନ କରିବାକୁ ମିଶ୍ରଙ୍କୁ ଖଣ୍ଡପୀଠ କହିଥିଲେ।

ସୁପ୍ରିମକୋର୍ଟରେ ଦାଖଲ ଅସମ୍ପୂର୍ଣ୍ଣ ରିପୋର୍ଟକୁ ନେଇ ଆପତ୍ତି ଉଠାଇଛନ୍ତି ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର। ସେ କହିଛନ୍ତି, ମହାପ୍ରଭୁଙ୍କର ଓଡ଼ିଶାରେ କେତେ, ଓଡ଼ିଶା ବାହାରେ କେତେ ଏବଂ ଖାତା ଓ ପ୍ଲଟ ନମ୍ବର କ'ଣ ଯଦି ତାହା ସୁପ୍ରିମ୍‌କୋର୍ଟଙ୍କୁ ଦିଆଯାଇଥାନ୍ତା ତେବେ ତାହା ନିଶ୍ଚିତ ଭାବେ ଗ୍ରହଣ ହୋଇଥାନ୍ତା। ସେହିପରି ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ସେବାୟତଙ୍କ କଲ୍ୟାଣ ସଂକ୍ରାନ୍ତରେ ରିପୋର୍ଟରେ କିଛି ଉଲ୍ଲେଖ କରାଯାଇ ନାହିଁ। ତେଣୁ ଏ ନେଇ ସେ ଆମିକସ୍ କ୍ୟୁରିଙ୍କ ପ୍ରତିନିଧି ପ୍ରିୟା ହିଙ୍ଗୋରାନୀଙ୍କୁ ଜଣାଇଛନ୍ତି। ସେବାୟତଙ୍କ କଲ୍ୟାଣ କ'ଣ କରାଯାଇପାରିବ ୨ ସପ୍ତାହ ମଧ୍ୟରେ ଲିଖିତ ଭାବେ ଦେଲେ ସେ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇବେ ବୋଲି ହିଙ୍ଗୋରାନୀ କହିଥିବା ବିନାୟକ ସୂଚନା ଦେଇଛନ୍ତି।

### ଆମେରିକାକୁ ...

ସୈନ୍ୟଙ୍କ ପ୍ରାଣହାନି ଘଟିନାହିଁ। ଆମ ସୈନ୍ୟ ଜବାବ ଦେବା ପାଇଁ ସବୁବେଳେ ପ୍ରସ୍ତୁତ ବୋଲି ଟ୍ରମ୍ପ ଦୃଢ଼ୋକ୍ତି ବାଢ଼ିଛନ୍ତି। ଅନ୍ୟପକ୍ଷରେ ଆମେରିକା ଓ ଇରାନର ଆକ୍ରମଣ-ପ୍ରତିଆକ୍ରମଣକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ସମୁଦାୟର ଚିନ୍ତା ବଢ଼ିଯାଇଛି।

ଜେନେରାଲ ସୋଲେମାନୀଙ୍କ ହତ୍ୟାରେ ଜର୍ଜରିତ ଇରାନ ତାଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ଆମେରିକାର ଦୁଇଟି ସେନା ଘାଟି ଉପରେ ମଙ୍ଗଳବାର ରାତିଅଧିଆ ଆକ୍ରମଣ କରିଥିଲା। ଅକାଶମାର୍ଗରୁ ଇରାନର ତୁହାକୁ ତୁହା ବାଲିଷ୍ଟିକ୍ ମିଶାଇଲ ମାଡ଼ ଫଳରେ ଇରାକର ଅଲ-ଅସାଦ୍ ଓ ଏର୍‌ବିଲ୍‌ରେ ଥିବା ଆମେରିକାର ଦୁଇଟି ସେନା ଶିବିର ଧ୍ୱସ୍ତବିଧ୍ୱସ୍ତ ହୋଇଗଲା। ଏହାସହ କେତେକ ଡ୍ରୋନ, ହେଲିକପ୍ଟର ଓ ଅନ୍ୟ ସାମରିକ ଉପକରଣ ନଷ୍ଟଭ୍ରଷ୍ଟ ହୋଇଗଲା। ଏହାକୁ ନେଇ ଇରାନର ରିଭୋଲ୍ୟୁଶନାରୀ ଗାର୍ଡ କହିଛି, କ୍ଷେପଣାସ୍ତ୍ର ମାଡ଼ରେ ଆମେରିକାର ୮୦ ଆତଙ୍କବାଦୀ ନିହତ ହୋଇଛନ୍ତି। ଆମେ ସମ୍ପୃକ୍ତ କ୍ଷେତ୍ରରେ ଆମେରିକା ଓ ଏହାର ସହଯୋଗୀଙ୍କ ଅନ୍ୟୁନ ୧୪୦ଟି ସ୍ଥାନ ଚିହ୍ନଟ କରିଛୁ। ଆମେରିକୀୟମାନେ ପୁନର୍ବାର କୌଣସି ଭୁଲ କଲେ ଏହିସବୁ ସ୍ଥାନରେ ଆକ୍ରମଣ କରିବୁ। ୨୨ ମିଶାଇଲ ମଧ୍ୟରୁ ୧୫ଟି କେବଳ ଏଇନ୍ ଅଲ୍-ଅସାଦ ଘାଟିରେ ମାଡ଼ କରାଯାଇଥିଲା ଏବଂ ଆମେରିକାର ଆତଙ୍କବାଦୀ ସେନାର ରାଡାର ଏହାକୁ ଧରିପାରି ନ ଥିଲା। ଏହି ଆକ୍ରମଣ ଜେନୋରାଲ ସୋଲେମାନୀଙ୍କ ହତ୍ୟାର ପ୍ରଥମ ପ୍ରତିଶୋଧ ବୋଲି ଇରାନର ସରକାରୀ ଟିଭି ଚ୍ୟାନେଲ କହିଛି। ଅନ୍ୟପକ୍ଷରେ କେତେ କ'ଣ କ୍ଷୟକ୍ଷତି ହୋଇଛି ସେନେଇ ଆକଳନ କରାଯାଉଛି ବୋଲି ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ କହିଛି। ଇରାକରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀମାନଙ୍କୁ ନିପାତ କରିବାରେ ସ୍ଥାନୀୟ ସୈନ୍ୟଙ୍କୁ ସହଯୋଗ କରିବା ପାଇଁ ୪ ବର୍ଷ ତଳେ ଆମେରିକା ସେନା ପଠାଇଥିଲା। ବର୍ତ୍ତମାନ ଇରାକରେ ଆମେରିକାର ୫,୦୦୦ ସୈନ୍ୟ ଥିବାବେଳେ ସେମାନଙ୍କୁ ସ୍ୱଦେଶକୁ ଫେରିଯିବା ପାଇଁ ଇରାକ କହିସାରିଛି। ସଦ୍ୟ ଆକ୍ରମଣକୁ ନେଇ ଇରାକ ସେନା କହିଛି ଯେ, ୨୨ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିବା ଶିବିରରେ ଆମେରିକାର ସୈନ୍ୟ ରହୁଥିଲେ। ଏଥିରେ ଇରାକ ସେନାର କେହି ଜଣେ ହେଲେ ମରିନାହାନ୍ତି।

ପ୍ରକାଶ ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ବାଗଦାଦସ୍ଥିତ ବିମାନବନ୍ଦରରେ ଆମେରିକୀୟ ସେନା ଶୁକ୍ରବାର ଏୟାର ଷ୍ଟ୍ରାଇକ୍ କରିଥିଲା। ଶକ୍ତିଶାଳୀ ରିଭୋଲ୍ୟୁଶନାରୀ ଗାର୍ଡସ କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କୁ ହତ୍ୟାକରିବା ଥିଲା ଏହି ଅପରେଶନର ଲକ୍ଷ୍ୟ, ଯାହାକି ପୂରଣ ହୋଇଥିଲା। ସୋଲେମାନୀଙ୍କ ସହ ତାଙ୍କ ସେନାର ଆଉ କେତେଜଣ ଅଧିକାରୀ ମଧ୍ୟ ଆମେରିକାର ରକେଟ ମାଡ଼ରେ ନିହତ ହୋଇଥିଲେ। ଏହାକୁ ନେଇ ଦୁଇଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାବେଳେ ଇରାନ ଏପରି ଢଙ୍ଗରେ ଜବାବ ଦେଇଛି। ଆକ୍ରମଣର କିଛି ସମୟ ପରେ ଟ୍ରମ୍ପ ଟୁଇଟ କରିଛନ୍ତି, ଅଲ୍ ଇଜ୍ ୱେଲ। କେତେ କ୍ଷୟକ୍ଷତି ହୋଇଛି ତା'ର ଆକଳନ ଚାଲିଛି। ଆମ ପାଖରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ଓ ଯୁଦ୍ଧାସ୍ତ୍ର ସମ୍ପନ୍ନ ସାମରିକ ବଳ ରହିଛି। ସେପଟେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଖାମିନି ମଧ୍ୟ ଏହାକୁ ଆମେରିକା ଗାଲରେ ଏକ ଚାପୁଡ଼ା ବୋଲି ସରକାରୀ ଟିଭି ଚ୍ୟାନେଲରେ ଜାତି ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ କହିଛନ୍ତି।

### ଧର୍ମଘଟ ଶାନ୍ତିପୂର୍ଣ୍ଣ....

ପ୍ରଭାବିତ ହୋଇଥିଲା। ତେବେ ଅପରାହ୍ନକୁ ଦୋକାନ ବଜାର ଖୋଲି ଯାଇଥିଲା। ମାତ୍ର ବସ୍ ଚଳାଚଳ ସ୍ୱାଭାବିକ ହୋଇ ପାରି ନ ଥିଲା। କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡ଼ିଛି। ବ୍ୟାଙ୍କ କର୍ମଚାରୀ ସଂଘ ଏହି ଧର୍ମଘଟରେ ସାମିଲ ହୋଇଥିବାରୁ ବ୍ୟାଙ୍କଗୁଡ଼ିକ ବନ୍ଦ ରହିଥିଲା। ତେବେ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରିକାଳୀନ ସେବାକୁ ଏହି ଧର୍ମଘଟରୁ ବାଦ୍ ଦିଆଯାଇଥିଲା।

ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରାଜ୍ୟରେ ପର୍ଯ୍ୟାପ୍ତ ସୁରକ୍ଷା ବନ୍ଦୋବସ୍ତ କରିଥିଲେ। ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ, ବିଭାଗୀୟ ମୁଖ୍ୟ ଦପ୍ତରରେ କାର୍ଯ୍ୟରତ କର୍ମଚାରୀମାନେ ସକାଳ ୯ଟା ୩୦ ମିନିଟ ପୂର୍ବରୁ କାର୍ଯ୍ୟାଳୟକୁ ଆସିଥିଲେ। ମନ୍ତ୍ରୀମାନେ ମଧ୍ୟ ସେମାନଙ୍କ ଦପ୍ତରକୁ ମୋଟରସାଇକେଲ, ପୋଲିସ ଗାଡ଼ିରେ ଆସିଥିଲେ। ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୋଟରସାଇକେଲରେ ଲୋକସେବା ଭବନକୁ ଆସିଥିଲେ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ନିଜ କ୍ୱାର୍ଟର୍ସରୁ ଚାଲି ଚାଲି ସଚିବାଳୟକୁ ଆସିଥିବା ବେଳେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କିଛି ବାଟ ଚାଲିବା ପରେ ପୋଲିସ ଗାଡ଼ିରେ ଲୋକସେବା ଭବନକୁ ଆସିଥିଲେ। କର୍ମଚାରୀମାନେ ଆସିବା ପରେ ଲୋକସେବା ଭବନର ଦୁଇଟି ଗେଟ୍‌କୁ ବନ୍ଦ କରି ଦିଆଯାଇଥିଲା। ମୁଖ୍ୟ ଗେଟ୍ ଏବଂ ପଛପଟ ଗେଟ୍ ଦେଇ କର୍ମଚାରୀମାନେ ଯିବା ଆସିବା କରିଥିଲେ। କାର୍ଯ୍ୟାଳୟଗୁଡ଼ିକରେ କର୍ମଚାରୀମାନଙ୍କର ମଧ୍ୟ ଉପସ୍ଥାନ ଭଲ ରହିଥିଲା। ଏହି ବନ୍ଦ ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଥିଲା।

ଧର୍ମଘଟକୁ କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇ ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇଥିଲା। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନଠାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏହି ବନ୍ଦରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି, ସିପିଆଇ, ସିପିଆଇ(ଏମ୍), ସିପିଆଇ (ଏମ୍‌ଏଲ) ପକ୍ଷରୁ ଭୁବନେଶ୍ୱର ସମେତ ରାଜ୍ୟର ଅନେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶିଳ୍ପାଞ୍ଚଳରେ ଧର୍ମଘଟର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା। ପାରାଦୀପ ସମେତ ରାଉରକେଲା, କଳୁଙ୍ଗା, ବେଦବ୍ୟାସ, ସୁନ୍ଦରଗଡ, କେନ୍ଦୁଝର, କଳିଙ୍ଗନଗର ଆଦି ସ୍ଥାନରେ ସିଆଇଟିୟୁ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଭୁବନେଶ୍ୱର ରାଜମହଲ ଛକରୁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡିକର ଏକ ଶୋଭାଯାତ୍ରା ମହାତ୍ମା ଗାନ୍ଧୀ ମାର୍ଗ ଯାଏ ଯାଇଥିଲା। ସିଆଇଟିୟୁର ରାଜ୍ୟ କମିଟିର ସଭାପତି ଜନାର୍ଦ୍ଦନ ପତି, ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ରାଜ୍ୟ ସମ୍ପାଦକ ରମେଶ ଜେନା, ରାଜ୍ୟ କୋଷାଧ୍ୟକ୍ଷ ଦୁଷ୍ମନ୍ତ ଦାସ, ରାଜ୍ୟ ଉପସଭାପତି ନବ କିଶୋର ମହାନ୍ତି, ଭୁବନେଶ୍ୱର ଜିଲା ସମ୍ପାଦକ ସୁରେଶ କୁମାର ରାଉତରାୟ, କୋଷାଧ୍ୟକ୍ଷ ବିକ୍ରମ ନାୟକ ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଭୁବନେଶ୍ୱରରେ ବୀମା, ବ୍ୟାଙ୍କ, ରେଲୱେ, ନାଲ୍‌କୋ, ସମସ୍ତ ତୈଳ କମ୍ପାନୀ, ବିଏସ୍‌ଏନ୍‌ଏଲ୍, ରିଜର୍ଭ ବ୍ୟାଙ୍କ, ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମୁଖରେ ଟ୍ରେଡ୍ ୟୁନିୟନ କର୍ମକର୍ତ୍ତା ଧାରଣା ଦେଇଥିଲେ। ଏହି ଧର୍ମଘଟରେ ସିପିଆଇ ଭୁବନେଶ୍ୱର ଜିଲା କମିଟି, ଓଡ଼ିଶା କୃଷକ ସଭା, ଓଡ଼ିଶା କ୍ଷେତ ମଜଦୁର ୟୁନିୟନ, ଏଆଇଡବ୍ଲ୍ୟୁଏ, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ, ଓଡ଼ିଶା ଦଳିତ ଶୋଷଣ ମୁକ୍ତି ମଞ୍ଚ ଏବଂ ଓଡ଼ିଶା ବସ୍ତି ବାସିନ୍ଦା ସାମିଲ ହୋଇଥିଲେ। ବିଭିନ୍ନ ସଂଗଠନଗୁଡ଼ିକର ପ୍ରାୟ ୧୨୫୦ କର୍ମୀଙ୍କୁ ପିକେଟିଂ କରୁଥିବା ସମୟରେ ପୋଲିସ ଗିରଫ କରିଥିଲା। ଧର୍ମଘଟକୁ ସଫଳ କରିଥିବାରୁ ସମସ୍ତ ଟ୍ରେଡ ୟୁନିୟନଗୁଡ଼ିକର କର୍ମକର୍ତ୍ତାଙ୍କୁ ସିପିଆଇ(ଏମ୍)ର ସମ୍ପାଦକ ଅଲି କିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଛନ୍ତି। ଏଆଇସିସିଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା, କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ସେଠୀ, ସିପିଆଇ (ଏମ୍‌ଏଲ) ଲିବରେଶନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ପରିକ୍ରମା କରାଯିବା ସହ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତିକୁ ପ୍ରତିବାଦ କରାଯାଇଥିଲା।

# ଦାରିଙ୍ଗବାଡ଼ିରେ ଶୀତ ଉତ୍ସବ

**ଦାରିଙ୍ଗବାଡ଼ି,୮।୧(ଡି.ଏନ୍.ଏ.)**



ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିଠାରେ ଶୀତ ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବର ଆବାହକ ତଥା ଅଧ୍ୟକ୍ଷ ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀର ବିଧାୟକ ସାଲୁଗା ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ବୌଦ୍ଧ ଜିଲାର ଗାନ୍ଧିକ ତଥା ଶିକ୍ଷାବିତ୍ ଇଂ. ସଞ୍ଜୟ କୁମାର ପଣ୍ଡା, ପୂର୍ବତନ ମନ୍ତ୍ରୀ ତଥା ବଡ଼ମ୍ବା ବିଧାୟକ ଦେବୀ ମିଶ୍ର, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲାର ବିଭିନ୍ନ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୀତ ଉତ୍ସବରେ ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁବେନ୍ତୀ ପ୍ରଧାନ, ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଜ୍ୟୋତିରାଜ ପ୍ରଧାନ, କାଳୀପ୍ରସାଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭୁବନେଶ୍ୱରରୁ ଆସିଥିବା କଳାକାର ପ୍ରିୟବ୍ରତ ପଣ୍ଡା, ଐଶ୍ୱର୍ଯ୍ୟା ବେହେରା। ବ୍ୟଙ୍ଗକବି ରବୀନ୍ଦ୍ର ରାଉତ, ସତ୍ୟବ୍ରତ ପାଣିଗ୍ରାହି, ଟିଭି କଳାକାର ଜଗା ପଣ୍ଡା ପ୍ରମୁଖ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଏହି ଅବସରରେ ସ୍ମରଣିକା 'ହିମକନ୍ୟା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

### ୭ ଦେଶର ...

ବିମାନବନ୍ଦରରୁ ବୁଧବାର ସକାଳ ୬ଟାରେ ଉଡାଣ କରିଥିଲା। ଏହାର ମାତ୍ର ଦୁଇମିନିଟ ପରେ ବିମାନଟି ରାଡାରରୁ ଉଭାନ ହୋଇଯାଇଥିଲା। କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ ବିଚ୍ଛିନ୍ନ ହେବାର କିଛି ସମୟ ପରେ ଶାହରିଆର କାଉଣ୍ଟିସ୍ଥିତ ଖଲଜ୍‌ର ଏକ ଚାଷଜମିରେ ବିମାନ ଖସିପଡ଼ିଥିଲା। ବିମାନ ଉଡାଣ କରିଥିବା ବିମାନବନ୍ଦରରୁ ଦୁର୍ଘଟଣାସ୍ଥଳର ଦୂରତା ହେଉଛି ୪୫ କି.ମି.। ଉଭୟ ଇରାନ ଓ ୟୁକ୍ରେନର ଅଧିକାରୀଙ୍କ ମତରେ ବିମାନର ସମସ୍ତ ଯାତ୍ରୀ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ୟୁକ୍ରେନ ବାହାର ଲୋକ। ଇରାନର ୮୨ ଓ କାନାଡାର ୬୩ ଜଣ ଏଥିରେ ପ୍ରାଣ ହରାଇଛନ୍ତି। ସେହିପରି ସ୍ୱିଡେନର ୧୦, ଆଫଗାନିସ୍ତାନର ୪, ଜର୍ମାନୀର ୩, ଓ ବ୍ରିଟେନର ୩ ଜଣଙ୍କ ଜୀବନ ଯାଇଛି। ୯ ବିମାନ କର୍ମଚାରୀଙ୍କ ସମେତ ୧୧ ଜଣ ହେଉଛନ୍ତି ୟୁକ୍ରେନ ବାସିନ୍ଦା। ଅନ୍ୟପକ୍ଷରେ ଇରାନର ୮୨ ମୃତକଙ୍କ ମଧ୍ୟରେ ୧୫ ଜଣ ଛାତ୍ରୀଛାତ୍ର ଥିଲେ ବୋଲି ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ ବିମାନ ୨୦୧୬ରେ ନିର୍ମିତ ହୋଇଥିଲା ଏବଂ ବୋଇଙ୍ଗ୍ ଫ୍ୟାକ୍ଟ୍ରିରେ ଦୁଇଦିନ ତଳେ ଏହାକୁ ଯାଞ୍ଚ କରାଯାଇଥିଲା ବୋଲି ୟୁକ୍ରେନ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ଏହାସତ୍ତ୍ୱେ ବିମାନ କିପରି ଦୁର୍ଘଟଣାଗ୍ରସ୍ତ ହେଲା ସେନେଇ ତଦନ୍ତ ଚାଲିଛି। ଇତିମଧ୍ୟରେ ବିମାନର ବ୍ଲାକ୍ ବକ୍ସ ମିଳିଛି। ଇରାନ ଅଧିକାରୀମାନେ ବହୁ ତନାଘନା ପରେ ଏହାର ଦୁଇଟି ବ୍ଲାକ୍‌ବକ୍ସ ଠାବ କରିଛନ୍ତି। ତେବେ ଏହି ବ୍ଲାକ୍‌ବକ୍ସ ଦୁଇଟିକୁ ବୋଇଙ୍ଗ୍ ନିର୍ମାତା ଓ ଆମେରିକୀୟମାନଙ୍କୁ ଦିଆଯିବ ନାହିଁ ବୋଲି ଇରାନର ବେସାମରିକ ବିମାନ ଚଳାଚଳ ସଙ୍ଗଠନ ମୁଖ୍ୟ ଅଲି ଅବେଜାଦେ କହିଛନ୍ତି।

ପ୍ରକାଶ ଯେ, ଆମେରିକା-ଇରାନ ମଧ୍ୟରେ ବିବାଦ ଲାଗିରହିଥିବାବେଳେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଏଭଳି ସମୟରେ ଇରାକରେ ଥିବା ଆମେରିକୀୟ ସୈନ୍ୟଙ୍କ ଦୁଇଟି ଶିବିରକୁ ଇରାନ କ୍ଷେପଣାସ୍ତ୍ର ଆକ୍ରମଣ କରିବାର କିଛି ସମୟ ପରେ ୟୁକ୍ରେନର ଏହି ବିମାନ ଦୁର୍ଘଟଣା ଘଟିଛି। ବୋଇଙ୍ଗ୍-୭୩୭ ଦୁର୍ଘଟଣା ପଛରେ ଆମେରିକାର ହାତ ଥିବା ନେଇ କିଛି ସ୍ପଷ୍ଟ ହୋଇନାହିଁ। ତେଣୁ ଏହାକୁ ନେଇ କିଛି କଳ୍ପନାଜଳ୍ପନା ପ୍ରକାଶ ପାଇବା ଅନୁଚିତ ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କି ଚେତାବନୀ ଦେଇଛନ୍ତି। ଆମେରିକା ବିମାନ ଚଳାଚଳ କର୍ତ୍ତୃପକ୍ଷ କହିଛନ୍ତି, ଆମେରିକା-ପଞ୍ଜୀକୃତ ବିମାନଗୁଡ଼ିକର ଇରାକ, ଇରାନ ଏବଂ ଉପସାଗର ଆକାଶରେ ଉଡ଼ାଣ ଉପରେ ୱାଶିଂଟନ ପକ୍ଷରୁ କଟକଣା ଜାରି କରାଯାଇଛି। ସେହିପରି ଲୁଫ୍‌ଥାନ୍ସା ଓ ଏୟାର ଫ୍ରାନ୍ସ ମଧ୍ୟ ନିଜ ନିଜ ବିମାନଗୁଡ଼ିକୁ ଇରାକ-ଇରାନ ବାୟୁସୀମା ମଧ୍ୟକୁ ଛାଡ଼ିବା ବନ୍ଦ କରିଦେଇଛନ୍ତି।

### ରାଜ୍ୟରେ ବନ୍ଦ ହେବ ...

୧୫ କୋଟିଟଙ୍କା ଖର୍ଚ୍ଚ ହୋଇଛି। ସୂଚନା ଥାଉ କି, ୨୦୧୧ରେ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ଆରମ୍ଭ କରିଥିଲେ। ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ରୋଗୀଙ୍କୁ ଏହି ଯୋଜନାରୁ ଚିକିତ୍ସା ସହାୟତା ଯୋଗାଇ ଦେଉଛନ୍ତି।

ଯୋଜନାର ରୂପରେଖ ଅନୁଯାୟୀ, ଗ୍ରାମାଞ୍ଚଳରେ ଯେଉଁମାନଙ୍କର ବାର୍ଷିକ ଆୟ ୪୦ ହଜାର ଟଙ୍କାରୁ କମ୍ ଓ ସହରାଞ୍ଚଳରେ ୬୦ହଜାର ଟଙ୍କାରୁ କମ୍ ସେହିମାନଙ୍କୁ ଏହି ଯୋଜନାରୁ ସହାୟତା ମିଳୁଛି। ରାଜ୍ୟର ୩ଟି ମେଡିକାଲ କଲେଜ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି। ଏହା ବାଦ୍ ରାଜ୍ୟର ୧୪ଟି ଘରୋଇ ହସ୍ପିଟାଲ ସମେତ ରାଜ୍ୟ ବାହାରର ୬ଟି ଘରୋଇ ହସ୍ପିଟାଲ ସହିତ ସରକାର ଓଏସ୍‌ଟିଏଫ୍ ବାବଦରେ ଚୁକ୍ତି କରିଥିଲେ। କ୍ୟାନସର, କିଡ୍‌ନୀ, ଲିଭର, ହୃଦ୍‌ରୋଗୀମାନେ ଏହି ଯୋଜନାରେ ମାଗଣା ଚିକିତ୍ସା ପାଇପାରୁଥିଲେ। ସେମାନଙ୍କର ଚିକିତ୍ସା ପାଇଁ ଆବଶ୍ୟକ ଔଷଧ, ଉପକରଣ ସହବନ୍ଧିତ ଔଷଧ ଦୋକାନଗୁଡ଼ିକରୁ ଯୋଗାଇ ଦିଆଯାଉଥିଲା। ଏବେ ସରକାର ଓଏସ୍‌ଟିଏଫ୍‌କୁ ବିଏସ୍‌କେୱାଇ ସହିତ ମିଶାଇ ଦେବାକୁ ଯୋଜନା କରୁଛନ୍ତି। ମାତ୍ର ବିଏସ୍‌କେୱାଇ ଆରମ୍ଭ କରିବା ପୂର୍ବରୁ ଏହାର ଭିତ୍ତିଭୂମିକୁ ଅଦ୍ୟାବଧି ସୁଦୃଢ଼ କରାଯାଇନାହିଁ। ମୁଖ୍ୟତଃ ବିଏସ୍‌କେୱାଇର ଅନୁଭାଗଗୁଡ଼ିକୁ ଦେଖିଲେ ଏହି ଯୋଜନାରେ ରୋଗୀ ନିରାମୟ କେନ୍ଦ୍ରରୁ ଔଷଧ ଆଣିବାକୁ ଥିବାବେଳେ ସହାୟ ମାଧ୍ୟମରେ ଡାଏଲିସିସ୍ ଓ ନିଦାନ ମାଧ୍ୟମରେ ପରୀକ୍ଷା ନିରୀକ୍ଷା କରାଇବେ। ମାତ୍ର ନିରାମୟ ଯୋଜନାର ବିକଳ ଚିତ୍ର ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ନିରାମୟ ଯୋଜନାରେ ସରକାର ୫୧୨ ପ୍ରକାର ଅତ୍ୟାବଶ୍ୟକ ଔଷଧ ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ। ମାତ୍ର ନିରାମୟ କେନ୍ଦ୍ରଗୁଡ଼ିକରେ ସାଧାରଣ ଜ୍ୱର, ଝାଡ଼ା ଔଷଧ ବି ଉପଲବ୍ଧ ରହୁନି। ଏଭଳି ସ୍ଥିତିରେ ରୋଗୀ ନିରାମୟରୁ ଔଷଧ ନ ପାଇ ଘରୋଇ ଔଷଧ ଦୋକାନରୁ ଔଷଧ କିଣିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ଔଷଧ ଦୋକାନୀମାନେ ଲାଭବାନ ହେଉଛନ୍ତି। ସେହିପରି ବିଏସ୍‌କେୱାଇ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହେବା ଦ୍ୱାରା ରୋଗୀଙ୍କୁ ହୀନସ୍ତା ହେବାକୁ ପଡ଼ିବ ବୋଲି ମେଡିକାଲର କେତେଜଣ ବରିଷ୍ଠ ଡାକ୍ତର ମତ ଦେଇଛନ୍ତି। ଅନ୍ୟପକ୍ଷରେ ସରକାର ଓଏସ୍‌ଟିଏଫ୍‌କୁ ସରକାରୀ ମେଡିକାଲ ଓ ମେଡିକାଲ କଲେଜଗୁଡ଼ିକରେ ବନ୍ଦ କରି ଘରୋଇ ହସ୍ପିଟାଲଗୁଡ଼ିକରେ ଏହାକୁ ବଳବତ୍ତର ରଖିବା ଅନ୍ୟ ଏକ ପ୍ରଶ୍ନ ହୋଇଛି। ଘରୋଇ ହସ୍ପିଟାଲଗୁଡ଼ିକୁ ଲାଭ ପହଞ୍ଚାଇବା ପାଇଁ ଏଭଳି ଭିତିରି ବ୍ୟବସ୍ଥା ହୋଇଥିବା କେତେଜଣ ଡାକ୍ତର କହିଛନ୍ତି। ଉଦାହରଣ ସ୍ୱରୂପ, ଏସ୍‌ସିବିରେ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କଲେ ୨ରୁ ଅଢ଼େଇ ଲକ୍ଷ ଟଙ୍କା ଓଏସ୍‌ଟିଏଫ୍‌ରୁ ଖର୍ଚ୍ଚ ହେଉଥିବାବେଳେ ବାହାର ରାଜ୍ୟରେ (ଓଏସ୍‌ଟିଏଫ୍ ସୁବିଧା ଥିବା ହସ୍ପିଟାଲ)ରେ ଏହି ଖର୍ଚ୍ଚ ୧୫ ଲକ୍ଷ ହେଉଛି। ସେହିପରି ଓପନ ହାର୍ଟ ସର୍ଜରି ପାଇଁ ଏସ୍‌ସିବିରେ ଓଏସ୍‌ଟିଏଫ୍‌ରୁ ଅଢ଼େଇରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଘରୋଇ ହସ୍ପିଟାଲରେ ଏହି ପରିମାଣ ଢେର ଅଧିକ ରହୁଛି। କିନ୍ତୁ ଓଏସ୍‌ଟିଏଫ୍ ବନ୍ଦ ହେବା ଦ୍ୱାରା ରୋଗୀଙ୍କୁ ଔଷଧ ଯୋଗାଣରେ କୌଣସି ଅସୁବିଧା ଉପୁଜିବ ନାହିଁ। ସରକାରୀ ସହବନ୍ଧିତ ଔଷଧଦୋକାନଗୁଡ଼ିକ ମେଡିକାଲ ଷ୍ଟୋରରେ ଔଷଧ ଗଚ୍ଛିତ ରଖିବେ। ପୂର୍ବରୁ ରୋଗୀମାନେ ସିଧାସଳଖ ସରକାରୀ ସହବନ୍ଧିତ ଦୋକାନରୁ ଔଷଧ କିଣୁଥିଲେ। ମାତ୍ର ଏବେ ମେଡିକାଲ ପକ୍ଷରୁ ସେମାନଙ୍କୁ ଏହି ଔଷଧକୁ ଷ୍ଟୋର ଜରିଆରେ ଦିଆଯିବ ବୋଲି ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି କହିଛନ୍ତି।


**GOVERNMENT OF ODISHA, OFFICE OF THE EXECUTIVE ENGINEER**
**RURAL WORKS DIVISION: TITILAGARH**
E-Mail ID: eerw_titilagarh@yahoo.co.in

No. O-784:-

**e Procurement Notice**

IFB IDENTIFICATION NO. EETIG-online-06/2019-20

1. Name of work : Road Works
2. Total no of works : 10 (Ten) Nos.
3. Approximate Estimated Cost : Varies from Rs. 6.00 to 13.00 lakhs
4. Time for completion : 02 (Two) Months
5. Mode of Submission of tender : Tender should be submitted online in www.tenders.ori.nic.in
6. Other details are as follow : As per TCN No.EETIG-online-06/2019-20

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W.Divn., Titilagarh | EETIG-online-06/2019-20 | 14.01.2020 at 11.00 A.M | 24.01.2020 upto 5.00PM | 22.01.2020 up to 1.00PM | 28.01.2020 at 11.00A.M |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

25078/11/0006/1920 Sd./- Executive Engineer, R.W. Division, Titilagarh

**OFFICE OF THE**
**COLLECTOR & DISTRICT MAGISTRATE, KEONJHAR**
**(ST&SC DEVELOPMENT SECTION)**
**ADVERTISEMENT**

**No. 96 / Welfare/ Dated the 7th January,2020**

Applications are invited from intending ST, SC, SEBC/OBC female candidates to fill up the 7 nos. post of Lady Matrons / Junior Lady Matrons on purely contractual basis for engagement in the ST&SC Development Deptt. girls' hostels of Keonjhar District.

The last date for receipt of applications in the District Welfare Office, Keonjhar is **27.01.2020**.

The applications duly filled in alongwith copies of relevant documents should be submitted by **Regd. Post/ Speed Post** only within the prescribed dateline.

The applications found incomplete and without relevant documents, received through other mode or received beyond the prescribed dateline will be rejected.

The details of the guidelines on eligibility criteria , selection procedure , service conditions, duties & responsibilities of the Lady Matrons and application format can be accessed from the District Website i.e. **www.kendujhar.nic.in** and seen from the office notice board of the District Welfare Office, Keonjhar and All BDOs of Keonjhar District.

Sd/- Dtd.07.01.2020
**Collector, Keonjhar**

**Government of Odisha**
**Skill Development and Technical Education Department**
**Directorate of Technical Education & Training, Odisha**
**At-Killamaidan, Po-Buxibazar, Cuttack-753001**
**Phone No.- 0671-2301061, e-mail : dtetorissa@gmail.com**

**QUOTATION CALL NOTICES**

**No.DTET//2019-20/301** **Date: 06.01.2020**

No.KK-94 :- Sealed quotations in plain paper/letter pad are invited from the intending Registered Firms /authorized agencies / dealers having valid PAN card and GSTIN for preparation & supply of designs, event management, catering services, hiring of mattresses, fest uniforms for State level ITI & Polytechnic Fest'2020 as per details specified in respective quotation call notices as available in **http://www.dtetorissa.gov.in**. The intending firms are requested to go through the above notices firm must quote their unit price with specifications inclusive taxes for the item to the undersigned on or before 28.01.2020 by 4.00 PM at the Office in letter head. The said quotation will be opened at DTE&T, Odisha at 4.30 PM on the same date in the presence of quotationers. The quotationer shall quote their unit prices separately for each category with copy of valid PAN card and GSTIN failing which their quotation shall not be taken into consideration. The Quotations received incomplete in any shape or after the scheduled date and time shall be summarily rejected. The undersigned reserves the right to reject any or all the quotations without assigning any reason thereof.

**14004/11/0019/1920** **Sd./- DTE & T, Odisha, Cuttack**

**GOVERNMENT OF ODISHA**
**OFFICE OF THE BLOCK DEVELOPMENT OFFICER,**
**SADAR BLOCK, SUNDARGARH**

**No.14** **INVITATION TENDER CALL NOTICE** **Dt.04.01.2020**

38-i : The Block Development Officer, Sadar, Sundargarh on behalf of Governor of Odisha invites Percentage Rate Bids in sealed cover for the following works from the class of eligible contractors as mentioned in Column-7 (Seven) registered with the State Governments having validity of Civil License and contractors of equivalent Grades/Class Registered with Central Government / MES / Railways and other State Government having validity of Civil License for execution of Building works (excluding EI & PH). The proof of registration from the appropriate authority shall be enclosed along with the Bid. The eligible Contractors of the State P.W.D. (R&B)/ Water Resources/ Rural Works/ M.I./C.P.W.D for the following works eventually to be drawn up in the P.W.D. P1 forms in conformity with the Detailed Tender Call Notice. The Bidders may submit bids for the following works.

| Sl. No. | Location | Name of the work | Amount put to tender in Rs. | Cost of tender paper (Non-refundable) in Rs. | Bid security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Sankara | Const. of 4 nos. Staff Quarters E-type (Flat) at Sundargarh | 32,13,604/- | 6,000/- | 32,136/- | 08 (Eight months) | 'B' & 'C' Class |
| 2 | Sankara | Const. of 4 nos. Staff Quarters E-type (Flat) at Sundargarh | 29,62,440/- | 6,000/- | 29,625/- | 08 (Eight months) | 'B' & 'C' Class |
| 3 | Sundargarh | Const. of 4 Nos. of Block Staff Quarters (Flat-type) of Ps, Sundargarh | 29,62,440/- | 6,000/- | 29,625/- | 08 (Eight months) | 'B' & 'C' Class |

The Bid documents and detailed terms and conditions can be downloaded from the District website **www.sundargarh.nic.in.**

**RAVENSHAW UNIVERSITY**
**CUTTACK- 753003, ODISHA**
**A State University, NAAC Accredited Grade-A**

**Advertisement for Recruitment to Various Teaching Posts**

No.N-82 :- Online applications have been invited from the eligible candidates for the posts of Assistant Professors, Associate Professors and Professors in different subjects of Ravenshaw University, Cuttack, Odisha, vide various University Advertisement Nos.58 to 97, dated 7th January 2020 posted on the University website. Wherein the last date for online payment of application fees is 5th February 2020, submission of online application is 10th February 2020. The details are available on the University website **www.ravenshawuniversity.ac.in.** The candidates are also requested to visit University website regularly for any addendum/ corrigendum/ updates.

**No.178** **Dt.07.01.2020**
**11008/11/0007/1920** **Registrar**

**No.30** **OFFICE OF THE NOTIFIED AREA COUNCIL, G.UDAYAGIRI** **Date: 08.01.2020**

**"e" Tender Notice**
**BID Identification No. GUDGR-NAC-34/2019-20**

Bid Documents consisting of work, Estimated Cost of Tender Paper, EMD, Time of completion, Class of Contractors and set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.

| | | | |
|---|---|---|---|
| 1. | Name of the works | : | Civil Construction of works as mentioned in website. |
| 2. | No. of works | : | 5 No. |
| 3. | Estimated Cost | : | Rs. 2.34 Lakh to 8.93 Lakhs. |
| 4. | Period of Completion | : | 1 Month |
| 5. | Date & time of availability of bid documents in the portal | : | 10.01.2020 to 18.01.2020 upto 5.00 PM. |
| 6. | Last date & time for receipt of Documents at N.A.C. G.Udayagiri in Tender Box | : | 20.01.2020 upto 1.00 PM. |
| 7. | Bids received online shall be opened on | : | 21.01.2020 at 11.00 AM. |
| 8. | Name and address of the officer inviting Bid | : | Executive Officer, N.A.C., G.Udayagiri. |

Further Details can be seen from the procurement portal i.e. **www.tendersodisha.gov.in.**
**Sd./- Executive Officer, N.A.C., G.Udayagiri**

**OFFICE OF THE**
**DEAN & PRINCIPAL, FAKIR MOHAN MEDICAL COLLEGE & HOSPITAL, BALASORE**
**(Formerly known as Government Medical College & Hospital, Balasore), At/Po/Dist.- Balasore,**
**Pin- 756019 (Odisha), E-mail: dean.gmchb@gmail.com**
**Tel.- 06782 - 224901, Fax : 06782 - 224901**

**No.63** **Date: 08.01.2020**

**CORRIGENDUM TO THE TENDER NOTICE NO.2324/19.12.2019 FOR SUPPLY OF BOOKS AND JOURNALS [MEDICAL) FOR FAKIR MOHAN MEDICAL COLLEGE AND HOSPITAL, BALASORE.**

No.E-651 :- In continuation to the tender Call Notice No.2324 dt.19.12,2019 that was published in Newspapers on 21.12.2019 ,the last date for submission of bids is extended up to 20.01.2020 at 5:00 pm.The said bid documents should be submitted to the Dean & Principal,Fakir Mohan Medical College & Hospital, Balasore either by Speed post / Regd. post /Registered Courier service. The Technical bid will be opened on 22.01.2020 at 12:00 Noon and the financial bid opening date will be notified on the same day.

**Sd./- Dean & Principal**
**Fakir Mohan Medical College & Hospital, Balasore**
**10134/11/0003/1920**

# ଘର ସଂସାର କରିବେ କଙ୍ଗନା

ଯାହା ହେଉ ଶେଷକୁ କଙ୍ଗନା ମନ ଘର ଧରିଛି। ମ୍ୟାରେଜକୁ ଗତ କିଛି ବର୍ଷ ହେଲା ଏଡାଇ ଦେଇ ଆସୁଥିବା ଏହି ଅଭିନେତ୍ରୀ ଘର ସଂସାର କରିବାକୁ ଯାଉଛନ୍ତି। ଏ ନେଇ ସେ ପରୋକ୍ଷରେ ସୂଚନା ଦେବା ପରେ ତାଙ୍କୁ ନେଇ ଆଲୋଚନା ଜୋର୍ ଧରିଛି। ଶୁଣିବାକୁ ମିଳୁଛି ଯେ ନିର୍ଦ୍ଦେଶକ ନିତେଶ ତିୱାରୀଙ୍କ ସହ ତାଙ୍କ ବିବାହ ଅନୁଷ୍ଠିତ ହେବ। ଅର୍ଥାତ୍, ଗତ କିଛି ମାସର ପ୍ରେମ ସମ୍ପର୍କ ଶେଷରେ ବିବାହର ରୂପ ନେବାକୁ ଯାଉଛି। ହେଲେ ନିତେଶ ବିବାହିତ। ଆଉ ଏକ କଥା, ନିତେଶଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ସିନେମା 'ପାଙ୍ଗା'ରେ ଅଭିନୟ କରୁଛନ୍ତି କଙ୍ଗନା। ତେବେ କେବେ ଏହି ଶୁଭ ଦିନ କେବେ ଆସୁଛି ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ହିଁ ପଡିବ।



# ସେହି ୧୬ବର୍ଷ

ଡିମ୍ପଲ କାପାଡିଆଙ୍କ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା 'ବବି'ରୁ। ରାଜ କପୁର ଏହି ନବାଗତାଙ୍କ ଉପରେ ଭରସା ରଖି ତାଙ୍କୁ ସେ ସମୟର ରୋମାଣ୍ଟିକ ନାୟକ ରିଷି କପୁରଙ୍କ ଅପୋଜିଟ୍‌ରେ ଚୟନ କରିଥିଲେ। ହେଲେ ସେତେବେଳେ ଡିମ୍ପଲଙ୍କ ବୟସ କେତେ ଥିଲା ଜାଣନ୍ତି ? ମାତ୍ର ୧୬ବର୍ଷ। ଫିଲ୍ମଟି ମଧ୍ୟ ବକ୍ସ ଅଫିସରେ ସଫଳତା ଅର୍ଜନ କରିଥିଲା। ହେଲେ ତା'ପରେ ରାଜେଶ ଖାନ୍ନାଙ୍କ ସହ ପ୍ରେମ ସମ୍ପର୍କକୁ ନେଇ ବେଶ୍ ଚର୍ଚ୍ଚିତ ହୋଇଥିଲେ ଡିମ୍ପଲ। ଶେଷରେ ୩୧ବର୍ଷ ବୟସ୍କ ରାଜେଶ ଡିମ୍ପଲଙ୍କୁ ବିବାହ କରିଥିଲେ। ଖାସ୍ କଥା ହେଲା ଏହି ବିବାହ ସମୟରେ ଡିମ୍ପଲଙ୍କ ବୟସ ମଧ୍ୟ ଥିଲା ୧୬ବର୍ଷ।



ବର୍ଷା ପ୍ରିୟଦର୍ଶିନୀ

# ଆରମ୍ଭରୁ ତ୍ରିମୁଖୀ ଲଢ଼େଇ



ଅର୍ଦ୍ଧେନ୍ଦୁ ସାହୁ

ଗତ କିଛିବର୍ଷ ଧରି ଓଡ଼ିଆ ସିନେମାର ନିର୍ମାଣ ଏବଂ ରିଲିଜ ସଂଖ୍ୟା ୩୦ ଅତିକ୍ରମ କରିଛି। ୨୦୧୯ରେ ୩୪ଟି ସିନେମାର ପରଦା ଉପରକୁ ଆସିଥିଲା। ଚଳିତବର୍ଷ ଆରମ୍ଭରୁ ରିଲିଜକୁ ନେଇ ବେଶ୍ ଚର୍ଚ୍ଚା। କାରଣ ଜାନୁୟାରୀରେ ପଛକୁ ପଛ ତିନୋଟି ଓଡ଼ିଆ ସିନେମା–'ମୁଁ ପରଦେଶୀ ଚଢ଼େଇ' (ଜାନୁୟାରୀ ୧୦), 'ବାବୁ ଭାଇଜାନ' (ଜାନୁୟାରୀ ୧୨) ଏବଂ 'କୁଇନ୍' (ଜାନୁୟାରୀ ୧୫) ପରଦା ଉପରକୁ ଆସୁଛି। ଏହି ତ୍ରିମୁଖୀ ଲଢ଼େଇରେ କିଏ ବାଜିମାତ କରିବ ତାହା ତିନୋଟି ଫିଲ୍ମ ମୁକ୍ତିଲାଭ କରିବା ପରେ ହିଁ ଜଣାପଡିବ। ଅନ୍ୟପକ୍ଷରେ ଚଳିତ ମାସ ୧୭ରେ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ତଥା ସମ୍ବଲପୁରୀ–କୋଶଳୀ ଭାଷାରେ ନିର୍ମିତ କଳାତ୍ମକ ଚଳଚ୍ଚିତ୍ର 'ଶଲାବୁଢ଼ାର ବଦଲା' ଜାନୁୟାରୀ ୧୭ରେ ରିଲିଜ ହେବ।

**କୁଇନ୍ :** ବର୍ଷା ପ୍ରିୟଦର୍ଶିନୀ ନିବେଦିତ ଏବଂ ବିଦିଶା କ୍ରାଫ୍ଟ ବ୍ୟାନରରେ ନିର୍ମିତ 'କୁଇନ୍' ଚଳିତ ମାସ ୧୫ରେ ରିଲିଜ ହେଉଛି। ଫିଲ୍ମଟିର ଟାଇଟଲ ଭୂମିକାରେ ଅଭିନୟ କରିବା ସହ ଏହାର କାହାଣୀ ରଚନା ଏବଂ କ୍ରିଏଟିଭ ହେଡ୍ ପରି ଗୁରୁ ଦାୟିତ୍ୱ ତୁଲାଇଛନ୍ତି ଓଲିଉଡ୍‌ର ଆଗଧାଡ଼ିର ନାୟିକା ବର୍ଷା। ଜଣେ ନାରୀର ସଂଘର୍ଷମୟ ଜୀବନକୁ ନେଇ କାହାଣୀ ଗତିଶୀଳ। ଖାସ୍ କଥା ହେଲା ଏହି ଫିଲ୍ମରେ ବର୍ଷାଙ୍କର ଭୂମିକା ହିଁ ଚିତ୍ରର ମୁଖ୍ୟ ଆକର୍ଷଣ ସାଜିବ। ଏଥିରେ ତାଙ୍କ ସହ ମେଲ୍ ଲିଡ୍‌ରେ ଅଭିନୟ କରିଛନ୍ତି ଜୟଜିତ ଦାସ। ବିଜୟ ମଲ୍ଲ ସଂଳାପ ରଚନା କରିଥିବା ବେଳେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ପ୍ରତାପ ରାଉତ। ଗୀତଗୁଡ଼ିକୁ କୋରିଓଗ୍ରାଫି କରିଛନ୍ତି ଅମିତ ନାୟକ। ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ 'କୁଇନ୍'ରେ ବର୍ଷା, ଜୟଜିତଙ୍କ ବ୍ୟତୀତ ହରିହର ମହାପାତ୍ର, ଉଷସୀ ମିଶ୍ର, ପପି ସନ୍ଥୁକା, ଲିପସା ମିଶ୍ର, ଅନନ୍ତ ରଥ ଏବଂ ଗୀତାରାଣୀ ଜୈନ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

**ମୁଁ ପରଦେଶୀ ଚଢ଼େଇ:** ମା' ସିଂହାସନୀ ଫିଲ୍ମସ ବ୍ୟାନରରେ ଏବଂ ଏକ୍‌ଜିକ୍ୟୁଟିଭ ପ୍ରଯୋଜକ ଅଶ୍ୱିନୀ ତ୍ରିପାଠୀଙ୍କ ପ୍ରଯୋଜନାରେ ପ୍ରସ୍ତୁତ 'ମୁଁ ପରଦେଶୀ ଚଢ଼େଇ' ଫିଲ୍ମଟି ଚଳିତ ମାସ ୧୦ରେ ମୁକ୍ତିଲାଭ କରୁଛି। ଖାସ୍ କଥା ହେଲା ଏଥିରେ ନାୟକ ଅର୍ଦ୍ଧେନ୍ଦୁ ସାହୁଙ୍କୁ ଏକ ନୂଆ ହେୟାର ଷ୍ଟାଇଲରେ ଦେଖିବାକୁ ମିଳିବ। ଉକ୍ତ ଚିତ୍ରରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅନୁଭା। ଏହାର ବିଭିନ୍ନ ଭୂମିକାରେ ମିହିର ଦାସ, ହର ରଥ, ଇଲୁ ବାନାର୍ଜୀ, ଜୀବନ ପଣ୍ଡା, ପୁଷ୍ପା ପଣ୍ଡା ଅଭିନୟ କରିଛନ୍ତି। କେ. ମୁରଲୀକ୍ରିଷ୍ଣା ନିର୍ଦ୍ଦେଶନା ଦେଇଛନ୍ତି ଏବଂ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆସାଦ ନିଜାମ୍। ଖାସ୍ କଥା ହେଲା, ଏହାର ଟାଇଟଲ ଗୀତ 'ମୁଁ ପରଦେଶୀ ଚଢ଼େଇ' ଇତି ମଧ୍ୟରେ ବେଶ୍ ଭାଇରାଲ ହୋଇସାରିଛି। ତେବେ ଫିଲ୍ମଟିକୁ ନେଇ ବେଶ୍ ଆଶା ରଖିଛନ୍ତି ଅର୍ଦ୍ଧେନ୍ଦୁ।

**ବାବୁ ଭାଇଜାନ୍ :** ଅନ୍ୟପକ୍ଷରେ ବିଗ ବଜେଟ୍ ଫିଲ୍ମ 'ବାବୁ ଭାଇଜାନ୍' ଚଳିତ ମାସ ୧୨ରେ ରିଲିଜ ହେଉଛି। ଏହାର ଟାଇଟଲ ଭୂମିକାରେ ଦେଖାଦେବେ ଅରିନ୍ଦମ୍। ଏକ ସତ୍ୟ ତଥା ଜଣେ ବିଜ୍‌ନେସ୍‌ମ୍ୟାନଙ୍କ ଉତ୍‌ଥାନ ପତନ ଜୀବନ ଉପରେ ଏହା ଆଧାରିତ। ଆମ ରାଜ୍ୟର ବାଲେଶ୍ୱର ଜିଲାର ଜଣେ ପିଲା ବାବୁ। ସେ କିପରି ନିଜର ଉଦ୍ୟମ ବଳରେ ଆଜି ନିଜକୁ କେବଳ ଜାତୀୟ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଜଣେ ସଫଳ ଗାର୍ମେଣ୍ଟ ବିଜ୍‌ନେସ୍‌ମ୍ୟାନ୍ ଭାବରେ ପରିଚିତ କରାଇ ପାରିଛନ୍ତି, ତାହା ସିନେମାରେ ଦେଖିବାକୁ ମିଳିବ। ଖ୍ୱାଜା ଗରିବ୍ ନୱାଜ୍ ପ୍ରଡକ୍ସନ ବ୍ୟାନରରେ ଫିଲ୍ମଟିର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା ସହ ପ୍ରଯୋଜନା ଭାର ତୁଲାଉଛନ୍ତି ଆଗଧାଡ଼ିର ନାଟ୍ୟକାର ସନ୍ତୋଷ ନାରାୟଣ ଦାସ। ତାପସ ସରଘରିଆ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଅରୁଣ ମନ୍ତ୍ରୀ, ପଞ୍ଚାନନ ନାୟକ, ନିର୍ମଳ ନାୟକ, ଦେବୀଦତ୍ତ ମହାନ୍ତିଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ମଳୟ ମିଶ୍ର। ଏଥିରେ ଅରିନ୍ଦମ୍‌ଙ୍କ ଅପୋଜିଟ୍‌ରେ ଅଛନ୍ତି ଶିବାନୀ। ଏହି ଯୋଡ଼ି ବ୍ୟତୀତ ମିହିର ଦାସ, ଶ୍ରୀତମ୍ ଦାସ, ବବି ମିଶ୍ର, ମନୋଜ ମିଶ୍ର, ଚୌଧୁରୀ ବିକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ବିଦୁସ୍ମିତା, ପୁଷ୍ପା ପଣ୍ଡା, ସୋମା ହୋତା, ସନ୍ତୋଷ ନାରାୟଣ ଏବଂ ତାପସ ସରଘରିଆ ଅଭିନୟ କରୁଛନ୍ତି।



ଅରିନ୍ଦମ୍-ଶିବାନୀ

## ଅପେରା ହାଲ୍‌ଚାଲ୍

### କାହାଣୀର ସଠିକ ଉପସ୍ଥାପନା ଉପରେ ଗୁରୁତ୍ୱ ଦିଏ

ନିର୍ଦ୍ଦେଶନା ଏକ ଗୁରୁ ଦାୟିତ୍ୱ। ପୁଣି ମଞ୍ଚରେ ତ କଟ୍ ଓକେ ନାହିଁ। ଲାଇଭ ଆକ୍ଟିଂ। ତେଣୁ ଅଭିନୟ କିପରି ଜୀବନ୍ତ ହେବ, କାହାଣୀରେ ଯାହା ଦର୍ଶାଯାଇଛି ତାହା କିପରି ସଠିକ ଭାବରେ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଏ। କାରଣ କାହାଣୀଟିକୁ ଯଦି ମଞ୍ଚ ଉପରେ ସଠିକ ଭାବରେ ଉପସ୍ଥାପନା କରାଯାଇ ନ ପାରିଲା ତେବେ ପରିଶ୍ରମ କିଛି ମୂଲ୍ୟ ରହି ନ ଥାଏ। ତେଣୁ ନିର୍ଦ୍ଦେଶନା ଦେବା ସମୟରେ ତାହା ଉପରେ ମୁଁ ସବୁବେଳେ ଗୁରୁତ୍ୱ ଦିଏ ବୋଲି କହନ୍ତି ନିର୍ଦ୍ଦେଶକ ଶାରଦା ରଣା। ନାଟ୍ୟକାର ତଥା ନିର୍ଦ୍ଦେଶକ ସନ୍ତୋଷ ନାରାୟଣଙ୍କ ସହ ବେଶ୍ କିଛି ବର୍ଷ ସହ ନିର୍ଦ୍ଦେଶକ ଭାବରେ କାମ କରିବା ପରେ ସନ୍ତୋଷଙ୍କ ରଚିତ ତଥା ଅନ୍ୟତମ ଆଗଧାଡ଼ିର ଅପେରାପାର୍ଟି ଇନ୍ଦ୍ରଭୁବନ ପରିବେଷିତ (୨୦୧୮–୧୯) ନାଟକ 'ଭାଇ ଭଉଣୀର ନୂଆ କାହାଣୀ'ରୁ ସୋଲୋ ନିର୍ଦ୍ଦେଶକ ସାଜିଥିଲେ ସେ। ସେ ନିର୍ଦ୍ଦେଶନ ଦେଇଥିବା ନାଟକ ଗୁଡ଼ିକ ମଧ୍ୟରେ ରହିଛି–ଚାଲୁଛି ଅଳପ ଝୁଣ୍ଟୁଛି ବେଶି (ଇନ୍ଦ୍ରଭୁବନ), ପୁଣି ଫେରିଛି ତଅପୋଇ (ଇଷ୍ଟର୍ନ ବ୍ଲୁ), ଚଳିତ ଯାତ୍ରା ସିଜନରେ ପରିବେଷିତ 'ମାଣିକକୁ କିଏ ମାଇଲା ମାଡ' ଏବଂ 'ଓଠରେ ହସ ଲୁହରେ ଶେଷ' (ଇନ୍ଦ୍ରଭୁବନ)। 'ମୋତେ ନିର୍ଦ୍ଦେଶକ ଭାବରେ ଠିଆ ହେବାକୁ ସନ୍ତୋଷ ନାରାୟଣ, ମନୋଜ ନାୟକ, ନିଗମ ମିଶ୍ର, ମଳୟ ମିଶ୍ର, ବିକାଶ ଶୁକ୍ଳା ଏବଂ ଅରୁଣ ମନ୍ତ୍ରୀ ପ୍ରେରଣାକୁ ମୁଁ କଦାପି ଭୁଲିପାରିବି ନାହିଁ ବୋଲି କହନ୍ତି ଶାରଦା।



ଶାରଦା ରଣା



## କ୍ୟାଟ୍ରିନାଙ୍କ ଫିଟ୍‌ନେସ୍ ମନ୍ତ୍ର

କ୍ୟାଟ୍ରିନା ଏବେ ବୁଲିବୁଲି ଫିଟ୍‌ନେସ ମନ୍ତ୍ର ବାଣ୍ଟୁଛନ୍ତି। କେବଳ ସେତିକି ନୁହେଁ, ନିଜ ଫିଗରକୁ ଆହୁରି ଆଟ୍ରାକ୍ଟିଭ କରିବାକୁ ସେ ଜିମ୍‌ରେ ଅଧିକ ସମୟ କଟାଇବା ସହ ଡାଏଟିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ଆକ୍ଟିଂ ପାଇଁ ନିଜ ଫିଟ୍‌ନେସକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। ତେଣୁ ଖୁବ୍‌ଶୀଘ୍ର ମୋର ୨–୩ଟି ସିନେମାର ଶୁଟିଂ ଆରମ୍ଭ ହେବ। ତେଣୁ ଏଥିପାଇଁ ନିଜ ଫିଟ୍‌ନେସ ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପଡୁଛି। ଅକ୍ଷୟ କୁମାର–କ୍ୟାଟ୍ରିନା ଅଭିନୀତ ତଥା ରୋହିତ ସେଟ୍ଟୀଙ୍କ ନିର୍ଦ୍ଦେଶିତ 'ସୂର୍ଯ୍ୟବଂଶୀ' ଚଳିତବର୍ଷ ମାର୍ଚ୍ଚ ୨୩ରେ ରିଲିଜ ହେବାକୁ ଯାଉଛି। ତା' ସହ ସେ ନିକଟରେ ଏକ ହରର ଫିଲ୍ମ ସାଇନ୍ କରିଛନ୍ତି।

## ଆଉ ଜଣେ ନବାଗତା



ସ୍ୱାତୀ

ଜଣେ ନବାଗତା ନିଜ ନାମକୁ ନାୟିକା ଦୌଡରେ ସାମିଲ କରିଛନ୍ତି। ସେ ହେଲେ ସ୍ୱାତୀ। ନିର୍ମାଣାଧୀନ ଓଡ଼ିଆ ସିନେମା 'ଅଟୋଗ୍ରାଫ–ଏ ସାଇନ ଅଫ ଲଭ୍'ର ଫିମେଲ ଲିଡ୍‌ରେ ଅଭିନୟ କରୁଛନ୍ତି ସେ। ପ୍ରଥମେ ମଡେଲିଂ ଆଉ ଏବେ ବଡ ପରଦାରେ ଡାଇରେକ୍ଟ ଏଣ୍ଟ୍ରି। ଏ.ଆର. ରହମନ ଏବଂ ପ୍ରସନ୍ନ ଦ୍ୱିବେଦୀଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ଏଥିରେ ସ୍ୱାତୀଙ୍କ ସହ ମେଲ୍ ଲିଡ୍‌ରେ ଅଛନ୍ତି ଦୀପକ। ଅନ୍ୟପକ୍ଷରେ ପିଣ୍ଟୁ ନନ୍ଦ, ପ୍ରତିଭା ପଣ୍ଡା, ଜୀବନ ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ଅଶୋକ ଦାସ, ଗୁଲ୍ଟୁ, ଶକ୍ତି ବରାଳ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

## ଟୁ-ଇନ୍-ୱାନ ଉପାସନା

ଏପଟେ ପ୍ରଯୋଜନା ସେପଟେ ଫିଲ୍ମର ନାୟିକା ଭୂମିକାରେ ଅଭିନୟ କରିବା। ଏପରି ଦୁଇଟି ଗୁରୁ ଦାୟିତ୍ୱ ତୁଲାଇବା ସହଜ ନୁହେଁ। ହେଲେ ତାହାକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ ଅଣ୍ଟା ଭିଡିଛନ୍ତି ଉପାସନା। ନିର୍ମାଣାଧୀନ ଓଡିଆ ସିନେମା 'ତୁମକି ସେ ତ ପାଣିରେ ବୁଡିବ ନାହିଁକି' ସେ ପ୍ରଯୋଜିକା ସାଜିବା ସହ ନାୟିକା ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ଭଦ୍ର ମୋଶନ ଷ୍ଟୁଡିଓ ବ୍ୟାନରରେ ଆନିଶ ଭଦ୍ରଙ୍କ ସହ ପ୍ରଯୋଜନା କରିଛନ୍ତି ନାୟିକା ଉପାସନା। ଅପରପକ୍ଷରେ 'ଇସ୍କ ତୁ ହି ତୁ, ତୁ ମୋ ଲଭ୍ ଷ୍ଟୋରି, ହିରୋ ନଂ. ୱାନ୍, ଓନ୍‌ଲି ପ୍ୟାର୍, ପ୍ରେମ କୁମାର ଏବଂ ତୁ ମୋ ଲଭ୍ ଷ୍ଟୋରି–୨'ର ସୋଲୋ କୋରିଓଗ୍ରାଫି କରି ଚର୍ଚ୍ଚିତ ହୋଇଥିବା ଅନ୍ୟତମ ଆଗଧାଡିର କୋରିଓଗ୍ରାଫର ଗିରିଶ୍ ମହାନ୍ତି ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି। ବଡ଼ ପରଦାରେ ବ୍ରେକ୍ ପାଇବା ପୂର୍ବରୁ ଉପାସନା କେତୋଟି ଧାରାବାହିକ 'ଦେବୀ, ଚାନ୍ଦ ନା ତମେ ତାରା, ମାନିନୀ'ରେ ଅଭିନୟ କରିଥିଲେ। ଏହାର ବିଭିନ୍ନ ଭୂମିକାରେ ଉପାସନାଙ୍କ ବ୍ୟତୀତ ଶ୍ରେୟାନ, କୌଶିକ ମହାପାତ୍ର, ଜ୍ୟୋତି ମିଶ୍ର, ଚୌଧୁରୀ ବିକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଜ୍ଞା, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ହାଡୁ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।



## ଆଶାରେ ସର୍ବରୀ



ସତରେ, ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଯଶରାଜ ଫିଲ୍ମସ ପରି ନାମୀ ବ୍ୟାନରରେ ବ୍ରେକ୍ ପାଇବା କ'ଣ ସହଜ କଥା। ଯେତେବେଳେ ତାଙ୍କୁ ଏହି ଅଫର ମିଳିଲା ସେତେବେଳେ ତାହାକୁ ସହଜରେ ବିଶ୍ୱାସ କରିପାରି ନ ଥିଲେ ନବାଗତା ସର୍ବରୀ ୱ। ଏ ନେଇ ସର୍ବରୀ କହନ୍ତି, 'ଭାଗ୍ୟରେ ଥିଲେ ଯଶରାଜ ଫିଲ୍ମସ ପରି ବ୍ୟାନରରେ କାମ କରିବାର ସୁଯୋଗ ମିଳେ। ଏ ନେଇ ଆଦିତ୍ୟ ଚୋପ୍ରାଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ ହେବ। ତେବେ ଆଗକୁ କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ହଜାରେ ଥର ଚିନ୍ତା କରିବି। କାରଣ ମୋ କ୍ୟାରିୟରକୁ ନେଇ ମୁଁ ବେଶ୍ ସଚେତନ।' ସୂଚନାଯୋଗ୍ୟ ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଯାଉଥିବା ନୂଆ ହିନ୍ଦୀ ସିନେମା 'ବଣ୍ଟି ଔର ବବଲି–୨'ର ନାୟିକା ସାଜୁଛନ୍ତି ସର୍ବରୀ।

“ ସରକାର ବିତ୍ତୀୟ ନିଅଣ୍ଟ ସମ୍ପର୍କରେ ବେଶି ଚିନ୍ତିତ ନ ହୋଇ ଅର୍ଥ ବ୍ୟବସ୍ଥାକୁ ପୁଞ୍ଜି ଯୋଗାଣ ଧାରା ଜାରି ରଖିବା ଆବଶ୍ୟକ।

– ସଙ୍ଗୀତା ରେଡ୍ଡୀ, ଫିକି ସଭାପତି



“ ଚଳିତ ଆର୍ଥିକ ବର୍ଷ ତୃତୀୟ ଏବଂ ଚତୁର୍ଥ ତ୍ରୈମାସରେ ବଡ ଏନ୍‌ପିଏ ମାମଲାର ସମାଧାନ ହେବା ଯୋଗୁ ବ୍ୟାଙ୍କଗୁଡ଼ିକର ସ୍ଥିତିରେ ଉନ୍ନତି ଆସିବ।

– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



## ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଜାତୀୟ ଟ୍ରେଡ୍ ଫେୟାର ଆରମ୍ଭ

# ଶିଳ୍ପ ପ୍ରତିଷ୍ଠା ଲାଗି ଯୁବ ଉଦ୍ୟୋଗୀଙ୍କୁ ଆହ୍ୱାନ

ଭୁବନେଶ୍ୱର,୮-୧

ବହୁ ପ୍ରାଚୀନ ସମୟରୁ ଓଡିଶା ଉଦ୍ୟୋଗ ବିକାଶକୁ ପ୍ରାଥମିକତା ଦେଇଆସିଛି। ପୂର୍ବ କାଳର ଏହି ଐତିହ୍ୟ ଏବେ କଳିଙ୍ଗ ଏବଂ ଉତ୍କଳ ବ୍ରାଣ୍ଡ ନାମରେ ପରିଚିତ। ଓଡିଆମାନେ ସେମାନଙ୍କ ଉଦ୍ୟମୀ ଗୁଣ ପାଇଁ ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ସୂଚନା ପ୍ରଯୁକ୍ତି ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି। ରାଜ୍ୟ ଏହାର ପ୍ରାକୃତିକ ସମ୍ବଳ ସହ ଗତ କିଛି ବର୍ଷ ଧରି ଶିଳ୍ପ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହାସଲ କରି ପାରିଛି। ଏହାକୁ ଅଗ୍ରାଧିକାର ଦେଇ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଉପଯୁକ୍ତ ପରିବେଶ, ଭିତ୍ତିଭୂମି ଏବଂ ଶିଳ୍ପ ନୀତି ଭଳି ବିଭିନ୍ନ ସୁବିଧା ସୁଯୋଗ ସରକାର ଯୋଗାଇ ଦେଉଛନ୍ତି ବୋଲି ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ବୁଧବାର ଆରମ୍ଭ ହୋଇଥିବା ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଜାତୀୟ ଟ୍ରେଡ ଫେୟାରକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ଏଥିରେ ଯୁବ ଉଦ୍ୟୋଗୀଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୧୬ ଏବଂ ୨୦୧୮ର ମେକ୍ ଇନ୍ ଓଡିଶା କନକ୍ଲେଭରେ ରାଜ୍ୟ ସରକାର ୫ ଲକ୍ଷ କୋଟି ଟଙ୍କାର ନିବେଶ ଆକୃଷ୍ଟ କରିବାକୁ ସକ୍ଷମ ହୋଇଛନ୍ତି। ଶିଳ୍ପ ପ୍ରତିଷ୍ଠା ଦ୍ୱାରା ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସରକାରଙ୍କ ବିଭିନ୍ନ ପଦକ୍ଷେପ ଦ୍ୱାରା ଅଣୁ,କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ଲାଗି ନୂଆ ସୁଯୋଗ ସୃଷ୍ଟି କରିବ। ନୂଆ ଉଦ୍ୟୋଗୀମାନେ ଏହାର ସୁଯୋଗ ପରଖି ନେବା ଉଚିତ। ଶିଳ୍ପ ପ୍ରତିଷ୍ଠା ଦିଗରେ ନୂଆ ଆହ୍ୱାନକୁ ଯୁବକମାନେ ଗ୍ରହଣ କରିବା ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି। ନିଯୁକ୍ତି ସୃଷ୍ଟି ଏବଂ ରାଜ୍ୟର ଜିଡିପିକୁ ଏମ୍‌ଏସ୍‌ଏମ୍‌ଇର ଯୋଗଦାନ ଗୁରୁତ୍ୱ ବହନ କରୁଥିବାରୁ ଏହି ପ୍ରସଙ୍ଗକୁ ସରକାର ପ୍ରାଥମିକତା ଦେଇଛନ୍ତି। ଏହାକୁ ଧ୍ୟାନରେ ରଖି ସରକାର ଏମ୍‌ଏସ୍‌ଏମ୍‌ଇ ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର ୨୦୨୦ ଆୟୋଜନ କରିଛନ୍ତି।

ସେ ଆହୁରି କହିଛନ୍ତି, ଏହି କାର୍ଯ୍ୟକ୍ରମରେ ୩୫୦ ଏମ୍‌ଏସ୍‌ଏମ୍‌ଇ ଯୋଗ ଦେଇ ଥିବାରୁ ଏହାକୁ ନେଇ ଅତ୍ୟନ୍ତ ଖୁସି। ଏଥିରେ ଇରାନର ୨୦ ଉଦ୍ୟୋଗୀ ଏବଂ ବାଂଲାଦେଶର ୧୨ ଉଦ୍ୟୋଗୀଙ୍କୁ ମୁଖ୍ୟମନ୍ତ୍ରୀ ଟ୍ରେଡ ଫେୟାରକୁ ସ୍ୱାଗତ କରିଛନ୍ତି। ଏଥିରେ କଳାହାଣ୍ଡି, ନୂଆପଡା, ମାଲକାନଗିରି, ଗଜପତି ଏବଂ କନ୍ଧମାଳର ମହିଳା ଉଦ୍ୟୋଗୀମାନେ ଯୋଗ ଦେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ରାଜ୍ୟ ସରକାରଙ୍କ ସହଯୋଗ ଧାରା ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଇରାନ ଏବଂ ବାଂଲାଦେଶର ବାଣିଜ୍ୟ ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି ଯେ, ଉଦ୍ୟୋଗ ବିକାଶକୁ ଗୁରୁତ୍ୱ ଦେଇ ସରକାର ରାଜ୍ୟର ପଛୁଆ ଅଞ୍ଚଳରେ ଏମ୍‌ଏସ୍‌ଏମ୍‌ଇ ସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଏମ୍‌ଏସ୍‌ଏମ୍‌ଇ ପାର୍କ ସ୍ଥାପନ କରାଯିବ। କଳାହାଣ୍ଡି ଏବଂ ହିଞ୍ଜିଳିରେ ଏଭଳି ପାର୍କ ସ୍ଥାପନ ଲାଗି ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏନେଇ କାର୍ଯ୍ୟକ୍ରମ ଶୀଘ୍ର ଆରମ୍ଭ ହେବ ବୋଲି ମିଶ୍ର ମତ ରଖିଛନ୍ତି। ଏଥିରେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଅଧ୍ୟକ୍ଷ ଚିନ୍ମୟ କୁମାର ସାହୁ, ଏମ୍‌ଏସ୍‌ଏମ୍‌ଇ ବିଭାଗୀୟ ସଚିବ ହେମନ୍ତ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମ ଅବସରରେ ଜଣେ ବିଦେଶୀ ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

- ଏମ୍‌ଏସ୍‌ଏମ୍‌ଇକୁ ସରକାର ପ୍ରାଥମିକତା ଦେଉଛନ୍ତି: ମୁଖ୍ୟମନ୍ତ୍ରୀ
- ହିଞ୍ଜିଳି, କଳାହାଣ୍ଡିରେ ଏମ୍‌ଏସ୍‌ଏମ୍‌ଇ ପାର୍କ ଶୀଘ୍ର: ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ
- ଯୋଗଦେଇଛନ୍ତି ୩୫୦ ଏମ୍‌ଏସ୍‌ଏମ୍‌ଇ
- ୨୮୦ ଷ୍ଟଲ୍‌ରେ କ୍ଷୁଦ୍ର ଶିଳ୍ପର ବିଭିନ୍ନ ପ୍ରଡକ୍ଟ ସେବା ପ୍ରଦର୍ଶନ
- ଇରାନ ଏବଂ ବାଂଲାଦେଶର ଏମ୍‌ଏସ୍‌ଏମ୍‌ଇ ସାମିଲ

### ଟ୍ରେଡ୍ ଫେୟାରରେ ୨୮୦ ଷ୍ଟଲ

ଚଳିତ ମାସ ୧୨ ତାରିଖ ଯାଏ ଚାଲିବାକୁ ଥିବା ଏହି ଏକ୍ସପୋରେ ୪ଟି ହ୍ୟାଙ୍ଗର ସ୍ଥାପନ କରାଯାଇଛି। ଏଥିରେ ୨୮୦ ଷ୍ଟଲ ରହିଛି। ଚଳିତ ବର୍ଷର ଫୋକସ ରହିଛି ଏମ୍‌ଏସ୍‌ଏମ୍‌ଇ @୨୦୨୦। ଏମ୍‌ଏସ୍‌ଏମ୍‌ଇ ପ୍ରୋତ୍ସାହନ ଦେବା ନିମନ୍ତେ ବିଭିନ୍ନ ଆଲୋଚନା ଚକ୍ର ଏହି ଅବସରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ରୟାଲ ଏନ୍‌ଫିଲ୍ଡ ଆଣିଲା ନୂଆ ବିଏସ୍-୬ ମଡେଲ



ଭୁବନେଶ୍ୱର,୮-୧

ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ଫୁଲନଖରାଠାରେ ଥିବା ଏହାର ଅଧିକୃତ ଶୋ'ରୁମ ଖିମଜୀ ରୟାଲ ଏନ୍‌ଫିଲ୍ଡଠାରେ ନୂଆ ବିଏସ୍-୬ ମଡେଲର ବଜାର ପ୍ରବେଶ ହୋଇଛି। ଏହି ଅବସରରେ କମ୍ପାନୀର କ୍ଲଷ୍ଟର ମୁଖ୍ୟ ସଂଗ୍ରାମ ସାହୁ ଉପସ୍ଥିତ ରହି ନୂଆ ମଡେଲଟିକୁ ଶୁଭାରମ୍ଭ କରିଥିଲେ। ଏହି ଶୋ'ରୁମରେ ୩ଏସ୍ ସୁବିଧା ସହ ଗ୍ରାହକଙ୍କୁ ସେବା ଯୋଗାଇ ଦିଆଯାଉଛି। ଏହାର ୩ଟି ଷ୍ଟୁଡିଓ ସେଣ୍ଟର ଜଗତସିଂହପୁର,ସାଲେପୁର ଏବଂ ଚୌଦ୍ୱାରରେ ରହିଛି। ନିଆଳି ଏବଂ ଚାରି ଛକଠାରେ ୨ଟି ନୂଆ ଷ୍ଟୁଡିଓ ସେଣ୍ଟର ଖୋଲିବାକୁ ଯୋଜନା ରହିଥିବା ଖିମଜୀ ପକ୍ଷରୁ ସୂଚନା ରହିଛି। ନୂଆ ମଡେଲଟି ସିଗ୍ନାଲ୍‌ସ, ଗନ୍ ଗ୍ରେ, ଷ୍ଟିଲ୍‌ଥ ବ୍ଲାକ ରଙ୍ଗରେ ଆସିଥିବା ବେଳେ ଏଥିରେ ଡୁଆଲ ଚ୍ୟାନେଲ ଏବିଏସ୍, ଆଲଏ ହ୍ୱିଲ ଏବଂ କ୍ଲାସିକ କ୍ରୋମ ଭଳି ଫିଚର ରହିଛି। ଶୋ'ରୁମରେ ବିଭିନ୍ନ କମ୍ପାନୀର ଫାଇନାନ୍ସ ସୁବିଧା ପ୍ରଦାନ କରାଯାଉଥିବା ଖିମଜୀ ପକ୍ଷରୁ କୁହାଯାଇଛି।

# ଧର୍ମଘଟ ଯୋଗୁ ବ୍ୟାଙ୍କିଙ୍ଗ୍ ସେବା ପ୍ରଭାବିତ

ନୂଆଦିଲ୍ଲୀ,୮-୧

ବୁଧବାର ଦେଶବ୍ୟାପୀ ଧର୍ମଘଟ ଯୋଗୁ ବ୍ୟାଙ୍କିଙ୍ଗ୍ ସେବା ପ୍ରଭାବିତ ହୋଇଛି। ସରକାରଙ୍କ ବିଭିନ୍ନ ଜନ ବିରୋଧୀ ନିଷ୍ପତ୍ତିକୁ ବିରୋଧକରି ଦେଶର ୧୦ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଧର୍ମଘଟକୁ ଓହ୍ଲାଇଥିଲେ। ବନ୍ଦ ଯୋଗୁ ବ୍ୟାଙ୍କ ଶାଖାଗୁଡିକରେ ଟଙ୍କା ଉଠାଣ, ଜମା ପ୍ରଭାବିତ ହୋଇଛି। ବ୍ୟାଙ୍କ ଶାଖାରେ ପିକେଟିଂ କରି ଏହାକୁ ବନ୍ଦ କରାଯାଇଥିଲା। ଏହା ଯୋଗୁ ଦେଶର ବିଭିନ୍ନ ସ୍ଥାନରେ ବ୍ୟାଙ୍କିଙ୍ଗ୍ କାରବାର ପ୍ରଭାବିତ ହୋଇଥିବା ଜଣାପଡିଛି। ବ୍ୟାଙ୍କଗୁଡିକର କାରବାର ପ୍ରଭାବିତ ହେବା ନେଇ ପୂର୍ବରୁ ଗ୍ରାହକଙ୍କୁ ସୂଚାଇ ଦେଇଥିଲେ। ଧର୍ମଘଟରେ ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ (ଏଆଇବିଇଏ), ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ଏଆଇବିଓଏ), ବିଇଏଫ୍‌ଆଇ, ଆଇଏନ୍‌ବିଇଏଫ୍, ଆଇଏନ୍‌ବିଓସି, ବ୍ୟାଙ୍କ କର୍ମଚାରୀ ସେନା ମହାସଂଘ(ବିକେଏସ୍‌ଏମ୍) ଭଳି ସଂଘ ଯୋଗ ଦେଇଥିଲେ। ଜମା, ଉଠାଣ, ଚେକ୍ କ୍ଲିୟରାନ୍ସ, ଇନଷ୍ଟ୍ରୁମେଣ୍ଟ କ୍ଲିୟରାନ୍ସରେ ବାଧା ଉପୁଜିଥିଲା। ଏଭଳି ସ୍ଥିତିରେ ଘରୋଇ ବ୍ୟାଙ୍କ ସେବାରେ ବିଶେଷ ପ୍ରଭାବ ପଡି ନ ଥିବା ଜଣାପଡିଛି।

୧୦ ଶ୍ରମିକ ସଙ୍ଗଠନର ଏହି ଧର୍ମଘଟକୁ ବ୍ୟାଙ୍କ କର୍ମଚାରୀମାନେ ସମର୍ଥନ ଦେଇଥିବା ଏଆଇବିଇଏର ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟଚଳମ ସୂଚନା ଦେଇଛନ୍ତି। ବ୍ୟାଙ୍କ ମିଶ୍ରଣ, ଘରୋଇକରଣ, ଫି ବୃଦ୍ଧି ସମେତ ବେତନ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଆଧାରରେ ସରକାରଙ୍କ ନୀତିକୁ ବିରୋଧ କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ଅଲ୍ ଇଣ୍ଡିଆ ରିଜର୍ଭ ବ୍ୟାଙ୍କ ଏମ୍ପ୍ଲଇ ଆସୋସିଏଶନ (ଏଆଇଆର୍‌ବିଇଏ), ଅଲ୍ ଇଣ୍ଡିଆ ରିଜର୍ଭ ବ୍ୟାଙ୍କ ୱାର୍କର୍ସ ଫେଡେରେଶନ (ଏଆଇଆର୍‌ବିଡ୍ଲ୍ୟୁଏଫ୍) ଏବଂ ବୀମା ସଂଘଗୁଡିକ ଧର୍ମଘଟକୁ ସମର୍ଥନ ଦେଇଥିବା ଜଣାପଡିଛି।

## ହ୍ୟୁଣ୍ଡାଇ ଭେନ୍ୟୁର ସଫଳତା ପାଳନ

HYUNDAI

ନୂଆଦିଲ୍ଲୀ,୮-୧

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ( ଏଚ୍‌ଏମ୍‌ଆଇଏଲ୍)ର ପ୍ରମୁଖ ଲୋକପ୍ରିୟ ମଡେଲ 'ଭେନ୍ୟୁ' ନିକଟରେ ଇଣ୍ଡିଆନ କାର୍ ଅଫ୍ ଦି ଇୟର ୨୦୨୦ (ଆଇସିଓଟିୱାଇ) ଆୱାର୍ଡ ଲାଭ କରିଛି। ଗ୍ରାହକଙ୍କ ସବୁଠାରୁ ଅଧିକ ପସନ୍ଦ ଯୋଗ୍ୟ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ କମ୍ପାନୀ ଏହି ପୁରସ୍କାର ଲାଭ କରିବାକୁ ସକ୍ଷମ ହୋଇଥିଲା। ଭେନ୍ୟୁ ମଡେଲର ଏହି ସଫଳତାକୁ ନେଇ କମ୍ପାନୀ ନିକଟରେ ଏକ ଉତ୍ସବ ପାଳନ କରିଛି। ଦେଶର ପ୍ରଥମ କନେକଟେଡ ଏସ୍‌ୟୁଭି ଭାବେ ଏହି ମଡେଲଟି ସ୍ପୋର୍ଟି ଡିଜାଇନ ଏବଂ ଯୁବପିଢିଙ୍କୁ ସୁହାଇଲା ଭଳି ଫିଚର ସହ ଆସିଛି। ଏହାର ୧ ଲକ୍ଷ ବୁକିଂ ଆସିଥିବା ବେଳେ ୭୦ ହଜାର ସନ୍ତୁଷ୍ଟ ଗ୍ରାହକ ରହିଛନ୍ତି। ଉକ୍ତ ମଡେଲ ଇଣ୍ଡିଆନ କାର ଅଫ ଦି ଇୟର ଲାଗି ନୋମିନେଶନ ମଧ୍ୟ ଲାଭ କରିଛି। ଗ୍ରାହକଙ୍କଠାରୁ ବିପୁଳ ରେସପନ୍ସ ଲାଭକରି ଅତ୍ୟନ୍ତ ଖୁସି ବୋଲି କମ୍ପାନୀର ଜାତୀୟ ସେଲ୍‌ସ ମୁଖ୍ୟ ବିକାଶ ଜୈନ କହିଛନ୍ତି। ଭାରତୀୟ ବଜାରର ବର୍ତ୍ତମାନର ଧାରାକୁ ଚ୍ୟାଲେଞ୍ଜି କରି ଏହି ପ୍ରଡକ୍ଟକୁ ବଜାରରୁ ଛଡାଯାଇଛି। କମ୍ପାକ୍ଟ ଏସ୍‌ୟୁଭି ବଜାରରେ ଏହା ହାସଲ କରିଥିବା ସ୍ଥାନର ସଫଳତାକୁ ପାଳନ କରିବାକୁ ଉତ୍ସବ ଆୟୋଜନ କରାଯାଇଛି। ଆଗାମୀ ଦିନରେ ଏହି ମଡେଲ ଏକ ନୂଆ ମାଇଲ ଖୁଣ୍ଟ ଛୁଇଁବ ବୋଲି ଆଶାବାଦୀ ରହିଛୁ।


ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OPTCL Lifeline of Odisha
EHT (O&M) DIVISION, JAYANAGAR-764005 CIN: U40102OR2004SGC007553

NOTICE INVITING TENDER

Sealed Tenders are invited by the undersigned from registered contractors having valid License, I.T PAN No & GST Registration Certificate for **Tender Call No : 16** Repairing and Renovation of S/D office building of 220KV TL S/D, Jayanagar, Different R/M Works of Grid S/S, Umerkote, Sunabeda, Tentulikhunti & Jayanagar colony and Different line materials for 132KV TL S/D, Jayanagarunder EHT(O&M) Division, Jayanagar. **Cost of Tender Papers** are of Rs.672.00 and Rs.2240.00 (non-refundable) in shape of **Cash & EMD** @1% of quoted amount in the shape of DD/Cash. **Sale of Tender Documents** from Dt.09.01.2020 to upto 12:00 Noon of Dt.18.01.2020. **Last Date of Submission of Tender** on or before Dt.18.01.2020 upto 04:00PM. **Tenders Will Be Opened** on Dt.18.01.2020 at 04:30 PM.

**Corrigendum if any will be published in the website only.**

Sd/-
DGM (Ele.)

Please connect us: optcl.odisha optcl_odisha energyodisha



OPTCL Lifeline of Odisha
Odisha Power Transmission Corporation Limited
(A Govt. Of Odisha Undertaking)
OFFICE OF DGM(EL)EHT (C) Division, Berhampur-760007,
NOTICE INVITING TENDER

TENDER CALLNOTICE NO-03/2019-20

Advt. No.03/2019-20 Date. **08.01.2020**

Sealed Tenders are invited from Travel agencies/Vehicle owner having valid Good & Services Tax Registration Certificate, PAN, Fitness certificate, taxi permit & insurance policy, Non-Pollution certificate, R.C. book "HIRING OF DIESEL RUN COMMERCIAL REGISTERED LIGHT VEHICLES A/C INDIGO OR EQUIVALENT ON MONTHLY BASIS WITH DAILY HIRING RATE FOR EHT(C) DIVISION, BERHAMPUR".

. Cost of Tender paper (non-refundable) =Rs.4000/-+12% GST=Rs. 4480/-. EMD 1% of total estimated value (EMD cost-Rs.7,000/-). Sale of Tender documents: from **10.01.2020** to **21.01.2020**. Last date of submission of tender: 03.00PM of **22.01.2020**. Date of opening of tender: 04.00PM of **22.01.2020**.

For details please visit our website www.optcl.co.in or office in official hours. Corrigendum if any will be published in the office notice board only.

Sd./- DGM (Elect.)



**RAVENSHAW UNIVERSITY**
**CUTTACK- 753003, ODISHA**

No.N-81 :-

WALK- IN -INTERVIEW

Applications are invited for walk-in-interview for engagement of Guest Faculty in **Education, Hindi, Philosophy, Psychology, Physics and Zoology** of Ravenshaw University.

Applications are also invited for walk-in-interview for engagement of Temporary Faculty in **Integrated B.Ed.** of Ravenshaw University. For details please visit 'www.ravenshawuniversity.ac.in'.

*No.179 / Dt. 07.01.2020* 11008/11/0006/1920 Registrar



E.Mail – rw_sundargarh@yahoo.co.in

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, SUNDARGARH

No.O-782 :-
E-PROCUREMENT NOTICE
BID IDENTIFICATION NO. ONLINE-EESNG-12 of 2019-20

1. Name of the Work :- Road work
2. Total No. of works :- 01 Nos Road
3. Estimated cost :- Rs. 61.95 Lakhs
4. Class of contractor :- 'B' & 'A'
5. Period of completion :- 01 calendar months
6. Type of Tender :- Double Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh. | Online-EESNG-12 of 2019-20 | 10.01.2020 10.00 A.M | 20.01.2020 05.00 P.M. |

Further details can be seen from the website www.tendersorissa.gov.in

25046/11/0021/1920 Sd./- Executive Engineer, Rural Works Division, Sundargarh



Office of District Manager
ODISHA STATE CIVIL SUPPLIES CORPORATION LTD.
Rayagada - Phone : 06856 222425
www.rayagada.nic.in

No. 107/II-04/2020 Dt.: 07.01.2020

TENDER CALL NOTICE

District Manager, Odisha State Civil Supplies Corporation Ltd., Rayagada invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of (i) Level-I Transport contractor for transportation of food grains from FSD,FCI to RRCs (ii) Level-II Transport contractor for transportation of food grains from RRCs to Retail Centers (FPS) (iii) Handling contractor (Labour Works)for Handling of Foodgrains (Rice, Wheat) at the RRCs in the district of the State of Odisha. |
| 2 | Availability of bid document in the portal | From 08.01.2020 |
| 3 | Last Date / Time for receipt of bids in the portal. | Dt.29.01.2020 up to 5:30 PM |
| 4 | Date/Time of Opening of Technical Bid | Dt.31.01.2020 at 11:00 AM |
| 5 | Name and address of the Officer Inviting Tender | District Manager, OSCSC Ltd., Rayagada |

Tender Documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/corrigendum/cancellation/retenders etc. if any shall be published in above websites. Sd/- **District Manager, Rayagada**



E-mail.ID-sectcrb_2006@yahoo.co.in
Tel/Fax – 0671-2301751/2302751

**Government of Odisha**
**OFFICE OF THE SUPERINTENDING ENGINEER**
**CUTTACK (R&B) CIRCLE, CUTTACK**
**('e' – PROCUREMENT NOTICE)**

**Bid Identification No.S.E.Ctc.(R&B) 9/2019-20.** No.B-554

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road and Building work as mentioned below.
2. No. of work :- 2 Nos.
3. Nature of work :- Road and Building work.
4. Class of contractor :- 'B', 'A' , Special & Super Class
5. Tender paper cost :- Rs.10000/- (online)
6. Available of bid documents in the website. :- From 16.01.2020 to 16.00 Hours of 31.01.2020
7. Date of opening of bid :- Dt. 01.02.2020 at 11.00 Hours.
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in.** Any addendum / corrigendum / cancellation of tender can also be seen in the said website.

Sd./-T.P.Mishra
Superintending Engineer
Cuttack(R&B)Circle

34012/11/0010/1920



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଇକିଆ

ବିଜ୍ଞପ୍ତି

ସଂଖ୍ୟା: ୨୮ ତାରିଖ: ୦୪।୦୧।୨୦୨୦

ଏତଦ୍ୱାରା ରାଇକିଆ ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣ ଅଣକୁଶଳୀ ଶ୍ରମିକ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲାପାଳ, କନ୍ଧମାଳ ଓ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କନ୍ଧମାଳଙ୍କ ନିର୍ଦ୍ଦେଶକ୍ରମେ ନିମ୍ନ ଅଧିକାରୀଙ୍କ ଉପସ୍ଥିତି ଓ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ଗ୍ରାମପଞ୍ଚାୟତରେ ଏମ୍‌ଜିଏନ୍‌ଆର୍ ଜିଏ ଏବଂ ଏନ୍‌ଏସ୍‌ଏପି କାର୍ଯ୍ୟର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏହି ସାମାଜିକ ସମୀକ୍ଷା ବୈଠକରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ବିଭିନ୍ନ ବିଭାଗ ଜରିଆରେ ସମ୍ପାଦିତ ହୋଇଥିବା ୨୦୧୯-୨୦ ଆର୍ଥିକ ବର୍ଷ (୧ ଅପ୍ରେଲ ୨୦୧୯ଠାରୁ ୩୦ ସେପ୍ଟେମ୍ବର ୨୦୧୯)ର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ନିମ୍ନୋକ୍ତ ବିଷୟରେ ଆଲୋଚନା କରାଯିବ। (୧) ମଷ୍ଟରରୋଲରେ ପ୍ରଦର୍ଶିତ କାର୍ଯ୍ୟଦିବସ ଅନୁଯାୟୀ ପ୍ରାପ୍ୟର ସଠିକତା। (୨) ମଷ୍ଟରରୋଲରେ ଦର୍ଶାଯାଇଥିବା ବିବରଣୀ କାର୍ଯ୍ୟପତ୍ରଗୁଡ଼ିକରେ ମଷ୍ଟରରୋଲ ମୁତାବକ ଦରଜର ସଠିକତା। (୩) ମଷ୍ଟରରୋଲ ଅନୁଯାୟୀ ଅଣକୁଶଳୀ ଓ କୁଶଳୀ ଶ୍ରମିକମାନଙ୍କ ମେଳ। (୪) ମଷ୍ଟରରୋଲ/ଭାଉଚର ସଠିକତା କାର୍ଯ୍ୟର ପରିମାଣ ଓ ସଫଳତା ଜବ୍‌କାର୍ଡ଼ ପ୍ରଦାନ କାର୍ଯ୍ୟ ନିମନ୍ତେ ଦାବି ଉପରେ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ତତ୍ ସମ୍ବନ୍ଧୀୟ ବିଷୟରେ ଆଲୋଚନା। (୫) ଏମ୍‌ଜିଏନ୍‌ଆରଇଜିଏ, ଏନ୍‌ଏସ୍‌ଏପି ସମ୍ବନ୍ଧେ ଅନ୍ୟାନ୍ୟ ବିଷୟରେ ଆଲୋଚନା।

| | ଗ୍ରା.ପ.ର ନାମ | ଦଳର ସଂଖ୍ୟା | ଗ୍ରା.ପ. ଜନଶୁଣାଣି/ ସାମାଜିକ ସମୀକ୍ଷା | ବ୍ଲକସ୍ତରୀୟ ଜନଶୁଣାଣି | ସାମାଜିକ ସମୀକ୍ଷା ନିମନ୍ତେ ଉପସ୍ଥିତ କର୍ମଚାରୀ |
|---|---|---|---|---|---|
| ସାମାଜିକ ସମୀକ୍ଷା ପଞ୍ଜିକା ୨୦୧୯-୨୦ | ପେଟାପାଙ୍ଗା | ୧ | ୧୭।୦୧।୨୦୨୦ | ୨୪।୦୪।୨୦୨୦ | ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ଜେଇ/ଜିପିଟିଏ, ପିଇଓ, ଜିଆର୍‌ଏସ୍, ସାହାରା, ଏନ୍‌ଜିଓ, ଭିଆର୍‌ପି |
| | ମଣ୍ଡାକିଆ | ୨ | ୧୭।୦୧।୨୦୨୦ | | ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଜେଇ/ଜିପିଟିଏ, ପିଇଓ, ଜିଆର୍‌ଏସ୍, ସାହାରା, ଏନ୍‌ଜିଓ, ଭିଆର୍‌ପି |
| | ରାଇକିଆ | ୩ | ୧୭।୦୧।୨୦୨୦ | | ସହକାରୀ ଯନ୍ତ୍ରୀ, ଜେଇ/ଜିପିଟିଏ, ପିଇଓ, ଜିଆର୍‌ଏସ୍, ସାହାରା, ଏନ୍‌ଜିଓ, ଭିଆର୍‌ପି |
| | ବେରେଡାକିଆ | ୪ | ୧୭।୦୧।୨୦୨୦ | | ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଜେଇ/ଜିପିଟିଏ, ପିଇଓ, ଜିଆର୍‌ଏସ୍, ସାହାରା, ଏନ୍‌ଜିଓ, ଭିଆର୍‌ପି |
| | ଦଡ଼ିଙ୍ଗିଆ | ୧ | ୦୧।୦୨।୨୦୨୦ | | ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଜେଇ/ଜିପିଟିଏ, ପିଇଓ, ଜିଆର୍‌ଏସ୍, ସାହାରା, ଏନ୍‌ଜିଓ, ଭିଆର୍‌ପି |
| | ଗୁମାମାହା | ୨ | ୦୧।୦୨।୨୦୨୦ | | ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଜେଇ/ଜିପିଟିଏ, ପିଇଓ, ଜିଆର୍‌ଏସ୍, ସାହାରା, ଏନ୍‌ଜିଓ, ଭିଆର୍‌ପି |
| | ସୁଗଡ଼ବାଡ଼ି | ୩ | ୦୧।୦୨।୨୦୨୦ | | ସହକାରୀ ଯନ୍ତ୍ରୀ, ଜେଇ/ଜିପିଟିଏ, ପିଇଓ, ଜିଆର୍‌ଏସ୍, ସାହାରା, ଏନ୍‌ଜିଓ, ଭିଆର୍‌ପି |
| | ମାଣିକେଶ୍ୱର | ୪ | ୦୧।୦୨।୨୦୨୦ | | ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ଜେଇ/ଜିପିଟିଏ, ପିଇଓ, ଜିଆର୍‌ଏସ୍, ସାହାରା, ଏନ୍‌ଜିଓ, ଭିଆର୍‌ପି |
| | କରଡ଼ା | ୧ | ୧୩।୦୨।୨୦୨୦ | | ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଜେଇ/ଜିପିଟିଏ, ପିଇଓ, ଜିଆର୍‌ଏସ୍, ସାହାରା, ଏନ୍‌ଜିଓ, ଭିଆର୍‌ପି |
| | ଇନ୍ଦ୍ରଗଡ଼ | ୨ | ୧୩।୦୨।୨୦୨୦ | | ସହକାରୀ ଯନ୍ତ୍ରୀ, ଜେଇ/ଜିପିଟିଏ, ପିଇଓ, ଜିଆର୍‌ଏସ୍, ସାହାରା, ଏନ୍‌ଜିଓ, ଭିଆର୍‌ପି |
| | ରଣବା | ୩ | ୧୩।୦୨।୨୦୨୦ | | ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଜେଇ/ଜିପିଟିଏ, ପିଇଓ, ଜିଆର୍‌ଏସ୍, ସାହାରା, ଏନ୍‌ଜିଓ, ଭିଆର୍‌ପି |
| | ବଡ଼ବାରବା | ୪ | ୧୩।୦୨।୨୦୨୦ | | ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ଜେଇ/ଜିପିଟିଏ, ପିଇଓ, ଜିଆର୍‌ଏସ୍, ସାହାରା, ଏନ୍‌ଜିଓ, ଭିଆର୍‌ପି |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ରାଇକିଆ



See Career Appointment on every Wednesday & Saturday



OCPL Odisha Coal and Power Limited

ODISHA COAL AND POWER LTD.
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

NOTICE INVITING TENDER

NIT No: OCPL/CIVIL-106/2020Date: 09/01/2020

Sealed bids in prescribed format are invited from Companies/Contractors / agencies / firms forthe following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale/Download of Tender Document | Last date of Submission/ Opening of bid |
|---|---|---|---|---|---|---|
| 01 | Development of Hemgir-Beheramunda Road from Chainage 2015 Mtr to 2835 Mtr (Phase-III) at Hemgir, Sundargarh, Odisha. | Rs.1180/- (Rupees One Thousand One Hundred and Eighty Only) inclusive of GST @ 18% | Rs.40,000/- (Rupees FortyThousand Only) | 09/01/2020 | 21/01/2020 | 3:00 PM on 31/01/2020 3:30 PM on 31/01/2020 |

For further details, bidders may visit our website, i.e www.ocpl.org.in. Any clarification mayplease be addressed to the undersigned at the above address or by email to: a.kanungo@ocpl.org.in.

Sd/- Addl. General Manager (Commercial & Contracts)



“ ବ୍ୟକ୍ତିଗତ ଭାବେ ମୁଁ ଭାବୁଛି, ଟେଷ୍ଟ କ୍ରିକେଟ୍ ୫ ଦିନିଆ ରହିବା ଦରକାର । ଏଥିରେ କୌଣସି ପରିବର୍ତ୍ତନ ହେଉ ବୋଲି ମୁଁ ଚାହୁଁନାହିଁ ।
–ମାହେଲା ଜୟବର୍ଦ୍ଧନେ, ପୂର୍ବତନ ଶ୍ରୀଲଙ୍କା ଅଧିନାୟକ



“ ରୋଜର ଫେଡରରଙ୍କ ରେକର୍ଡ ସହ ସମକକ୍ଷ ହେବାକୁ ଭାବିନାହିଁ । ମୋର ଗୋଟିଏ ଲକ୍ଷ୍ୟ ହେଉଛି ଭଲ ଟେନିସ ଖେଳିବା ।
–ରାଫାଲ ନାଡାଲ, ସ୍ପାନିଶ ଟେନିସ ଷ୍ଟାର୍

# ‘ଦର୍ଶକଙ୍କ ଉପସ୍ଥିତିରେ ଆମେ ଉଲ୍ଲସିତ’

**କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫସି**

ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମ ଏପର୍ଯ୍ୟନ୍ତ ଓଡ଼ିଶା ଏଫସି ପାଇଁ ଶୁଭ ସାବ୍ୟସ୍ତ ହୋଇଛି। ଦିଲ୍ଲୀ ଡାଇନାମସରୁ ଓଡ଼ିଶା ଏଫସିରେ ପରିଣତ ହୋଇଥିବା ଏହି ଦଳ ଏଠାରେ ଖେଳିଥିବା ୨ଟିଯାକ ମ୍ୟାଚରେ ବିଜୟୀ ହୋଇଛି। ଆସନ୍ତା ଶନିବାର ଦଳ ଏଠାରେ ଏହାର ପରବର୍ତ୍ତୀ ମ୍ୟାଚ ମୁମ୍ବାଇ ସିଟି ଏଫସି ସହିତ ଖେଳିବ। ଗତ ଅକ୍ଟୋବର ୩୧ରେ ଦୁଇ ଦଳ ମୁମ୍ବାଇରେ ପରସ୍ପରକୁ ଭେଟିଥିଲେ। ସେଥିରେ ଓଡ଼ିଶା ଏଫସି ୪–୨ ଗୋଲରେ ବିଜୟୀ ହୋଇଥିଲା। ଚଳିତ ସିଜନରେ ଏହାଥିଲା ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଦଳର ପ୍ରଥମ ବିଜୟ। ତେଣୁ ଏଠାରେ ସେହି ପ୍ରଦର୍ଶନ ବଜାୟ ରଖି ଓଡ଼ିଶା ଏଫସି ବିଜୟରେ ହ୍ୟାଟ୍ରିକ କରିବାନେଇ ଆଶା ରଖିଛି। ବିଶେଷ କରି ଘରୋଇ ପରିବେଶରେ ଜାମସେଦପୁର ଏଫସି ଏବଂ ପୂର୍ବତନ ଚାମ୍ପିୟନ ଚେନ୍ନାଇନ୍ ଏଫସିକୁ ହରାଇବାପରେ ଖେଳାଳିଙ୍କ ମନୋବଳ ଏବେ କାହିଁ କେତେ ଉପରେ ରହିଛି।

ପୂର୍ବ ମ୍ୟାଚରେ ଗୋଲ ସ୍କୋର କରିଥଲେ ଓଡ଼ିଶା ଏଫସିର ଅନ୍ତର୍ଜାତୀୟ ଖେଳାଳି ଭିନିତ ରାୟ। ଇଣ୍ଡିଆନ ସୁପରଲିଗ୍‌ରେ ଏହାଥିଲା ତାଙ୍କର ପ୍ରଥମ ଗୋଲ। ଏଥିରେ ଉତ୍ସାହିତ ହୋଇଥିବା ଭିନିତ ମୁମ୍ବାଇ ସିଟି ଏଫସି ବିପକ୍ଷ ମ୍ୟାଚକୁ ବ୍ୟଗ୍ରତାର ସହ ଅପେକ୍ଷା କରିଥିବା ପ୍ରକାଶ କରିଛନ୍ତି। “ ଷ୍ଟାଡିୟମରେ ଉପସ୍ଥିତ ରହି ଆମକୁ ଉତ୍ସାହିତ କରୁଥିବାରୁ ଓଡ଼ିଶାର ଦର୍ଶକଙ୍କୁ ପ୍ରଥମେ ଧନ୍ୟବାଦ ଜଣାଇବାକୁ ଚାହିଁବି। ଆମେ ଏଠାରେ କ୍ରମାଗତ ୨ଟି ମ୍ୟାଚ ଜିତିଛୁ। ଚଳିତ ସିଜନରେ ପୂର୍ବ ମ୍ୟାଚରେ ମୁମ୍ବାଇ ସିଟି ଏଫସିକୁ ହରାଇ ସାରିଛୁ। ଏବେ ଆଗାମୀ ମ୍ୟାଚ ଉପରେ ଆମେ ଦୃଷ୍ଟି ନିବଦ୍ଧ କରୁଛୁ। ବ୍ୟକ୍ତିଗତଭାବେ କଠିନ ପରିଶ୍ରମ କରି ଦଳକୁ ପ୍ଲେ–ଅଫ୍‌କୁ ନେବା ମୋର ଲକ୍ଷ୍ୟ” ବୋଲି ଭିନିତ ପ୍ରକାଶ କରିଛନ୍ତି। ଭିନିତଙ୍କ ପରି ଡାନିଏଲ ଲାଲହଲିମ୍ପୁଇଆ ମଧ୍ୟ କଳିଙ୍ଗ ଷ୍ଟାଡିୟମ ପରିବେଶରେ ଆନନ୍ଦ ପ୍ରକାଶ କରିଛନ୍ତି। “ଚେନ୍ନାଇନ୍ ଏଫସି ବିପକ୍ଷ ମ୍ୟାଚରେ ଦର୍ଶକମାନେ ଉପସ୍ଥିତ ରହି ଆମକୁ ଉତ୍ସାହିତ କରିବା ମୋତେ ଉଲ୍ଲସିତ କରିଥିଲା। ଉପହାର ସଦୃଶ ଆମେ ସେମାନଙ୍କୁ ବିଜୟ ଭେଟି ଦେଇଥିଲୁ। ମୁମ୍ବାଇ ସିଟି ଏଫସି ବିପକ୍ଷ ମ୍ୟାଚରେ ମଧ୍ୟ ଦର୍ଶକମାନେ ବହୁ ସଂଖ୍ୟାରେ ଆସିବେ ବୋଲି ମୁଁ ଆଶା ରଖିଛି। ଚଳିତ ସିଜନରେ ଭୁବନେଶ୍ୱରରେ ଆମେ ଆଉ ୪ଟି ମ୍ୟାଚ ଖେଳିବୁ। ତେଣୁ ଦର୍ଶକଙ୍କ ଉପସ୍ଥିତି ଆମକୁ ଉତ୍ସାହିତ କରିବା ଆଶା ରହିଛି” ବୋଲି ସେ କହିଛନ୍ତି।



ଡାନିଏଲ ଲାଲହଲିମ୍ପୁଇଆ



ଭିନିତ ରାୟ

## ମାଲେସିଆ ମାଷ୍ଟର୍ସ ସିନ୍ଧୁ, ସାଇନା, ପ୍ରଣୟ ୨ୟ ରାଉଣ୍ଡରେ

କୁଆଲାଲମ୍ପୁର, ୮।୧(ପି.ଟି.)

ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ, ସାଇନା ନେହ୍ୱାଲ ଓ ଏଚ୍.ଏସ୍. ପ୍ରଣୟ ବିଜୟରୁ ୨୦୨୦ ବର୍ଷ ଆରମ୍ଭ କରିଛନ୍ତି। ବୁଧବାର ଏଠାରେ ଖେଳାଯାଇଥିବା ମାଲେସିଆ ମାଷ୍ଟର୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ସିନ୍ଧୁ, ସାଇନା ଓ ପ୍ରଣୟ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ପ୍ରଣୟ ୨୧–୯, ୨୧–୧୭ ସିଧାସଳଖ ଗେମ୍‌ରେ ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ରହିଥିବା କାଣ୍ଟା ସୁନେୟାମାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ ୩୪ ମିନିଟ୍ ସମୟ ଲାଗିଥିଲା। ଗୁରୁବାର ଦ୍ୱିତୀୟ ରାଉଣ୍ଡରେ ପ୍ରଣୟଙ୍କ ମୁକାବିଲା ବିଶ୍ୱର ଏକ ନମ୍ବର ଖେଳାଳି କେଣ୍ଟୋ ମୋମୋଟାଙ୍କ ସହ ହେବ। ମୋମୋଟା ଅନ୍ୟତମ ଭାରତୀୟ ଶଟ୍‌ଲର ପାରୁପଲ୍ଲୀ କାଶ୍ୟପଙ୍କୁ ୨୧–୧୭, ୨୧–୧୬ ଗେମ୍‌ରେ ପରାସ୍ତ କରି ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ପୁରୁଷ ସିଙ୍ଗଲ୍ସ ଅନ୍ୟ ମ୍ୟାଚ୍‌ରେ ଭାରତର ବି. ସାଇ ପ୍ରଣୀଥ୍ ଓ କିଡାମ୍ବୀ ଶ୍ରୀକାନ୍ତଙ୍କୁ କିନ୍ତୁ ନିରାଶ ହେବାକୁ ପଡ଼ିଛି। ଉଭୟେ ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ସିନ୍ଧୁ ୨୧–୧୫, ୨୧–୧୩ ସିଧାସଳଖ ଗେମ୍‌ରେ ରୁଷିଆର ଏଭଗେନିୟା କୋସେଟସ୍କାୟାଙ୍କୁ ମାତ୍ ଦେଇଛନ୍ତି। ସିନ୍ଧୁ ଦ୍ୱିତୀୟ ରାଉଣ୍ଡରେ ଜାପାନର ଆୟା ଓହୋରିଙ୍କୁ ଭେଟିବେ। ସେହିଭଳି ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ୨୧–୧୫, ୨୧–୧୭ରେ ବେଲ୍‌ଜିୟମର ଲିଆନେ ଟାନ୍‌ଙ୍କୁ ହରାଇଛନ୍ତି।

## ଇଣ୍ଡିଆନ୍ ସୁପର୍ ଲିଗ୍ ଶତକ ମ୍ୟାଚ୍‌ରେ ଗୋଆ ବିଜୟୀ

ମାରଗାଓ, ୮।୧ (ପି.ଟି.)

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍)ରେ ନିଜର ଶତକୀୟ ମ୍ୟାଚ୍‌ରେ ଏଫ୍‌ସି ଗୋଆ ବିଜୟୀ ହୋଇଛି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ଏଫ୍‌ସି ଗୋଆ ୨–୦ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡ୍‌କୁ ପରାସ୍ତ କରିଛି। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଉଭୟ ଗୋଲ ଦେଖିବାକୁ ମିଳିଥିଲା। ୬୮ତମ ମିନିଟ୍‌ରେ ନର୍ଥଇଷ୍ଟର ମିସ୍ଲାଭ କୋର୍ମୋସ୍କିଙ୍କ ଆତ୍ମଘାତୀ ଗୋଲ ବଳରେ ଗୋଆ ୧–୦ରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ୮୨ତମ ମିନିଟ୍‌ରେ ଫେରାନ କୋରୋମିନାସ ପେନାଲ୍ଟିକୁ ଗୋଲରେ ରୂପାନ୍ତରିତ କରି ଗୋଆକୁ ୨–୦ ଗୋଲରେ ବିଜୟୀ କରାଇଥିଲେ। ଆଇଏସ୍ଏଲ୍‌ରେ ଫେରାନଙ୍କ ଏହା ୪୯ତମ ଗୋଲ ଥିଲା। ଏହି ବିଜୟ ସହ ଏଫ୍‌ସି ଗୋଆ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛି। ଦ୍ୱାଦଶ ମ୍ୟାଚ୍‌ରୁ ୭ମ ବିଜୟ, ୨ଟି ପରାଜୟ ଓ ୩ଟି ଡ୍ର ସହ ୨୪ ପଏଣ୍ଟ ହାସଲ କରି ଏଟିକେ (୨୧) ଉପରେ ଏକ ନମ୍ବର ସ୍ଥାନରେ ରହିଛି। ଅପରପକ୍ଷରେ ନର୍ଥଇଷ୍ଟ ୧୦ ମ୍ୟାଚରୁ ୩ୟ ପରାଜୟ ସହ ୧୧ ପଏଣ୍ଟ ପାଇ ଟେବୁଲର ୮ମ ସ୍ଥାନରେ ରହିଛି।

**ସଂକ୍ଷେପରେ**

## ପୂର୍ବତନ ସର୍ବିଆ ଷ୍ଟ୍ରାଇକରଙ୍କୁ ଗୁଳି



ଗ୍ଲିଫାଡ(ଗ୍ରିସ),୮।୧(ଏଏଫ୍‌ପି)- ପୂର୍ବତନ ସର୍ବିଆ ଷ୍ଟ୍ରାଇକର ଡାର୍କୋ କୋଭାସେଭିକ୍‌ଙ୍କ ଉପରେ ମଙ୍ଗଳବାର ସନ୍ଧ୍ୟାରେ ଗୁଳିମାଡ଼ ହୋଇଛି। ଏଥେନ୍ସ ସୁବର୍ବସ୍ଥିତ ବାସଭବନ ବାହାରେ ଏହି ଘଟଣା ଘଟିଥିବା ଏଥେନ୍ସ ଖବରଦାତା ସଂସ୍ଥା ପକ୍ଷରୁ କୁହାଯାଇଛି। ରିପୋର୍ଟ ମୁତାବକ, ପୂର୍ବତନ ସର୍ବିଆ ଜାତୀୟ ଦଳର ଖେଳାଳିଙ୍କ ଆଣ୍ଠୁରେ ଆଘାତ ଲାଗିଛି। କିନ୍ତୁ ଗୁଳିମାଡ଼ ଦ୍ୱାରା ସେ ଆହତ ହୋଇଛନ୍ତି ନା ବର୍ତ୍ତିବାକୁ ଉଦ୍ୟମ କରୁଥିବାବେଳେ, ତାହା ସ୍ପଷ୍ଟ କରାଯାଇ ନାହିଁ। ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। କୋଭାସେଭିକ୍ ନିଜ କାରରୁ ବାହାରୁଥିବାବେଳେ ଦୁର୍ବୃତ୍ତମାନେ ଅନ୍ୟ ଏକ କାରରୁ ଗୁଳି ଚଳାଇଥିଲେ। ସେ ସର୍ବିଆ ପାଇଁ ୧୯୯୪ରୁ ୨୦୦୪ ପର୍ଯ୍ୟନ୍ତ ୫୯ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ଲା ଲିଗା ଲିଗ୍‌ରେ ୯ଟି ସିଜନ ଖେଳିଥିଲେ। ଏହାବାଦ୍ ଜୁଭେଣ୍ଟସ, ଲାଜିଓ ଓ ଶେଫିଲ୍ଡ ପାଇଁ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ।

## ଶାରାପୋଭାଙ୍କୁ ୱାଇଲ୍ଡ କାର୍ଡ

ମେଲ୍‌ବୋର୍ନ,୮।୧(ଏଏଫ୍‌ପି)- ପାଞ୍ଚ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ମାରିଆ ଶାରାପୋଭାଙ୍କୁ ବୁଧବାର ଅଷ୍ଟ୍ରେଲିଆନ ଓପନ ପାଇଁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ଆହତ ସମସ୍ୟା ଯୋଗୁ ୨୦୧୯ ସିଜନରେ ପ୍ରାୟ ଇଭେଣ୍ଟରେ ଖେଳିପାରି ନ ଥିଲେ। ୨୦୦୮ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ୩୨ ବର୍ଷୀୟ ଶାରାପୋଭାଙ୍କ ର୍ୟାଙ୍କ ଏବେ ୧୪୭ ତମ ସ୍ଥାନକୁ ଖସି ଆସିଛି। ସେ ଏବେ ବ୍ରିସବେନ ଓପନରେ ଅଂଶଗ୍ରହଣ କରିଥିଲେ। ଏହି ଇଭେଣ୍ଟ ପୂର୍ବରୁ ସେ ୟୁଏସ୍ ଓପନର ପ୍ରଥମ ରାଉଣ୍ଡରେ ଅନ୍ତିମ ଥର ଖେଳିଥିଲେ। ସେଥରେ ଚିରପ୍ରତିଦ୍ୱନ୍ଦ୍ୱୀ ସେରେନା ୱିଲିୟମ୍ସ ତାଙ୍କୁ ହରାଇ ଥିଲେ। ଏହାପରେ କାନ୍ଧ ଜନିତ ସମସ୍ୟା ଯୋଗୁ ସେ କୋର୍ଟରୁ ଦୂରେଇ ରହିଥିଲେ।

## ଭାର ଇଣ୍ଡିଆ ଆଇଟି କପ୍ ଆରମ୍ଭ

ଭୁବନେଶ୍ୱର, ୮।୧(ସ୍ପୋର୍ଟ୍ସ ବ୍ୟୁରୋ) ଭାର ଇଣ୍ଡିଆ ଆଇଟି କପ୍‌ର ୧୦ମ ସଂସ୍କରଣ ପଟିଆ ଷ୍ଟେଶନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଭାର ଇଣ୍ଡିଆର ମୁଖ୍ୟ ପରିଚାଳକ ଅଶୋକ ମହାପାତ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୨୦ଟି ଆଇଟି କମ୍ପାନୀ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚ ଗତ ୫ ତାରିଖରେ ଖେଳା ଯାଇଥିବାବେଳେ ଅନ୍ୟ ମ୍ୟାଚ ଗୁଡ଼ିକ ଯଥାକ୍ରମେ ୧୧, ୧୨, ୧୮ ଓ ୧୯ ତାରିଖରେ ଅନୁଷ୍ଠିତ ହେବ। ପ୍ରଥମ ଦିନ ଅନୁଷ୍ଠିତ ମ୍ୟାଚରେ ଆଇଏନ୨ଆଇଟି, କ୍ରେଷ୍ଟ ଗ୍ଲୋବାଲ, ଟେକ୍ ମହିନ୍ଦ୍ରା ଓ ସ୍ପାର୍କ ଟିମ୍ ବିଜୟ୍ ହାସଲ କରିଛନ୍ତି। ମ୍ୟାଚ ଗୁଡ଼ିକୁ ଓସିଏ ପ୍ୟାନେଲ ଅମ୍ପାୟର ପରିଚାଳନା କରୁଛନ୍ତି।

## ଚ୍ୟାରିଟି ମ୍ୟାଚ୍ ଖେଳିବେ ଫେଡରର, ସେରେନା

ମେଲ୍‌ବୋର୍ନ,୮।୧(ଏଏଫ୍‌ପି)- ଟେନିସ ସୁପରଷ୍ଟାର ରୋଜର ଫେଡେରର, ସେରେନା ୱିଲିୟମ୍ସ ଓ ରାଫେଲ ନାଡାଲ ଅଷ୍ଟ୍ରେଲିଆନ ଓପନ ପୂର୍ବରୁ ଏକ ଚ୍ୟାରିଟି ମ୍ୟାଚ୍ ଖେଳିବେ। ଏଥିରୁ ଆୟ ହୋଇଥିବା ଅର୍ଥରାଶି ରେଡ୍ କ୍ରସ ପାଣ୍ଠିକୁ ଦାନ କରାଯିବ ବୋଲି ଇଭେଣ୍ଟ ଆୟୋଜକମାନେ ବୁଧବାର ପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ, ଗତ ୪ ମାସ ହେଲା ଅଷ୍ଟ୍ରେଲିଆର ପୂର୍ବାଞ୍ଚଳ ଜଙ୍ଗଲରେ ଲାଗିଥିବା ନିଆଁ କାରଣରୁ ୫୦ କୋଟି ଜନ୍ତୁ ପ୍ରାଣ ହରାଇ ସାରିଛନ୍ତି। ବହୁ ଏକର ଜମି ନଷ୍ଟ ହେବା ସହ ୨୫ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୧୮ ଶହ ଘର ମଧ୍ୟ ନଷ୍ଟ ହୋଇଯାଇଛି। ମେଲବୋର୍ନର ରୋଡ ଲାଭର ଏରିନାରେ ଆସନ୍ତା ୧୫ ତାରିଖରେ ପ୍ରଦର୍ଶନୀ ମ୍ୟାଚ୍ ଆୟୋଜନ ହେବ ବୋଲି ଟେନିସ ଅଷ୍ଟ୍ରେଲିଆ ଗତ ସପ୍ତାହରେ ଘୋଷଣା କରିଥିଲେ। ଏହାର ଠିକ୍ ଗୋଟିଏ ସପ୍ତାହ ପରେ ଚଳିତବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଫେଡେରର, ସେରେନାଙ୍କ ବ୍ୟତୀତ ନାଓମି ଓସାକା, କାରୋଲିନା ଓ୍ୱଜନିଆକି, ନିକି କିର୍ଗିଅସଙ୍କ ଭଳି ପ୍ରମୁଖ ଖେଳାଳି ଭାଗନେବେ ବୋଲି ସ୍ପଷ୍ଟ କରିଛନ୍ତି।

## କ୍ୟାପ୍, ଶାର୍ଟ ବିକିବେ ଥମସନ

ସିଡ୍‌ନୀ,୮।୧

କିମ୍ବଦନ୍ତୀ ଅଷ୍ଟ୍ରେଲିଆ ପେସର ଜେଫ ଥମସନ ନିଜ ଗ୍ରୀନ ରଙ୍ଗର କ୍ୟାପ ଓ କ୍ରିକେଟ ଶାର୍ଟ ନିଲାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରୁ ଆୟ ଅର୍ଥରାଶି ଦେଶର ଜଙ୍ଗଲରେ ଲାଗିଥିବା ନିଆଁର କ୍ଷୟକ୍ଷତି ପୂରଣ କରିବା ପାଇଁ ଦାନ କରିବେ। ଉଭୟ କ୍ୟାପ ଓ ଶାର୍ଟ ଲୟଡ୍ସ ବଶଫାୟାର ରିଲିଫ ଅକ୍‌ଶନରେ ନିଲାମ ହେବ। ମୋର ଅଧିକ କିଛି ସ୍ମୃତି ନାହିଁ। ଏହି ଦୁଇଟି ମୋ ଲାଗି ସ୍ୱତନ୍ତ୍ର। ଆଶା କରୁଛି ଦୁଇ ବସ୍ତୁ ଦେଶର କିଛି ସାହାଯ୍ୟ କରିପାରିବ ବୋଲି ଥମସନ କହିଛନ୍ତି। ଥମସନଙ୍କ ସମୟରେ ପ୍ରତ୍ୟେକ ସିରିଜ୍ ପୂର୍ବରୁ ଅଷ୍ଟ୍ରେଲିଆ କ୍ରିକେଟରଙ୍କୁ କ୍ୟାପ ପ୍ରଦାନ କରାଯାଉଥିଲା। ବର୍ତ୍ତମାନ କ୍ରିକେଟରେ ପ୍ରତ୍ୟେକ କ୍ରିକେଟରଙ୍କୁ ପଦାର୍ପଣବେଳେ ଏକମାତ୍ର କ୍ୟାପ ଦିଆଯାଉଛି। ତାଙ୍କ ପୂର୍ବରୁ ସ୍ପିନ କିମ୍ବଦନ୍ତୀ ଶେନ ଓ୍ୱର୍ନ, ଏବେକାର ଅଷ୍ଟ୍ରେଲିଆନ ଖେଳାଳି କ୍ରିସ ଲିନ, ଗ୍ଲେନ ମ୍ୟାକ୍ସୱେଲ ଓ ଡାର୍ସି ଶର୍ଟ ମଧ୍ୟ ସହାୟତାର ହାତ ବଢ଼ାଇଛନ୍ତି।



## କୋହଲି ଶୀର୍ଷ ସ୍ଥାନ ବଜାୟ ରଖିଲେ

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

ଦୁବାଇ,୮।୧(ପି.ଟି.)

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ବ୍ୟାଟିଂ ତାଲିକାରେ ପୂର୍ବପରି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ତେବେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେ ତଳକୁ ଖସିଛନ୍ତି। ୯୨୮ ପଏଣ୍ଟ ସହ କୋହଲି ୧ ନମ୍ବର ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ୯୧୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ପୂଜାରା ୭୯୧ ପଏଣ୍ଟ ପାଇ ଗୋଟିଏ ସ୍ଥାନ ତଳକୁ ଖସିବା ସହ ଷଷ୍ଠ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ରାହାନେ ୭୫୯ ପଏଣ୍ଟ ପାଇ ଦୁଇଟି ସ୍ଥାନ ତଳକୁ ଖସି ନବମ୍ ସ୍ଥାନରେ ରହିଛନ୍ତି।

ବୋଲିଂ ତାଲିକାରେ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ୭୯୪ ପଏଣ୍ଟ ପାଇ ଷଷ୍ଠ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୭୭୨ ପଏଣ୍ଟ ପାଇ ଓ ଦ୍ରୁତ ବୋଲର ମହମ୍ମଦ ସାମି ୭୭୧ ପଏଣ୍ଟ ପାଇ ଯଥାକ୍ରମେ ନବମ ଓ ଦଶମ ସ୍ଥାନରେ ରହିଛନ୍ତି। ଜବରଦସ୍ତ ଫର୍ମରେ ଥିବା ଅଷ୍ଟ୍ରେଲିଆର ମାର୍ନସ ଲାବୁସେନ ବ୍ୟାଟିଂ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟରେ ୨୧୫ ଓ ୫୯ ରନ ସ୍କୋର କରି ସେ ଗୋଟିଏ ସ୍ଥାନ ଉପରକୁ ଉଠି ଏହି ସ୍ଥାନ ଅଧିକାର କରିଛନ୍ତି।

ଅଷ୍ଟ୍ରେଲିଆ ଦ୍ରୁତ ବୋଲର ପ୍ୟାଟ୍ କୁମିନ୍ସ ୯୦୪ ପଏଣ୍ଟ ପାଇ ବୋଲିଂ ତାଲିକାର ଶୀର୍ଷରେ ରହିଛନ୍ତି। ନ୍ୟୁଜିଲାଣ୍ଡର ନିଲ ୱାଗନର ୮୫୨ ପଏଣ୍ଟ ପାଇ ଦ୍ୱିତୀୟ ଓ ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର ୮୩୦ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ କ୍ୟାରିୟର ଶ୍ରେଷ୍ଠ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଇଂଲଣ୍ଡ ଅଲରାଉଣ୍ଡର ବୋନ୍ ଷ୍ଟୋକ୍ସ ୫ଟି ସ୍ଥାନ ଉପରକୁ ଉଠି ବ୍ୟାଟିଂ ତାଲିକାରେ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ପୁଣି ଥରେ ବୋଲିଂ ତାଲିକାର ଟପ୍ ୧୦କୁ ଫେରିଛନ୍ତି।

ଡିନ୍ ଏଲଗାର ୩ଟି ସ୍ଥାନ ଉପରକୁ ଉଠି ୧୯ ଓ ଏଡେନ ମାରାକ୍ରମ ଗୋଟିଏ ସ୍ଥାନ ଉପରକୁ ଉଠି ୨୨ତମ ସ୍ଥାନରେ ରହିଛନ୍ତି। ବୋଲିଂ ତାଲିକାରେ ଦକ୍ଷିଣ ଆଫ୍ରିକାର ଅନ୍‌ରିଚ୍ ନୋର୍ଜ ୩୪ଟି ସ୍ଥାନ ଉପରକୁ ଉଠି ୬୨ତମ ସ୍ଥାନରେ ରହିଛନ୍ତି।



## ଗୋଟିଏ ଦିନରେ ୨ ହ୍ୟାଟ୍ରିକ

**ବିଗ୍ ବାସ୍ ଲିଗ୍**

ଆଡିଲେଡ୍,୮।୧

ଗୋଟିଏ ଦିନରେ ଦୁଇଜଣ ବୋଲରଙ୍କୁ ହ୍ୟାଟ୍ରିକ ଉଇକେଟ୍ ସଫଳତା ମିଳିଛି। ଅଷ୍ଟ୍ରେଲିଆର ଘରୋଇ ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ଆଫଗାନିସ୍ତାନ ସ୍ପିନର ରଶିଦ ଖାଁ ଓ ପାକିସ୍ତାନ ଦ୍ରୁତ ବୋଲର ହାରିସ ରୌଫ୍ ଏହି ସଫଳତା ପାଇଛନ୍ତି। ରଶିଦ୍ ଆଡିଲେଡ୍ ଷ୍ଟ୍ରାଇକର୍ସ ଓ ରୌଫ୍ ମେଲବୋର୍ନ ଷ୍ଟାର୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ନିଜ ନିଜର ହ୍ୟାଟ୍ରିକ ଅର୍ଜନ କରିଥିଲେ।

ଦିବସର ପ୍ରଥମ ହ୍ୟାଟ୍ରିକ ଆଡିଲେଡ୍ ଷ୍ଟ୍ରାଇକର୍ସ ଓ ସିଡ୍‌ନୀ ସିକ୍ସର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଦେଖିବାକୁ ମିଳିଥିଲା। ଲେଗ୍ ସ୍ପିନର ରଶିଦ ସିଡ୍‌ନୀ ଇନିଂସର ୧୧ତମ ଓଭର ୫ମ ଓ ୬ଷ୍ଠ ବଲରେ ଜେମ୍ସ ଭିନ୍ସ ଓ ଜ୍ୟାକ ଏଡ୍‌ୱାର୍ଡ୍ସଙ୍କୁ ଯଥାକ୍ରମେ କ୍ୟାଚ୍ ଓ ଏଲବିଡବ୍ଲ୍ୟୁ ଆଉଟ୍ କରିଥିଲେ। ୧୩ତମ ଓଭର ପ୍ରଥମ ବଲରେ ଜୋର୍ଡାନ ସିଲ୍‌କଙ୍କୁ କ୍ଲିନ ବୋଲ୍ଡ କରି ହ୍ୟାଟ୍ରିକ ପୂରଣ କରିଛନ୍ତି। ରଶିଦଙ୍କ ସଫଳତା ସତ୍ତ୍ୱେ ସିଡ୍‌ନୀ ମ୍ୟାଚ୍‌କୁ ୨ ଉଇକେଟରେ ଜିତି ନେଇଛି। ରଶିଦ ଟି୨୦ କ୍ୟାରିୟରରେ ତୃତୀୟ ଥର ପାଇଁ ହ୍ୟାଟ୍ରିକ ଉଇକେଟ ହାସଲ କରିଛନ୍ତି। ୨୦୧୭ କାରବିୟାନ ପ୍ରିମିୟର ଲିଗ୍‌ରେ ଜାମାଇକା ଥଲାଇଭାସ ବିପକ୍ଷରେ ସେ ହ୍ୟାଟ୍ରିକ ନେଇଥିଲେ। ଗତବର୍ଷ ଆୟର୍ଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଏହି ଆଫଗାନ ବୋଲର ୪ ବଲରେ ୪ ଉଇକେଟ ମଧ୍ୟ ହାତେଇଥିଲେ। ଅପରପକ୍ଷରେ ଆଇକନିକ ମେଲବୋର୍ନ କ୍ରିକେଟ୍ ଗ୍ରାଉଣ୍ଡରେ ସିଡ୍‌ନୀ ଥଣ୍ଡର ଓ ମେଲବୋର୍ନ ଷ୍ଟାର୍ସ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ରୌଫ୍ ହ୍ୟାଟ୍ରିକ ଉଇକେଟ୍ ନେଇଥିଲେ। ଥଣ୍ଡର୍ସ ଇନିଂସର ଅନ୍ତିମ ଓଭର ବୋଲିଂ କରିଥିବା ରୌଫ୍ ୨ୟ, ୩ୟ ଓ ୪ର୍ଥ ବଲ୍‌ରେ ଯଥାକ୍ରମେ ମାଥ୍ୟୁ ଗିଲ୍‌କେସ, କାଲମ୍ ଫର୍ଗୁସନ ଓ ଡାନିଏଲ୍ ସାମ୍ସଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ବିବିଏଲ୍‌ରେ ମେଲବୋର୍ନ ପକ୍ଷରୁ ହ୍ୟାଟ୍ରିକ ଅର୍ଜନ କରିବାରେ ସେ ପ୍ରଥମ ବୋଲର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏହି ମ୍ୟାଚ୍‌କୁ ମେଲବୋର୍ନ ୬ ଉଇକେଟ୍‌ରେ ଜିତିନେଇଥିଲା।



ହାରିସ ରୌଫ



ରଶିଦ ଖାଁ

## ସାଇବର କ୍ରାଇମର ଶିକାର ହେଲେ ଲିମ୍ୟାନ

ସିଡ୍‌ନୀ,୮।୧

ଅଷ୍ଟ୍ରେଲିଆର ପୂର୍ବତନ କୋଚ୍ ଡାରେନ ଲିମ୍ୟାନ ସାଇବର କ୍ରାଇମ ଶିକାର ହୋଇଛନ୍ତି। ତାଙ୍କ ଟୁଇଟର ଆକାଉଣ୍ଟକୁ ହ୍ୟାକ କରିଦିଆଯାଇଛି। ଆକାଉଣ୍ଟର ନାମ ପରିବର୍ତ୍ତନ କରି କାସିମ ସୁଲେମାନି କରାଯିବା ସହ ସେଥିରେ ଆମେରିକା ଓ ଇରାନ ବିବାଦ ସମ୍ପର୍କିତ କିଛି ଟୁଇଟ୍ ମଧ୍ୟ କରାଯାଇଛି। ଲେମାନ ବର୍ତ୍ତମାନ ବିଗ୍ ବାଶ ଲିଗ୍ ଫ୍ରାଞ୍ଚାଇଜ ବ୍ରିସବେନ ହିଟ୍ ମୁଖ୍ୟ କୋଚ୍ ପଦରେ ଅଛନ୍ତି। ସେ ଅନ୍ତିମ ଥର ସାଥୀ ଖେଳାଳି ଶେନ ଓ୍ୱର୍ନଙ୍କ ଟୁଇଟର ରିଟୁଇଟ କରିଥିଲେ। ହ୍ୟାକର ଏକ ଟୁଇଟ୍‌ରେ ହ୍ୟାକ କରିଥିବା ଉଲ୍ଲେଖ କିରଛନ୍ତି।

## ମୁକ୍ତେଶ୍ୱରକୁ ହରାଇ ସେମିରେ ଏସ୍.ପି. ଫାଉଣ୍ଡେଶନ

**ନିମାପଡ଼ା କପ୍**

ନିମାପଡ଼ା, ୮।୧ (ଡି.ଏନ୍.ଏ.)

ନିମାପଡ଼ା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ବାରବାଟୀ ଗ୍ରାଉଣ୍ଡରେ ଚାଲିଥିବା ନିମାପଡ଼ା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୧ତମ ସଂସ୍କରଣର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ୍ କ୍ଲବକୁ ୧ ରନରେ ପରାସ୍ତ କରି ନିମାପଡ଼ା ଏସ୍.ପି. ଫାଉଣ୍ଡେଶନ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଏସ୍‌ପି ଫାଉଣ୍ଡେଶନ ୩୦ ଓଭରରେ ୭ ଉଇକେଟ ହରାଇ ୧୭୧ ରନ କରିଥିଲା। ଦଳ ପକ୍ଷରୁ ଡି.ଏସ୍. ମହାନ୍ତି ୪୫, ଇକବାଲ ହୁସେନ ୩୮ ରନ କରିଥିଲେ। ମୁକ୍ତେଶ୍ୱରର ରୂପେସ ପତିଙ୍କୁ ୩ଟି ଉଇକେଟ୍ ମିଳିଥିଲ। ଜବାବରେ ମୁକ୍ତେଶ୍ୱର ଆଶୁତୋଷ ଯାଦବଙ୍କ ୫୦ ଓ ଦେବାଶିଷ ରାଉତଙ୍କ ୪୬ ରନ ସତ୍ତ୍ୱେ ୩୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୦ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଦଳର ଏସ୍. ସେନାପତି ୩ ଏବଂ ସୁନୀଲ ନାୟକ ଓ ରାଜେଶ ସେଠୀ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଡି.ଏସ. ମହାନ୍ତି ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ। କ୍ରୀଡ଼ାବିତ୍ ପୂର୍ଣ୍ଣଚନ୍ଦ୍ର ସେନାପତି ଓ ନିମାପଡ଼ା ଟାଉନ କ୍ଲବର ପୂର୍ବତନ ସଭାପତି ରାଜକିଶୋର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ସତ୍ୟମୋହନ ମହାନ୍ତି ଓ ଦେବେନ୍ଦ୍ର ନାଥ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଗୁରୁବାର ଦୁଇ ଭୁବନେଶ୍ୱର କ୍ଲବ ରାମେଶ୍ୱର ସ୍ପୋର୍ଟିଂ ଓ ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।



ଅତିଥି ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।



କୌଶଳରେ ବହୁତ ଉନ୍ନତି ଆଣି ଗତ ଦୁଇବର୍ଷ ହେଲା ଟି୨୦ କ୍ରିକେଟ୍‌ରେ ଭଲ ବୋଲର ହୋଇପାରିଛି ।

–ଶାର୍ଦ୍ଦୂଳ ଠାକୁର, ଭାରତୀୟ ଦ୍ରୁତ ବୋଲର



ଟେଷ୍ଟରେ ୫୦ ବଲରୁ ୧୦୦ ରନ ସଂଗ୍ରହ କରିବାର ଦକ୍ଷତା ଲୋକେଶ ରାହୁଲଙ୍କ ନିକଟରେ ରହିଛି । ଏହା ଦିନିକିଆରେ ଶିଖର ଧାୱନଙ୍କ ପାଇଁ ଚାପ ସୃଷ୍ଟି କରିବ ।

–ଗୌତମ ଗମ୍ଭୀର, ପୂର୍ବତନ ଭାରତୀୟ କ୍ରିକେଟର

## ସଂକ୍ଷେପରେ

### ପୂର୍ବତନ କ୍ରିକେଟରଙ୍କ ପୁଅ ଗାଡ଼ି ଧକ୍କାରେ ମହିଳା ଗୁରୁତର

ମୁମ୍ବାଇ,୮।୧- ପୂର୍ବତନ ଭାରତୀୟ କ୍ରିକେଟର ସବା କରିମଙ୍କ ପୁଅ ଫିଦେଲଙ୍କ ଗାଡ଼ି ଧକ୍କାରେ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ମହିଳାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ସକାଳେ ମୁମ୍ବାଇ ପେଡର ରୋଡ ଅଞ୍ଚଳରେ ଏହି ଘଟଣା ଘଟିଥିଲା। କାରରେ ନିଜେ ସବା କରିମ ମଧ ଉପସ୍ଥିତ ଥିଲେ। କିନ୍ତୁ ଗାଡ଼ି ତାଙ୍କ ପୁଅ ଚଳାଉଥିଲେ। ମୁମ୍ବାଇ ପୋଲିସ ମାମଲା ଦର୍ଜ କରିଛି। ଏ ଘଟଣାରେ ଫିଦେଲଙ୍କୁ ଗିରଫ କରାଯାଇପାରେ। ମିଳିଥିବା ସୂଚନା ମୁତାବକ, ଫିଦେଲ ଏକ ଗାଡ଼ିକୁ ଓଭରଟେକ କରିବାକୁ ଉଦ୍ୟମ କରୁଥିବାବେଳେ ରାସ୍ତା ପାରି ହେଉଥିବା ମହିଳାଙ୍କୁ ଧକ୍କା କରିଥିଲେ। ଦୁର୍ଘଟଣାକୁ ରୋକିବା ପାଇଁ ସେ ବ୍ରେକ ମାରିଥିଲେ ମଧ ବିଫଳ ହୋଇଥିଲେ। ଘଟଣାରେ ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଜସଲୋକ ମେଡିକାଲରେ ଭର୍ତ୍ତି କରାଯାଇଛି। ଉକ୍ତ ମହିଳାଙ୍କ ନାମ ସିନ୍ଧି ଏମ୍. ବୋଲି ଜଣାପଡ଼ିଛି। ଉଲ୍ଲେଖଥାଉ, ଫିଦେଲ ଫୁଟବଲ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବାପା ସବା କରିମ ବର୍ତ୍ତମାନ ବିସିସିଆଇ କ୍ରିକେଟ ଅପରେଶନ୍ସର ସାଧାରଣ ସମ୍ପାଦକ ପଦରେ ଅଛନ୍ତି। ସେ ଭାରତ ପାଇଁ ୧ ଟେଷ୍ଟ ଓ ୩୪ ଦିନିକିଆ ଖେଳିଛନ୍ତି।

### ୟୁଥ୍ ଗେମ୍ସ ପାଇଁ ଓଡ଼ିଶା ହକି ଦଳ ଘୋଷିତ

ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)- ଆସାମର ଗୁଆହାଟୀଠାରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପାଇଁ ଓଡ଼ିଶା ହକି(୨୧ ବର୍ଷରୁ କମ୍) ଦଳ ଘୋଷିତ ହୋଇଛି। ଓଡ଼ିଶା ଦଳ ଗୁଆହାଟୀ ଯାତ୍ରା କରିଥିବା ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀଙ୍କ ସୂତ୍ରରୁ ପ୍ରକାଶ। ମହିଳା ଦଳ: ଅସିମା ମିଞ୍ଜ, ଅସ୍ମିତା ବାର୍ଲା, ଭାରତୀ ଏକ୍କା, କୁମୁଦିନୀ ଲାକ୍ରା, ଫିଲିସିଆ ଟପ୍ପୋ, ପ୍ରେମାଞ୍ଜଳି ଟପ୍ପୋ, ସୁଶାନ୍ତି ମିଞ୍ଜ, ବିମଳା ବାରା, ପ୍ରେମିତା ବାରା, ଆଞ୍ଜେଲା ଟପ୍ପୋ, ଜିଓ୍ୱନ କିଶୋରୀ ଟପ୍ପୋ, ମନୀଷା ଓରାମ, ଜାହ୍ନବୀ ପ୍ରଧାନ, ରୋଜିତା କୁଜୁର, ଅସିମ କାଞ୍ଚନ ବାର୍ଲା, ଆଜମିନା କୁଜୁର, ଗାୟତ୍ରୀ କିଶାନ, ରିଙ୍କି କୁଜୁର। କୋଚ୍: ଲୁସିଲା ଏକ୍କା, ମ୍ୟାନେଜର: ଅବଦୁଲ ଅସୀମ।

ପୁରୁଷ ଦଳ: ସାହିଲ ନାୟକ, ସାବ୍ୟସାଚୀ ମିଞ୍ଜ, ଗ୍ରେଗୋରି ଖେସ୍, ସୁଶୀଲ ଧନୱାର, କ୍ରିଷ୍ଣା ତିର୍କୀ, ଅଭିଷେକ ଲାକ୍ରା, ଅମନଦୀପ ଲାକ୍ରା, ସୁନୀତ ଲାକ୍ରା, ରାହୁଲ ଏକ୍କା, ସୁମନ ବେକ୍, ସୁଦୀପ ଚିରମାକୋ, ଆଲବର୍ଟ ଟେଟେ, ଅଭିଜିତ ସ୍ୱାଇଁ, ସମୀର ଏକ୍କା, ମଙ୍ଗଲ ଲୋହାର, ସଞ୍ଜୟ ଖାଲ୍‌କୋ, ପ୍ରଜୁକ୍ତ ନାଗ୍, ସିରିଲ ଲୁଗୁନ। କୋଚ୍: କାଲୁ ଚରଣ ଚୌଧୁରୀ, ମ୍ୟାନେଜର, ସଞ୍ଜୀବ ରାଓ।

### ତମାଣ୍ଡୋ କପ୍ ଫୁଟବଲ୍ ଉଦ୍‌ଘାଟିତ ମଙ୍ଗଳା କ୍ଲବ ବିଜୟୀ

ଭୁବନେଶ୍ୱର,୮।୧(ସ୍ପୋର୍ଟ୍ସ ବ୍ୟୁରୋ): ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମରେ ବୁଧବାର ୨୬ତମ ତମାଣ୍ଡୋ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ନାଲ୍‌କୋ ଫୁଟବଲ କ୍ଲବକୁ ୭-୬ ସଡନ ଡେଥରେ ଗୋଲ୍‌ରେ କଟକର ମଙ୍ଗଳା କ୍ଲବ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ କୌଣସି ଗୋଲ ନ ହେବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଫଳାଫଳ ନିର୍ଣ୍ଣୟ ନ ହୋଇପାରିବାରୁ ସଡନ୍‌ଡେଥର ସହାୟତା ନିଆଯାଇଥିଲା। ମଙ୍ଗଳା କ୍ଲବ ତରଫରୁ ଅମୁଶ ଦାସ, ବିକାଶ ସାହୁ, ମଳୟ ନାୟକ, ବବୁଲ ରାଉତ, ରାକେଶ ସାହୁ, ବିନୟ ସାହୁ, ନିରଞ୍ଜନ ବେହେରା ଗୋଲ ସ୍କୋର କରିଥିବା ବେଳେ ନାଲ୍‌କୋ ତରଫରୁ ଧନେଶ୍ୱର ସର୍ଦ୍ଦାର, ସର୍ଜନ ସୋରେନ, ମନ୍‌ସା ହେମ୍ବ୍ରମ, କାମ୍ୟା ମାରାଣ୍ଡି, ତାରଉ ମୁର୍ମୁ, ରାମ ହାଁସଦା ଗୋଲ ସ୍କୋର କରିଥିଲେ। ବିଜୟୀ ଦଳର ବିକାଶ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଟି. ମୋହନ ରାଓ, ଚନ୍ଦ୍ରକାନ୍ତ ବାରିକ, ଅବିନାଶ ଦାସ ଓ ବେଣୁଧର ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ, ରଣପୁର ପୂର୍ବତନ ବିଧାୟକ ରବିନାରାୟଣ ମହାପାତ୍ର, କ୍ରୀଡ଼ା ସଂଗଠକ ନବରଞ୍ଜନ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବିପିନ ବିହାରୀ ପରିଡ଼ା ଓ ମହେନ୍ଦ୍ର କୁମାର ବଳ ପ୍ରମୁଖ ଯୋଗ ଦେଇଥିଲେ। ଗୁରୁବାର ଭୁବନେଶ୍ୱରା ସଂଘର୍ଷ କ୍ଲବ ଓ ଜଗା ୟୁନାଇଟେଡ କ୍ଲବ ପରସ୍ପରକୁ ଭେଟିବେ।

# ଓଡ଼ିଶାରୁ ଭାଗନେବେ ଦୁଇ ଅନ୍ତର୍ଜାତୀୟ ସାଇକ୍ଲିଷ୍ଟ

ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)

ଚଳିତ ମାସ ୧୦ରୁ ୨୨ ତାରିଖ ଯାଏ ଆସାମର ଗୁଆହାଟୀରେ ଖେଲୋ ଇଣ୍ଡିଆ ୟୁଥ ଗେମ୍ସର ୩ୟ ସଂସ୍କରଣ ଆରମ୍ଭ ହେବ। ଏଥିରେ ୧୬ ଟି କ୍ରୀଡ଼ା ରହିଥିବା ବେଳେ ପ୍ରଥମଥର ପାଇଁ ଓଡ଼ିଶା ତଥା ରାଉରକେଲାର ଦୁଇ ଅନ୍ତର୍ଜାତୀୟ ସାଇକ୍ଲିଷ୍ଟ ଦୀନେଶ କୁମାର ଓ ସ୍ୱସ୍ତି ସିଂ ଭାଗନେବାକୁ ଯାଉଛନ୍ତି। ଦୀନେଶ ୨୦୧୮ ଜାନୁୟାରୀରେ ଆମେରିକାର ବାହାମସରେ ହୋଇଥିବା ବିଶ୍ୱ ସାଇକ୍ଲିଂ ପ୍ରତିଯୋଗିତାରେ ୧୮ ବର୍ଷରୁ କମ ବର୍ଗ ବ୍ୟକ୍ତିଗତ ପର୍ଶୁଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ସେ ୨୦୧୮ରେ ଏସିଆନ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୨ କିମି ବ୍ୟକ୍ତିଗତ ପର୍ଶୁଟ ଓ ସ୍କ୍ରାଚ୍ ଇଭେଣ୍ଟରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ସ୍ୱସ୍ତି ସିଂ ୧୭ ବର୍ଷରୁ କମ ବୟସ ବର୍ଗରେ ୨୦୧୮ ମସିହାରେ ଦିଲ୍ଲୀରେ ଆୟୋଜିତ ଟ୍ରାକ ଏସିଆ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୨ କିମି ବ୍ୟକ୍ତିଗତ ଓ ୬ କି.ମି ସ୍କ୍ରାଚ ପ୍ରତିଯୋଗିତାରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ଏହା ବ୍ୟତୀତ ସେ ୨୦୧୮ ଏସିଆନ ଚାମ୍ପିୟନଶିପ୍‌ର ୩ କିମି ବ୍ୟକ୍ତିଗତ ପର୍ଶୁଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆରେ ଭାଗ ନେଉଥିବାରୁ ଉଭୟ ଖେଳାଳି ପଦକ ପାଇବା ପାଇଁ ଆଶାବାଦୀ ଅଛନ୍ତି। ଉଭୟଙ୍କ କୋଚ୍ ଅନ୍ତର୍ଜାତୀୟ ସାଇକ୍ଲିଷ୍ଟ ସୁଶୀଲ କୁମାର ଦାସ ସେମାନଙ୍କର ସଫଳତା କାମନା କରିଛନ୍ତି।



ଦୀନେଶ କୁମାର

## ‘ରାଜ୍ୟରେ ସାଇକ୍ଲିଂର ଲୋକପ୍ରିୟତା ବଢ଼ୁଛି’



ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

**ରାଜ୍ୟରେ ସାଇକ୍ଲିଂ କ୍ରୀଡ଼ାର ଲୋକପ୍ରିୟତା ବଢ଼ୁଛି। ଏହା ଏବେ କେବଳ ରାଉରକେଲାରେ ସୀମିତ ନ ରହି ଅନ୍ୟ ସ୍ଥାନକୁ ପରିବ୍ୟାପ୍ତ ହୋଇଛି। ଏହି କ୍ରୀଡ଼ାରେ ଅର୍ଜୁନ ପୁରସ୍କାର ଜିତି ମିନତି ମହାପାତ୍ର ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ଏହା ସତ୍ତ୍ୱେ ରାଜ୍ୟରେ ପିଲାମାନଙ୍କ ଅଭ୍ୟାସ ପାଇଁ ଟ୍ରାକ୍‌ଟିଏ ନାହିଁ। ସରକାରଙ୍କ ପକ୍ଷରୁ ଭିତ୍ତିଭୂମି ଯୋଗାଇ ଦିଆଗଲେ ଓଡ଼ିଶା ପିଲାମାନେ ମଧ ସୁନାମ ଅର୍ଜନ କରିପାରିବେ ବୋଲି ମତ ରଖିଛନ୍ତି ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସାଇକ୍ଲିଷ୍ଟ ତଥା କୋଚ୍ ସୁଶୀଲ କୁମାର ଦାସ। ତାଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର..**

**ପ୍ରଃ କେଉଁ ଭିତ୍ତିରେ ଦୀନେଶ ଓ ସ୍ୱସ୍ତି ଖେଲୋ ଇଣ୍ଡିଆ ଗେମ୍ସ ପାଇଁ ମନୋନୀତ ହୋଇଛନ୍ତି ?**

ଉ: ଦୁଇଜଣଯାକ ଖେଳାଳି ଅନ୍ତର୍ଜାତୀୟ ଅଭିଜ୍ଞତା ରଖିଥିବାବେଳେ ଏଜ୍ ଗ୍ରୁପରେ ମଧ ଭାଗ ନେଉଛନ୍ତି। ଅନ୍ତର୍ଜାତୟ ପଦକଧାରୀ ଏବଂ ଯୁବ ଖେଳାଳି ହୋଇଥିବାରୁ ସେମାନେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସୁଯୋଗ ପାଇଛନ୍ତି।

**ପ୍ରଃ ଏହି ଦୁଇ ଖେଳାଳି କେଉଁ ଇଭେଣ୍ଟରେ ଭାଗନେବେ ?**

ଉ: ଦୀନେଶ ୪୦୦୦ ମିଟର ବ୍ୟକ୍ତିଗତ ପର୍ଶୁଟ(ଟ୍ରାକ୍), ୧୦୦୦୦ ମିଟର ସ୍କ୍ରାଚ୍(ରୋଡ) ଏବଂ ୪୦ କିମି ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ ଇଭେଣ୍ଟରେ ଭାଗନେବେ। ସେହିପରି ସ୍ୱସ୍ତି ୩୦୦୦ ମିଟର ବ୍ୟକ୍ତିଗତ ପର୍ଶୁଟ, ୭,୫୦୦ ମିଟର ସ୍କ୍ରାଚ୍ ଏବଂ ୬୦ କିଲୋମିଟର ମାସ୍ ଷ୍ଟାର୍ଟ ରୋଡ୍ ଇଭେଣ୍ଟରେ ଭାଗନେବେ।

**ପ୍ରଃ ଆପଟ ଏ ଦୁହିଁଙ୍କୁ କେବେଠାରୁ ଟ୍ରେନିଂ ଦେଉଛନ୍ତି?**

ଉ: ଆମଘର ନିମାପଡ଼ା ହୋଇଥିଲେ ହେଁ ମୁଁ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ କ୍ରୀଡ଼ା ବିଭାଗରେ ଚାକିରି କରୁଥିବାରୁ ଏହି ଦୁଇ ଖେଳାଳିଙ୍କ ସହ ଆହୁରି କେତେଜଣ ପିଲାଙ୍କୁ ସାଇକ୍ଲିଂ ଟ୍ରେନିଂ ଦେଉଛି। ୨୦୧୫ରୁ ଏହି ଦୁଇ ଖେଳାଳି ମୋଠାରୁ ଟ୍ରେନିଂ ନେଉଛନ୍ତି। ଏମାନଙ୍କ ବ୍ୟତୀତ ରୋହିତ କୁମାର ହେମ୍ବ୍ରମ ମଧ ଜଣେ ଭଲ ସାଇକ୍ଲିଷ୍ଟ। ସେ ଖେଲୋ ଇଣ୍ଡିଆ ରାଞ୍ଚିରେ ସୁଯୋଗ ପାଇଛନ୍ତି।

**ପ୍ରଃ ସାଇକ୍ଲିଂରେ ଆପଣଙ୍କ କ୍ୟାରିୟର କିପରି ରହିଥିଲା ?**

ଉ: ମୋ ସମେତ ମୋ ବଡ଼ଭାଇ ଓ ସାନଭାଇ ମଧ ସାଇକ୍ଲିଷ୍ଟ। ମୁଁ ୧୯୮୫ରେ ଇଜିପ୍ଟରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲି। ଏହାପରେ ୧୯୮୬ରେ ଫିଲିପାଇନ୍ସରେ ଏସିଆନ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ଭାଗନେଲି। ପରେ ଦିଲ୍ଲୀରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲି। ୧୯୮୫ରେ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିବାବେଳେ ମୁଁ ର୍‍ୟାଙ୍କ୍‌ରେ ୩୬ତମ ସ୍ଥାନ ପାଇଥିଲି। ଫିଲିପାଇନ୍ସରେ ୧୪ତମ ସ୍ଥାନ ହାସଲ କରିଥିଲି। ଦିଲ୍ଲୀରେ ୬ଷ୍ଠସ୍ଥାନ ମିଳିଥିଲା। ସେତେବେଳେ ଆମପାଇଁ ଏତେ ସୁବିଧା ସୁଯୋଗ ନ ଥିଲା, ଭଲ ସାଇକେଲ ମଧ ନ ଥିଲା। ଏହା ସତ୍ତ୍ୱେ ଆମେ ଯାହା ପ୍ରଦର୍ଶନ କରିଥିଲୁ ସେଥିରେ ଖୁସି ଲାଗିଥିଲା।

**ପ୍ରଃ ଓଡ଼ିଶାରେ ସାଇକ୍ଲିଂ ପାଇଁ କ'ଣ ଅସୁବିଧା ଅଛି ?**

ଉ: ଅସୁବିଧା ତ ବହୁତ ଅଛି। ସରକାରଙ୍କ ପକ୍ଷରୁ ଯଦି ଅତିକମ୍‌ରେ ଗୋଟିଏ ଟ୍ରାକ୍ ପ୍ରସ୍ତୁତ କରାଯାଆନ୍ତା ତେବେ ପିଲାମାନେ ବହୁତ ଉପକୃତ ହୁଅନ୍ତେ। ସିମେଣ୍ଟ ଟ୍ରାକ୍ ବ୍ୟୟବହୁଳ। ତେଣୁ ପିଚ୍ ଟ୍ରାକ୍ ପ୍ରସ୍ତୁତ ହେଲେ ମଧ ଚଳନ୍ତା। ରୋଡ୍‌ରେ ପିଲାମାନେ ସାଇକେଲରେ ଅଭ୍ୟାସ କରିବା କଷ୍ଟକର। ଦୁର୍ଘଟଣାର ସମ୍ଭାବନା ରହୁଛି। କାରଣ ଅଭ୍ୟାସ ସମୟରେ ୪୦ରୁ ୪୫ କିଲୋମିଟର ବେଗରେ ସାଇକେଲ ଚାଲିଥାଏ। ସାଇକେଲ ଓଜନ ମାତ୍ର ୬ କେଜି ହୋଇଥିବାରୁ ହଠାତ୍ ବ୍ରେକ୍ ମାରିବା ମଧ ସମ୍ଭବ ନୁହେଁ।

**ପ୍ରଃ ଦୀନେଶ ଓ ସ୍ୱସ୍ତିଙ୍କୁ ନେଇ କ'ଣ ଆଶା ରଖିଛନ୍ତି?**

ଉ: ପିଲାମାନେ ଭଲ ଟ୍ରେନିଂ କରିଛନ୍ତି। ସ୍ୱର୍ଣ୍ଣ ପଦକ ଜିତିବା ସମ୍ଭାବନା ଅଛି। ସେମାନେ ପ୍ରଭାବୀ ପ୍ରଦର୍ଶନ କରିବାନେଇ ମୁଁ ଦୃଢ଼ ନିଶ୍ଚିତ। ବାକିସବୁ ଈଶ୍ୱରଙ୍କ ଉପରେ ନିର୍ଭର କରିବ। ସେମାନେ ଟାଇମିଂରେ ଉନ୍ନତି କରି ଚାଲିଛନ୍ତି।

**ପ୍ରଃ ଓଡ଼ିଶାରେ ସାଇକ୍ଲିଂ ଭବିଷ୍ୟତ କିପରି ରହିଛି ?**

ଉ: ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଅଧୀନରେ ରାଜ୍ୟରେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ କାର୍ଯ୍ୟ କରୁଛି। ମୁଁ ଓଡ଼ିଶା ଆସୋସିଏଶନର ଉପସଭାପତି ରହିବା ସହ ଓଡ଼ିଶା ଏବଂ ସେଲ୍‌ର ସାଇକ୍ଲିଂ କୋଚ୍‌ଭାବେ ପିଲାଙ୍କୁ ଟ୍ରେନିଂ ଦେଉଛି। ଜାତୀୟ ପ୍ରତିଯୋଗିତା ସମୟରେ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ମଧ ନିର୍ବାହ କରୁଛି। ପୂର୍ବରୁ ରାଜ୍ୟରେ ସାଇକେଲ ଚାଳନା କଥା ଉଠିଲେ ରାଉରକେଲା ଉପରେ ଦୃଷ୍ଟି ନିବଦ୍ଧ ହେଉଥିଲା। ଏବେ ଭୁବନେଶ୍ୱର, କଟକ, ଭଦ୍ରକରେ ଅନେକ ପିଲା ଏହି ଗେମ୍‌କୁ ଆପଣେଇଛନ୍ତି। ଏଥିରୁ ଜଣା ପଡୁଛି ଯେ ରାଜ୍ୟରେ ସାଇକ୍ଲିଂ ଗେମ୍‌ର ଭବିଷ୍ୟତ ଉଜ୍ଜ୍ୱଳ। ଉପଯୁକ୍ତ ସୁବିଧା ସୁଯୋଗ ମିଳିଲେ ଓଡ଼ିଶା ପିଲାମାନେ ନିଶ୍ଚିତ ଏହି କ୍ରୀଡ଼ାରେ ସୁନାମ ଅର୍ଜନ କରିପାରିବେ।

–ପ୍ରସ୍ତୁତି: ତପନ ସ୍ୱାଇଁ



ସ୍ୱସ୍ତି ସିଂ

## ପ୍ରେସିଡେଣ୍ଟ କରାଟେ କପ୍
# ଓଡ଼ିଶାକୁ ୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ





ପଦକ ବିଜୟୀ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର,୮।୧(ସ୍ପୋର୍ଟ୍ସ ବ୍ୟୁରୋ)

ଗୋଆର କମ୍ପୋଲା ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ପ୍ରେସିଡେଣ୍ଟ କରାଟେ କପ୍ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ବ୍ରୋଞ୍ଜ୍ ପଦକ ସହ ମୋଟ ୩୫,୦୦୦ ଟଙ୍କା ପୁରସ୍କାର ହାସଲ କରିଛନ୍ତି। ଏଥିରେ ୭ ଜଣ ଓଡ଼ିଆ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ଅନୁପମା ସ୍ୱାଇଁ ୫୫ କେ.ଜି. ମହିଳା କୁମିତ୍‌ରେ ସ୍ୱର୍ଣ୍ଣ ପଦକ ଜିତି ୨୫,୦୦୦ ଟଙ୍କା ଅର୍ଥରାଶି ପୁରସ୍କାର ହାସଲ କରିଥିଲେ। ସେହିପରି କାଟା ମହିଳା ବିଭାଗରେ ସୁସ୍ମିନୁ ପାଲ୍‌ଟା ସିଂ ବ୍ରୋଞ୍ଜ୍ ପଦକ ଜିତି ୫,୦୦୦ ଟଙ୍କା ପୁରସ୍କାର ହାସଲ କରିଛନ୍ତି। ସେହିପରି ପୁରୁଷ ବିଭାଗରେ ରାଜେଶ ମହାପାତ୍ର +୮୧ କେ.ଜି. କୁମିତ୍‌ରେ ବ୍ରୋଞ୍ଜ ପଦକ ହାସଲ କରିବା ସହ ୫,୦୦୦ ଟଙ୍କା ଅର୍ଥରାଶି ହାସଲ କରିଛନ୍ତି।

# ପରିବେଶ ସୁରକ୍ଷା ପାଇଁ ଇଲେକ୍‌ଟ୍ରିକ କାର୍

ଗୁଆହାଟୀ,୮।୧(ପି.ଟି.)

ବିଭିନ୍ନ ଦୃଷ୍ଟିକୋଣରୁ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଏଥର ବିଶେଷ ଗୁରୁତ୍ୱ ବହନ କରିବ। ଏହା ସାରା ଦେଶରେ କ୍ରୀଡ଼ାର ପ୍ରଚାର ଓ ପ୍ରସାର କରିବା ସଙ୍ଗେସଙ୍ଗେ ପରିବେଶ ତଥା ପର୍ଯ୍ୟାବରଣର ସୁରକ୍ଷା ଓ ଉନ୍ନତି ପାଇଁ ଦୃଷ୍ଟାନ୍ତମୂଳକ ଉଦାହରଣ ସୃଷ୍ଟି କରିବ। ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆରେ ଇଲେକ୍‌ଟ୍ରିକ କାର ବ୍ୟବହାର କରାଯିବ। ଭେନ୍ୟୁଗୁଡିକ ମଧରେ ପଦାଧିକାର ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ପରିବହନ ପାଇଁ ଏହି ଇଲେକ୍‌ଟ୍ରିକ କାରର ସାହାଯ୍ୟ ନିଆଯିବ। ଏଠାରେ ଖେଲୋ ଇଣ୍ଡିଆର ତୃତୀୟ ସଂସ୍କରଣ ଆସନ୍ତା ୧୦ ତାରିଖରୁ ଆରମ୍ଭ ହୋଇ ୨୨ ତାରିଖରେ ଶେଷ ହେବ। ପ୍ରଥମଥର ପାଇଁ ଇଲେକ୍‌ଟ୍ରିକ ଭେଇକଲ ପ୍ରୋଗ୍ରାମର ପ୍ରମୋଶନ କରାଯିବ।

ମୋଟ ଉପରେ ୪ଟି ଇଲେକ୍‌ଟ୍ରିକ କାର ବ୍ୟବହାର କରାଯିବ। ଖେଳ ସମୟରେ ଭିନ୍ନ ଭିନ୍ନ ଭେନ୍ୟୁରେ କାରକୁ ଚାର୍ଜ କରିବା ପାଇଁ ଚାର୍ଜିଂ ଷ୍ଟେଶନ ମଧ ସ୍ଥାପନ କରାଯିବ। ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ପାଇଁ ୩ଟି ଇଲେକ୍‌ଟ୍ରିକ କାର ବ୍ୟବହାର କରାଯିବ। ତେବେ ଗୋଟିଏ କାର ପ୍ରଦର୍ଶନ ପାଇଁ ଗୋଟିଏ ଭେନ୍ୟୁରେ ସ୍ଥାପନ କରାଯିବ।

ଦେଶରେ ଶକ୍ତିର ଅପଚୟ ଓ କାର୍ବନ ଗ୍ୟାସ୍‌କୁ ଦୃଷ୍ଟିରେ ରଖି ଇଲେକ୍‌ଟ୍ରିକ୍ ଗାଡ଼ିର ବ୍ୟବହାର ନେଇ ସଚେତନତା ସୃଷ୍ଟି କରାଯିବ। ଏହି ଗାଡି ବ୍ୟବହାର କରାଗଲେ ୨୦୩୦ ସୁଦ୍ଧା ଶକ୍ତି ତଥା ଉର୍ଜା କ୍ଷେତ୍ରରେ ଦେଶର ୬୪ ପ୍ରତିଶତ ଡିମାଣ୍ଡ କମିବ। ସେହିପରି କାର୍ବନ ନିର୍ଗମନ ୩୭ ପ୍ରତିଶତ କମିବ। ଦେଶର ୩୨ଟି ସହରରେ ୧୫୦୦ଟି ଏଭଳି ଇଲେକ୍‌ଟ୍ରିକ ଗାଡି ନିୟୋଜନ କରାଯାଇଛି।

କ୍ରୀଡ଼ା ସଂସ୍କୃତିର ପ୍ରଚାର ପ୍ରସାର ସହିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ପରିବେଶ ସଂରକ୍ଷଣ ପାଇଁ ମଧ କାର୍ଯ୍ୟକରୁଛି। ଦେଶର ସବୁ ସାଇ ସେଣ୍ଟରରେ ଗୋ ଗ୍ରୀନ୍ ପଲିସିକୁ ଆପଣାଯାଇଛି। ଏଥିପାଇଁ ଆମେ ଇଲେକ୍‌ଟ୍ରିକ ଗାଡି ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ସମ୍ପାଦକ ରୋହିତ ଭରଦ୍ୱାଜ କହିଛନ୍ତି। ଯଦି ଦେଶର ଅଧିକାଂଶ ଲୋକ ଇଲେକ୍‌ଟ୍ରିକ୍ ଗାଡି ବ୍ୟବହାର କରନ୍ତେ ତା,ହେଲେ ପରିବେଶ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡିବ ଓ ଏହା ମଧ ନିହାତି ଜରୁରୀ ବୋଲି ରୋହିତ କହିଛନ୍ତି।

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ
### ରଙ୍ଗାରଙ୍ଗ ଉଦ୍‌ଘାଟନ ଉତ୍ସବ ପାଇଁ ପ୍ରସ୍ତୁତି

ଗୁଆହାଟୀ,୮।୧(ପି.ଟି.)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ତୃତୀୟ ସଂସ୍କରଣକୁ ସଫଳ କରିବା ପାଇଁ ଆୟୋଜକମାନେ ପ୍ରସ୍ତୁତିରେ କୌଣସି ହେଳା କରିବାକୁ ଚାହୁଁନାହାନ୍ତି। ଏହି ମେଗା ଇଭେଣ୍ଟ ଉଦ୍‌ଘାଟନୀ ଉତ୍ସବକୁ ରଙ୍ଗାରଙ୍ଗ୍ ତଥା ସ୍ମରଣୀୟ କରିବାକୁ ସବୁ ପ୍ରକାର ପ୍ରସ୍ତୁତି କରାଯାଉଛି। ୩୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ୬,୮୦୦ଜଣ ଆଥଲେଟ୍ ୨୦ଟି କ୍ରୀଡ଼ାରେ ଏଥିରେ ଅଂଶଗ୍ରହଣ କରିବେ।

ଉଦ୍‌ଘାଟନୀ ଉତ୍ସବ ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଓ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଉପସ୍ଥିତ ରହିବେ। ଏହି ଅବସରରେ କ୍ରିକେଟ ସେନ୍‌ସେସନ ତଥା ତାରକା ଧାବିକା ହିମା ଦାସ ମଧ ଉପସ୍ଥିତ ରହିବେ। ଏହି ଇଭେଣ୍ଟ ସାରା ଦେଶର କ୍ରୀଡ଼ାରେ ବିପ୍ଳବ ସୃଷ୍ଟି କରିଛି ଓ ଏହା ଆସାମରେ ଆୟୋଜନ ହେଉଥିବାରୁ ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସୋନୋୱାଲ କହିଛନ୍ତି। ଶୁକ୍ରବାର ଆୟୋଜନ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବ ବେଶ୍ ରଙ୍ଗାରଙ୍ଗ ହେବ। ଏଥିରେ ଲାଇଟିଂ ଓ ଟେକ୍‌ନୋଲୋଜିର ଚମତ୍କାର ଢଙ୍ଗରେ ବ୍ୟବହାର ହେବ। ଏଥିରେ ଆସାମର ବୀର ପୁରୁଷ, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିବ।

# ଅମ୍ପାୟର ତାଲିକାରେ ଅନିଲ

**୧୯ ବର୍ଷରୁ କମ୍ ବିଶ୍ୱକପ୍**

ଦୁବାଇ,୮।୧(ପି.ଟି.)

ଆସନ୍ତା ୧୭ ତାରିଖରୁ ଦକ୍ଷିଣ ଆଫ୍ରିକାରେ ଆରମ୍ଭ ହେବାକୁ ଯାଉଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୧୯ ବର୍ଷରୁ କମ୍ ବିଶ୍ୱକପ୍ ପାଇଁ ମ୍ୟାଚ୍ ଅଫିସିଆଲ ଓ ଅମ୍ପାୟର ତାଲିକା ପ୍ରକାଶିତ ହୋଇଛି। ଏଥିରେ ଏକମାତ୍ର ଭାରତୀୟ ଭାବେ ଅନିଲ ଚୌଧୁରୀ ସ୍ଥାନ ପାଇଛନ୍ତି। ୧୯ ଜଣିଆ ମ୍ୟାଚ୍ ଅଫିସିଆଲଙ୍କ ତାଲିକାରେ ୧୬ଜଣ ଅମ୍ପାୟର ସ୍ଥାନ ପାଇଛନ୍ତି।

୫୪ ବର୍ଷୀୟ ଅନିଲ ଏପର୍ଯ୍ୟନ୍ତ ୨୦ଟି ଦିନିକିଆ ଓ ୨୭ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ପରିଚାଳନା କରିଛନ୍ତି। ଚଳିତ ଭାରତ– ଶ୍ରୀଲଙ୍କା ସିରିଜରେ ମଧ ସେ ଦାୟିତ୍ୱରେ ରହିଛନ୍ତି। ସେ ଏକାଧିକ ୧୯ ବର୍ଷରୁ କମ ବିଶ୍ୱକପ୍‌ରେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ଅବସର ଘୋଷଣା କରିଥିବା ଅଭିଜ୍ଞ ଅମ୍ପାୟର ଇଆନ ଗୋଲ୍ଡ ବ୍ଲୋଏମ୍ ଫାଉଣ୍ଟେନ୍‌ରେ ଖେଳାଯିବାକୁ ଥିବା ଭାରତ– ଶ୍ରୀଲଙ୍କା ଉଦ୍‌ଘାଟନୀ ମ୍ୟାଚ୍ ପରିଚାଳନା କରିବେ। ଭାରତ ଗତ ସଂସ୍କରଣରେ ଟାଇଟଲ ଜିତିଥିଲା। ୧୨ଟି ଦେଶରୁ ୧୬ଜଣ ଅମ୍ପାୟର ମ୍ୟାଚ୍ ପରିଚାଳନା କରିବେ। ପ୍ରତ୍ୟେକ ଅମ୍ପାୟର ବିଶ୍ୱକପର ପ୍ରଥମ ପର୍ଯ୍ୟାୟରେ ୫ଟି ଲେଖାଏ ମ୍ୟାଚ୍ ପରିଚାଳନା କରିବେ। ୮ଜଣ ଟିଭି ଅମ୍ପାୟର ଭାବେ ଦାୟିତ୍ୱ ନିର୍ବାହ କରିବେ।

ଟୁର୍ନାମେଣ୍ଟ ପାଇଁ ଆଇସିସି ୩ଜଣ ମ୍ୟାଚ୍ ରେଫରିଙ୍କ ନାମ ଘୋଷଣା କରିଛି। ସେମାନେ ହେଲେ ଶ୍ରୀଲଙ୍କାର ଗ୍ରେମ୍ ଲାମରୁଚ୍, ଦକ୍ଷିଣ ଆଫ୍ରିକାର ଶାଇଦ୍ ୱାଡଭାଲ୍ଲା ଓ ଇଂଲଣ୍ଡର ଫିଲ୍ ହ୍ୱାଇଟିକେସ୍। ଅଭିଜ୍ଞ ଅମ୍ପାୟର ୱେନ ନାଇଟ୍ସ ଓ ରବୀନ୍ଦ୍ର ୱିମାଲାସିରିଜ ଆଫଗାନିସ୍ତାନ ବିପକ୍ଷ ଆୟୋଜକ ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ମ୍ୟାଚ୍ ପରିଚାଳନା କରିବେ। ଏହି ମ୍ୟାଚ୍ ଆସନ୍ତା ୧୭ ତାରିଖରେ କିମ୍ବରଲିରେ ଖେଳାଯିବ।

## ୱେଷ୍ଟଇଣ୍ଡିଜ ବିଜୟୀ

ବାର୍ବାଡସ,୮।୧(ଏଏଫ୍‌ପି)

ଓପନିଂ ବ୍ୟାଟ୍ସମ୍ୟାନ ଇଭିନ ଲୁଇସ ମାତ୍ର ଏକ ରନ୍ ପାଇଁ କ୍ୟାରିୟରର ତୃତୀୟ ଶତକ ହାସଲ କରିବାରୁ ବଞ୍ଚିତ ହୋଇଛନ୍ତି। ମାତ୍ର ତାଙ୍କର ଅପରାଜିତ ୯୯ ରନ୍‌ର ଇନିଂସ ଯୋଗୁ ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ୱେଷ୍ଟଇଣ୍ଡିଜ ୫ ଉଇକେଟରେ ବାଜି ମାରି ନେଇଛି। ବିଜୟୀ ଦଳର ବୋଲର ଆଲଜେରି ଜୋଶେଫଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଆୟର୍ଲାଣ୍ଡ ଇନିଂସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଳରେ ଦଳ ୪୬.୧ ଓଭରରେ ୧୮୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଲର୍କାନ ଟକର ୩୧ ଓ ମାର୍କ ଆଦିର ୨୯ ରନ୍ କରିଥିଲେ। ଘରୋଇ ୱେଷ୍ଟଇଣ୍ଡିଜ ବୋଲର ଆଲଜେରି ଜୋଶେଫ ସର୍ବାଧିକ ୪ ଉଇକେଟ ନେଇଥିବାବେଳେ ଶେଲଡନ କଟ୍ରେଲ ଓ ହେଡେନ ୱାଲଶ ୨ ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୩୩.୨ ଓଭରରେ ୫ ଉଇକେଟ କ୍ଷତିରେ ୧୮୪ ରନ୍ କରି ମ୍ୟାଚ୍ ଜିତିନେଇଛି। ଦଳ ପାଇଁ ଲୁଇସ ସର୍ବାଧିକ ୯୯ ରନ୍ କରିଥିଲେ। ବିଜୟ ଯୋଗୁ ୱେଷ୍ଟଇଣ୍ଡିଜ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧–୦ ଆଗରେ ରହିଛନ୍ତି। ସିରିଜ୍‌ର ପରବର୍ତ୍ତୀ ମ୍ୟାଚ୍ ସମାନ ଭେନ୍ୟୁରେ ୯ ତାରିଖରେ ଖେଳାଯିବ।



ଇଭିନ ଲୁଇସ

## ସଂକ୍ଷେପରେ

### ଛାତ୍ରୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ୮।୧(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ସାଲିଆସାହି ନିକଟରେ ଥିବା ସରକାରୀ ପଲିଟେକ୍ନିକ୍ କଲେଜ ହଷ୍ଟେଲରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଯାଜପୁର ଜିଲାର ରୁପ୍ରାଞ୍ଜିତା ଦାସ(୧୮)। ପୋଲିସ ପହଞ୍ଚି ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ରୁପ୍ରାଞ୍ଜିତାଙ୍କ ଘର ଯାଜପୁର ହୋଇଥିବାବେଳେ ସେ ପଲିଟେକ୍ନିକ କଲେଜ ହଷ୍ଟେଲରେ ଜଣେ ସହପାଠୀଙ୍କ ସହ ରହୁଥିଲେ। ବୁଧବାର ସକାଳେ ତା'ର ରୁମ୍‌ମେଟ୍ କ୍ଲାସକୁ ଯାଉଥିବାବେଳେ ସେ ପରେ ଯିବେ ବୋଲି କହି ଯାଇ ନ ଥିଲେ। ରୁମ୍‌ମେଟ୍ ଜଣକ କ୍ଲାସ ସାରି ଅପରାହ୍ନ ପ୍ରାୟ ୪ଟାରେ ହଷ୍ଟେଲକୁ ଫେରିବା ପରେ ରୁପ୍ରାଞ୍ଜିତା ବେକରେ ଓଢ଼ଣୀ ବାନ୍ଧି ଫ୍ୟାନ୍‌ରେ ଝୁଲୁଥିବା ଦେଖି ପୋଲିସ ଓ ଅନ୍ୟମାନଙ୍କୁ ଖବର ଦେଇଥିଲେ। ତେବେ ରୁପ୍ରାଞ୍ଜିତା କିଛିଦିନ ହେବ କୌଣସି କାରଣକୁ ନେଇ ମାନସିକ ଚିନ୍ତାରେ ରହୁଥିଲେ ବୋଲି ସହପାଠୀମାନେ କହିଛନ୍ତି।

### କବି ରବି ସିଂହ ଅସୁସ୍ଥ, କଟକ ସ୍ଥାନାନ୍ତର

**କଟକ ଅଫିସ, ୮।୧:** ବିପ୍ଳବୀ ତଥା ସାମ୍ୟବାଦୀ କବି ରବି ସିଂହଙ୍କୁ ବୁଧବାର ଏସ୍‌ସିବି ମେଡିକାଲର ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯାଇଛି। ସେ ମଙ୍ଗଳବାର ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ଉଚ୍ଚ ରକ୍ତଚାପ ସମେତ କେତେକ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି।







କଳାହାଣ୍ଡି ଜିଲାପାଳ, ଏସ୍‌ପିଙ୍କୁ ହାଇକୋର୍ଟଙ୍କ ଆଦେଶ

# ଛତର ଯାତ୍ରାରେ ବଳି ବନ୍ଦ ପାଇଁ ପଦକ୍ଷେପ ନିଅ

**କଟକ ଅଫିସ, ୮।୧**

**ହାଇକୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି**

କଳାହାଣ୍ଡି ଜିଲାର ପ୍ରସିଦ୍ଧ ଛତର ଯାତ୍ରାରେ ବଳି ବନ୍ଦ ପାଇଁ ଜିଲାପାଳ, ଏସ୍‌ପି ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏଥିପାଇଁ ହାଇକୋର୍ଟଙ୍କ ପକ୍ଷରୁ କେତେକ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ସାମାଜିକ କର୍ମୀ ଜୟନ୍ତୀ ଦାସଙ୍କ ପକ୍ଷରୁ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣିକରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା ଏବଂ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କୁ ଏହି ଆଦେଶ ଦେଇଛନ୍ତି। ହାଇକୋର୍ଟ ଜାରି କରିଥିବା ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି ଯେ, ସେଠାକାର ଜିଲା ପ୍ରଶାସନ ସ୍ଥାନୀୟ ଲୋକଙ୍କୁ ବିଶେଷକରି ଆଦିବାସୀମାନଙ୍କୁ ଏ ନେଇ ସଚେତନ କରାଇବେ। ଛତର ଯାତ୍ରା ଆରମ୍ଭ ହେବାର ଗୋଟିଏ ମାସ ପୂର୍ବରୁ ସେଠାକାର ପ୍ରଶାସନ ମାଣିକେଶ୍ୱରୀ ମନ୍ଦିର ଏବଂ ଏହାର ଆଖପାଖ ଅଞ୍ଚଳରେ ବଳି ବନ୍ଦ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ। ଏହି ସଚେତନତା କାର୍ଯ୍ୟକ୍ରମରେ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ସାମିଲ କରିବାକୁ ପ୍ରଶାସନ ଚେଷ୍ଟା କରିବ। କଳାହାଣ୍ଡି ଏସ୍‌ପି ଏ ଦିଗରେ ବିଶେଷ ଧ୍ୟାନ ଦେବେ। ଛତର ଯାତ୍ରାର ଗୋଟିଏ ସପ୍ତାହ ପୂର୍ବରୁ ବଳି ନିମନ୍ତେ କ'ଣ ସବୁ ପ୍ରସ୍ତୁତି ଚାଲିଛି ତାହା ଉପରେ ଏସ୍‌ପି ନଜର ରଖିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏଥିରେ କୌଣସି ବ୍ୟତିକ୍ରମ ଘଟିଲେ ଏସ୍‌ପି ଏବଂ ଜିଲାପାଳ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ବୋଲି ଖଣ୍ଡପୀଠ ଆଦେଶରେ କହିଛନ୍ତି। ସୂଚନାଥାଉ କି, ପ୍ରତିବର୍ଷ ପାର୍ବଣ ସମୟରେ ଛତର ଯାତ୍ରାରେ ବହୁ ସଂଖ୍ୟକ ପଶୁ ବଳି ଦିଆଯାଇଥାଏ। ଏହାକୁ ବନ୍ଦ କରିବା ପାଇଁ ଆବେଦନକାରିଣୀ ଦାସ ୨୦୧୬ ମସିହାରେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ।

# ୩ୟ ସନ୍ତାନ ଜନ୍ମ ଦେବ ସ୍ନେହା

**ବାରଙ୍ଗ, ୮।୧(ଡି.ଏନ୍.ଏ.)**

**■ନନ୍ଦନକାନନ କର୍ତ୍ତୃପକ୍ଷ ସଜାଗ**

ବାରଙ୍ଗସ୍ଥିତ ପ୍ରାଣୀଉଦ୍ୟାନ ନନ୍ଦନକାନନରେ ବାଘୁଣୀ ସ୍ନେହା ତୃତୀୟ ସନ୍ତାନକୁ ଜନ୍ମଦେବାକୁ ଯାଉଛି। ଯେପରି କୌଣସି ଅସୁବିଧା ନ ହୁଏ ସେ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ସଜାଗ ରହିଛନ୍ତି। ସ୍ନେହାର ୨୧ବି ଏନକ୍ଲୋଜରରେ ୪ଟି ସିସି କ୍ୟାମେରା ଖଞ୍ଜାଯାଇଛି। ଏହି ଏନକ୍ଲୋଜରକୁ ଯାତାୟାତକୁ ବାରଣ କରାଯାଇଥିବାବେଳେ ପଛପଟକୁ ରହିଛି ସ୍ନେହା। ସିସି କ୍ୟାମେରା ଦ୍ୱାରା ସ୍ନେହାର ଗତିବିଧିକୁ ନନ୍ଦନକାନନ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି। ସୂଚନା ଥାଉ କି, ତୃତୀୟଥରପାଇଁ ସ୍ନେହା ପିଲା ଜନ୍ମ କରିବାକୁ ଯାଉଥିବାବେଳେ ସେଫ ଦ୍ୱିତୀୟ ଥର ପାଇଁ ସ୍ନେହା ସହ ମିଳନର ସୁଯୋଗ ପାଇଛି। ୨୦୧୬ ଡିସେମ୍ବର ୭ରେ ଜଙ୍ଗଲୀ ମହାବଳବାଘ ସେଫ୍‌କୁ ହାଇଦ୍ରାବାଦରୁ ନନ୍ଦନକାନନକୁ ଅଣାଯାଇଥିଲା। ସେଫ ସହ ଅଙ୍କିତାର ମିଳନରୁ ୧୨ଜାନୁୟାରୀ ୨୦୧୮ରେ ଦୁଇଟି ଛୁଆ ଜନ୍ମଦେଇଥିଲା ଅଙ୍କିତା। ସେଥିମଧ୍ୟରୁ ଗୋଟିକର ମୃତ୍ୟୁ ଘଟିଥିଲା। ଏବେ ନନ୍ଦନକାନନରେ ବାଘ ସଂଖ୍ୟା ୨୫ ରହିଛି।

ପୁରୀ ବନ୍ୟପ୍ରାଣୀ ଡିଭିଜନରେ ପକ୍ଷୀ ଗଣନା

# ୭୦ ପ୍ରଜାତିର ୧ଲକ୍ଷ ୨ ହଜାର ପକ୍ଷୀ

**ପୁରୀ ଅଫିସ, ୮।୧**





**■୭ ନୂଆ ପ୍ରଜାତିର ପକ୍ଷୀ ଚିହ୍ନଟ**
**■ଗତବର୍ଷ ଅପେକ୍ଷା ପ୍ରଜାତି କମିଛି, ସଂଖ୍ୟା ବଢ଼ିଛି**

ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ବୁଧବାର ପକ୍ଷୀ ଗଣନା କରାଯାଇଛି। ୨୩ଟି ଟିମ୍ ଡିଭିଜନ ଅଧୀନ ୫ଟି ରେଞ୍ଜରେ ଏହି ଗଣନା କରିଛନ୍ତି। ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଏହି ଗଣନା କରାଯାଇଛି। ଟିମ୍ ସଦସ୍ୟ ବିଭିନ୍ନ ନଦୀଶଯ୍ୟା, ସନ୍ତସନ୍ତିଆ ସ୍ଥାନ, ଖାଲୁଆ ଅଞ୍ଚଳ ଏବଂ ଜଙ୍ଗଲିଆ ସ୍ଥାନରେ ରହିଥିବା ଦେଶୀବିଦେଶୀ ପକ୍ଷୀଙ୍କୁ ଠାବ କରିବା ସହ କେଉଁ ପ୍ରଜାତିର କେତେ ପକ୍ଷୀ ଆସିଛନ୍ତି ତାହା ଆକଳନ କରିଛନ୍ତି। ପୁରୀ ଡିଭିଜନ ଅଧୀନରେ ଗତବର୍ଷ ଅପେକ୍ଷା ଏ ବର୍ଷ ପ୍ରଜାତି ସଂଖ୍ୟା ହ୍ରାସ ପାଇଥିବାବେଳେ ଅଧିକ ପକ୍ଷୀ ଚିହ୍ନଟ କରାଯାଇଛି। ଗତବର୍ଷ ୧୧୦ ପ୍ରଜାତିର ୬୮,୦୨୯ ପକ୍ଷୀ ଆସିଥିବାବେଳେ ଚଳିତବର୍ଷ ୭୦ ପ୍ରଜାତିର ୧,୦୨,୭୭୯ ପକ୍ଷୀ ଆସିଛନ୍ତି। ଏହି ବନଖଣ୍ଡ ଅଧୀନ ୫ଟି ରେଞ୍ଜ ବାଲୁଖଣ୍ଡ, କୋଣାର୍କ, ଅସ୍ତରଙ୍ଗ, ଗୋପ ଓ ବ୍ରହ୍ମଗିରି ମଧ୍ୟରୁ ଚଳିତବର୍ଷ ବ୍ରହ୍ମଗିରି ରେଞ୍ଜକୁ ସର୍ବାଧିକ ୯୦,୭୬୨ ପକ୍ଷୀ ଆସିଥିବାବେଳେ ପ୍ରଜାତି ସଂଖ୍ୟା କମିଥିବା ସୂଚନା ମିଳିଛି। ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପକ୍ଷୀ ଗଣନା କରାଯାଇଥିଲା। ଏଥିରେ ୩ଜଣ ସହକାରୀ ବନ ସଂରକ୍ଷକ (ଏସିଏଫ୍) ପ୍ରଶାନ୍ତ କୁମାର ସ୍ୱାଇଁ, ଶ୍ରୀକାନ୍ତ ବେହେରା ଓ ଅମରେଶ ନାଥ ପ୍ରଧାନଙ୍କ ସମେତ ୮ଜଣ ପକ୍ଷୀ ବିଶାରଦ ପ୍ରଫେସର ସୁଶୀଲ ଦତ୍ତ, ଗହ୍ୱର ଆବେଦିନ, ଆକାଶ ରଞ୍ଜନ ରଥ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୋଭାକର ବେହେରା, ରମାଶଙ୍କର ପାତ୍ର, ବିଶ୍ୱଜିତ ମହାନ୍ତି ଓ ରଞ୍ଜିତ ପଟ୍ଟନାୟକ ମଧ୍ୟ ଗଣନାରେ ସାମିଲ ଥିଲେ। ଏତଦ୍‌ବ୍ୟତୀତ ବାଲୁଖଣ୍ଡ ରେଞ୍ଜ ଅଫିସର ସରୋଜ କୁମାର ମହାନ୍ତି, କୋଣାର୍କ ରେଞ୍ଜ ଅଫିସର ବେଣୁଧର ବେହେରା, ଅସ୍ତରଙ୍ଗ ରେଞ୍ଜ ଅଫିସର ହିମାନ୍ ନାୟକ ଓ ବ୍ରହ୍ମଗିରି ରେଞ୍ଜ ଅଫିସର ରଜତ କୁମାର ମହାପାତ୍ରଙ୍କ ସମେତ ୫୦ ଜଣ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ମଧ୍ୟ ଏଥିରେ ଭାଗ ନେଇଥିଲେ। ବ୍ରହ୍ମଗିରି ରେଞ୍ଜରେ ଚଳିତବର୍ଷ ରେକର୍ଡ ସଂଖ୍ୟକ ପକ୍ଷୀ ଆସିଛନ୍ତି। ଗତ ୨ବର୍ଷ ତଥ୍ୟକୁ ଦେଖିଲେ ଚଳିତବର୍ଷ ସର୍ବାଧିକ ପକ୍ଷୀ ଆସିଛନ୍ତି। ୨୦୧୯ରେ ଏହି ରେଞ୍ଜକୁ ୮୪ ପ୍ରଜାତିର ୫୫,୪୭୪ ପକ୍ଷୀ ଆସିଥିବାବେଳେ ୨୦୧୮ରେ ୪୬,୨୩୬ ପକ୍ଷୀ ଆସିଥିଲେ। ଏ ବର୍ଷ ୫୪ ପ୍ରଜାତିର ୯୦,୭୬୨ ପକ୍ଷୀ ଦେଖିବାକୁ ମିଳିଛି। ସେହିପରି ଏଥର କୋଣାର୍କ ରେଞ୍ଜରେ ୪୭ ପ୍ରଜାତିର ୨,୫୪୦, ପକ୍ଷୀ ଗଣନା କରାଯାଇଛି। ଅନ୍ୟପକ୍ଷରେ ବାଲୁଖଣ୍ଡ ରେଞ୍ଜରେ ୪୨ ପ୍ରଜାତିର ୩,୩୪୦, ଅସ୍ତରଙ୍ଗ ରେଞ୍ଜରେ ୪୪ ପ୍ରଜାତିର ୫,୪୪୫ ଏବଂ ଗୋପ ରେଞ୍ଜରେ ୨୬ ପ୍ରଜାତିର ୬୯୨ ପକ୍ଷୀ ଚିହ୍ନଟ କରାଯାଇଥିବା ଜଣାପଡିଛି। ସେହିପରି ଏଥର ୭ ନୂଆ ପ୍ରଜାତିର ପକ୍ଷୀ ଫେରୋଜିନସ୍ ପୋଚାର୍ଡ, ଟପ୍‌ଟେଡ୍ ପୋଚାର୍ଡ, ପେରିଗ୍ରାଇନ ଫାଲକନ୍, ନର୍ଦନ ପିଣ୍ଟେଲ, ୱିଜେନ ଓ କର୍ଲ୍ୟୁ ଆସିଥିବା ଡିଏଫ୍‌ଓ ଉଦ୍‌ଗାତା କହିଛନ୍ତି।

ଇକୋ ଟୁରିଜମ୍‌ର ପ୍ରଚାର ପ୍ରସାର ଲକ୍ଷ୍ୟ

# ଓଟିଡିସିର ସ୍ୱତନ୍ତ୍ର ସାତକୋଶିଆ, ଭିତରକନିକା ପ୍ୟାକେଜ୍

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ରାଜ୍ୟରେ ଇକୋ ଟୁରିଜମ୍ ବା ପରିବେଶ ପର୍ଯ୍ୟଟନର ବିକାଶକୁ ଦୃଷ୍ଟିରେ ରଖି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ମିଳିତ ଭାବେ ୨ଟି ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍‌ର ଶୁଭାରମ୍ଭ କରିଛନ୍ତି। ଏଣିକି ଓଟିଡିସି ପକ୍ଷରୁ ପ୍ରତି ଶନିବାର ଏବଂ ରବିବାର ଦୁଇଟି ସ୍ୱତନ୍ତ୍ର ପ୍ୟାକେଜ୍ ଟୁର୍‌ର ବ୍ୟବସ୍ଥା ଯୋଗାଇ ଦିଆଯିବ। ଆସନ୍ତା ୧୧ ତାରିଖରୁ ଉଦ୍‌ଘାଟିତ ହେବାକୁ ଥିବା ଏହି ପ୍ୟାକେଜ୍‌ରେ ପର୍ଯ୍ୟଟକ ପ୍ରତି ଶନିବାର ଭିତରକନିକା ଏବଂ ରବିବାର ସାତକୋଶିଆ ପରିଦର୍ଶନରେ ଯାଇପାରିବେ। ଏହି ଦିନିକିଆ ପ୍ୟାକେଜ୍‌ରେ ୨ଟି ସ୍ୱତନ୍ତ୍ର ବସ୍ ଯାତ୍ରୀମାନଙ୍କୁ ଭୁବନେଶ୍ୱର ପାନ୍ଥନିବାସରୁ ନେଇ ବାହାରିବ। ଭିତରକନିକା ପାଇଁ ପାନ୍ଥନିବାସରୁ ସକାଳ ୫ଟା ୩୦ରେ ବସ୍ ବାହାରି ରେଳଷ୍ଟେଶନ, ବାଣୀବିହାର ଛକ ଦେଇ ଭୁବନେଶ୍ୱର ଛାଡ଼ିବ ଏବଂ ରାତି ୯ଟାରେ ପ୍ରତ୍ୟାବର୍ତ୍ତନ କରିବ। ସେହିଭଳି ସାତକୋଶିଆ ପାଇଁ ରବିବାର ଭୁବନେଶ୍ୱର ପାନ୍ଥନିବାସରୁ ସକାଳ ୭ଟାରେ ବସ୍ ବାହାରି ସମାନ ରାସ୍ତାରେ ଖଣ୍ଡଗିରି ଛକ ଦେଇ ସାତକୋଶିଆ ଅଭିମୁଖେ ଯାତ୍ରା କରିବ। ସାତକୋଶିଆ ଭ୍ରମଣ ସହିତ ନୟାଗଡ଼ରେ ଥିବା ଲଡ୍ଡୁବାବାଙ୍କ ଦର୍ଶନ କରି ସନ୍ଧ୍ୟା ୬ଟାରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ପ୍ୟାକେଜ୍‌ଗୁଡ଼ିକରେ ଶୀତତାପ ନିୟନ୍ତ୍ରିତ ଗାଡ଼ି ସହିତ ମଧ୍ୟାହ୍ନ ଭୋଜନ, ବୋଟିଂ ଆଦି ରହିବ। ଭିତରକନିକା ପାଇଁ ଜଣକ ପିଛା ପ୍ୟାକେଜ୍‌ର ଦାମ ୧୭୦୦ ଟଙ୍କା ରହିଥିବାବେଳେ ସାତକୋଶିଆ ପାଇଁ ୧୪୯୦ ଟଙ୍କା ରହିଛି। ପ୍ୟାକେଜ୍ ପାଇଁ ପର୍ଯ୍ୟଟକ ପାନ୍ଥନିବାସ ୱେବ୍‌ସାଇଟ୍ www.panthanivas.comରେ ବୁକିଂ କରିପାରିବେ।

# ୧୬ରୁ ଶିଶୁପାଳଗଡ଼ ମହୋତ୍ସବ

**ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ ଶିଶୁପାଳଗଡ଼ ସମ୍ମାନ**

**ପୁରୁଣା ଭୁବନେଶ୍ୱର,୮।୧ (ଡି.ଏନ.ଏ.)**

ଭୁବନେଶ୍ୱର-ପୁରୀ ବାଇପାସ୍‌ର ଏକ ହୋଟେଲରେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ବୁଧବାର 'ଶିଶୁପାଳଗଡ ମହୋତ୍ସବ-୨୦୨୦'ର ତୈଳଚିତ୍ର ଉନ୍ମୋଚନ କରାଯାଇଛି। ଏଥିସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି।

ଏହି ପରିପ୍ରେକ୍ଷୀରେ କାପୋକ ଆନୁକୂଲ୍ୟରେ ଶିଶୁପାଳଗଡର ଦଶହରା ପଡିଆରେ ଜାନୁୟାରୀ ୧୬ରୁ ୧୯ପର୍ଯ୍ୟନ୍ତ ଶିଶୁପାଳଗଡ଼ ମହୋତ୍ସବ ଆୟୋଜନ କରାଯିବ। ଏହାପୂର୍ବରୁ ପ୍ରାକ୍ ମହୋତ୍ସବ ଯଥା ଜାନୁୟାରୀ ୧୧ ଶିଶୁପାଳଗଡସ୍ଥ ପତିତପାବନ ମନ୍ଦିରରେ ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମ କରାଯିବ। ୪ ଦିନ ବ୍ୟାପୀ ମୁଖ୍ୟ ମହୋତ୍ସବରେ ଓଡ଼ିଶୀ, ସମ୍ବଲପୁରୀ, ଗୋଟିପୁଅ ନୃତ୍ୟ, ଫ୍ୟାଟ ଫାଇଟର ମାଲଖମ୍ବ, ବମ୍ବେର ପ୍ରଖ୍ୟାତ କଣ୍ଠଶିଳ୍ପୀ ହେମନ୍ତ ବ୍ରିଜବାସୀ, ତାରିକ ଆଜିଜ୍, ଋତୁରାଜ ମହାନ୍ତି, ଓଲିଉଡ୍‌ର କଣ୍ଠ ଶିଳ୍ପୀ ଅସୀମା ପଣ୍ଡା, ମଣ୍ଟୁ ଛୁରିଆ, ନୃତ୍ୟଶିଳ୍ପୀ ହରିହର ଦାଶ ପ୍ରମୁଖ କଳାକାରମାନେ କଳା ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ କରିବେ। ଏଥିସହ 'ଶିଶୁପାଳଗଡ଼ ଦି ଲଷ୍ଟ ସିଟି' ନାମରେ ତଥ୍ୟ ଭିତ୍ତିକ ପ୍ରବନ୍ଧ ଉନ୍ମୋଚନ ହେବ। ଚଳିତବର୍ଷ ଆଦିମାତା 'ଗଡ଼ଚଣ୍ଡୀ'ଙ୍କ ରୂପରେଖକୁ ନେଇ ମଞ୍ଚ ନିର୍ମାଣ କରାଯିବ।

ଏତଦ୍‌ବ୍ୟତୀତ ଓଡ଼ିଶାର ବରିଷ୍ଠ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ ଶିଶୁପାଳଗଡ ସମ୍ମାନରେ ସମ୍ମାନିତ କରାଯିବ। କାପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସମ୍ପାଦକ ଚିତ୍ତ ରଞ୍ଜନ ମହାନ୍ତି, ଜିଲା ପରିଷଦ ସଭ୍ୟା ଦିପ୍ତୀମୟୀ ସୁନ୍ଦରାୟ, ସମିତିସଭ୍ୟା ରଶ୍ମିତା ଶ୍ରୀଚନ୍ଦନ, ଟିକରପଡା ସମିତିସଭ୍ୟ ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ତୈଳଚିତ୍ର ଉନ୍ମୋଚିତ କରିଥିଲେ। କାପୋକର ସଦସ୍ୟ ରବୀନ୍ଦ୍ର ପାତ୍ର, ସୁବାସ ସୁନ୍ଦରାୟ, ସୁବ୍ରତ ପାଇକରାୟ, ରଶ୍ମି ରଞ୍ଜନ ଶ୍ରୀଚନ୍ଦନ, ମାନସ ରଥ, ବାମଦେବ ଗଜେନ୍ଦ୍ର, ଗୌରହରି ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ବାରଗାଁ ଉ.ପ୍ରା. ଆବାସିକ ସ୍କୁଲ ପ୍ରଧାନ ଶିକ୍ଷକ ଗିରଫ

**କଟକ ଅଫିସ, ୮।୧**

ନବରଙ୍ଗପୁର ଜିଲା ବାରଗାଁ ଉଚ୍ଚ ପ୍ରାଥମିକ ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ପାଣିଗ୍ରାହୀଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ପାଣିଗ୍ରାହୀଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଭିତ୍ତିରେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ତାଙ୍କ ଘର, ଅଫିସ ସମେତ ମୋଟ ୫ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିଲା। ଚଢାଉ ବେଳେ ଯାଞ୍ଚରୁ ମୋଟ ୨କୋଟି ୬୦ ଲକ୍ଷ ୬୭ ହଜାର ୨୨୩ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା। ଏଥି ମଧ୍ୟରେ ଗୋଟିଏ ୩ ମହଲା କୋଠା, ୨ଟି ଦୁଇମହଲା କୋଠା, ୬ଟି ପ୍ଲଟ, ୨ଟି ଚାରିଚକିଆ ଯାନ, ୨ଟି ମୋଟର ସାଇକେଲ, ୭୦ ଲକ୍ଷ ୪୬ହଜାର ଟଙ୍କାର ବ୍ୟାଙ୍କ ଜମା, ୨୦ ଲକ୍ଷ ୩୧ହଜାର ଟଙ୍କାର ବୀମା ପଲିସି ଓ ୬ଲକ୍ଷ ଟଙ୍କାର ସୁନା ରୁପା ଗହଣା ରହିଥିଲା। ଭିଜିଲାନ୍ସ ତଦନ୍ତରୁ ୧ କୋଟି ୮୦ ଲକ୍ଷ ୪୮ହଜାର ୮୯୮ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଥିବା ଜଣାପଡ଼ିଥିଲା। ଏହି ସମ୍ପତ୍ତି ସମ୍ପର୍କରେ ପାଣିଗ୍ରାହୀ କୌଣସି ସନ୍ତୋଷଜନକ ଉତ୍ତର ଭିଜିଲାନ୍ସକୁ ଦେଇପାରି ନ ଥିଲେ। ଫଳରେ ତାଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ ଥାନାରେ ୨/୨୦୨୦ରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲିପାଟଣା, ୮।୧ (ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ଖଇରପୁର ଗ୍ରାମରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ସଞ୍ଜୟ କୁମାର ପଣ୍ଡା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୦) ରୁଜୁକରି ତଦନ୍ତ ଚଳାଇବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ସୂଚନା ଅନୁଯାୟୀ, ସଞ୍ଜୟ ବୁଧବାର ସକାଳେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ପୋଲିସ ଖବର ପାଇଥିଲା। ଗତ କିଛି ଦିନ ହେବ ସଞ୍ଜୟ ମାନସିକ ସ୍ତରରେ ଦୁର୍ବଳ ଥିଲେ ବୋଲି ପରିବାର ଲୋକେ କହିଛନ୍ତି। ଅନ୍ୟପକ୍ଷରେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ତଦନ୍ତକାରୀ ଅଧିକାରୀ ନୟନା ବେହେରା କହିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



"ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମ୍ମୁନ୍ନତ କରାଇପାରବେ।
- ମଦନମୋହନ ମାଲବ୍ୟ



## ଆଜି କ'ଣ କେଉଁଠି

କଟକ
- ୩୨ତମ ସବ ଜୁନିୟର ଜାତୀୟ ସଫ୍ଟବଲ ଚାମ୍ପିୟନଶିପ ଉଦ୍‌ଯାପନ ଉତ୍ସବ, ସତ୍ୟବ୍ରତ ଷ୍ଟାଡିୟମ, କଟକ, ମଧ୍ୟାହ୍ନ ୧୨ଟା।

## ଚୋରି ଉଦ୍ୟମ: ୬ ଗିରଫ

**ଚୌଦ୍ୱାର,୮।୧(ଡି.ଏନ୍.ଏ.):** ଚୋରି ଉଦ୍ୟମ କରିବା ଘଟଣାରେ ଚୌଦ୍ୱାର ପୋଲିସ ବୁଧବାର ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟିପିଏମ ଫାଣ୍ଡି ଅଧୀନ ପାଇକରାପୁର ଗ୍ରାମର ବିନୋଦ ସ୍ୱାଇଁ, ବିମଳ ସ୍ୱାଇଁ, ସୁଦର୍ଶନ ମଲ୍ଲିକ, କାଳନ୍ଦୀ ସ୍ୱାଇଁ, ନିତ୍ୟାନନ୍ଦ ବେହେରା, ସନ୍ତୋଷ ମହାନ୍ତି, ରତିକାନ୍ତ ବେହେରା। ଉକ୍ତ ଗ୍ରାମର ଅଭୟ ସାହୁଙ୍କ ଘରୁ ଅଭିଯୁକ୍ତମାନେ ଏକ ଏସି ମେସିନ୍ ଚୋରି କରିବା ଉଦ୍ୟମ କରିଥିବା ନେଇ ଫାଣ୍ଡିରେ ମଙ୍ଗଳବାର ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୯/୨୦) ରୁଜୁକରି ତଦନ୍ତ ଚଳାଇଥିଲା।

## ତ୍ରିଲୋଚନ କାନୁନ୍‌ଗୋ ପାଇବେ ରାଜକିଶୋର ନାୟକ ସ୍ମୃତି ସମ୍ମାନ

**କଟକ ଅଫିସ, ୮।୧:** ସାମାଜିକ କର୍ମୀ ତଥା ପୂର୍ବତନ ଏମ୍‌ପି ତ୍ରିଲୋଚନ କାନୁନ୍‌ଗୋ ମର୍ଯ୍ୟାଦାଜନକ ରାଜ କିଶୋର ନାୟକ ସ୍ମୃତି ସମ୍ମାନ ପାଇବେ। ରାଜକିଶୋର ନାୟକ ସ୍ମୃତି ସଂସଦ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ତ୍ରିଲୋଚନ କାନୁନ୍‌ଗୋ ୧୯୪୦ ମସିହା ନଭେମ୍ବର ୨୪ ତାରିଖରେ କଟକ ଜିଲାର ବଡମୂଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଶା ବିଧାନସଭାର ସଦସ୍ୟ ଓ ଲୋକସଭା ସାଂସଦ ରହିଥିଲେ। ସେ ରାଜ୍ୟ ଅର୍ଥ କମିଶନର ଓ କଟକ ନଗରପାଳିକାର ଅଧକ୍ଷ ଭାବେ ମଧ ଦାୟିତ୍ୱ ତୁଲାଇ ଥିଲେ। ଆସନ୍ତା ଜାନୁୟାରୀ ୧୧ ତାରିଖରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ହେବାକୁ ଥିବା ଗାନ୍ଧୀବାଦୀ ନେତା ରାଜକିଶୋର ନାୟକଙ୍କ ସ୍ମୃତି ସଭାରେ ଏହି ସମ୍ମାନ ପ୍ରଦାନ କରାଯିବ।

## ଚୋରି ଅଭିଯୋଗରେ ୨ ଗିରଫ

**ଚୌଦ୍ୱାର,୮।୧(ଡି.ଏନ୍.ଏ.):** ଚୌଦ୍ୱାର ଗାନ୍ଧୀଛକ ନିକଟରେ ଥିବା ଏକ ଗାଡିରୁ ବ୍ୟାଟେରି ଓ ଷ୍ଟେପିନ ଚୋରି କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୌରପାଳିକା ୧୭ନଂ. ୱାର୍ଡ କପାଳେଶ୍ୱର ନୂଆସାହିର ଶ୍ରବଣ ସାହୁ ଓ ବାଗନ ପ୍ରଧାନ। ସୂଚନା ଅନୁଯାୟୀ, ଚୌଦ୍ୱାର ଗ୍ରାମର ପ୍ରଭାସ ସାହୁ ଗତ ଡିସେମ୍ବର ମାସରେ ତାଙ୍କ ଗାଡିରୁ ଉକ୍ତ ଜିନିଷ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୯୯/୧୯)ରୁଜୁକରି ତଦନ୍ତ ଚଳାଇଥିଲା।

## ଧାନମଣ୍ଡି ଉଦ୍‌ଘାଟିତ

**କଟକ ସଦର, ୮।୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅର୍ନ୍ତଗତ ଅରିଲୋ ସେବା ସମବାୟ ସମିତି ପକ୍ଷରୁ ବୁଧବାର ଧାନମଣ୍ଡି ଖୋଲାଯାଇଛି। ବ୍ଲକ ଉପାଧକ୍ଷ ବିଭୁତି ଭୂଷଣ ପରିଡ଼ା ଓ ବିଜେଡି ବ୍ଲକ ସଭାପତି ପ୍ରମୋଦ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ହେଲିନା ଭୂୟାଁ, ରୂପକ ସ୍ୱାଇଁ, ଅକ୍ଷୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ସମିତି ସଭାପତି କୈଳାସ ଚନ୍ଦ୍ର ଦାଶ, ସମ୍ପାଦକ ପ୍ରଦୀପ୍ତ ଦାସ ପରିଚାଳନା କରିଥିଲେ। ପ୍ରଥମ ଦିନରେ ୩୧ଜଣ ଚାଷୀଙ୍କ ଠାରୁ ୯୧୦ କୁଇଣ୍ଟାଲ ଧାନ କିଣାଯାଇଥିଲା।

## ବନ୍ଦର ପ୍ରଭାବ: ଶ୍ରୀଲିଙ୍ଗରାଜରେ କମିଲେ ପର୍ଯ୍ୟଟକ

**ପୁରୁଣା ଭୁବନେଶ୍ୱର,୮।୧(ଡି.ଏନ.ଏ.):** ଟ୍ରେଡ୍ ୟୁନିୟନ୍ ତରଫରୁ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବରେ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ପର୍ଯ୍ୟଟକଙ୍କ ସଂଖ୍ୟା ବିଶେଷ ଭାବେ ହ୍ରାସ ପାଇଛି। ଯାନବାହାନ ଚଳାଚଳ ବନ୍ଦ ଥିବା ଯୋଗୁ ପର୍ଯ୍ୟଟକମାନେ ମନ୍ଦିର ଆସିପାରି ନ ଥିଲେ। ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ରରୁ ଆସିଥିବା କେତେକ ବସ୍ ମନ୍ଦିର ନିକଟ ପାର୍କିଂସ୍ଥଳରେ ଅଟକି ରହିଥିଲା। ଅନ୍ୟଦିନ ଅପେକ୍ଷା ପର୍ଯ୍ୟଟକ କମି ଯାଇଥିବା ମନ୍ଦିର ପ୍ରଶାସନ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ କହିଛନ୍ତି। ଦିନରେ କାଁ ଭାଁ ଗାଡ଼ି ଚଳାଚଳ କରିଥିଲା। ଅଧିକାଂଶ ଦୋକାନ ବଜାର ବନ୍ଦ ରହିଥିଲା।



କଟକ ଆରଏମଏସ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



ବାଦାମବାଡି ଟ୍ରାଫିକ ପୋଷ୍ଟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କଟକରେ ଭାରତ ବନ୍ଦ ପ୍ରଭାବ**

# ଗଡ଼ିଲାନି ଗାଡ଼ି, ଖୋଲା ରହିଲା ଦୋକାନ

**କଟକ ଅଫିସ, ୮।୧**

କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ବୁଧବାର ଭାରତ ବନ୍ଦର ଆଂଶିକ ପ୍ରଭାବ କଟକରେ ପରିଲକ୍ଷିତ ହୋଇଛି। ସହରରେ ସମସ୍ତ ସ୍କୁଲ୍, କଲେଜ ସମେତ ବଡ ବଡ ଶପିଂ ମଲ୍, ପେଟ୍ରୋଲ ପମ୍ପ ବନ୍ଦ ରହିଥିବାବେଳେ ବସ୍ ଓ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କିଛି ନିର୍ଦ୍ଦିଷ୍ଟ ଅଞ୍ଚଳ ବ୍ୟତୀତ ଅନ୍ୟ ସବୁ ସ୍ଥାନରେ ଦୋକାନ ବଜାର ଖୋଲା ରହିଥିଲା। ବନ୍ଦ ଯୋଗୁ ସହରର ମୁଖ୍ୟ ରାସ୍ତା ଏବଂ ଜନଗହଳିପୂର୍ଣ୍ଣ ଅଞ୍ଚଳଗୁଡ଼ିକ ଖାଁ ଖାଁ ହୋଇପଡ଼ିଥିଲା। ଆନ୍ଦୋଳନକାରୀମାନେ ବାଦାମବାଡ଼ି, ମଧୁପାଟଣା, କଲେଜ ଛକ, ତିନିକୋଣିଆ ବଗିଚା, ଜିଲାପାଳଙ୍କ କାର୍ଯ୍ୟାଳୟ, ବକ୍ସିବଜାର, ଷ୍ଟେଶନ୍, ଜଗତପୁର ଆଦି ସ୍ଥାନରେ ଧର୍ମଘଟ କରିଥିଲେ। ଏଥିସହ ପିକେଟିଂ କରି ଦୋକାନ ବଜାର ବନ୍ଦ କରାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପୁନର୍ବାର ଦୋକାନ ଖୋଲାଯାଇଥିବା ଦେଖିବାକୁ ମିଳିଥିଲା। ମଧୁପାଟଣା, ବାଦାମବାଡ଼ି, ଖାନନଗର ଆଦି କିଛି ଅଞ୍ଚଳକୁ ଛାଡ଼ିଦେଲେ ଅପରାହ୍ନ ବେଳକୁ ସହରର ଅନ୍ୟ ଅଞ୍ଚଳରେ ଦୋକାନ ବଜାର ସ୍ୱାଭାବିକ ହୋଇଯାଇଥିଲା। ଆନ୍ଦୋଳନ ସମୟରେ ପୋଲିସ ୭୦ଜଣ ବିକ୍ଷୋଭକାରୀଙ୍କୁ ଅଟକ ରଖିଥିଲା। ପୋଲିସ ପକ୍ଷରୁ ସହରରେ ୧୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

### ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଖାଁ ଖାଁ

ବନ୍ଦ ଯୋଗୁ ସହରର ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଖାଁ ଖାଁ ହୋଇପଡ଼ିଥିଲା। ସେହିପରି ବସ୍ ଚଳାଚଳ ବନ୍ଦ ରହିବାରୁ କେତେକ ଯାତ୍ରୀ ହଇରାଣ ହୋଇଥିଲେ। ବସ୍‌ଷ୍ଟାଣ୍ଡରେ କୁଲିମାନେ ବସି ତାସ୍ ଖେଳୁଥିବା ଦେଖିବାକୁ ମିଳିଥିଲା।

### ଅଟୋବାଲାଙ୍କ ରାଜୁତି

ସହରରେ ଗାଡ଼ି ଚଳାଚଳ କମ୍ ଥିବାରୁ ଏହାର ଫାଇଦା ଉଠାଇଛନ୍ତି କିଛି ଅଟୋବାଲା। ସେମାନେ ଧାର୍ଯ୍ୟ ଭଡ଼ାଠାରୁ ୫ଗୁଣା ଅଧିକ ଭଡ଼ା ନେଇଥିଲେ। ବାଦାମବାଡ଼ିରୁ ରାଣୀହାଟ ପର୍ଯ୍ୟନ୍ତ ଭଡ଼ା ୧୦ ଟଙ୍କା ହୋଇଥିବାବେଳେ ଅଟୋଚାଳକ ୫୦ ଟଙ୍କା ନେଇଥିଲେ।

ସେହିପରି ଦରବୃଦ୍ଧି, ବେକାରି, ଶ୍ରମିକ-କର୍ମଚାରୀ ଛଟେଇ, ସିଏଏ ଏବଂ ଏନ୍‌ଆରସି ଆଦି ପ୍ରତିବାଦରେ



କଟକ ନଗର(ଜିଲା) କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବୁଧବାର କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେହିପରି କଂଗ୍ରେସ ଭାରତ ବନ୍ଦକୁ ମଧ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲା। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା। ଏଥିରେ ଗିରିବାଳା ବେହେରା, ନିକୁଞ୍ଜ ପଶାୟତ, ଡ. ସନ୍ତୋଷ ବଳ, ଅରୁଣ ସେଠୀ, ସେକ୍ ସମ୍ମିମଉଲ୍ଲା, ବୈଶାଳୀ ବେହେରା, ନମିତା ମଞ୍ଜରୀ ସାହୁ, ଗୌରୀ ଦାସ ପ୍ରମୁଖ ସାମିଲ ଥିଲେ।

## ୧୦ରୁ ବାରବାଟୀ ନୃତ୍ୟୋତ୍ସବ

**କଟକ ଅଫିସ, ୮।୧**

ଆସନ୍ତା ୧୦ ତାରିଖରୁ ବାଲିଯାତ୍ରା ଉପର ପଡ଼ିଆରେ ୨୯ତମ ବାରବାଟୀ ନୃତ୍ୟୋତ୍ସବ ଅନୁଷ୍ଠିତ ହେବ। ଏହା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉତ୍ସବ ଜିଲା ପ୍ରଶାସନ ଓ ପର୍ଯ୍ୟଟନ, ସଂସ୍କୃତି ବିଭାଗର ସହଯୋଗରେ ହେବ। ଚଳିତବର୍ଷ ନୃତ୍ୟ ଓ ସଙ୍ଗୀତ ସହିତ ବାରବାଟୀ ସାହିତ୍ୟ ଉତ୍ସବ ଅନ୍ୟତମ ଆକର୍ଷଣ ରହିବ। ୧୫ ଓ ୧୬ ତାରିଖ ସନ୍ଧ୍ୟାରେ ରାଜ୍ୟର ବହୁ ସାହିତ୍ୟିକ ଯୋଗଦେଇ କଟକ ସହର ସମ୍ପର୍କିତ କବିତା ଆବୃତ୍ତି କରିବେ। ଏଥିସହିତ ଭଦ୍ରକର ପ୍ରସିଦ୍ଧ ମୋଗଲ ତାମସା ମଞ୍ଚସ୍ଥ ହେବ। ବହୁ ଜାତୀୟ ଓ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ଯୋଗଦେବେ। ପ୍ରତିଦିନ ବିଭିନ୍ନ ପ୍ରତିଯୋଗିତା ହେବ। କୃତୀ ପ୍ରତିଯୋଗୀଙ୍କୁ ବାରବାଟୀ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ପାଇଁ ନୃତ୍ୟଗୁରୁ ସୁଧାକର ସାହୁଙ୍କୁ ବାରବାଟୀ ନୃତ୍ୟ ସମ୍ମାନ ଓ ଗୁରୁ ନବୀନ ପଟ୍ଟନାୟକଙ୍କୁ ସିଦ୍ଧାର୍ଥ ମ୍ୟୁଜିକ ସମ୍ମାନ ପ୍ରଦାନ କରାଯିବ। ବୁଧବାର ସର୍କିଟ ହାଉସରେ ଓଡ଼ିଶା ନୃତ୍ୟ ମଣ୍ଡଳ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧକ୍ଷ ଅରୁଣ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏଥିରେ ସାଧାରଣ ସମ୍ପାଦକ ଆଶିଷ କୁମାର ଦାସ, କୋଷାଧକ୍ଷ ପ୍ରିୟବ୍ରତ ମିଶ୍ର, ବ୍ରଜକିଶୋର ନନ୍ଦ, ଅମୀୟ ମହାପାତ୍ର, ପ୍ରଣବ ଅଖଣ୍ଡ ଓ ସିଦ୍ଧାର୍ଥ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍ତିବାସିନ୍ଦା ଏକତା ମଞ୍ଚ ପକ୍ଷରୁ ବିକ୍ଷୋଭ



ବସ୍ତିବାସିନ୍ଦା ଏକତା ମଞ୍ଚ ପକ୍ଷରୁ କଟକ ମହାନଗର ନିଗମ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

**କଟକ ଅଫିସ, ୮।୧**

ବସ୍ତିବାସିନ୍ଦା ଏକତା ମଞ୍ଚ ପକ୍ଷରୁ କଟକ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଗଣବିକ୍ଷୋଭ କରାଯାଇଛି। ବସ୍ତି ଉଚ୍ଛେଦ ଘୋଷଣା ପ୍ରତ୍ୟାହାର, ସର୍ଭେ ହୋଇଥିବା ବସ୍ତିରେ ହିତାଧିକାରୀଙ୍କୁ ଚିଠି ଦେବା, ସମସ୍ତ ସାହି ଓ ବସ୍ତି ବାସିନ୍ଦାଙ୍କ ଚିହ୍ନଟ କାର୍ଯ୍ୟର ସମୟସୀମା ବୃଦ୍ଧି କରାଯିବା ଆଦି ଦାବି କରାଯାଇଛି। ଏ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ୭ଦଫା ସମ୍ବଳିତ ଏକ ଦାବିପତ୍ର ଦିଆଯାଇଥିଲା। ମଞ୍ଚର ସାଧାରଣ ସମ୍ପାଦକ ହେମେନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀରେ କଟକ-ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ, ବାସନ୍ତୀ ବିଶ୍ୱାଳ, ନାରୀନେତ୍ରୀ ପଦ୍ମାବତୀ ନାୟକ, ଏନ୍. ରାଜୁରାଓ ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ସିଏମ୍‌ସି କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ସଭାପତି ସେକ୍ ଅବଦୁଲ୍ଲାଙ୍କ ସଭାପତିତ୍ୱରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ବନ୍ଦ କରାଯିବାକୁ ଏଥିରେ ଦାବି କରାଯାଇଥିଲା।

## ନାରପଡ଼ା ୟଙ୍ଗ୍‌ମ୍ୟାନ ସ୍ପୋର୍ଟିଂ କ୍ଲବ ବିଜୟୀ

**ଚୌଦ୍ୱାର,୮।୧(ଡି.ଏନ୍.ଏ.)**

ଚୌଦ୍ୱାର ଦୌଲତାବାଦସ୍ଥିତ ଅମର ଜ୍ୟୋତି କ୍ଲବ୍ ପକ୍ଷରୁ ବିଲ୍ଟ ଖେଳ ପଡିଆରେ ଚାଲିଥିବା ସୁଧାଂଶୁ ସାହୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ୪ର୍ଥ ଦିନରେ ଅନୁଗୋଳର ନାଲ୍‌କୋ ଫୁଟବଲ କ୍ଲବ ଓ ୟଙ୍ଗମ୍ୟାନ ସ୍ପୋର୍ଟିଂ କ୍ଲବ ନାରପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୟଙ୍ଗମ୍ୟାନ ସ୍ପୋର୍ଟିଂ କ୍ଲବ ବିଜୟୀ ହୋଇଥିଲା। ରେଫରି ପ୍ରଭାକର ବେହେରା, ରଜାକ୍ ଖାନ୍ ଓ ସଫିକୁଲ ଖାନ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଅବସରରେ ଅଜୟ ବେହେରା, ଅଶୋକ ବେହେରା, ବୀରକିଶୋର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମରଜ୍ୟୋତି କ୍ଲବର ସୁଧାକର ମହାପାତ୍ର, ପସନ୍ନଜିତ୍ ସାହୁ, ସନାତନ ମିଶ୍ର, ପ୍ରଶାନ୍ତ ବେହେରା, ମନୋଜ ସୁବୁଦ୍ଧି, ପ୍ରଶାନ୍ତ ନାୟକ, କୃପାସିନ୍ଧୁ ବେହେରା, ବୈକୁଣ୍ଠ ମହାରଣା, ସରୋଜ ସ୍ୱାଇଁ, ପର୍ଶୁରାମ ସେଠୀ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ର କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା

**କଟକ ଅଫିସ, ୮।୧**

ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ଘଟଣା ନେଇ ଏନ୍‌ଏସ୍‌ୟୁଆଇ ପକ୍ଷରୁ ଗୁଜରାଟର ଅହମ୍ମଦାବାଦରେ ପ୍ରତିବାଦ କରାଯିବାବେଳେ ଭାଜପା ଓ ଏବିଭିପି କର୍ମକର୍ତ୍ତାମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଗୁଜରାଟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ନିଖିଲ ସାଉନି ଏବଂ ତାଙ୍କ ସହଯୋଗୀମାନେ ଗୁରୁତର ଭାବେ ଆହତ ହୋଇଥିଲେ। ଏହାର ପ୍ରତିବାଦରେ ବୁଧବାର କଟକ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ କଲେଜ ଛକସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଛାତ୍ରମାନେ ମୁହଁରେ କଳାକନା ବାନ୍ଧି ପ୍ରତିବାଦ କରିଥିଲେ। ଓଡ଼ିଶା ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ ଶିବ କୁମାର ଅଗ୍ରୱାଲ ଏବଂ କଟକ ଜିଲା ଛାତ୍ର କଂଗ୍ରେସ ସଭାପତି ପ୍ରତୀକ ନାୟକଙ୍କ ନେତୃତ୍ୱରେ ଡ. ବିପ୍ଳବ ଶିଳାଦିତ୍ୟ, ଜିଲା ଛାତ୍ର କଂଗ୍ରେସ ଉପସଭାପତି ସୌମ୍ୟରଞ୍ଜନ ସ୍ୱାଇଁ, ଆଶିଷ ଖୁଣ୍ଟିଆ, ଆଶୁତୋଷ ରାଉତ, ଶାଶ୍ୱତ ଦାସ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ରମାନେ ମୁହଁରେ କଳାକନା ବାନ୍ଧି ପ୍ରତିବାଦ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ବନ୍ଦ ଶାନ୍ତିପୂର୍ଣ୍ଣ

**ଚୌଦ୍ୱାର/କଟକ ସଦର /ଖୁଣ୍ଟୁଣୀ/କଣ୍ଟାପଡ଼ା,୮।୧(ଡିଏନ୍‌ଏ)**

୧୨ଦଫା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ବୁଧବାର ଦେଶବ୍ୟାପୀ ୨୪ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଥିଲା। ଏହି ବନ୍ଦ ଡାକରା ଚୌଦ୍ୱାରରେ ସଫଳ ହୋଇଥିବା ଦେଖିବାକୁ ମିଳିଥିଲା। ଅଞ୍ଚଳର ସମସ୍ତ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହିତ ପେଟ୍ରୋଲପମ୍ପ ବନ୍ଦ ରହିଥିଲା। ସିପିଆଇଏମର କର୍ମୀ ଜୟ କିଶୋର ସିଂ, ରମେଶ ବେହେରା, ବିପିନ ବିହାରୀ ସାହୁ ହିନ୍ଦ୍ ମଜଦୁର ସଭାର ବଳରାମ ସାହାଣୀଙ୍କ ନେତୃତ୍ୱରେ ଶତାଧିକ ସିପିଆଇଏମ୍ କର୍ମୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା।

ସେହିପରି କଟକ ସଦର କଂଗ୍ରେସ ପକ୍ଷରୁ ୪୨ ମୌଜା ବେଣ୍ଟକାରରେ ରାସ୍ତାରୋକୋ କରାଯାଇଥିଲା। ଦୁର୍ଗାଶଙ୍କର ଦାଶ, ପ୍ରଭାତ ଖଟୁଆ, ଗଣେଶ୍ୱର ପରିଡ଼ା, ରାମଚନ୍ଦ୍ର ଗୋଛାୟତ, ରଞ୍ଜନ ସେନାପତି ପ୍ରମୁଖ ଆନ୍ଦୋଳନରେ ଭାଗନେଇଥିଲେ।

ଖୁଣ୍ଟୁଣୀରେ ମଧ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଅନ୍ତର୍ଯ୍ୟାମୀ ସାହୁଙ୍କ ନେତୃତ୍ୱରେ ନୃସିଂହ ଚରଣ ସାହୁ, ଜ୍ଞାନ ରଞ୍ଜନ ଦାଶ, ବିନୋଦ ମାଝି, ସୁରେଶ ଚନ୍ଦ୍ର ଦଳେଇ, ବ୍ରହ୍ମାନନ୍ଦ ବେହେରା, ଗଦାଧର ସେନାପତି ଓ ଦୁଲାଲ୍ ଦାସ ପ୍ରମୁଖ ଖୁଣ୍ଟୁଣୀ ବଜାରରେ ରାସ୍ତା ଅବରୋଧ କରିଥିଲେ। ଅନନ୍ତପୁରସ୍ଥିତ ଟି.ଏସ୍ ଆଲଏଜ୍ କାରଖାନା ସମ୍ମୁଖରେ ଆଦିତ୍ୟ ପ୍ରତାପ ସ୍ୱାଇଁଙ୍କ ଆବାହକତ୍ୱରେ ହିନ୍ଦ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସର୍ବଭାରତୀୟ ହିନ୍ଦ ମଜଦୁର ସଂଘ ଓଡ଼ିଶା ଶାଖା ସମ୍ପାଦକ ବିରଜା ଶଙ୍କର ନାୟକ, ବଟକିଶୋର ସେଠୀ, ସନ୍ତୋଷ ସାହୁ, ନାରାୟଣ ସାହୁ, ଉମାକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ହିନ୍ଦ ମଜଦୁର ସଂଘ ପକ୍ଷରୁ ବିପିପିଏଲ୍ କାରଖାନା ସମ୍ମୁଖରେ ବିକାଶ ବିଶ୍ୱାଳ, ଆଦିତ୍ୟ ସାହୁ, କେଶବ ଜେନା ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଓଲଟପୁରସ୍ଥିତ ଏସ୍‌ଭି ନିରତାର ସଫେଇ ଠିକା କର୍ମଚାରୀ ସଂଘ ପକ୍ଷରୁ ନିରତାର ସମ୍ମୁଖରେ ଧାରଣା ଦିଆଯାଇଥିଲା। ସମ୍ପାଦକ ସରୋଜ ସେଠୀଙ୍କ ନେତୃତ୍ୱରେ ବିମଳ ଭୋଇ, ସୁବାସ ଭୋଇ, ଅକ୍ଷୟ ଭୋଇ, ବିଶ୍ୱନାଥ ସାହୁ, ଅରୁଣ ଭୋଇ, ଶୈଳବାଳା ମଲ୍ଲିକ, ନିଶାମଣି ପ୍ରଧାନ ଓ ବୀଣାପାଣି ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଏଥିରେ ଯୋଗଦେଇଥିଲେ।

# ଆକର୍ଷିତ କଲା କଥକ, ପାରମ୍ପରିକ ଲୋକନୃତ୍ୟ

**କଟକ ମହୋତ୍ସବ ଉଦ୍‌ଯାପିତ**

**କଟକ ଅଫିସ, ୮।୧**

ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ଚାଲିଥିବା ୧୧ତମ କଟକ ମହୋତ୍ସବ ବୁଧବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ରାଜସ୍ଥାନର ଡ. ଭାରତୀ ଶର୍ମାଙ୍କ କଥକ ନୃତ୍ୟ ଆକର୍ଷଣ ପାଲଟିଥିଲା। ନିଜ ନୃତ୍ୟର ତାଳେ ତାଳେ ସେ ଦର୍ଶକଙ୍କୁ ନଚାଇଥିଲେ। ମଣିପୁରର ଅନୁବାମ ଭୀମୋ ଶର୍ମାଙ୍କ ମଣିପୁରୀ ନୃତ୍ୟ ମଧ ଦର୍ଶକଙ୍କ ମନ ଛୁଇଁ ଥିଲା। ଓଡ଼ିଶାର ସାଇପ୍ରସନ୍ନ ବେହେରା ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥିବାବେଳେ ଗୁଜରାଟର କିଷାନ ସୋନୀ, କବ୍ୟା ଜୋଷୀ ଓ ଦିବ୍ୟାଂଶ ପାରମର କି ବୋର୍ଡ ବଜାଇଥିଲେ। ନୃତ୍ୟ ନିକେତନ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଭାରତନାଟ୍ୟମ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ ଡିଜିପି ଗୋପାଳ ନନ୍ଦ, ଜଷ୍ଟିସ ଡି.ପି. ଚୌଧୁରୀ, ସାରଳା ସାହିତ୍ୟ ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ଏବଂ ଡ. ଦୀପାୟନ ପଟ୍ଟନାୟକ ଯୋଗ ଦେଇଥିଲେ। ଶୀଳାଦିତ୍ୟ ରଥ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅନୁରୂପା ରଥ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ଏସ୍.କେ. କଲିମୁଲ୍ଲା, ପ୍ରଭା ପଟ୍ଟନାୟକ, ସମ୍ବିତ କୁମାର ଦାସ, ଅଭୀପ୍ସା ଦାସ, ଡ. ବୈଜୟନ୍ତୀ ମିଶ୍ର, ବିଶ୍ୱମ୍ଭର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଷାରାଣୀ ରଥ ଧନ୍ୟବାଦ ଦେଇଥିଲେ।






**'ଓଡ଼ିଶାରେ ନୃତ୍ୟ ପରିବେଷଣ କରିବାକୁ ଭଲ ଲାଗେ'**

୩ବର୍ଷ ଧରି ଏହି କାର୍ଯ୍ୟକ୍ରମକୁ ଆସୁଛି। ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ନୃତ୍ୟ ପରିବେଷଣ କରିବାକୁ ଭଲ ଲାଗିଥାଏ। ଚଳିତବର୍ଷ ମୋ' ଛାତ୍ରୀମାନେ ଏହି ମଞ୍ଚରେ ନୃତ୍ୟ ପରିବେଷଣ କରିଛନ୍ତି। ଛତିଶଗଡ଼ରେ ମୋର ନୃତ୍ୟ ଏକାଡେମୀ ରହିଛି। ୧୫ ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ମୋ' ପାଖରେ ଓଡ଼ିଶୀ ଓ ଭାରତନାଟ୍ୟମ ଶିଖୁଛନ୍ତି।
-ଚେତନ ସିଂ ରାଜପୁତ, ନୃତ୍ୟଗୁରୁ, ମଧ୍ୟପ୍ରଦେଶ



"ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।"
-କଲମ୍ବସ୍



## ସଂକ୍ଷେପରେ

### ସମବାୟ ଦକ୍ଷତା ବିକାଶ ତାଲିମ ଶିବିର




**ନରାଜ,୮।୧(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ ବେଲଗଛିଆ ସେବା ସମବାୟ ସମିତି ପରିସରରେ ଏକ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ପ୍ରାଥମିକ ସେବା ସମବାୟ ସମିତିର ସଭ୍ୟାସଭ୍ୟ ଓ କର୍ମଚାରୀଙ୍କ ନିମନ୍ତେ ଏହି ଶିବିର ଆୟୋଜନ କରାଯାଇଥିଲା। ଉତ୍କଳ ଗୌରବ ମଧୁସୂଦନ ସମବାୟ ତାଲିମ ପରିଚାଳନା କେନ୍ଦ୍ର ଓ ଓଡିଶା ରାଜ୍ୟ ସମବାୟ ୟୁନିୟନ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ବେଲଗଛିଆ, ମଧୁପୁର, ଦାଢ଼ାପାଟଣା, ରାମଦାସପୁର ଓ ନରାଜ-ମାର୍ଥାପୁର ସମବାୟ ସମିତିର ବହୁ ସଭ୍ୟାସଭ୍ୟ ଓ କର୍ମଚାରୀ ଯୋଗଦେଇଥିଲେ। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜର ରଞ୍ଜିତ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ସହକାରୀ ସମୂହ ପ୍ରଚାରକ ଅଧିକାରୀ ରୀତା ମହାପାତ୍ର ସମବାୟ ସମ୍ପର୍କିତ ବିଭିନ୍ନ ଧାରା ଓ ବୈଦ୍ୟନାଥ କମିଶନ ରିପୋର୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ଉପସହକାରୀ ନିବନ୍ଧକ ରବୀନ୍ଦ୍ର ଜେନା ଋଣ ପ୍ରଦାନ ଓ ଆଦାୟ ଉପରେ ଗୁରୁତ୍ୱରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାହ୍ନୁଚରଣ ପଟ୍ଟନାୟକ, ପବିତ୍ର ମୋହନ ସ୍ୱାଇଁ, ବସନ୍ତ ପାଣି, ଅଭିମନ୍ୟୁ ବେହେରା, ତପନ ସେଠୀ ଓ ଅଜୟ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ବେଲଗଛିଆ ସେବା ସମବାୟ ସମିତି ସମ୍ପାଦିକା ସୁନିତା ପାଣି ଏହାକୁ ସଂଯୋଜନା କରିଥିବା ବେଳେ ସଭାପତି ନିରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### କିଡ୍‌ନୀ ରୋଗରେ ଜଣେ ମୃତ

**ବଡମ୍ବା,୮।୧(ଡି.ଏନ୍.ଏ):** ବଡମ୍ବା ଥାନା ଅନ୍ତର୍ଗତ କରଡିବନ୍ଧ ଗ୍ରାମରେ କିଡ୍‌ନୀ ରୋଗରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ନବକିଶୋର ଡାକୁଆ (୪୦) । ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି । ବଡ଼ମ୍ବା ବ୍ଲକରେ ଦିନକୁ ଦିନ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ତାହାର ନିରାକରଣ ଦିଗରେ ସରକାରଙ୍କ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନଥିବା ସାଧାରଣରେ ଅଭିଯୋଗ ହୋଇଛି।

### ବେଆଇନ ମାଙ୍କଡ଼ା ପଥର, ବାଲି ଚାଲାଣ : ୧୦ ଟ୍ରକ ଧରାପଡିଲା

**ଜଟଣୀ,୮।୧(ଡି.ଏନ.ଏ.):** ବେଆଇନ ଭାବେ ମାଙ୍କଡା ପଥର ଓ ବାଲି ଚାଲଣ ସମୟରେ ଜଟଣୀ ତହସିଲ ପକ୍ଷରୁ ଚଢାଉ କରାଯାଇ ୮ଟି ଟ୍ରକ୍ ଓ ୨ ହାଇୱା ଜବତ କରାଯାଇଛି। ଏହି ତହସିଲ ଅନ୍ତର୍ଗତ ଅଙ୍ଗାରପଡ଼ା, ଛତାବର, ପିତାପଲ୍ଲୀ ଓ ଜଟଣୀ ମୁଖ୍ୟରାସ୍ତାରୁ ଏହି ଟ୍ରକ୍‌ଗୁଡିକୁ ଧରାଯାଇଥିଲା। ମଙ୍ଗଳବାର ରାତିରେ ତହସିଲଦାର ପ୍ରିୟାଂଶୁ ଚାନ୍ଦ, ରାଜସ୍ୱ କର୍ମଚାରୀମାନେ ଚଢାଉ କରି ଏହି ମାଙ୍କଡା ପଥର ଓ ବାଲି ବୋଝେଇ ଟ୍ରକ୍ ଧରିଥିଲେ।

## ଇନ୍ଦିରା ଆବାସ ପାଇ ଘର କରି ନ ଥିବା ୫୭ ହିତାଧିକାରୀଙ୍କୁ ନୋଟିସ

# ଟଙ୍କା ଫେରାଅ, ମିଳିବ ନୂଆଘର

- ୧୫ ହିତାଧିକାରୀ ଫେରାଇଲେଣି ଟଙ୍କା
- ଆଲଟମେଣ୍ଟ ଅନୁସାରେ ଦିଆଯିବ ଘର: ବିଡିଓ

**ନିଶ୍ଚିନ୍ତକୋଇଲି,୮।୧(ସ୍ୱ.ପ୍ର.)**

ରାଜ୍ୟ ସରକାର ସମସ୍ତ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବାକୁ ଉଦ୍ୟମ କରିଛନ୍ତି। ଏହି ଅନୁଯାୟୀ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ବିଗତ ଦିନରେ ଇନ୍ଦିରା ଆବାସ ପାଇଥିବା ହିତାଧିକାରୀ ଘର ନ କରି ଚାଳ ଘରେ ରହୁଥିବା ଜଣାପଡ଼ିଛି। ତେଣୁ ଯେଉଁମାନେ ୨୦୧୬-୧୭ ଆର୍ଥିକ ବର୍ଷ ପୂର୍ବରୁ କାର୍ଯ୍ୟାଦେଶ ପାଇ ଘର କରିନାହାନ୍ତି ସେମାନଙ୍କୁ ଟଙ୍କା ଫେରସ୍ତ କରିବାକୁ ଜିଲା ପ୍ରଶାସନ ନୋଟିସ ଦେଇଛି। ଟଙ୍କା ଫେରାଇଲେ ପରବର୍ତ୍ତୀ ସମୟରେ ସେମାନଙ୍କୁ ନୂଆ ଘର ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଏହିକ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ୯ଟି ପଞ୍ଚାୟତର ୫୭ଜଣଙ୍କୁ ନୋଟିସ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୫ଜଣ ଟଙ୍କା ଫେରସ୍ତ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଯେଉଁମାନେ ଧାରକରଜ କରି ଟଙ୍କା ଫେରସ୍ତ କରୁଛନ୍ତି ସେମାନଙ୍କୁ କେବେ କାର୍ଯ୍ୟାଦେଶ ମିଳିବ ସେ ନେଇ ସ୍ପଷ୍ଟ ନିର୍ଦ୍ଦେଶନାମା ନାହିଁ।

ସୂଚନା ଅନୁସାରେ, ଫନୀ ବାତ୍ୟାରେ ହୋଇଥିବା ତଦନ୍ତ ଅନୁସାରେ ପ୍ରଥମେ କାର୍ଯ୍ୟାଦେଶ ଦିଆଯିବ। ପରେ ଆଲଟମେଣ୍ଟ ଅନୁସାରେ ଫେରସ୍ତ କରିଥିବା ହିତାଧିକାରୀଙ୍କ ଏକ ତାଲିକା କରାଯାଇ ଘର ଦିଆଯିବ ବୋଲି ବିଡିଓ କର୍ଣ୍ଣଦେବ ସମାଦ୍ଦାର ସ୍ପଷ୍ଟ କରିଛନ୍ତି। ଲୋକେ ଫେରାଉଥିବା ଅର୍ଥକୁ ବ୍ଲକ କଣ୍ଟିଜେନ୍ସି ଆକାଉଣ୍ଟରେ ରଖାଯାଉଛି। ଅପରପକ୍ଷରେ ୨୦୧୭-୧୮ଠାରୁ ଏଯାବତ୍ କାର୍ଯ୍ୟାଦେଶ ପାଇ ଘର କାମ କରି ନ ଥିବା ୪୧୬ ହିତାଧିକାରୀଙ୍କୁ ତୁରନ୍ତ ଘର କରବାକୁ ନୋଟିସ କରାଯାଇଛି। ସରକାର ବାରମ୍ବାର ତଦନ୍ତ କରୁଥିଲେ ମଧ୍ୟ ଏଯାବତ୍ ନୂଆ କାର୍ଯ୍ୟାଦେଶ ଦେଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଓଏଏସ୍ ପରୀକ୍ଷାରେ ବାଙ୍କୀରୁ ୩ ସଫଳ


ପ୍ରଜ୍ଞା ପ୍ରିୟଦର୍ଶିନୀ


ରିତୁପର୍ଣ୍ଣା ମହାପାତ୍ର


ବୀରେନ୍ଦ୍ର ତ୍ରିପାଠୀ

**ବାଙ୍କୀ,୮।୧(ବି.ପ୍ର./ସ୍ୱ.ପ୍ର.)**

ଓଡିଶା ପ୍ରଶାସନିକ ସେବାର(ଓଏସ୍) ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ ବାଙ୍କୀ ବ୍ଲକରୁ ୨ ଜଣ ଓ ଡମପଡାରୁ ଜଣଙ୍କୁ ସଫଳତା ମିଳିଛି। ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡା ଗ୍ରାମର ମାୟାଧର ତ୍ରିପାଠୀଙ୍କ ପୁଅ ବୀରେନ୍ଦ୍ର ତ୍ରିପାଠୀ ଏବଂ ଗୋଳାଗଣ୍ଡ ଗ୍ରାମର ଅମିୟ ମହାପାତ୍ରଙ୍କ ଝିଅ ରିତୁପର୍ଣ୍ଣା ମହାପାତ୍ରଙ୍କୁ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଡମପଡ଼ା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କୁସୁନ୍ଦା ଗ୍ରାମର ପ୍ରଜ୍ଞା ପ୍ରିୟଦର୍ଶିନୀ ଏହି ପରୀକ୍ଷାରେ ସଫଳତାର ସହ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ରିତୁପର୍ଣ୍ଣା ଏହି ପରୀକ୍ଷାରେ ୨ୟ ସ୍ଥାନ ହାସଲ କରିଛନ୍ତି। ସେ ଭୁବନେଶ୍ୱରସ୍ଥିତ ଡିଏଭି ପୋଖରୀପୁଟ ଯୁକ୍ତ ଦୁଇ ବିଜ୍ଞାନ ପାଠ ଶେଷ କରି ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଥିଲେ। ପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ବର୍ତ୍ତମାନ ସେ ପିଏଚ୍‌ଡି ପାଠ୍ୟକ୍ରମରେ ଯୋଗଦେଇଛନ୍ତି। ତାଙ୍କର ଏହି ସଫଳତା ପରେ ଗ୍ରାମରେ ଖୁସିରଲହରୀ ଖେଳିଯାଇଛି। ସେହିପରି ବୀରେନ୍ଦ୍ର ଅଭାବ ଅସୁବିଧା ସତ୍ତ୍ୱେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କ ପିତା ଭୁବନେଶ୍ୱରସ୍ଥିତ ବରମୁଣ୍ଡା ରେଣ୍ଟାଲ କଲୋନୀରେ ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ସ୍ୱଳ୍ପ ଆୟରେ ସେ ବହୁ କଷ୍ଟରେ ବିଜେବି କଲେଜରୁ ବିଏସ୍‌ସି ପାସ୍ କରିଥିଲେ। ଏବେ ସେ କୃଷି ଅର୍ଥନୀତିରେ ସ୍ନାତକୋତ୍ତର କରୁଥିବା ବେଳେ ଓଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଡମପଡ଼ା ବ୍ଲକର ପ୍ରଜ୍ଞା ପ୍ରିୟଦର୍ଶିନୀ ଏହି ପରୀକ୍ଷାରେ ୧୬ ନମ୍ବରରେ ସ୍ଥାନ ପାଇ ଅଞ୍ଚଳ ପାଇଁ କୃତିତ୍ୱ ଆଣିଦେଇଛନ୍ତି।

## ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ: ମନ୍ତ୍ରୀ ପ୍ରତାପ ଜେନା




ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

**ନିଶ୍ଚିନ୍ତକୋଇଲି,୮।୧(ସ୍ୱ.ପ୍ର)**

ଭାରତର ଗଣତନ୍ତ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇଛି। ସାଧାରଣ ଲୋକଙ୍କ ସମସ୍ୟାଠାରୁ ଆରମ୍ଭ କରି ନ୍ୟାୟପାଳିକା ଓ କାର୍ଯ୍ୟପାଳିକାର ବିଭିନ୍ନ ସକାରାତ୍ମକ କାର୍ଯ୍ୟକ୍ରମକୁ ଗଣମାଧ୍ୟମ ଲୋକଲୋଚନକୁ ଆଣିଥାଏ। ଏହି ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରେ ବୋଲି ପଞ୍ଚାୟତରାଜ ,ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଖବରଦାତାଙ୍କ ବନ୍ଧୁମିଳନ ଉତ୍ସବରେ ଯୋଗଦେଇ କହିଛନ୍ତି। ନିଶ୍ଚିନ୍ତକୋଇଲି ପଞ୍ଚାୟତର ଥିବା ଏକ ବେସରକାରୀ ପାର୍କରେ ବୁଧବାର ଏହି ଉତ୍ସବ ଆୟୋଜନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ନିଶ୍ଚିନ୍ତକୋଇଲି,ମାହାଙ୍ଗା ଓ ନେମାଳ ଅଞ୍ଚଳର ବହୁ ଖବରଦାତା ଏଥିରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ସବରେ ଅଶୋକ ଓଝା,ଶରତ ନାୟକ, ରାଜକିଶୋର ଜେନା, ଶରତ ମହାପାତ୍ର, ଦେବେନ୍ଦ୍ର ସାହୁ ଓ ଗିରିଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ମୋବାଇଲ୍‌ରେ ହତ୍ୟା ଧମକ ଘଟଣା

# ଅଭିଯୁକ୍ତ ଆତ୍ମସମର୍ପଣ ପରେ ଖୋଲିଲେ ଗୁମର

**ମାହାଙ୍ଗା, ୮।୧(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଗୋପାଳପୁର ଗ୍ରାମର ଆକାଶ ପ୍ରଧାନଙ୍କୁ ମୋବାଇଲରେ ଗାଳିଗୁଲଜ କରିବା ସହ ହତ୍ୟାଧମକ ଦେଇଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଥିଲା। ଏନେଇ ମାହାଙ୍ଗା ଥାନାରେ ମାମଲା (ନଂ.୭/୨୦)ରୁଜୁ କରାଯାଇଥିଲା। ଏହି ଘଟଣାରେ ବୁଧବାର ଅଭିଯୁକ୍ତ ଜ୍ୟୋତିସମ୍ରାଟ ପ୍ରହରାଜ ଓରଫ ବାପି ଥାନାରେ ଆତ୍ମର୍ପଣ କରିଛନ୍ତି। ଟଙ୍କା ନେଣଦେନ ନେଇ ସେ ଆକାଶଙ୍କୁ ଧମକ ଦେଇଥିବା ସ୍ୱୀକାର କରିଛନ୍ତି। ମାତ୍ର ଏହି ଅଭିଯୋଗ ଭିତ୍ତିହୀନ ବୋଲି ଆକାଶ କହିଛନ୍ତି। ଅପରପକ୍ଷେ ଗତ ନଭେମ୍ବର ୨୮ରେ ଜ୍ୟୋତିସମ୍ରାଟଙ୍କୁ ଉପରକୁ ଗୁଳିମାଡ଼ ହୋଇଥିଲା। ୩ ଜଣ ଯୁବକ ତାଙ୍କୁ ଗୁଳି ଚଳାଇଥିବା ବେଳେ ସୌଭାଗ୍ୟବଶତଃ ସେ ବର୍ତ୍ତି ଯାଇଥିଲେ। ଏନେଇ ଥାନାରେ ସେତେବେଳେ ମାମଲା ( ନଂ,୨୪୯/୧୯) ବୋଲି ଜ୍ୟୋତିସମ୍ରାଟ କହିଛନ୍ତି। ଏହି ଘଟଣାରେ ୧୦ ଜଣଙ୍କ ସମ୍ପୃକ୍ତି ରହିଥିବା ବେଳେ ଅଦ୍ୟାବଧି କେବଳ ଗୁଳି ଚଳାଇଥିବା ଯୁବକ ଓ ୨ ଜଣ ସହଯୋଗୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବାନେଇ ସେ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ଥାନା ଆଇଆଇସି ରଞ୍ଜନ ପ୍ରଧାନ କହିଛନ୍ତି, ମୋବାଇଲରେ ହତ୍ୟା ଧମକ ଘଟଣାରେ ଜ୍ୟୋତିସମ୍ରାଟଙ୍କୁ ଗିରଫ କରାଯାଇଛି। ତେବେ ତାଙ୍କ ଉପରକୁ ହୋଇଥିବା ଗୁଳିକାଣ୍ଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଅଶୋକ ପ୍ରହରାଜ,ସନ୍ତୋଷ ପ୍ରଧାନ(କାଳିଆ)ଏବଂ ସକିଲ ଏବେବି ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରିବା ପରେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## କଙ୍କଡାଝରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

**ବାଙ୍କୀ,୮।୧(ସ୍ୱ.ପ୍ର.)**

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ପଶ୍ଚିମ ପଟେ ରହିଛି କଙ୍କଡାଝର। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ମନୋରମ ପରିବେଶ ପର୍ଯ୍ୟଟକ ଓ ଦର୍ଶକମାନଙ୍କୁ ବିମୋହିତ କରୁଛି। ଏହାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳକୁ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ପର୍ଯ୍ୟଟନ ବିଭାଗ ନିକଟରେ ଦାବି କରାଯାଇଛି। ସୂଚନାଯୋଗ୍ୟ, କଙ୍କଡାଝରର ଝରଣା ଉପରେ କଣ୍ଟେଇକୋଳିଆ ଡ୍ୟାମ୍ ନିର୍ମାଣ କରାଯାଇଛି। ଏଥିରେ ବର୍ଷସାରା ଝରଣା ଜଳ ସଂଗୃହୀତ ହୋଇ ରହୁଛି। ପୂର୍ବ ଓ ଦକ୍ଷିଣ ଦିଗରେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ, ଉତ୍ତର ଦିଗରେ ଡମପଡ଼ା ପାହାଡ ଏବଂ ପଶ୍ଚିମ ଦିଗରେ ରହିଛି ବିଶାଳ ଶସ୍ୟକ୍ଷେତ୍ର । ଏହାର ଚତୁଃପାର୍ଶ୍ୱରେ ଘଞ୍ଚଜଙ୍ଗଲ ଓ ବୃକ୍ଷରାଜିରେ ପରିପୂର୍ଣ୍ଣ । ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ ବହୁ ବନ୍ୟଜନ୍ତୁ ଯଥା ହାତୀ, ହରିଣ, ଠେକୁଆ, ବାରହା, ସମ୍ବର, ଭାଲୁ, ଝିଙ୍କ, ଗାଡ଼ଭାଲୁ ଆସି ଏଠାରୁ ଜଳପାନ କରୁଛନ୍ତି। ବହୁ ସଂଖ୍ୟାରେ ମୟୂର ବିଚରଣ କରୁଥିବା ବେଳେ ପାଣିକୁଆ, କଳାହଂସ, ପେଚା, ଶୁଆ, ଶାରି, ମାଛରଙ୍କା, କଳାବଗ, ଗୋବରା ଚଢ଼େଇ ଆଦି ବିଭିନ୍ନ ପ୍ରଜାତିର ପକ୍ଷୀ ଏହି କଙ୍କଡାଝର ଜଳାଶୟରେ ବିଚରଣ କରିଥାନ୍ତି। ଡମପଡ଼ା ଓ ନିକଟବର୍ତ୍ତୀ ପାହାଡ଼ରୁ ଝରଣା ସବୁବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ପ୍ରତିବର୍ଷ ଶୀତଋତୁରେ ବହୁ ପର୍ଯ୍ୟଟକ ଏଠାକୁ ଆସି ଭୋଜି କରିଥାଆନ୍ତି। ଏଥିଯୋଗୁ ଏହି ସ୍ଥାନକୁ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର,ସାମାଜିକ କର୍ମୀ ଗୌତମ ମିଶ୍ର, ଅକ୍ଷୟ କୁମାର ସାମଲ, ମହେନ୍ଦ୍ର ପଲେଇ, ପ୍ରକାଶ ପ୍ରଧାନ, ଗଦାଧର ବେହେରା ଓ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଏଥିସହ ଯାତାୟାତ ପାଇଁ ରାସ୍ତା ନିର୍ମାଣ, ପର୍ଯ୍ୟଟକଙ୍କ ପାଇଁ ପିଣ୍ଡି ଓ କୁଟୀର ନିର୍ମାଣ ସହ ବୋଟିଂର ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

## ଗଦାଧରପୁର କପ୍ କ୍ରିକେଟ ଟୁର୍ନାମେଣ୍ଟ

# କ୍ୱାର୍ଟର ଫାଇନାଲରେ ବଡ଼ମ୍ବା

**ତିଗିରିଆ, ୮।୧(ଡି.ଏନ୍.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ହାଇସ୍କୁଲ ପଡ଼ିଆରେ ୨୯ତମ ଗଦାଧରପୁର କପ୍ କ୍ରିକେଟ ଟୁର୍ନାମେଣ୍ଟ ଚାଲିଛି। ଏଥିରେ ବଡ଼ମ୍ବାର ବ୍ରଦର୍ସ ଆଣ୍ଡ ବ୍ରଦର୍ସ ସ୍ପୋର୍ଟ୍ସ କ୍ଲବ ବୁଧବାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମା'ଭବାନୀ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ୪ର୍ଥ ଲିଗ୍ ମ୍ୟାଚ ବ୍ରଦର୍ସ ଆଣ୍ଡ ବ୍ରଦର୍ସ ସ୍ପୋର୍ଟ୍ସ କ୍ଲବ ଓ ତିଗିରିଆର ପ୍ରସନ୍ନମଣି କ୍ରିକେଟ ଆସୋସିଏଶନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ବ୍ରଦର୍ସ ଆଣ୍ଡ ବ୍ରଦର୍ସ ସ୍ପୋର୍ଟ୍ସ କ୍ଲବ ନିର୍ଦ୍ଧାରିତ ୨୫ ଓଭରରୁ ୨୪.୪ ଓଭରରେ ସମସ୍ତ ଉଇକେଟ୍ ବିନିମୟରେ ୨୧୮ରନ ସଂଗ୍ରହ କରିଥିଲା। ଜବାବରେ ପ୍ରସନ୍ନମଣି କ୍ରିକେଟ ଆସୋସିଏଶନ୍ ୨୩.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୮୧ରନ୍ ସଂଗ୍ରହ କରିବାକୁ ସକ୍ଷମ କରି ପରାଜିତ ହୋଇଥିଲା। ବଡ଼ମ୍ବାର ରାକେଶ ନାୟକ ୩ ଉଇକେଟ୍ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚରେ ବ୍ୟବସାୟୀ ରବୀନ୍ଦ୍ର କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରମେଶ ସ୍ୱାଇଁ ଓ ନରେଶ ରାଉତ ଏହାକୁ ପରିଚାଳନା କରିଥିଲେ।


ଅତିଥି ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

## ଟ୍ରକ ସହ ୫ ଲକ୍ଷ ଟଙ୍କାର ପାଣି ପାଇପ ଜବତ

# ଖସିଗଲେ ଦଲାଲ, ୧୧ ଜେଲ ଗଲେ

**ଖୋର୍ଦ୍ଧା ଅଫିସ, ୮।୧:**

ଡାଲତୋଳା ରାସ୍ତାରୁ ମଙ୍ଗଳବାର ରାତିରେ ଖୋର୍ଦ୍ଧା ସଦର ଥାନା ପୋଲିସ ଟ୍ରକ ସହ ୫ ଲକ୍ଷ ଟଙ୍କାର ପାଣି ପାଇପ ଜବତ କରିଛି। ଏହି ଘଟଣାରେ ପୋଲିସ ୧୧ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପେଣ୍ଠକଟାର ସୁଜିତ୍ ବାରିକ, ଗୋବିନ୍ଦ ବେହେରା, ଗଣେଶ ରାଉତ, ଶୁଭ୍ରଜିତ୍ ବେହେରା, ରଘୁନାଥ ମାଝି, ରାଜ କିଶୋର ନାୟକ, ରାଜା ମହାନ୍ତି, ରମେଶ ବେହେରା, ଜଗା ସାହୁ, କୋଟପଲ୍ଲୀର ଅଟୋ ଡ୍ରାଇଭର ତ୍ରିନାଥ ନାୟକ, ସହଯୋଗୀ ବିଜୟ କୁମାର ସ୍ୱାଇଁ। ସେମାନଙ୍କ ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ଏକ ଅଟୋ, ସ୍କୁଟିକୁ ପୋଲିସ ଜବତ କରିଛି। ପଶ୍ଚିମବଙ୍ଗରୁ ଟ୍ରକ୍‌ରେ ପ୍ରାୟ ୫ ଲକ୍ଷ ଟଙ୍କାର ପାଣି ପାଇପ ଖୋର୍ଦ୍ଧା ଆସୁଥିଲା। ଟ୍ରକକୁ ଏକ ସ୍କୁଟି ବାଟ କଢ଼ାଇ ଆଣୁଥିଲା।

## ରାସ୍ତା ପାର୍ଶ୍ୱରୁ କାର୍ ଜବତ

**ବାଲିଅନ୍ତା,୮।୧(ଡି.ଏନ୍.ଏ.)**

ବାଲିଅନ୍ତା ଥାନା ଅଧୀନ ପତୁରିଆ-କଣ୍ଟାପଡ଼ା ରାସ୍ତାର ପ୍ରତାପରୁଦ୍ରପୁର କଲ୍ୟାଣମଣ୍ଡପ ନିକଟରୁ ଏକ କାରକୁ ବୁଧବାର ଜବତ କରିଛି। ପୋଲିସ ଉକ୍ତ ଗାଡି ନମ୍ବର(ଓଆର ୦୨ଏଜି ୦୨୦୦)କୁ ଆଧାର କରି ମାଲିକଙ୍କ ସହ ଯୋଗାଯୋଗ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, କଲ୍ୟାଣମଣ୍ଡପ ନିକଟରେ ଉକ୍ତ କାର ୫ଦିନ ହେବ ରହିଥିଲା। କାରକୁ କେହି ନ ନେବା ସହ ଡୋର ଲକ ଥିବାରୁ ଚୋରା ଗାଡି ଭାବି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ।

## ଡମପଡ଼ା-ଚନ୍ଦକା ଅଭୟାରଣ୍ୟରୁ ପଥର ଚୋରି ଉଦ୍ୟମ ପଣ୍ଡ

# ୮ ଅଭିଯୁକ୍ତ କୋର୍ଟ ଚାଲାଣ

**ବାଙ୍କୀ,୮।୧(ସ୍ୱ.ପ୍ର./ବି.ପ୍ର.)**

ଡମପଡ଼ା ଚନ୍ଦକା ଅଭୟାରଣ୍ୟର ଜାରିଆରୁ ବୁଧବାର ମୂଲ୍ୟବାନ ପଥର, ଗୋଡି ଚୋରା ଚାଲାଣ ଉଦ୍ୟମ ପଣ୍ଡ ହୋଇଛି। କୌଣସିସୂତ୍ରରୁ ଖବରପାଇ ଡମପଡା ବନ ବିଭାଗ କର୍ମଚାରୀ ସେଠାରେ ଚଢ଼ାଉ କରି ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଆଠଗଡ଼ର କାହ୍ନୁ ବେହେରା, ସୁରେଶ ଭୋଇ, ପବିତ୍ର ବେହେରା, କେଶବ ବେହେରା, ପ୍ରସନ୍ନ ପ୍ରଧାନ, ପ୍ରହ୍ଲାଦ ଦେହୁରୀ ଏବଂ ବାଙ୍କୀ ଗୟଳବାଙ୍କର ଫକୀର ସିଂହ, କେଶବ ସୂତାର। ସେମାନଙ୍କ ପାଖରୁ ୬ ବେଲଚା,୨ ଗଇଁତି,୧ କତୁରି ଏବଂ ଗୋଡି ଚଳାଇବା ପାଇଁ ୨ ତାରଜାଲି ଜବତ କରାଯାଇଛି। ଏନେଇ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ, ବନ ବିଭାଗ ପକ୍ଷରୁ ମାମଲା(ନଂ.୧୮/୨୦)ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ବାଙ୍କୀ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଉପକାରାଗାରକୁ ପଠାଇ ଦିଆଯାଇଛି। ଡମପଡ଼ା ରେଞ୍ଜର ସଂଗ୍ରାମ କେଶରୀ ମହାନ୍ତି, ଭଗୀପୁର ଫରେଷ୍ଟର ବେଲେଶ୍ୱର କହଁର, ଡମପଡ଼ା ବନପାଳ ରାକେଶ ସ୍ୱାଇଁଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା।


ଗିରଫ ୮ ଅଭିଯୁକ୍ତ।

# ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ସଫଳ

**ମାହାଙ୍ଗା/ବଡ଼ମ୍ବା/ବାଙ୍କୀ/ତିଗିରିଆ/ନରାଜ/ନିଶ୍ଚନ୍ତକୋଇଲି/ଆଠଗଡ଼/ରଘୁନାଥପୁର, ୮।୧(ସ୍ୱ.ପ୍ର./ଡି.ଏନ୍.ଏ)**

କେନ୍ଦ୍ର ଓ ରାଜ୍ୟରେ ଦରଦାମ୍ ବୃଦ୍ଧି,ଶ୍ରମ ଆଇନ ସଂଶୋଧନ ବନ୍ଦ କରିବା, ନିଯୁକ୍ତି ଓ ସାମାଜିକ ସୁରକ୍ଷା ଦାବିରେ ଡକାଯାଇଥିବା ଭାରତ ବନ୍ଦ ଯୋଗୁ ମାହାଙ୍ଗାରେ ଜନଜୀବନ ପ୍ରଭାବିତ ହୋଇଛି। ଏଥିରେ ଓଡିଶା ଫରେଷ୍ଟ ଉଡ,ଏଗ୍ରିକଲଚର ଆଣ୍ଡ ବିଲଡିଙ୍ଗ କ୍ରନଷ୍ଟକଶନ,ୱାକର୍ସ ୟୁନିୟନ ,ମାହାଙ୍ଗା ଆଞ୍ଚଳିକ କମିଟି ଏବଂ ଓଡିଶା କୋଠାବାଡି ନିର୍ମାଣ ଶ୍ରମିକ ସଂଘ ସଦସ୍ୟ ଯୋଗଦେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। କଟକ ଜିଲା ଏଆଇଟିୟୁସିର ସଭାପତି ରଞ୍ଜନ କୁମାର ଓଝା ଏହାର ନେତୃତ୍ୱ ନେଇଥିଲେ। ବାଙ୍କୀରେ ଏହି ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି । ବିଭିନ୍ନ କଲେଜ ଓ ହାଇସ୍କୁଲ ଆଦି ଖୋଲା ରହିଥିଲା।



ବଡ଼ମ୍ବାରେ ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ କରାଯାଉଛି।

ଉପଖଣ୍ଡରେ ଥିବା ଉପଜିଲାପାଳ, ତହସିଲ୍, ବ୍ଲକ, ବାଙ୍କୀ ମୁଖ୍ୟ ଡାକଘର, ଷ୍ଟେଟ୍ ବ୍ୟାଙ୍କ ଆଦି ଖୋଲା ରହିଥିଲା। ବନ୍ଦପାଳନ ଯୋଗୁ ଘରୋଇ ବସ ଓ ଅଟୋ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ତିଗିରିଆରେ ହିନ୍ଦ୍ ମଜଦୁର ସଭା ପକ୍ଷରୁ ଏହି ବନ୍ଦ ପାଳନ କରାଯାଇଥିଲା। ହିନ୍ଦ ମଜଦୁର ସଭା ତିଗିରିଆ ଶାଖାର ସମ୍ପାଦକ ସନ୍ତୋଷ ସାମଲ ସଞ୍ଜୟ ସାମଲ, ମହେଶ୍ୱର ସ୍ୱାଇଁ, ମହମ୍ମଦ ବସିରୁଲ ହକ୍ ଓପ୍ରକାଶ ରାଉତ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ବାରଙ୍ଗରେ ବନ୍ଦର ପ୍ରଭାବ ଅଧବକ ପଡ଼ି ନ ଥିଲା। ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଖୋଲା ରହିଥିବା ବେଳେ ବାରଙ୍ଗ,ବାଲିକୁଦ, କଟକ,ଭୁବନେଶ୍ୱର ଓ ବାଙ୍କୀର ମୁଖ୍ୟରାସ୍ତାରେ ୪ ଚକିଆ, ୬ ଚକିଆ ଓ ଭାରିଯାନ ଚଳାଚଳ ବନ୍ଦ ରହିଥିଲା। ନିଶ୍ଚନ୍ତକୋଇଲିରେ ଆଇଟିୟୁସିର ସମ୍ପାଦକ ତୈଲୋକ୍ୟ ନାଥଙ୍କ ନେତୃତ୍ୱରେ ଶ୍ରମିକମାନେ ନିଶ୍ଚିନ୍ତକୋଇଲି ସ୍କୁଲ ପଡିଆରୁ ବାହାରି ଶୋଭାଯାତ୍ରାଯାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ବନ୍ଦ କରିବା ପାଇଁ ନିବେଦନ କରିଥିଲେ। ପରେ କଟକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରିଥିଲେ। ଏହି ସମୟରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ୧୧୦ ଜଣଙ୍କୁ ଗିରଫ କରି ସନ୍ଧ୍ୟାରେ ଛାଡିଦେଇଥିଲେ। ଧର୍ମଘଟରେ ଶ୍ରମିକ ନେତା ଅଜୟ ମଲିକ,କଣ୍ଟୁରି ଚରଣ ପାତ୍ର, ହିମାଂଶୁ ଶେଖର ଭୂୟାଁ ଓ ସନାତନ ମଲିକ ପ୍ରମୁଖ ସାମିଲ ହୋଇଥିଲେ। ଆଠଗଡ଼ରେ ହିନ୍ଦ୍ ମଜଦୁର ସଭା ପକ୍ଷରୁ ବନ୍ଦ ପାଳନ ହୋଇଥିଲା। ମଧ୍ୟାହ୍ନ ସମୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ କେନ୍ଦ୍ର ସରକାର ଉପରେ ବର୍ଷିଥିଲେ । ଏଥିରେ ହିନ୍ଦ ମଜୁଦର ସଭାର ରାଜ୍ୟ ସମ୍ପାଦକ ବିରଜା ନାୟକ, ବିଜୟ ନାୟକ, ଲଳିତେନ୍ଦୁ ସେନାପତି ଓ ଅଶୋକ ରାଉତ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଆଠଗଡ଼ ଯୁବ କଂଗ୍ରେସ ସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବନ୍ଦ ସଫଳ ପାଇଁ ଉଦ୍ୟମ ହୋଇଥିଲା।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମ୍ମୁନ୍ନତ କରାଇପାରବେ।
-ମଦନମୋହନ ମାଲବ୍ୟ



## ଆଜି କ'ଣ କେଉଁଠି

ପୁରୀ
- ଗ୍ଲୋରି ଫେଷ୍ଟ ପ୍ରତିଯୋଗିତା, ପୌର ସଦନ, ପୂର୍ବାହ୍ନ ୧୦ଟା।
- ଶ୍ରୀକ୍ଷେତ୍ର ପୁସ୍ତକ ମେଳା, ଶରଧାବାଲି, ଅପରାହ୍ନ ୨ଟା।

# ସମ୍ପର୍କ ଯୋଡୁଛି ଗ୍ଲୋରିଫେଷ୍ଟ

ପୁରୀ ଅଫିସ,୮।୧

ପୁରୀରେ ଚାଲିଛି ଗ୍ଲୋରିଫେଷ୍ଟର ରୌପ୍ୟ ଜୟନ୍ତୀ ଉତ୍ସବ। ଏହି ଜାତୀୟସ୍ତରୀୟ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବରେ ବିଭିନ୍ନ ରାଜ୍ୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ପ୍ରାୟ ୧ହଜାର ଛାତ୍ରୀଛାତ୍ର ୨୫ଟି ପ୍ରତିଯୋଗିତାରେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଛନ୍ତି। ବୁଧବାର ସୁଦ୍ଧା ଅଧିକାଂଶ ବିଭାଗରେ ପ୍ରତିଯୋଗିତା ଶେଷ ହୋଇଛି। ଛାତ୍ରୀଛାତ୍ରଙ୍କ ନୃତ୍ୟ, ଅଭିନୟ, ବକ୍ତୃତା ବେଶ୍ ଆକର୍ଷଣୀୟ ହେଉଛି । ଏକାଠି ବସି ଏ ସବୁ ଉପଭୋଗ କରୁଛନ୍ତି ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିଯୋଗୀ। ତେବେ ସବୁଠୁ ବଡ଼ କଥା ହେଉଛି ପ୍ରଚ୍ଛଦ ପଟରେ ଏହି ଗ୍ଲୋରିଫେଷ୍ଟ ବିଭିନ୍ନ ରାଜ୍ୟ ମଧ୍ୟରେ ସମ୍ପର୍କ ଯୋଡ଼ି ଦେଉଛି। ରାଜ୍ୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ନିବିଡ଼ କରୁଥିବାବେଳେ ଗୋଟିଏ ରାଜ୍ୟର ଲୋକକଳା ଓ ଲୋକ ସଂସ୍କୃତି ଅନ୍ୟ ଏକ ରାଜ୍ୟକୁ ବ୍ୟାପିବାର ସୁଯୋଗ ସୃଷ୍ଟି କରିଛି।

ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବର ବୁଧବାର ଥିଲା ତୃତୀୟ ଦିବସ। ପୌର ସଦନରେ ଅନୁଷ୍ଠିତ ହୋଇଥିଲା ବିଭିନ୍ନ ପ୍ରକାର ପ୍ରତିଯୋଗିତା। ଏଥିରେ ବିଭିନ୍ନ ରାଜ୍ୟରୁ ଆସିଥିବା ଛାତ୍ରୀଛାତ୍ରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଓଡ଼ିଆ ତର୍କ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା ଭାରତୀୟ ସମ୍ବିଧାନରେ ପରିବର୍ତ୍ତନ ଆବଶ୍ୟକତା ଅଛି କି ? ଏହା ଉପରେ ପ୍ରତିଯୋଗୀମାନେ ତର୍କ କରିଥିଲେ। କେହି କେହି ସମ୍ବିଧାନ ପରିବର୍ତ୍ତନ ଦରକାର ବୋଲି କହିଥିବାବେଳେ ଆଉ କିଛି ପରିବର୍ତ୍ତନର ଆବଶ୍ୟକ ନ ଥିବା ମତ ଦେଇଥିଲେ। ସେହିପରି ଓଡ଼ିଆ ବକ୍ତୃତା ନାଗରିକ ସଂଶୋଧନ ବିଲ୍ ଭାରତ ପାଇଁ ଆବଶ୍ୟକତା କି ପ୍ରସଙ୍ଗ ଉପରେ ଜୋର୍‌ଦାର ଆଲୋଚନା ହୋଇଥିଲା। ସାମ୍ପ୍ରତିକ ସିଏଏକୁ ନେଇ ଭାରତରେ ଯେଉଁପରି ଭାବେ ଉତ୍ତେଜନାମୂଳକ ସ୍ଥିତି ରହିଛି ତାହା ଉପରେ ଛାତ୍ରୀଛାତ୍ରମାନେ ବକ୍ତୃତା ଦେଇଥିଲେ। ତେବେ ତୃତୀୟ ଦିନର ଆକର୍ଷଣ ଥିଲା ଗ୍ଲୋରିକୁଇନ ପ୍ରତିଯୋଗୀଙ୍କ ଫଟୋ ସେସନ। ଏଥିରେ ପ୍ରାୟ ୬୦ ଜଣ ଅଂଶଗ୍ରହଣ କରିଥିଲେ। ସେହିପରି ଗ୍ଲୋରି ଟ୍ୟାଲେଣ୍ଟରେ ୪୦ଜଣ ଭାଗ ନେଇଥିଲେ। ଯୋର କ୍ୟାରକ୍ଟର୍ସ ରିଲେସନସିପ୍ ଏଣ୍ଡ୍ସ...କୁ ନେଇ କ୍ରିଏଟିଭ ରାଇଟିଂ ପ୍ରତିଯୋଗିତା କରାଯାଇଥିଲା। ଏହାପରେ ଲଘୁ ସଙ୍ଗୀତ, ଲଘୁ ବାଦ୍ୟ ସଙ୍ଗୀତ ଏବଂ ଆଧୁନିକ ରେକର୍ଡ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରକାର ଆଧୁନିକ ଗୀତରେ ପ୍ରତିଯୋଗୀମାନେ ନୃତ୍ୟ କରିଥିଲେ। ସେହିପରି ଅନ୍ତାକ୍ଷରୀ ଏବଂ କୁଇଜ୍‌ରେ ପ୍ରିଲିମନାରୀ କରାଯାଇଥିଲା। ତୃତୀୟ ଦିବସରେ ପୁରୀ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ବିଚାରକମଣ୍ଡଳୀଙ୍କୁ ଆୟୋଜକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସେମାନେ ହେଲେ ଉମେଶ ଚନ୍ଦ୍ର ଚିନରା, କୈଳାସ ଟିକାୟତରାୟ, ମଞ୍ଜୁଶ୍ରୀ ମିଶ୍ର, ଆଲୋକ ମହାପାତ୍ର, ବିଭୂପ୍ରସାଦ ତ୍ରିପାଠୀ, ଦୀପ୍ତେଶ ମହାପାତ୍ର, ବିକ୍ରମ ଦାଶ, ଅମିତ ଚାଟାର୍ଜୀ, ସୋନାଲି ଓଝା ଏବଂ ମାଷ୍ଟର ବିଦ୍ରୁ । ଏମାନେ ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଯୋଗଦେଇଥିଲେ ।

- ବିଭିନ୍ନ ରାଜ୍ୟ କଳା, ସଂସ୍କୃତିର ଭାବ ବିନିମୟ
- ଆକର୍ଷଣ ସାଜିଲା ଗ୍ଲୋରିକୁଇନ୍ ପ୍ରତିଯୋଗୀଙ୍କ ଫଟୋ ସେସନ



ର୍‍ୟାମ୍ପ୍ ଶୋ' ଓ ଫଟୋ ସେସନ୍ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

## ଛାତ୍ରୀଙ୍କ ନାଁରେ ଫେକ୍ ଆଇଡି

**ନିମାପଡ଼ା,୮।୧(ଡି.ଏନ୍.ଏ.):** ନିମାପଡ଼ା କଲେଜର ଜଣେ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀଙ୍କ ନାଁରେ ସୋସିଆଲ୍ ମିଡିଆରେ ଫେକ୍ ଆଇଡି ଖୋଲାଯାଇ ତାଙ୍କୁ ବଦନାମ୍ କରିବା ଭଳି ପୋଷ୍ଟ କରାଯାଉଛି। ଏ ନେଇ ଛାତ୍ରୀଙ୍କ ଅଭିଯୋଗକ୍ରମେ ନିମାପଡ଼ା ପୋଲିସ ଏକ ମାମଲା (ନଂ.୩/୨୦)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଜଣେ ଯୁବକ ତାଙ୍କ ନାଁରେ ଏହି ଆଇଡି ଖୋଲିଛନ୍ତି। ଆଇଡିରେ ତାଙ୍କ ଫଟୋ ଏବଂ ତାଙ୍କ ସମ୍ପର୍କିତ ବିଭିନ୍ନ ବିଷୟ ପୋଷ୍ଟ କରାଯାଉଛି। ଏହା ଜାଣିବା ପରେ ଛାତ୍ରୀ ଜଣକ ଥାନାରେ ଅଭିଯୋଗ କରିଥିଲେ।

## ୧୦ରୁ ବାରବାଟୀ ନୃତ୍ୟୋତ୍ସବ

**କଟକ ଅଫିସ, ୮।୧:** ଆସନ୍ତା ୧୦ ତାରିଖରୁ ବାଲିଯାତ୍ରା ଉପର ପଡ଼ିଆରେ ୨୯ତମ ବାରବାଟୀ ନୃତ୍ୟୋତ୍ସବ ଅନୁଷ୍ଠିତ ହେବ। ଏହା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉତ୍ସବ ଜିଲା ପ୍ରଶାସନ ଓ ପର୍ଯ୍ୟଟନ, ସଂସ୍କୃତି ବିଭାଗର ସହଯୋଗରେ ହେବ। ଚଳିତବର୍ଷ ନୃତ୍ୟ ଓ ସଙ୍ଗୀତ ସହିତ ବାରବାଟୀ ସାହିତ୍ୟ ଉତ୍ସବ ଅନ୍ୟତମ ଆକର୍ଷଣ ରହିବ। ୧୫ ଓ ୧୬ ତାରିଖ ସନ୍ଧ୍ୟାରେ ରାଜ୍ୟର ବହୁ ସାହିତ୍ୟିକ ଯୋଗଦେଇ କଟକ ସହର ସମ୍ପର୍କିତ କବିତା ଆବୃତ୍ତି କରିବେ। ଏଥିସହିତ ଭଦ୍ରକର ପ୍ରସିଦ୍ଧ ମୋଗଲ ତାମସା ମଞ୍ଚସ୍ଥ ହେବ। ବହୁ ଜାତୀୟ ଓ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ଯୋଗଦେବେ। ପ୍ରତିଦିନ ବିଭିନ୍ନ ପ୍ରତିଯୋଗିତା ହେବ। କୃତୀ ପ୍ରତିଯୋଗୀଙ୍କୁ ବାରବାଟୀ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ପାଇଁ ନୃତ୍ୟଗୁରୁ ସୁଧାକର ସାହୁଙ୍କୁ ବାରବାଟୀ ନୃତ୍ୟ ସମ୍ମାନ ଓ ଗୁରୁ ନବୀନ ପଟ୍ଟନାୟକଙ୍କୁ ସିଦ୍ଧାର୍ଥ ମ୍ୟୁଜିକ ସମ୍ମାନ ପ୍ରଦାନ କରାଯିବ। ବୁଧବାର ସର୍କିଟ ହାଉସରେ ଓଡ଼ିଶା ନୃତ୍ୟ ମଣ୍ଡଳ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏଥିରେ ସାଧାରଣ ସମ୍ପାଦକ ଆଶିଷ କୁମାର ଦାସ, କୋଷାଧ୍ୟକ୍ଷ ପ୍ରିୟବ୍ରତ ମିଶ୍ର, ବ୍ରଜକିଶୋର ନନ୍ଦ, ଅମୀୟ ମହାପାତ୍ର, ପ୍ରଣବ ଅଖଣ୍ଡ ଓ ସିଦ୍ଧାର୍ଥ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ଉଦ୍ୟମ: ୬ ଗିରଫ

**ଚୌଦ୍ୱାର,୮।୧(ଡି.ଏନ୍.ଏ.):** ଚୋରି ଉଦ୍ୟମ କରିବା ଘଟଣାରେ ଚୌଦ୍ୱାର ପୋଲିସ ବୁଧବାର ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟିପିଏମ ଫାଣ୍ଡି ଅଧୀନ ପାଇକରାପୁର ଗ୍ରାମର ବିନୋଦ ସ୍ୱାଇଁ, ବିମଳ ସ୍ୱାଇଁ, ସୁଦର୍ଶନ ମଲ୍ଲିକ, କାଳନ୍ଦୀ ସ୍ୱାଇଁ, ନିତ୍ୟାନନ୍ଦ ବେହେରା, ସନ୍ତୋଷ ମହାନ୍ତି, ରତିକାନ୍ତ ବେହେରା। ଅଭୟ ସାହୁଙ୍କ ଘରୁ ଅଭିଯୁକ୍ତମାନେ ଏକ ଏସି ମେଶିନ୍ ଚୋରି କରିବା ଉଦ୍ୟମ କରିଥିବା ନେଇ ଫାଣ୍ଡିରେ ଅଭିଯୋଗ କରିଥିଲେ।

## ତ୍ରିଲୋଚନ କାନୁନ୍‌ଗୋ ପାଇବେ ରାଜକିଶୋର ନାୟକ ସ୍ମୃତି ସମ୍ମାନ

କଟକ ଅଫିସ, ୮।୧

ସାମାଜିକ କର୍ମୀ ତଥା ପୂର୍ବତନ ଏମ୍‌ପି ତ୍ରିଲୋଚନ କାନୁନ୍‌ଗୋ ମର୍ଯ୍ୟାଦାଜନକ ରାଜ କିଶୋର ନାୟକ ସ୍ମୃତି ସମ୍ମାନ ପାଇବେ। ରାଜକିଶୋର ନାୟକ ସ୍ମୃତି ସଂସଦ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ତ୍ରିଲୋଚନ କାନୁନ୍‌ଗୋ ୧୯୪୦ ମସିହା ନଭେମ୍ବର ୨୪ ତାରିଖରେ କଟକ ଜିଲାର ବଡମୂଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଶା ବିଧାନସଭାର ସଦସ୍ୟ ଓ ଲୋକସଭା ସାଂସଦ ରହିଥିଲେ। ସେ ରାଜ୍ୟ ଅର୍ଥ କମିଶନର ଓ କଟକ ନଗରପାଳିକାର ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇ ଥିଲେ। ଆସନ୍ତା ଜାନୁୟାରୀ ୧୧ ତାରିଖରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ହେବାକୁ ଥିବା ଗାନ୍ଧୀବାଦୀ ନେତା ରାଜକିଶୋର ନାୟକଙ୍କ ସ୍ମୃତି ସଭାରେ ଏହି ସମ୍ମାନ ପ୍ରଦାନ କରାଯିବ।

## ଚୋରି ଅଭିଯୋଗରେ ୨ ଗିରଫ

ଚୌଦ୍ୱାର,୮।୧(ଡି.ଏନ୍.ଏ.)

ଚୌଦ୍ୱାର ଗାନ୍ଧୀଛକଠାରେ ଏକ ଗାଡିରୁ ବ୍ୟାଟେରି ଓ ଷ୍ଟେପିନ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୌରପାଳିକା ୧୭ନଂ. ୱାର୍ଡ କପାଳେଶ୍ୱର ନୂଆସାହିର ଶ୍ରବଣ ସାହୁ ଓ ବାଗନ ପ୍ରଧାନ। ପ୍ରଭାସ ସାହୁ ଗତ ଡିସେମ୍ବର ମାସରେ ତାଙ୍କ ଗାଡିରୁ ଉକ୍ତ ଜିନିଷ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ।



ପୁରୀ ମଙ୍ଗଳାମୁହାଣ ନିକଟରେ ସମୁଦ୍ର କୂଳ ଖାଉଛି।

### ସଫ୍ଟୱେର ଇଞ୍ଜିନିୟର ଦେବାଶିଷ ପାଇଲେ ଓଏଏସ୍

## ଉତ୍ତମ ପ୍ରଶାସନିକ ସେବା ଯୋଗାଇଦେବା ଲକ୍ଷ୍ୟ

କୃଷ୍ଣପ୍ରସାଦ, ୮।୧(ଡି.ଏନ.ଏ.)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ପାରିକୁଦଗଡରୁ ଓଏଏସ ପାଇବାରେ ସଫଳ ହୋଇଛନ୍ତି ଦେବାଶିଷ ପାତ୍ର। ତାଙ୍କ ଲକ୍ଷ୍ୟ ରହିଛି ଜନସାଧାରଣଙ୍କୁ ଉତ୍ତମ ପ୍ରଶାସନିକ ସେବା ଯୋଗାଇଦେବା। ସେ ୩ ବର୍ଷ ଧରି ବାଙ୍ଗାଲୋରରେ ସଫ୍ଟୱେୟାର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ଚାକିରି ବ୍ୟସ୍ତତା ଏବଂ ପରିବାର ଥିବା ନିଜର ଛୋଟ ପୁଅ, ସ୍ତ୍ରୀ ଏବଂ ମାଆବାପାଙ୍କ ଭଲମନ୍ଦ ବୁଝିବା ସହ ପଢିବା ପାଇଁ ଖୁବ୍‌କମ୍ ସମୟ ମିଳିଥାଏ। ସେ ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ଦିନକୁ ମାତ୍ର ୪ ଘଣ୍ଟ ସମୟ ପଢା ପାଇଁ ଦେଉଥିଲେ। ୨୦୧୭ରେ ଓଏଏସ୍ ପରୀକ୍ଷା ଦେଇଥିଲେ ହେଁ ସେ କୃତକାର୍ଯ୍ୟ ହୋଇପାରି ନ ଥିଲେ। ୨୦୧୮ରେ ପ୍ରକାଶିତ ଓଏଏସ୍ ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଛନ୍ତି। ଦେବାଶିଷ ଓଏଏସ୍ ପାଇବା ପରେ ମାଆବାପା, ପରିବାରବର୍ଗ ଖୁସିଥିବା ବେଳେ ଅଞ୍ଚଳର ବହୁ ଶିକ୍ଷାବିତ୍‌ମାନେ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି।

### ଶେଷ ହୋଇଛି କୋଠା ନିର୍ମାଣ

## ଖୋଲୁନି ଶ୍ରୀମନ୍ଦିର ନୀଳାଦ୍ରି ବିହାର ମ୍ୟୁଜିୟମ

ପୁରୀ ଅଫିସ,୮।୧

**ଭକ୍ତଙ୍କ ମହଲରେ କ୍ଷୋଭ**

ଶାସ୍ତ୍ର, ପୁରାଣରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଯାହା ଉଲ୍ଲେଖ ରହିଛି ତାହାର ତଥ୍ୟଭିତ୍ତିକ ଦୃଶ୍ୟାବଳୀକୁ ଲୋକଲୋଚନାକୁ ଆଣିବା ପାଇଁ ନୀଳାଦ୍ରି ବିହାର ମ୍ୟୁଜିୟମର ପରିକଳ୍ପନା କରାଯାଇଥିଲା। ଏଠାରେ ବିଭିନ୍ନ ପ୍ରକାର କଳାକୃତି ତିଆରି କରାଯାଇ ପ୍ରଦର୍ଶିତ କରାଯାଉଥିଲା। ପରବର୍ତ୍ତୀ ସମୟରେ କିଛି କଳାକୃତି ଏବଂ ମ୍ୟୁଜିୟମ୍ ଘର ନଷ୍ଟ ହୋଇଯିବାରୁ ତାହାକୁ ଭାଙ୍ଗି ଅତ୍ୟାଧୁନିକ ଘର ତିଆରି କରାଯାଇଛି। ପ୍ରାୟ ବର୍ଷେରୁ ଉର୍ଦ୍ଧ୍ୱ ହେବ ମ୍ୟୁଜିୟମ୍ କୋଠା ତିଆରି ସରିଛି, କିନ୍ତୁ ଏ ପର୍ଯ୍ୟନ୍ତ ମ୍ୟୁଜିୟମ୍ ଖୋଲୁ ନାହିଁ। ଫଳରେ ଭକ୍ତମାନେ କ୍ଷୋଭ ପ୍ରକାଶ କରୁଛନ୍ତି ।

ଶ୍ରୀମନ୍ଦିର ପରିସରରେ ରହିଛି ନିଳାଦ୍ରୀ ବିହାର ମ୍ୟୁଜିୟମ୍। ଏହା ନଷ୍ଟ ହୋଇଯିବାରୁ ପ୍ରାୟ ୨ ବର୍ଷ ପୂର୍ବରୁ ଏହାର ପୁନରୁଦ୍ଧାର କାମ ଆରମ୍ଭ ହୋଇଥିଲା। ଦେଢକୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ନୂଆ କୋଠା କାମ ପାଖାପାଖି ବର୍ଷେ ହେବ ତିଆରି ସରିଛି। କିନ୍ତୁ ଏପର୍ଯ୍ୟନ୍ତ ମ୍ୟୁଜିୟମ ଆରମ୍ଭ ହୋଇ ନାହିଁ। ଅନ୍ୟପକ୍ଷେ ମ୍ୟୁଜିୟମ୍ ଗ୍ୟାଲେରିରେ ସ୍ଥାନ ପାଇବାକୁ ଥିବା କଳାକୃତି ଲାଗି ଗବେଷକ, ସେବାୟତ ଏବଂ ଏଥିପାଇଁ ଗଠିତ କମିଟି ସହ ଆଲୋଚନା କରାଯିବ। ପୁରୁଣା ମ୍ୟୁଜିୟମ୍‌ରେ ଥିବା ବିରଳ ମୂର୍ତ୍ତିଗୁଡ଼ିକର ମରାମତି କରାଯାଇ ପୁନଶ୍ଚ ପ୍ରଦର୍ଶିତ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ ଏ ପର୍ଯ୍ୟନ୍ତ ଏହି କାମ ଆଗକୁ ବଢ଼ୁ ନ ଥିବା ସ୍ପଷ୍ଟ ହେଉଛି।

ମ୍ୟୁଜିୟମ୍‌କୁ ତ୍ୱରାନ୍ୱିତ କରିବା ଲାଗି ଗତବର୍ଷ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଭୁବନେଶ୍ୱରସ୍ଥ ନାଲ୍‌କୋ କାର୍ଯ୍ୟାଳୟକୁ ଯାଇ ନାଲ୍‌କୋ ଅଧିକାରୀଙ୍କ ସହ ଏହାର ପ୍ରେଜେଣ୍ଟେଶନ ଦେଖାଇଥିଲେ। ଯେହେତୁ ମ୍ୟୁଜିୟମ୍‌ର ପୁନରୁଦ୍ଧାର ଆଇକନିକ ସିଟି ଯୋଜନାରେ ହେଉଛି ଏବଂ ନାଲ୍‌କୋ ଏହି ଯୋଜନାରେ ପାରିପାର୍ଶ୍ୱିକ ଓ ଭିତ୍ତିଭୂମି ବିକାଶ ଦାୟିତ୍ୱରେ ଅଛି ତେଣୁ ଏଥିପାଇଁ ନାଲ୍‌କୋ ବ୍ୟୟ ଅଟକଳ କରୁଛି। କିନ୍ତୁ କୋଠା କାମ ନିର୍ମାଣ ସରିବା ପରେ କାହିଁକି ମ୍ୟୁଜିୟମ୍ ଖୋଲିପାରୁ ନାହିଁ ବୋଲି ଭକ୍ତମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏ ସମ୍ପର୍କରେ ଭକ୍ତ ବିଶ୍ୱଜିତ ସାହୁ କହିଛନ୍ତି, ପୂର୍ବରୁ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଲେ ମ୍ୟୁଜିୟମ୍‌କୁ ବୁଲିଯାଉ। ସେଠାରେ ବିଭିନ୍ନ ପ୍ରକାରର କଳାକୃତି ପ୍ରଦର୍ଶିତ ହେଉଥିଲା। ଏଥିରୁ ମହାପ୍ରଭୁଙ୍କ ସମ୍ପର୍କରେ ଅନେକ କିଛି ସୂଚନା ମିଳିଥାଏ। ମ୍ୟୁଜିୟମ୍ ପରିସର ବୁଲିବାକୁ ବି ଭଲ ଲାଗେ। କିନ୍ତୁ ଏବେ ନୂଆ କୋଠା ତିଆରି କରାଯାଇଥିଲେ ମଧ୍ୟ ମ୍ୟୁଜିୟମ୍ ନାହିଁ। ଏ ଦିଗରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଲେ ପୁନଶ୍ଚ ମହାପ୍ରଭୁଙ୍କ ସମ୍ପର୍କରେ ଅଧିକ କିଛି ଜାଣିବାର ସୁଯୋଗ ମିଳିବ।

ନୀଳାଦ୍ରିବିହାର ମ୍ୟୁଜିୟମର ପୁନରୁଦ୍ଧାର ଲାଗି ୮ଜଣିଆ କମିଟି ଗଠନ ହୋଇ ୨୦୧୮ ମାର୍ଚ୍ଚରେ ବୈଠକ ବସିଥିଲା। ଏଥିରେ ମ୍ୟୁଜିୟମ୍ ନାମ ପରିବର୍ତ୍ତନ କରି ଶ୍ରୀଜଗନ୍ନାଥ ଲୀଳାକୁଞ୍ଜ ରଖିବା ଲାଗି କମିଟି ପ୍ରସ୍ତାବ ଦେଇଥିଲା। ଶ୍ରୀମନ୍ଦିର ବାହାରେ ଶ୍ରୀଜଗନ୍ନାଥ ମ୍ୟୁଜିୟମ ପ୍ରତିଷ୍ଠା ଲାଗି ମଧ୍ୟ ପ୍ରସ୍ତାବ ରହିଥିଲା। ପ୍ରସ୍ତାବିତ ଲୀଳାକୁଞ୍ଜରେ ମହାପ୍ରଭୁଙ୍କ ଆବିର୍ଭାବ ଲୀଳା ପାଇଁ ଏକ ଗ୍ୟାଲେରି ରହିବ। ଏହା ଶାସ୍ତ୍ର ଅନୁଯାୟୀ କରାଯିବ। ସେହିପରି ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡି ଯେଉଁ ଯେଉଁ କ୍ଷେତ୍ରକୁ ଯାଇଥିଲେ ସେହି ଲୀଳାକ୍ଷେତ୍ରଗୁଡିକର ଫଟୋଚିତ୍ର ସହିତ ସବିଶେଷ ବିବରଣୀ ସ୍ଥାନିତ କରାଯିବ। ଶ୍ରୀଜଗନ୍ନାଥଙ୍କ ପ୍ରାଚୀନ ଲୀଳା ଯଥା ଜୟଦେବ ଗୀତଗୋବିନ୍ଦ, କାଞ୍ଚି ଅଭିଯାନ ପ୍ରଭୃତି ମୂର୍ତ୍ତି ସହିତ ବିବରଣୀ ସ୍ଥାନ ପାଇବ। ଶ୍ରୀଜଗନ୍ନାଥ ଏବଂ ଭକ୍ତ ଶୀର୍ଷକ ଏକ ଗ୍ୟାଲେରି ମଧ୍ୟ ପ୍ରତିଷ୍ଠା ଲାଗି ପ୍ରସ୍ତାବ ରହିଥିଲା। ଶ୍ରୀମନ୍ଦିରରେ ବାରମାସରେ ହେଉଥବା ମହାପ୍ରଭୁଙ୍କ ବିଭିନ୍ନ ଯାନିଯାତ୍ରାର ପ୍ରାମାଣିକ ତଥ୍ୟ ସହ ଫଟୋଚିତ୍ର ଏବଂ ପ୍ରତିମୂର୍ତ୍ତି ଗ୍ୟାଲେରିରେ ରହିବ। ୩୦ଜଣ ଦର୍ଶକ ବସିବା କ୍ଷମତା ବିଶିଷ୍ଟ ଏକ ଅଡିଓ ଭିଜୁଆଲ ହଲ୍ କରାଯିବ। ସେଥିରେ ଶ୍ରୀଜଗନ୍ନାଥଙ୍କ ଉପାସନା ଓ ଲୀଳା ସଂକ୍ରାନ୍ତରେ ତଥ୍ୟ ଭକ୍ତଙ୍କୁ ଦେଖାଯିବ। ଏଥିସହ ଗତ ନବକଳେବର ରଥଯାତ୍ରାର ଭିଡିଓ ପ୍ରଦର୍ଶିତ କରାଯିବା ଲାଗି ବୈଠକରେ ପ୍ରସ୍ତାବ ରହିଥିଲା। କିନ୍ତୁ ଏହି ପ୍ରସ୍ତାବ କେବଳ ପ୍ରସ୍ତାବରେ ହିଁ ରହିଯାଇଥିବା ଭଳି ମନେ ହେଉଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ନୀଳାଦ୍ରି ବିହାର ମ୍ୟୁଜିୟମ୍ ପାଇଁ ଆନୁସଙ୍ଗିକ କାର୍ଯ୍ୟ ଚାଲୁଛି। ଏଥିରେ ମହାପ୍ରଭୁଙ୍କ ଆବିର୍ଭାବଠାରୁ ଆରମ୍ଭ କରି ବିଭିନ୍ନ ଲୀଳା ସମ୍ପର୍କିତ କଳାକୃତି ସ୍ଥାନ ପାଇବ। ଖୁବଶୀଘ୍ର ଏହା ତିଆରି କରାଯାଇ ନୀଳାଦ୍ରି ବିହାର ମ୍ୟୁଜିୟମ ଭକ୍ତମାନଙ୍କ ପାଇଁ ଖୋଲାଯିବ ।

# ବିଭିନ୍ନ ସ୍ଥାନରେ ବନ୍ଦ ଶାନ୍ତିପୂର୍ଣ୍ଣ

କଣାସ/ସାକ୍ଷୀଗୋପାଳ/ବଳଙ୍ଗା/ ଗୋପ/କୋଣାର୍କ/ ବ୍ରହ୍ମଗିରି/ନିମାପଡ଼ା, ୮।୧(ସ୍ୱ.ପ୍ର./ଡି.ଏନ୍.ଏ.)

୧୨ଦଫା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ବୁଧବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ କଣାସ ବ୍ଲକରେ ଦେଖିବାକୁ ମିଳିଥିଲା। କଣାସର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଆଗରେ ଏଆଇଟିୟୁସିର ସଭାପତି ପ୍ରତିଭା ପରିଡ଼ା, ସମ୍ପାଦକ କ୍ରୀଷ୍ଣା ରାଉତରାୟ, ସଂଘମିତ୍ରା ମଙ୍ଗରାଜ, କାଦମ୍ବିନୀ ମଙ୍ଗରାଜ, ବିଦ୍ୟୁତ୍‌ପ୍ରଭା ମହାନ୍ତି, ଉପଦେଷ୍ଟା ଆଇନ୍‌ଜୀବୀ ବିଶ୍ୱନାଥ ବେହେରା, ସିଟୁର ସଭାପତି ମମତାରାଣୀ ମହାପାତ୍ର, ସମ୍ପାଦକ କୁନି ବେହେରା, ପ୍ରକାଶଚନ୍ଦ୍ର ବଳିଆରସିଂହ ସମେତ ବହୁ କର୍ମୀ ସାମିଲ୍ ହୋଇଥିଲେ। ସେହିଭଳି କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଧନେଶ୍ୱର ସ୍ୱାଇଁଙ୍କ ସମେତ ବହୁ କର୍ମୀ ବିଭିନ୍ନ ବଜାର ବୁଲି ଦୋକାନବଜାର ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ, ସତ୍ୟବାଦୀ ବ୍ଲକ ଶାଖାର କର୍ମୀ ଓ ସହାୟିକାମାନେ ସ୍ଥାନୀୟ ମହିଳା ଓ ଶିଶୁ ବିକାଶ ସେବା ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କର୍ମୀ ସଂଘର ସଭାପତି ନିରଞ୍ଜନା ଦିକ୍ଷୀତ, ସମ୍ପାଦକ ଲକ୍ଷ୍ମୀପ୍ରିୟା ମହାପାତ୍ର, କାର୍ଯ୍ୟକାରୀ କମିଟି ସଭ୍ୟା ସୁଲୋଚନା ମିଶ୍ର, ରଞ୍ଜିତା ରଥ, ପ୍ରତିମା ମହାରଣା ଓ ବାଣୀ ପ୍ରସନ୍ନା ଦାଶ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ବ୍ୟାଙ୍କ, ଦୋକାନ ବଜାର ଓ ଭାରିଯାନ ଚଳାଚଳ ବନ୍ଦ ରହିଥିଲା। ବଳଙ୍ଗା ଅଞ୍ଚଳରେ ଧର୍ମଘଟ ଆଂଶିକ ଦେଖାଯାଇଥିଲା। ସମସ୍ତ ସରକାରୀ ବିଦ୍ୟାଳୟ ଖୋଲାଥିଲେ ମଧ୍ୟ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ ଥିଲା। ଶ୍ରମିକ ସଙ୍ଗଠନ ପକ୍ଷରୁ ପ୍ରଦୀପ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ବଳଙ୍ଗା, ନିମାପଡ଼ା ମୁଖ୍ୟ ରାସ୍ତାର ଟ୍ରାଫିକ ଛକଠାରେ ପ୍ରଫୁଲ୍ଲ ନାୟକ, ଗୋପାଳ ନାୟକ, ସୁକାନ୍ତ ଲେଙ୍କା, ଭାସ୍କର ଦଳେଇ ପ୍ରମୁଖ ପ୍ରତିବାଦ କରିଥିଲେ।

ଗୋପ ବ୍ଲକର ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଖୋଲାଥିଲା। କେତେକ ସ୍କୁଲରେ ତାଲା ପଡ଼ିଥିବାରୁ ଛାତ୍ରୀଛାତ୍ରମାନେ ଘରକୁ ଫେରିଥିଲେ। ନିଖିଳ ଓଡ଼ିଶା କର୍ମଚାରୀ ସଂଘ, ସିପିଆଇ ପକ୍ଷରୁ ଏକ ଶୋଭାଯାତ୍ରା ଗୋପ ବଜାର ପରିକ୍ରମା କରିଥିଲା । ସିପିଆଇ ନେତା ମନୋରଞ୍ଜନ ପରିଡ଼ା, ପବିତ୍ର ଦାଶ, ଗୋପ ବ୍ଲକ୍ ଅଙ୍ଗନୱାଡି ସଭାପତି ପୁଷ୍ପାଞ୍ଜଳି ଦେଇ, ସମ୍ପାଦକ ମାନସୀ ପ୍ରଧାନ, ମାଧବୀଲତା ଦାସ, ନିରୁପମା ତିୱାରି କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତିକୁ ବିରୋଧ କରିଥିଲେ।

କୋଣାର୍କରେ ସିପିଆଇ ନେତା ସୁକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ବ୍ରହ୍ମାନନ୍ଦ ଦାସ, ନବଘନ ମୁଦୁଲି, ଶ୍ରୀଧର ରାଉତ, ଅତୀଶ ସେଠୀ, କାଳନ୍ଦୀ ବିଶ୍ୱାଳ ପ୍ରମୁଖ ଶତାଧିକ କର୍ମୀ ପ୍ଲାକାର୍ଡ ଧରି କୋଣାର୍କ ବଜାର ପରିକ୍ରମା କରି ସମସ୍ତ କାର୍ଯ୍ୟାଳୟ ବନ୍ଦ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂର୍ଯ୍ୟମନ୍ଦିର ଟିକେଟ କାଉଣ୍ଟରକୁ ବନ୍ଦ କରିବା ସହିତ ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ରହ୍ମଗିରି ବଜାର ସମେତ ବିଭିନ୍ନ ସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ଏଆଇଟିୟୁସି, ସିଆଇଟିୟୁ, ଏଟିୟୁ, ଏନଏସଏଏସ ଆଦି ଶ୍ରମିକ ସଙ୍ଗଠନ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ଆନ୍ଦୋଳନକାରୀମାନେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶୋଭାଯାତ୍ରାରେ ବାହାରି ବ୍ରହ୍ମଗିରି ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ହୋଇଥିଲା। ଭୀମସେନ ସ୍ୱାଇଁ, ପିତବାସ ବେହେରା, ହରିହର ସେନାପତି, ସୁରେନ୍ଦ୍ର ଦଳାଇ, ମହେଶ୍ୱର ମହାରଣା, ସୁଦର୍ଶନ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ ।

ନିମାପଡ଼ା ଅଞ୍ଚଳରେ ଗାଡ଼ି ଚଳାଚଳ, ଦୋକାନ ବଜାର, ବ୍ୟାଙ୍କ, ବୀମା କାର୍ଯ୍ୟାଳୟ ଏବଂ ପେଟ୍ରୋଲ ପମ୍ପଗୁଡ଼ିକ ବନ୍ଦ ଥିଲା। ନିମାପଡ଼ା ଦୋଳବେଦି ଛକ ଓ ଚାରି ଛକଠାରେ ସିପିଆଇ କର୍ମୀ ବିକ୍ଷୋଭ ପ୍ରଦର୍ଶନ ସହ ରାସ୍ତାରୋକୋ କରିଥିଲେ। ସିପିଆଇ ନେତା ଦେବେନ୍ଦ୍ର ସାହୁ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ପ୍ରଫୁଲ୍ଲ ସାହୁ, ସନ୍ତୋଷ ବେହେରା, ହିନ୍ଦ୍ ମଜଦୁର ସଂଘର ଜିଲା ସମ୍ପାଦକ ରାଜ କୁମାର ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।




କୋଣାର୍କଠାରେ ଧର୍ମଘଟରେ ସାମିଲ ହୋଇଥିବା ବିଭିନ୍ନ ସଙ୍ଗଠନର ସଦସ୍ୟମାନେ।



କଣାସର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଗୋପରେ ଶ୍ରମିକ ସଙ୍ଗଠନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।



ନିମାପଡାଠାରେ ଆନ୍ଦୋଳନକାରୀଙ୍କ ବିକ୍ଷୋଭ ପ୍ରଦର୍ଶନ।



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।
-କଲମ୍ବସ୍





ପୁରୀ ପୋଷ୍ଟାଲ କର୍ମଚାରୀମାନେ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।


ବନ୍ଦ ଯୋଗୁ ପୁରୀ ବସଷ୍ଟାଣ୍ଡରେ ବସଗୁଡ଼ିକ ଅଟକି ରହିଛି



ପୁରୀ ରେଳଷ୍ଟେଶନରେ ଆନ୍ଦୋଳନକାରୀମାନେ ଟ୍ରେନ ଅଟକାଇଛନ୍ତି ।

## ସଂକ୍ଷେପରେ

### ଅଦିନିଆ ବର୍ଷାରେ ଧାନ ଫସଲ ନଷ୍ଟ



କଣାସ, ୮।୧(ସ୍ୱ.ପ୍ର.): ଆଦିନିଆ ବର୍ଷାରେ କଣାସ ବ୍ଲକରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଧାନ ଅମଳ ପରେ ବିଲରେ ହିଁ ପଡ଼ିରହିଥିଲା। ହଠାତ୍ ବର୍ଷା ଯୋଗୁ ଚାଷୀମାନେ ଧନ ଫସଲ ସୁରକ୍ଷିତ ସ୍ଥାନକୁ ନେଇପାରି ନ ଥିଲେ। ଫଳରେ ବିଲରେ ପାଣି ଜମି ରହିଥିଲା । ବର୍ଷା ପାଣିରେ ଫସଲ ନଷ୍ଟ ହୋଇଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ବିଶେଷକରି ତ୍ରିଲୋଚନପୁର, କଣାସ, ସିରେଇ, ଗଡ଼ସାହି, ବିନ୍ଧଣ, ଚୁପୁରିଙ୍ଗି ପଞ୍ଚାୟତରେ ବହୁ ଫସଲ ନଷ୍ଟ ହୋଇଥିବା ଜଣାପଡ଼ୁଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

### କେନ୍ଦରାରୁ ମିଳୁଛି ଆହାର



ଗୋପ,୮।୧(ଡ଼ି.ଏନ୍.ଏ): ଦିନ ଥିଲା ଯୋଗୀ ସମ୍ପ୍ରଦାୟର ଲୋକମାନେ ଗାଁ ଗାଁ ବୁଲି କେନ୍ଦରା ସ୍ୱରରେ ବିଭିନ୍ନ ଗୀତ ମାଧମରେ ଭିକ୍ଷାବୃତ୍ତି କରୁଥିଲେ। ଏହି ପରମ୍ପରା ବର୍ତ୍ତମାନ ପ୍ରାୟତଃ ବନ୍ଦ ହୋଇଗଲାଣି। କାଁ ଗାଁ କେନ୍ଦରାର ସ୍ୱର ଶୁଣିବାକୁ ମିଳୁଛି। କିନ୍ତୁ ୬୩ ବର୍ଷ ବୟସରେ ମଧ କେନ୍ଦରା ବଜାଇ ପରମ୍ପରାକୁ ବଞ୍ଚାଇ ରଖିବା ସହ ପରିବାର ପୋଷୁଛନ୍ତି ଜଗତ୍‌ସିଂପୁର ଜିଲା ଚାରିବାଟିଆ ଗ୍ରାମର ସିଦ୍ଧେଶ୍ୱର ନାଥ (୬୩)। ସିଦ୍ଧେଶ୍ୱର ଶେଷ ନିଶ୍ୱାସ ପର୍ଯ୍ୟନ୍ତ କେନ୍ଦରା ବଜାଇବି ବୋଲି କହିଛନ୍ତି। ସାନପୁଅକୁ ମଧ ଏହି ପରମ୍ପରା ରଖିବା ପାଇଁ ସେ ଅନୁରୋଧ କରିଆସୁଛନ୍ତି। ଅଜା, ବାପା ଏହି ଯୋଗୀ ପରମ୍ପରାକୁ ନେଇ ଭରଣ ପୋଷଣ କରୁଥିବାବେଳେ ମୁଁ ମଧ ଏହାକୁ ଛାଡ଼ି ପାରିନାହିଁ। ଯେତେବେଳେ ୧୫ ବର୍ଷ ବୟସ ହୋଇଥିଲା, ସେହି ସମୟରୁ ଆଖପାଖ ଗ୍ରାମକୁ ଯାଇ କେନ୍ଦରା ବଜାଇ ଧାର୍ମିକ ଗୀତ ବଜାଉଥିଲେ । ଯାହା ଟଙ୍କା କିମ୍ବା ଦାନ ମିଳୁଛି, ସେଥିରେ ପରିବାର ଚଳୁଛି। ଦିନକୁ ୨ଶହରୁ ୩ଶହ ଟଙ୍କା ପର୍ଯ୍ୟନ୍ତ ମିଳୁଛି। ଦୀର୍ଘ ୪୮ ବର୍ଷ ହେବ ରାଜ୍ୟର ସମସ୍ତ ଜିଲା ବୁଲିଛନ୍ତି । କିନ୍ତୁ ଆଧୁନିକତା ଭିତରେ ଏହି ପରମ୍ପରା ହଜିଯାଉଥିବା ସେ କହିଛନ୍ତି ।

### ଗୋଶାଳାରେ ଶ୍ରୀରାମଚରିତ ପାରାୟଣ

ପୁରୀ ଅଫିସ,୮।୧ : ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ପୁରୀ ସଦର ଆଳିପଡାସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ଚାଲିଛି ଶ୍ରୀରାମଚରିତ ମାନସ ଓ ପାରାୟଣ। ବୁଧବାରଠାରୁ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ଟ୍ରଷ୍ଟ ପ୍ରତିଷ୍ଠାତା ବିଷ୍ଣୁଚରଣ ପଣ୍ଡା ପରିଚାଳନା କରୁଛନ୍ତି। ନାମ ସଂକୀର୍ତ୍ତନରେ ଆଖପାଖ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଓ ଗ୍ରାମବାସୀ ଯୋଗଦେଉଛନ୍ତି। ଗୋଶାଳା ପରିସରରେ ଗୋରୁଙ୍କ ଉପସ୍ଥିତିରେ ଏହି ପାରାୟଣ ଓ ନାମ ସଂକୀର୍ତ୍ତନ ଜାରି ରହିଛି। ଏଥିସହିତ ମହର୍ଷି ମହେଶ ଯୋଗୀଙ୍କ ୧୦୧ତମ ଜନ୍ମୋତ୍ସବ ଆରମ୍ଭ ହୋଇଛି। ଆସନ୍ତା ୧୫ତାରିଖରେ ଏହା ଉଦ୍‌ଯାପିତ ହେବ ବୋଲି ପଣ୍ଡା କହିଛନ୍ତି।

# ଚାରିଚକିଆ ଗଡ଼ିଲାନି, ଦୁଇଚକିଆ ସ୍ୱାଭାବିକ

## ପୁରୀରେ ଭାରତ ବନ୍ଦ ଶାନ୍ତିପୂର୍ଣ୍ଣ

- ଦୋକାନ ବଜାର ଅଧା ବନ୍ଦ, ଶିକ୍ଷାନୁଷ୍ଠାନ ଖୋଲା
- ଷ୍ଟେଶନରେ ଆନ୍ଦୋଳନକାରୀଙ୍କ ପିକେଟିଂ

ପୁରୀ ଅଫିସ, ୮।୧:

କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ବୁଧବାର ୨୪ ଘଣ୍ଟିଆ ଭାରତ ବନ୍ଦର ଆଂଶିକ ପ୍ରଭାବ ପୁରୀରେ ପରିଲକ୍ଷିତ ହୋଇଛି। ଦୁଇଚକିଆ ଗାଡ଼ି ଚଳାଚଳ ସ୍ୱାଭାବିକ ରହିଥିବାବେଳେ ଚାରିଚକିଆ ଗାଡ଼ି ବିଶେଷ ଚାଲୁ ନ ଥିଲା। ମାତ୍ର କାଁ ଭାଁ କାର ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। ଗଳିକନ୍ଦିରେ ଦୋକାନ ବଜାର ଖୋଲା ଥିଲା। ବଡ଼ଦାଣ୍ଡରେ ବଡ ବଡ ଦୋକାନ ବନ୍ଦ ରହିଥିବାବେଳେ ଛୋଟ ଦୋକାନଗୁଡ଼ିକ ଖୋଲିଥିଲା। ରେଳ ଷ୍ଟେଶନରେ ବିକ୍ଷୋଭ ଯୋଗୁ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଥିଲା।

ପୁରୀରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ, ଏଆଇଟିୟୁସି, ସିଟୁ ପ୍ରଭୃତି ସଙ୍ଗଠନଗୁଡ଼ିକ ଏହି ବନ୍ଦ ଡାକରାରେ ସାମିଲ ହୋଇଥିଲେ। ଟ୍ରେଡ ୟୁନିୟନଗୁଡ଼ିକର ଆଞ୍ଚଳିକ ଶାଖାର କର୍ମକର୍ତ୍ତାମାନେ ଧର୍ମଘଟରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ସକାଳେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ, ଓଡ଼ିଶା କନ୍‌ଭେନଶନ ୱାର୍କର୍ସ ୟୁନିୟନ ପ୍ରମୁଖ ସଙ୍ଗଠନ ପକ୍ଷରୁ ଷ୍ଟେଶନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନକାରୀମାନେ ୨ଟି ପାସେଞ୍ଜର ଟ୍ରେନ୍ ଆଗରେ ଛିଡ଼ା ହୋଇ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ଫଳରେ ରେଳସେବା ବ୍ୟାହତ ହୋଇଥିଲା। ଆନ୍ଦୋଳନକାରୀମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। କର୍ମଚାରୀମାନେ ଅଫିସକୁ ଆସିଥିଲେ ମଧ ଲୋକଙ୍କ ଉପସ୍ଥିତି ଦେଖିବାକୁ ମିଳି ନ ଥିଲା। ବ୍ୟାଙ୍କଗୁଡ଼ିକ ବନ୍ଦ ଥିବାବେଳେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲା ଥିଲା। ଛାତ୍ରୀଛାତ୍ରମାନେ ସ୍ୱାଭାବିକ ଭାବେ ସ୍କୁଲ, କଲେଜ ଯାଇଥିଲେ। ବସ୍‌ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ହଇରାଣ ହୋଇଥିଲେ। ଟ୍ୟାକ୍ସି ଓ ଅଟୋ ଚଳାଚଳ ବନ୍ଦ ଯୋଗୁ ପର୍ଯ୍ୟଟକଙ୍କୁ ମଧ ହଇରାଣ ହେବାକୁ ପଡ଼ିଥିଲା। ଆନ୍ଦୋଳନକାରୀମାନେ ଦରଦାମ୍ ବୃଦ୍ଧି ସ୍ଥିର, ବେକାରଙ୍କୁ କାମ, ଶ୍ରମ ଆଇନ ସଂଶୋଧନ ବନ୍ଦ, ସମାନ କାମକୁ ସମାନ ମଜୁରି, ସର୍ବନିମ୍ନ ମଜୁରି ମାସିକ ୨୧ହଜାର ଟଙ୍କା ଆଦି ୧୨ଦଫା ଦାବି ନେଇ ରାସ୍ତାକୁ ଓହ୍ଲାଇଥିଲେ। ଏହି ବନ୍ଦକୁ ସମର୍ଥନ ଜଣାଇ ପୁରୀ ଓକିଲ ସଂଘ କର୍ମକର୍ତ୍ତାମାନେ ଜିଲା ଜଜ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିବା ଯୋଗୁ ବିଚାର ବିଭାଗୀୟ ଅଧିକାରୀମାନେ ଫେରି ଯାଇଥିଲେ। କଂଗ୍ରେସ ପକ୍ଷରୁ ବଡ଼ଦାଣ୍ଡରେ ବାଇକ୍ ଶୋଭାଯାତ୍ରା କରାଯାଇ ଦୋକାନ ବଜାର ବନ୍ଦ କରାଯାଇଥିଲା। ଏହି ଆନ୍ଦୋଳନରେ ଜଗନ୍ନାଥ ଦେଓ, ବ୍ରଜବନ୍ଧୁ ପ୍ରଧାନ, ଅଶୋକ ପ୍ରଧାନ, ଶରତ ରାୟଗୁରୁ, ପ୍ରଦୀପ ମହାନ୍ତି, ମୋହନ ନାଇଡୁ, ପ୍ରତାପ ଚିନାରା, ରାମଚନ୍ଦ୍ର ଜେନା, ଟୁନା ନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଦ୍ୟୁଲତା ପୃଷ୍ଟି, ମନୋରଞ୍ଜନ ମହାରଣା, ସୁନୀଲ ମହାରଣା, ରାଜେଶ ବହିଦାର, ରମେଶ ମହାନ୍ତି, ହୃଷୀକେଶ ପାଣି, ରବି ପ୍ରଧାନ ପ୍ରମୁଖ ସାମିଲ ଥିଲେ।

### ଗିରଫ ପରେ ଛାଡ଼ିଲା ପୋଲିସ

ଶତାଧିକ ଶ୍ରମିକ କର୍ମଚାରୀ ପୁରୀ ଷ୍ଟେଶନରେ ରେଳରୋକୋ କରିଥିବାବେଳେ ପୁରୀଧାମ ଅଟୋ ଚାଳକ ମହାସଂଘ, ଇଷ୍ଟକୋଷ୍ଟ ରେଲୱେ ଠିକାଦାର ଶ୍ରମିକ ସଂଘ ଓ ନୀଳକଣ୍ଠେଶ୍ୱର ଅଟୋ ଚାଳକ ସଂଘର ବହୁ ସଂଖ୍ୟକ ଶ୍ରମିକ କର୍ମଚାରୀଙ୍କୁ ରେଲୱେ ପୋଲିସ ଗିରଫ କରିଥିଲା। ସିଆଇଟିୟୁ ଜିଲା ସଭାପତି ଶ୍ରୀକାନ୍ତ ପରିଜା, ଆଇନଜୀବୀ କାଳୀପ୍ରସାଦ ନାୟକ, ଆଇନଜୀବୀ ସ୍ମୃତିରଞ୍ଜନ ଦାସ, ବସନ୍ତ ରାଉତ, ସନ୍ତୋଷ ସାହୁ, ସନାତନ ବାରିକ, ପ୍ରଭାକର ଜେନା, ପ୍ରକାଶ ନାୟକ, ବିଶ୍ୱନାଥ ରେଡ୍ଡି, ତପନ ସେଠୀ, ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଶ୍ରମିକ ନେତାଙ୍କୁ ପୋଲିସ ଗିରଫ କରି ପରେ ଛାଡିଥିଲା।

# କ୍ରାଇମବ୍ରାଞ୍ଚ ପରିଚୟ ଦେଇ ଲୁଟ୍ ଉଦ୍ୟମ

## ଜଣକୁ କାବୁକଲେ ଦଇତାପତି

ପୁରୀ ଅଫିସ,୮।୧:

ଗତ କିଛିଦିନ ହେବ ପୋଲିସ ପରିଚୟ ଦେଇ ଲୁଟ ଘଟଣାକୁନେଇ ପୁରୀ ପୋଲିସର ଚିନ୍ତା ବଢ଼ିଥିବାବେଳେ ବୁଧବାର ଟାଉନଥାନା ଅନ୍ତର୍ଗତ କ୍ୟାଥଲିକ ଚର୍ଚ୍ଚ ନିକଟରେ ପୁଣି ଏଭଳି ଘଟଣା ଦେଖିବାକୁ ମିଳିଛି। ଦୁଇଜଣ ଯୁବକ ନିଜକୁ କ୍ରାଇମବ୍ରାଞ୍ଚର ପରିଚୟ ଦେଇ ଜଣେ ଦଇତାପତିଙ୍କଠାରୁ ଲୁଟ ପାଇଁ ଉଦ୍ୟମ ଚଳାଇଥିଲେ। ବିଭିନ୍ନ ଅସ୍ତ୍ରଶସ୍ତ୍ର ଦେଖାଇ ତାଙ୍କୁ ଭୟଭୀତ କରୁଥିବାବେଳେ ସମ୍ପୃକ୍ତ ଦଇତାପତି ଜଣକୁ କାବୁ କରି ନେଇଥିବାବେଳେ ଅନ୍ୟଜଣେ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଯୁବକଙ୍କ ସହାୟତାରେ ଜଣେ ଲୁଟେରାଙ୍କୁ ସମୁଦ୍ରକୂଳ ଥାନାରେ ଜିମା ଦେଇଥିଲେ। ସମୁଦ୍ରକୂଳ ଥାନା ପୋଲିସ ତାଙ୍କୁ ଟାଉନଥାନାକୁ ହସ୍ତାନ୍ତରିତ କରିଛି। ପୂର୍ବରୁ ପୁରୁଣା ସଦର ଥାନା ଛକ, ବଡଶଙ୍ଖ, ଟାଉନ ହଲ ଛକଠାରେ ପୋଲିସ ପରିଚୟ ଦେଇ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ନେଇ ଅଭିଯୋଗ ହୋଇଛି। ପୂର୍ବ ଲୁଟ୍ ଘଟଣାରେ ଏମାନଙ୍କ ହାତ ରହିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଦୋଳମଣ୍ଡପ ସାହିର ଦଇତାପତି ଜ୍ୟୋତି ଦାସ ମହାପାତ୍ର ମୋଚି ସାହି ଛକରୁ ଏକ ଆକ୍ଟିଭାରେ କ୍ୟାଥଲିକ ଚର୍ଚ୍ଚ ନିକଟରେ ଥିବା ଏକ ଜଳଖିଆ ଦୋକାନକୁ ଯାଉଥିଲେ। ଏହି ସମୟରେ ପଛପଟୁ ଦୁଇଜଣ ଯୁବକ ଏକ ବାଇକରେ ଆସି ଅଟକି ଥିଲେ। ଆପଣ ହେଲମେଟ୍ କାହିଁକି ପିନ୍ଧି ନାହାନ୍ତି। ଡ୍ରାଇଭିଂ ଲାଇସେନ୍ସ ଅଛି, ବାଇକ ଇନ୍‌ସ୍ୟୁରାନ୍ସ ଅଛି କି ବୋଲି ପଚାରିଥିଲେ। ଜ୍ୟୋତି ସନ୍ଦେହରେ ତାଙ୍କ ପରିଚୟ ମାଗିଥିଲେ। ଯୁବକଦ୍ୱୟ ନିଜକୁ କ୍ରାଇମବ୍ରାଞ୍ଚରୁ ଆସିଥିବା କହି ପରିଚୟପତ୍ର ଦେଖାଇଥିଲେ। କ'ଣ କ୍ରାଇମବ୍ରାଞ୍ଚ ଆଜିକାଲି ହେଲମେଟ ଚେକିଂ କରୁଛି କି ବୋଲି ଜ୍ୟୋତି ପ୍ରଶ୍ନ ପଚାରିବାରୁ ଉଭୟ ହଡବଡ଼େଇ ଯାଇଥିଲେ। କଥାକୁ ଏଡ଼ାଇ ଲୁଟେରାଦ୍ୱୟ କହିଲେ ବେକରେ ସୁନାଚେନ ଓ ହାତରେ ମୁଦି ପିନ୍ଧିଛନ୍ତି। ଛିନ୍‌ତାଇ ଚାଲିଛି। ସେସବୁ ଏକ ପେପରରେ ରଖି ଆମକୁ ଦିଅ ଧରିଛୁ। ପୂର୍ବରୁ ଏଭଳି ପୋଲିସ ପରିଚୟ ଦେଇ ଲୁଟ୍ ଚାଲିଥିବା ଘଟଣାରେ ସନ୍ଦେହ କରି ଜ୍ୟୋତି ଯୁବକଙ୍କୁ ପଚାରିବାବେଳେ ସେମାନେ ଖସିଯିବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ହିଁ ଜ୍ୟୋତି ଜଣଙ୍କୁ ଧରିନେଇଥିଲେ। ଏ ନେଇ ଟାଉନ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଘଟଣା ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରିନାହାନ୍ତି।

# ଘର ଆଗରୁ ବାଇକ୍ ଚୋରି

ପୁରୀ ଅଫିସ,୮।୧ :

କୁମ୍ଭାରପଡା ଥାନା ଅଧୀନ ନନ୍ଦିଘୋଷ ଲେନ୍‌ରୁ ଘର ଆଗରେ ଥିବା ଏକ ହୋଣ୍ଡା ସାଇନ ବାଇକକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ବୁଧବାର ଅଭଯୋଗ ହୋଇଛି। ଏଥିରେ ଦର୍ଶାଯାଇଛି ଯେ, ଅପରାହ୍ନ ସାଢେ ୨ଟାରେ ନିକୁଞ୍ଜ କିଶୋର ମିଶ୍ର ବାଇକ(ନଂଓଆର୦୨ ବି ୮୧୪୦)କୁ ଘର ଆଗରେ ରଖିଥିଲେ। ପରେ ସେ ବାହାରକୁ ଆସିବାବେଳେ ବାଇକ ନ ଥିବା ଦେଖିଥିଲେ। ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି ନିରାଶ ହେବା ପରେ ପୋଲିସର ଦ୍ୱାରସ୍ଥ ହୋଇଥିଲେ।

# ଅଗ୍ନିକାଣ୍ଡ: ୩ ବଖରା ଭସ୍ମୀଭୂତ

ଗୋପ,୮।୧(ଡ଼ି.ଏନ୍.ଏ):

ଗୋପ ଥାନା ଅନ୍ତର୍ଗତ ବରିମୁଣ୍ଡ ଗ୍ରାମର ଲକ୍ଷ୍ମୀଧର ପାତ୍ରଙ୍କ ଘରେ ନିଆଁ ଲାଗି ୩ ବଖରା ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ଖବରପାଇ ଗୋପ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ବିଦ୍ୟୁତ୍ ଲାଇନ୍ ନ ଥିବାରୁ ପିଲାମାନେ ଡ଼ିବିରି ଲଗାଇ ପାଠ ପଢୁଥିଲେ। ପିଲାମାନଙ୍କ ଅଜାଣତରେ ଡ଼ିବିରି ନିଆଁ ନିକଟରେ ଥିବା ଲୁଗାରେ ଲାଗିଯାଇ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ପ୍ରସନ୍ନ ବେହେରା କହିଛନ୍ତି। ଲକ୍ଷ୍ମୀଧରଙ୍କ ପରିବାରକୁ ସରକାରୀ ସହାୟତା ସହିତ ଶୀତବସ୍ତ୍ର ଯୋଗାଇ ଦେବାକୁ ବଉଲାଙ୍ଗ ପଞ୍ଚାୟତ ସରପଞ୍ଚ କମଳାକାନ୍ତ କୁଅଁର ଦାବି କରିଛନ୍ତି।

# ଯୁବ ଓ ଛାତ୍ର କଂଗ୍ରେସର ମଶାଲ ଶୋଭାଯାତ୍ରା



ପୁରୀର ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ବାହାରିଥିବା ମଶାଲ ଶୋଭାଯାତ୍ରା ।

ପୁରୀ ଅଫିସ,୮।୧ :

ଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ)ରେ ଗତ ରବିବାର ଛାତ୍ର ଓ ଶିକ୍ଷକମାନଙ୍କୁ ମରଣାତ୍ମକ ଆକ୍ରମଣ ଘଟଣାକୁ ଦେଶରେ ଉଷ୍ମତା ଲାଗି ରହିଛି। ଏହାକୁ ବିରୋଧ କରି ବିଭିନ୍ନ ଛାତ୍ର ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇଛନ୍ତି। ତେବେ ବୁଧବାର ଏହାର ପ୍ରତିବାଦରେ ପୁରୀର ଯୁବ ଓ ଛାତ୍ର କଂଗ୍ରେସ ଗୁଣ୍ଡିଚା ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ବାହାରି ଟାଉନ ଥାନାରେ ପ୍ରତିବାଦ ସଭା କରିଥିଲେ। ଆକ୍ରମଣ ଘଟଣା ପଛରେ ଏବିଭିପି ଛାତ୍ରଙ୍କ ହାତ ରହିଥିବା କହିଥିଲେ। ଏଥିସହିତ ସିଏଏ, ଏନଆରସିକୁ ମଧ ବିରୋଧ କରି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଯୁବ କଂଗ୍ରେସ ନେତା ସୁଜିତ ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ବିଶ୍ୱନାଥ ଦାଶ, ସ୍ୱାଧୀନ ପଣ୍ଡା, ରଜତ କୁମାର ସାହୁ, ପ୍ରେମଜିତ ମହାନ୍ତି ଏବଂ ଛାତ୍ର କଂଗ୍ରେସ ସଂଯୋଜକ ବିଶ୍ୱରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବ ଓ ଛାତ୍ର ସାମିଲ ହୋଇଥିଲେ।

## ■ ଶ୍ରୀକ୍ଷେତ୍ର ପୁସ୍ତକମେଳାର ୪ର୍ଥ ଦିବସ

# ମୂଲ୍ୟବୋଧଭିତ୍ତିକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ

ପୁରୀ ଅଫିସ,୮।୧ :

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଶରଧାବାଲିଠାରେ ଚାଲିଥିବା ପୁସ୍ତକ ମେଳା ବୁଧବାର ୪ର୍ଥଦିନ ବିତିଛି। ମଣ୍ଡପରେ କ୍ରୀଡ଼ା ଓ ସଂସ୍କୃତି କେନ୍ଦ୍ର ଏବଂ କ୍ରୀଡ଼ା ଭାରତୀର ମିଳିତ ଆନୁକୂଲ୍ୟରେ ଅଷ୍ଟାଦଶ କଳିଙ୍ଗ ଶ୍ରୀକ୍ଷେତ୍ର ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଭୟ ଅନୁଷ୍ଠାନର ସମ୍ପାଦକ ବରିଷ୍ଠ ସେବାୟତ ଦାମୋଦର ପ୍ରଧାନୀଙ୍କ ଅଧକ୍ଷତାରେ ପ୍ରଫେସର ସଦାଶିବ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ହେଉଛି ସଫଳତାର ମାପକାଠି। ଛାତ୍ରୀଛାତ୍ରମାନେ ଅଧୈର୍ଯ୍ୟ ନ ହୋଇ ନିଷ୍ଠା ଓ ଏକାଗ୍ରତାର ସହ ବିଦ୍ୟା ଅଧ୍ୟୟନ କଲେ ସଫଳତାର ପାହାଚ ଚଢ଼ିପାରିବ ବୋଲି କହିଥିଲେ। ଏଥିସହ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶିକ୍ଷାବିତ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ରଙ୍କୁ କଳିଙ୍ଗ ସୌରଭ, ଡ. ତୁଳସୀ ଓଝାଙ୍କୁ ଶ୍ରୀକ୍ଷେତ୍ର ସୌରଭ ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ପ୍ରତୀକ ମହାପାତ୍ରଙ୍କୁ ସାଂସ୍କୃତିକ, ଆକାଶ ପଟ୍ଟନାୟକଙ୍କୁ କ୍ରୀଡ଼ା, ଉମାକାନ୍ତ ମହାପାତ୍ରଙ୍କୁ ଲେଖକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ କ୍ରୀଡ଼ା ଓ ସଂସ୍କୃତି କେନ୍ଦ୍ର ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଭାରତୀ ରାଜ୍ୟ ସମ୍ପାଦକ ରଘୁନାଥ ସାହୁ ସ୍ୱାଗତ ଭାଷଣ ଓ ଡ.ସୁନୀଲ ରଥ ଧନ୍ୟବାଦ ଦେଇଥିଲେ। ଶ୍ୟାମଲ କୁଣ୍ଡୁ, ରାଜକିଶୋର ସାହୁ, ରବୀନ୍ଦ୍ର ମହାନ୍ତି, ଦୀନବନ୍ଧୁ ଦାଶ, ମିଟୁ ପରିଡା, ସୁକାନ୍ତ ପଣ୍ଡା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।


ପ୍ରମାଣପତ୍ର ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ।



ଦୟାନିଧି ସଙ୍ଗୀତସୁଧା ଅନୁଷ୍ଠାନ ପକ୍ଷରୁ ଭକ୍ତିସଙ୍ଗୀତ ପରିବେଷଣ କରାଯାଉଛି ।

**ଭକ୍ତି ସଙ୍ଗୀତରେ ବିଭୋର ଦର୍ଶକ**

ପୁସ୍ତକ ମେଳାରେ ଶୀତୁଆ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା ଦୟାନିଧି ସଙ୍ଗୀତସୁଧା ଦ୍ୱାରା ଆୟୋଜିତ ଭକ୍ତିସଙ୍ଗୀତ। ଅନୁଷ୍ଠାନର ସମ୍ପାଦକ ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଶିଶୁ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସୁମଧୁର ଭକ୍ତି ସଙ୍ଗୀତ ଗାନରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଧର୍ମ କାନ୍ଦୁଛି, କାଳିଆରେ ତୋତେ ଚାହିଁ ଦେଲେ, ତୁ ମୋ ଆଖିର ଅଞ୍ଜନ, ବଂଶୀ ଲୋଡ଼ା ନାହିଁ–ମୃଦଙ୍ଗ ଲୋଡ଼ା ନାହିଁ, ରଖ ପସରା ମାଣିକ ହୀରା, ତୁ ମୋ ଆଖିର ତାରା, ଚାଲ ସଖୀ ଆମେ ଦର୍ଶନ କରିବା, କାଳିଆ କାହ୍ନୁ ପ୍ରଭୃତି ଭକ୍ତିସଙ୍ଗୀତରେ ଦର୍ଶକ ବିଭୋର ହୋଇଉଠିଥିଲେ।

**ଉତ୍କଳଘଣ୍ଟ ଯଦୁମଣିଙ୍କ ଜୟନ୍ତୀ**

ଟିକିତାରା ପକ୍ଷରୁ ଆୟୋଜିତ ପଠନ ତୁଙ୍ଗି ଷ୍ଟଲରେ ଛାତ୍ରୀଛାତ୍ରମାନଙ୍କୁ ପୁସ୍ତକ ପଢିବା ପାଇଁ ଦିଆଯାଇଥିଲା। ଏ ନେଇ ଅନୁଷ୍ଠାନ ସମ୍ପାଦକ ବିପିନ ବିହାରୀ ଦଳାଇ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଥିଲେ। ଏହାପରେ ଷ୍ଟଲରେ ଯୁବ ସାହିତ୍ୟିକ ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ସାହିତ୍ୟିକ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ଯଦୁମଣିଙ୍କ ହାସ୍ୟରସାତ୍ମକ କବିତା, ସାହିତ୍ୟ ଉପରେ ଆଲୋଚନା ହୋଇଥିଲା। ଡ.କାର୍ତ୍ତିକ ଦାସ, ଅନ୍ନପୂର୍ଣ୍ଣା ଦେବୀ, ପ୍ରଭାତଚନ୍ଦ୍ର ରଥ, ପ୍ରଫେସର ଅଭିମନ୍ୟୁ ଭୂୟାଁ, ନିମାଇଁ ଚରଣ ମହାନ୍ତି, ଅଶୋକ ମହାପାତ୍ର, ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ସୁବ୍ରତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

**ଆକର୍ଷଣ ସାଜିଛନ୍ତି ମ୍ୟାଜିସିଆନ ବର୍ଣ୍ଣି**

ପୁସ୍ତକ ମେଳାରେ ଚଳିତ ବର୍ଷ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପୁସ୍ତକ ବିକେତ୍ରା ଓ ପ୍ରକାଶନ ସଂସ୍ଥା ଆସିଛନ୍ତି। ଏଥିସହିତ ଘରକରଣା ସାମଗ୍ରୀ, ଆଚାର ପାମ୍ପଡ ଏବଂ ହସ୍ତଶିଳ୍ପ, ପଟଚିତ୍ରର ପସରା ରହିଛି। ଭିଡ ଭିତରେ ଦର୍ଶକ ଓ ଗ୍ରାହକଙ୍କ ଆକର୍ଷଣ ସାଜିଛି ଯୁବ ମ୍ୟାଜିସିଆନ୍ ମାଷ୍ଟର ବର୍ଣ୍ଣିଙ୍କ ଯାଦୁ ବିଦ୍ୟା। ଦର୍ଶକମାନେ ପୁସ୍ତକ ମେଳାରେ ବୁଲିବା ସହ ବର୍ଣ୍ଣିଙ୍କର ଯାଦୁର ମଜା ନେଇଛନ୍ତି।

# ସରକାରୀ ଜାଗାରେ ଘର ନିର୍ମାଣକୁ ନେଇ ଦାବିପତ୍ର

ପୁରୀ ଅଫିସ,୮।୧ :

ଜଣେ ସରକାରୀ କର୍ମଚାରୀ ସରକାରୀ ଜାଗାରେ ଜୋରଜବରଦସ୍ତ ଘର ନିର୍ମାଣ କରି ଲୋକଙ୍କୁ ବିକ୍ରି କରୁଥିବା ନେଇ ସ୍ଥାନୀୟ ଜଣେ ଯୁବକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଜଣେ କର୍ମଚାରୀ ଉକ୍ତ ବିଭାଗର ସରକାରୀ କ୍ୱାର୍ଟର ନିକଟରେ ଖାଲିଥିବା ସରକାରୀ ଜମିକୁ ନିଜ ଦଖଲକୁ ନେଇ ସେଠାରେ ବେଆଇନ ଭାବେ ମହିଳା ସମିତି ନାମରେ ଘର ନିର୍ମାଣ କରୁଥିଲେ। କିନ୍ତୁ ଉକ୍ତ ସ୍ଥାନଟି ସର୍ବସମ୍ମୁଖ ପାଇଁ ରାସ୍ତାଟିଏ ହୋଇଥିବାରୁ ସ୍ଥାନୀୟ ବାସିନ୍ଦା ଏହି ନିର୍ମାଣକୁ ବିରୋଧ କରିଥିଲେ। ଏପରିକି ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ ସେଠାର ଘର ତିଆରି ନ କରିବାକୁ ତାଗିଦ କରିଥିଲେ। ତେବେ ଏହି ସ୍ଥାନରେ ଜଣେ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ଅନୁମତି ପ୍ରଦାନ କରିଛନ୍ତି, ଆପଣ ଏଥିରେ ହସ୍ତକ୍ଷେପ କରନ୍ତୁ ନାହିଁ ବୋଲି ଓଲଟି ଧମକ ଦିଆଯିବାରୁ ସେ ସେଠାରୁ ଫେରି ଆସିଥିଲେ। ସର୍ବସାଧାରଣଙ୍କ ଲାଗି ଉଦ୍ଦିଷ୍ଟ ଜାଗାରେ ଘର ତିଆରି ହେଲେ ଲୋକଙ୍କ ଯାତାୟାତରେ ଅସୁବିଧା ହେବ ବୋଲି କହିବାରେ ସେ ଧମକ ଚମକ ଦେଉଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି।